ଧରିତ୍ରୀ 51 Years
# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୧୧/୨୦୨୫ (୧୪ ପୃଷ୍ଠା) | Bhubaneswar, Friday, April 11/2025 | Page 14 | ₹ 7.00 | BERHAMPUR

୫୧ଶ ଭାଗ ୧୩୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 136 | ମୂଲ୍ୟ ₹୭/-

DSPL-24



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ଜଗତ ପ୍ରକାଶ ନଡ୍ଡା
କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସାର ଓ ରସାୟନ ମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଶୁଭାରମ୍ଭ

## ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏ.ବି.ପିଏମ୍.ଜେ.ଏ.ୱାଇ)
## ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (ଜି.ଜେ.ଏ.ୱାଇ)ର
## ନୂଆ ଏକକ କାର୍ଡ଼ ବିତରଣ
## ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା (ଏ.ଭି.ଭି.ୱାଇ)

**ମୁଖ୍ୟ ଅତିଥି**

**ଶ୍ରୀ ଜଗତ ପ୍ରକାଶ ନଡ୍ଡା**
କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସାର ଓ ରସାୟନ ମନ୍ତ୍ରୀ

**ଗରିମାମୟ ଉପସ୍ଥିତି**

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ**
କେନ୍ଦ୍ର ଶିକ୍ଷା ମନ୍ତ୍ରୀ

**ଶ୍ରୀ ଜୁଏଲ୍ ଓରାମ**
କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ

**ଶ୍ରୀ ଅଶ୍ୱିନୀ ବୈଷ୍ଣବ**
କେନ୍ଦ୍ର ରେଳ, ସୂଚନା ଏବଂ ପ୍ରସାରଣ ତଥା ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ

**ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ**
ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀମତୀ ପ୍ରଭାତୀ ପରିଡ଼ା**
ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଡ଼. ମୁକେଶ ମହାଲିଙ୍ଗ**
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ, ଓଡ଼ିଶା

**୧୧ ଏପ୍ରିଲ୍ ୨୦୨୫ | ଅପରାହ୍ନ ୨.୩୦ ଘଟିକା | ବାଲିଯାତ୍ରା ପଡ଼ିଆ, କଟକ**

OIPR-10001/13/0049/2425




ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

# ଦିଲ୍ଲୀରେ ପହଞ୍ଚିବା ପରେ ତହଉର ରାଣା ଗିରଫ

**ନୂଆଦିଲ୍ଲୀ,୧୦।୪**

୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ଘଟଣାରେ ସମ୍ପୃକ୍ତି ନେଇ ଭାରତର ମୋଷ୍ଟୱାଣ୍ଟେଡ୍ ତାଲିକାରେ ଥିବା ତହଉର ହୁସେନ୍ ରାଣା ଆମେରିକାରୁ ପ୍ରତ୍ୟର୍ପଣରେ ଆସି ଗୁରୁବାର ଅପରାହ୍ଣରେ ଦିଲ୍ଲୀର ପାଲାମ ବିମାନବନ୍ଦରରେ ଅବତରଣ କରିବା ପରେ ତାଙ୍କୁ ଗିରଫ କରାଯାଇଛି। ବିମାନବନ୍ଦରରେ ଉପସ୍ଥିତ ଥିବା ଜାତୀୟ ତଦନ୍ତକାରୀ ଏଜେନ୍ସି (ଏନ୍‌ଆଇଏ)ର ଅଧିକାରୀମାନେ ତାଙ୍କୁ ଗିରଫ କରିଛନ୍ତି। କେତେକ ପ୍ରାରମ୍ଭିକ ଔପଚାରିକତା ପରେ ତାଙ୍କୁ ଏନ୍‌ଆଇଏ ମୁଖ୍ୟାଳୟକୁ ନିଆଯିବ। ଏଥିସହିତ ତାଙ୍କୁ ଦିଲ୍ଲୀର ପଟିଆଲା ହାଉସ୍ କୋର୍ଟରେ ହାଜର କରାଯିବ ବୋଲି ଜଣାପଡ଼ିଛି। ପରେ ତାଙ୍କୁ ଦିଲ୍ଲୀର କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଥିବା ତିହାର ଜେଲ୍‌ରେ ରଖାଯାଇପାରେ ଏବଂ ବିଚାରଲାଗି ମୁମ୍ବାଇ ନିଆଯାଇପାରେ ବୋଲି କେତେକ ସୂତ୍ରରୁ ଜଣାପଡ଼ିଛି।

ଆମେରିକାରୁ ବୁଧବାର ଏକ ସ୍ୱତନ୍ତ୍ର ବିମାନ ୬୪ ବର୍ଷୀୟ ତହଉର୍‌ଙ୍କୁ ଆଣି ଭାରତ ଆସିଥିଲା। ତାଙ୍କ ବିରୋଧରେ ଆପରାଧିକ ଷଡ଼ଯନ୍ତ୍ର, ଭାରତ ସରକାରଙ୍କ ବିରୋଧରେ ଯୁଦ୍ଧରେ ଲିପ୍ତ ହେବା, ହତ୍ୟା, ଜାଲିଆତି ଏବଂ ବେଆଇନ କାର୍ଯ୍ୟକଳାପ (ପ୍ରତିକାର) ଆଇନ ଅଧୀନରେ ବିଭିନ୍ନ ଅଭିଯୋଗ ଲାଗିଛି। ରାଣା ଭାରତରେ ପହଞ୍ଚିବା ପୂର୍ବରୁ ବୁଧବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ଏକ ବୈଠକରେ ଯୋଗଦେଇଥିଲେ। ୨୬/୧୧ ଆକ୍ରମଣର ମୁଖ୍ୟ ଅଭିଯୁକ୍ତଙ୍କୁ ଆଣିବାରେ ଆମେ ସଫଳ ହୋଇଛୁ ବୋଲି ଏନ୍‌ଆଇଏ ଗୁରୁବାର କହିଛି। ଦୀର୍ଘବର୍ଷର ଉଦ୍ୟମ ପରେ ଆକ୍ରମଣର ମୁଖ୍ୟ ଷଡ଼ଯନ୍ତ୍ରକାରୀ ଭାରତ ଫେରି ଏଠାରେ ବିଚାରର ସମ୍ମୁଖୀନ ହେବାକୁ ଯାଉଛନ୍ତି। ତହଉରଙ୍କୁ ଭାରତ ଆଣିବା ଦିଗରେ ଆମେରିକାର ନ୍ୟାୟ ବିଭାଗ ଏବଂ ସ୍କାଏ ମାର୍ଶାଲଙ୍କ ସହ ଏନ୍‌ଆଇଏ ଏବଂ ଅନ୍ୟ ଗୋଇନ୍ଦା ସଂସ୍ଥାଗୁଡ଼ିକ କାର୍ଯ୍ୟ କରୁଥିଲେ। ତହଉରଙ୍କୁ ଭାରତରେ ବିଚାରର ସମ୍ମୁଖୀନ ହେବା ପାଇଁ ପ୍ରତ୍ୟର୍ପଣ କରାଯିବ ବୋଲି ପ୍ରଧାନମନ୍ତ୍ରୀ ମୋଦିଙ୍କ ଗସ୍ତ ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଥିଲେ।

୨୦୦୮ ନଭେମ୍ବର ୨୬ରେ ମୁମ୍ବାଇରେ ପାକିସ୍ତାନୀ ଆତଙ୍କବାଦୀ ଆକ୍ରମଣ କରିଥିଲେ। ଏଥିରେ ବିଦେଶୀଙ୍କ ସମେତ ୧୬୬ ଜଣଙ୍କ ମୃତ୍ୟୁ ଘଟିଥିଲା। ଆକ୍ରମଣରେ ସିକାଗୋରେ ରହୁଥିବା ଭାରତୀୟ ବଂଶୋଦ୍ଭବ କାନାଡ଼ା ନାଗରିକ ତହଉର ରାଣାଙ୍କ ମୁଖ୍ୟ ଭୂମିକା ଥିଲା। ସେ ଆକ୍ରମଣ ପାଇଁ ଆବଶ୍ୟକ ଲଜିଷ୍ଟିକ୍ ଏବଂ ଆର୍ଥିକ ସହାୟତା ଯୋଗାଇଥିଲେ ବୋଲି ପାକିସ୍ତାନୀ-ଆମେରିକୀୟ ଆତଙ୍କବାଦୀ ଡାଭିଡ୍ କୋଲେମାନ୍ ହେଡ୍‌ଲି କହିଥିଲେ। ମୁମ୍ବାଇରେ ଇମିଗ୍ରାଣ୍ଟ ଲ' ସେଣ୍ଟର ସ୍ଥାପନ ସାଙ୍ଗକୁ ବିଭିନ୍ନ କାର୍ଯ୍ୟରେ ରାଣା ହେଡ୍‌ଲିଙ୍କୁ ସହଯୋଗ କରିଥିବା ଚାର୍ଜଶିଟ୍‌ରେ କୁହାଯାଇଛି। ଉକ୍ତ ସଂସ୍ଥାର ପ୍ରତିନିଧି ଭାବେ ହେଡ୍‌ଲି ଭାରତର ବିଭିନ୍ନ ସହରକୁ ଗସ୍ତ କରୁଥିଲେ। ତହଉର ମଧ୍ୟ ୨୦୦୮ ନଭେମ୍ବରରେ ଭାରତ ଆସିଥିଲେ। କୋପେନ୍‌ହେଗେନ୍‌ର ଏକ ଖବର କାଗଜ ସଂସ୍ଥା ଉପରେ ଆକ୍ରମଣ ଯୋଜନା ଏବଂ ମୁମ୍ବାଇ ଆକ୍ରମଣରେ ସମ୍ପୃକ୍ତ ପାକିସ୍ତାନର ଲଶ୍କର-ଇ-ତୋଇବା ଆତଙ୍କବାଦୀ ସଂଗଠନକୁ ସହାୟତା କରିଥିବା ଅଭିଯୋଗରେ ତହଉରଙ୍କୁ ୨୦୦୯ ଅକ୍ଟୋବରରେ ଆମେରିକାର ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ ସିକାଗୋରୁ ଗିରଫ କରିଥିଲା। ପ୍ରତ୍ୟର୍ପଣକୁ ରାଣା ଏକାଧିକ ଥର ବିଭିନ୍ନ କାରଣ ଦର୍ଶାଇ ଆମେରିକା କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ତେବେ ଅଦାଲତ ତାଙ୍କ ଆବେଦନକୁ ଖାରଜ କରିଦେବା ଫଳରେ ତାଙ୍କ ପ୍ରତ୍ୟର୍ପଣ ପାଇଁ ବାଟ ଫିଟିଯାଇଥିଲା।



# ଆର୍‌ଟିଆଇ ଆଇନରେ ସଂଶୋଧନକୁ ଜୋର୍‌ଦାର ବିରୋଧ

**ନୂଆଦିଲ୍ଲୀ,୧୦।୪**

ଡିଜିଟାଲ ପର୍ସନାଲ ଡେଟା ପ୍ରୋଟେକ୍ସନ ଆକ୍ଟ (ଡିପିଡିପି)ର ଧାରା ୪୪(୩)କୁ ତୁରନ୍ତ ପ୍ରତ୍ୟାହାର କରିନେବା ପାଇଁ ବିରୋଧୀ ଇଣ୍ଡିଆ ବ୍ଲକ୍ ଗୁରୁବାର ଦାବି କରିଛି। ଏହି ଧାରା ତଥ୍ୟ ଜାଣିବା ଅଧିକାର (ଆର୍‌ଟିଆଇ) ଆଇନକୁ ଧ୍ୱଂସ କରିଦେବ ବୋଲି ବିରୋଧୀ ଦଳଗୁଡ଼ିକ କହିଛନ୍ତି। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସମେତ ଇଣ୍ଡିଆ ବ୍ଲକ୍‌ର ୧୨୦ରୁ ଊର୍ଦ୍ଧ୍ୱ ଏମ୍‌ପି ଉକ୍ତ ବିବାଦୀୟ ଧାରାକୁ ପ୍ରତ୍ୟାହାର କରାଯିବା ଦାବିରେ ମିଳିତ ସ୍ମାରକପତ୍ରରେ ସ୍ୱାକ୍ଷର କରିଥିବା କଂଗ୍ରେସ ନେତା ଗୌରବ ଗୋଗୋଇ ଏକ ମିଳିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ସ୍ମାରକପତ୍ର ସୂଚନା ଓ ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ପ୍ରଦାନ କରାଯିବ। ଖବରଦାତା ସମ୍ମିଳନୀରେ ଡିଏମ୍‌କେର ଏମ୍.ଏମ୍. ଅବଦୁଲ୍ଲା, ଶିବସେନା(ୟୁବିଟି)ର ପ୍ରିୟଙ୍କା ଚତୁର୍ବେଦୀ, ସିପିଆଇ(ଏମ୍)ର ଜନ୍ ବ୍ରିଟାସ୍, ସମାଜବାଦୀ ପାର୍ଟି ନେତା ଜାଭେଦ ଅଲି ଖାନ୍ ଏବଂ ଆର୍‌ଜେଡିରୁ ନଭାଲ କିଶୋର ଉପସ୍ଥିତ ଥିଲେ।

ଆର୍‌ଟିଆଇ ଆଇନ, ୨୦୦୫ର ଧାରା ୮(୧)(ଜେ) ପରିବର୍ତ୍ତେ ଲାଗୁ ହେବାକୁ ଯାଉଥିବା ଡିପିଡିପି ଆଇନର

## ପ୍ରତ୍ୟାହାର ଦାବିକଲା ଇଣ୍ଡିଆ ବ୍ଲକ୍

ଧାରା ୪୪(୩)କୁ ନାଗରିକ ଅଧିକାର କର୍ମୀମାନେ ବିରୋଧ କରିଛନ୍ତି। ଯଦି କୌଣସି ବ୍ୟକ୍ତିଗତ ସୂଚନା ସାଧାରଣ କାର୍ଯ୍ୟକଳାପ କିମ୍ବା ସ୍ୱାର୍ଥ ସହ ଜଡ଼ିତ ନୁହେଁ ଅଥବା ପ୍ରିଭେସି ଉଲ୍ଲଂଘନ ସମ୍ଭାବନା ଥାଏ, ସେପରି ସ୍ଥଳେ ଆର୍‌ଟିଆଇ ଆଇନର ଧାରା ୮(୧)(ଜେ) ତାହାକୁ ସ୍ଥଗିତ ରଖିବା ପାଇଁ ଅନୁମତି ଦେଉଥିଲା। ସୂଚନା ପ୍ରଘଟ କରିବା ଦ୍ୱାରା ଯଦି ବୃହତ୍ତର ଜନସ୍ୱାର୍ଥ ରକ୍ଷା ହୋଇପାରିବ ବୋଲି କେନ୍ଦ୍ରୀୟ ଜନସୂଚନା ଅଫିସର, ରାଜ୍ୟ ଜନସୂଚନା ଅଫିସର କିମ୍ବା ଆପିଲେଟ୍ କର୍ତ୍ତୃପକ୍ଷ ବିଚାର କରନ୍ତି, ତେବେ ତାହାକୁ ଉପଲବ୍ଧ କରାଇପାରିବେ। ଡିପିଡିପି ଆଇନର ଧାରା ୪୪(୩) ଲାଗୁ ହେଲେ ସରକାରୀ କର୍ତ୍ତୃପକ୍ଷ ବ୍ୟକ୍ତିଗତ ସୂଚନା ସମ୍ପର୍କିତ ତଥ୍ୟ ସ୍ଥଗିତ ରଖିପାରିବେ। ଏଥିପାଇଁ ଜନସ୍ୱାର୍ଥ କିମ୍ବା ଅନ୍ୟକୌଣସି ବ୍ୟତିକ୍ରମକୁ ବିଚାରକୁ ନିଆଯିବ ନାହିଁ। ସର୍ବସାଧାରଣ ଅନୁଷ୍ଠାନଗୁଡ଼ିକର ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ସମ୍ପର୍କରେ ଜାଣିବା ପାଇଁ ନାଗରିକଙ୍କୁ ଆର୍‌ଟିଆଇ କ୍ଷମତା ଦେଇଥିଲା।

# ୯୦ ଦିନ ଅଟକିଲା ଟ୍ରମ୍ପଙ୍କ ଟାରିଫ୍

- ବିଶ୍ୱ ଶେୟାର କାରବାରରେ ବଡ଼ ଅଗ୍ରଗତି
- ୧୦ ସବୁଠୁ ଧନୀଙ୍କ ସମ୍ପତ୍ତି ୧୩୫ ବିଲିୟନ ଡଲାର ବୃଦ୍ଧି

**ୱାଶିଂଟନ,୧୦।୪**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ଆଭିମୁଖ୍ୟରେ ପରିବର୍ତ୍ତନ କରି ବିଭିନ୍ନ ରାଷ୍ଟ୍ର ଉପରେ ଲଗାଇଥିବା ରେସିପ୍ରୋକାଲ ଟାରିଫ୍ (ପାଲ୍‌ଟା ଶୁଳ୍କ)କୁ ୯୦ଦିନ ସ୍ଥଗିତ ରଖିଛନ୍ତି। ଟ୍ରମ୍ପଙ୍କ ଏହି ନିଷ୍ପତ୍ତିର ଦିନକ ପରେ ଗୁରୁବାର ବିଶ୍ୱ ଷ୍ଟକ୍ ମାର୍କେଟରେ ଉଲ୍ଲେଖନୀୟ ଅଗ୍ରଗତି ଦେଖାଦେଇଛି। ନିବେଶକମାନେ ଟ୍ରମ୍ପଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି।

ଜାପାନ ଶେୟାର ବଜାର କାରବାର ୯ ପ୍ରତିଶତରୁ ଅଧିକ ବଢ଼ିଥିବାବେଳେ ଜର୍ମାନୀର ଡିଏଏକ୍ସ କାରବାର ଆରମ୍ଭରେ ୮%ରୁ ଅଧିକ ଲାଭବାନ ହୋଇଥିଲା। ପରେ ଏହା ୫.୩% ବଢ଼ି ୨୦.୭୨୦.୮୬ ରହିଥିବାବେଳେ ଫ୍ରାନ୍ସର ସିଏସି୪୦ ୫% ବଢ଼ି ୭,୨୦୪.୨୩ ଏବଂ ବ୍ରିଟେନ୍‌ର ଏଫ୍‌ଟିଏସ୍‌ଇ୧୦୦ ମଧ୍ୟ ୪ ପ୍ରତିଶତ ବୃଦ୍ଧି ପାଇ ୭,୯୮୩.୩୭ରେ ପହଞ୍ଚିଛି। ଟ୍ରମ୍ପ ୯୦ ଦିନ ପାଇଁ ଟାରିଫ୍ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେବା ପରେ ବିଶ୍ୱର ୧୦ ଜଣ ସର୍ବାଧିକ ଧନୀ ବିଲିୟନେୟାର ମୋଟ ୧୩୫.୩୩ ବିଲିୟନ ଡଲାର ଲାଭବାନ ହୋଇଥିବା ବ୍ଲୁମ୍‌ବର୍ଗ ବିଲିୟନେୟାର୍ସ ଇଣ୍ଡେକ୍ସରୁ ଜଣାପଡ଼ିଛି। କେବଳ ଏଲନ୍ ମସ୍କ, ଜେଫ୍ ବେଜୋସ୍ ଏବଂ ମାର୍କ ଜୁକେରବର୍ଗ ୮୦ ବିଲିୟନ ଡଲାର ଫାଇଦା ଉଠାଇଛନ୍ତି। ଅନ୍ୟପକ୍ଷରେ ଏଲ୍‌ଭିଏମ୍‌ଏଚ୍‌ର ବର୍ନାର୍ଡ ଅର୍ନଲ୍ଟଙ୍କ ବଜାର ପୁଞ୍ଜି ୫.୭ ବିଲିୟନ ଡଲାର ହ୍ରାସ ପାଇ ୧୪୮ ବିଲିୟନ ଡଲାରରେ ପହଞ୍ଚିଛି। ବିଶ୍ୱର ସର୍ବଶ୍ରେଷ୍ଠ ଧନୀ ମସ୍କଙ୍କ ସମ୍ପତ୍ତି ୩୫.୯ ବିଲିୟନ ଡଲାର ବୃଦ୍ଧି ପାଇ ୩୨୬ ବିଲିୟନ ଡଲାରରେ ପହଞ୍ଚିଥିବାବେଳେ ମେଟା ସିଇଓ ଜୁକେରବର୍ଗଙ୍କ ଶେୟାର ୨୫.୮ ବିଲିୟନ ବଢ଼ି ୨୦୭ ବିଲିୟନ ଡଲାରରେ ପହଞ୍ଚିଛି। ସେହିପରି ଆମାଜନ ପ୍ରତିଷ୍ଠାତା ଜେଫ୍ ବେଜୋସଙ୍କ ସମ୍ପତ୍ତି ୧୮.୫ ବିଲିୟନ ବଢ଼ି ୨୧୦ ବିଲିୟନ ଡଲାର ହୋଇଛି। ୱାରେନ୍ ବଫେଟ୍‌ଙ୍କ ସମ୍ପତ୍ତି ୮.୧ ବିଲିୟନ ବଢ଼ି ୧୬୨ ବିଲିୟନ ଡଲାର ହୋଇଥିବାବେଳେ ଓରାକ୍ଲର ଲାରି ଏଲିସନଙ୍କ ସମ୍ପତ୍ତି ୧୫.୫ ବିଲିୟନ ବଢ଼ି ୧୫୯ ବିଲିୟନ ଡଲାରରେ ପହଞ୍ଚିଛି। ମାଇକ୍ରୋସଫ୍ଟ ସହପ୍ରତିଷ୍ଠାତା ବିଲ୍ ଗେଟ୍ସଙ୍କ ସମ୍ପତ୍ତି ୪.୮ ବିଲିୟନ, ଗୁଗଲ୍‌ର ଲାରି ପେଜ୍‌ଙ୍କ ସମ୍ପତ୍ତି ୧୧ ବିଲିୟନ ଏବଂ ମାଇକ୍ରୋସଫ୍ଟର ଷ୍ଟିଭ୍ ବାଲମେରଙ୍କ ସମ୍ପତ୍ତି ୧୧.୨ ବିଲିୟନ ଡଲାର ବଢ଼ିଛି।

ସୂଚନାଯୋଗ୍ୟ, ଆମେରିକା ବିଭିନ୍ନ ଦେଶ ଉପରେ ଉଚ୍ଚ ଟାରିଫ୍ ଲଗାଇବାକୁ ଘୋଷଣା କରିବା ପରେ ବିଶ୍ୱ ବଜାରରେ ଅଚଳାବସ୍ଥା ସହ ମାନ୍ଦାବସ୍ଥା ସୃଷ୍ଟି ହେବା ଆଶଙ୍କା ପ୍ରକାଶ ପାଇଥିଲା।

## ପାଲଟା ଟାରିଫ୍‌କୁ ୯୦ ଦିନ ରୋକିଲା ଇୟୁ

**ବ୍ରସେଲ୍ସ,୧୦।୪**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରେସିପ୍ରୋକାଲ ଟାରିଫ୍ କାର୍ଯ୍ୟକାରିତାକୁ ୯୦ ଦିନ ସ୍ଥଗିତ ରଖିବା ପରେ ୟୁରୋପୀୟ ସଂଘ (ଇୟୁ) ମଧ୍ୟ ଆମେରିକା ସାମଗ୍ରୀ ଉପରେ ଲଗାଇବାକୁ ଥିବା ପାଲଟା ଶୁଳ୍କକୁ ୯୦ ଦିନ ଅଟକାଇବାକୁ ନିଷ୍ପତ୍ତି ନେଇଛି। ବୁଝାମଣା ପାଇଁ ଏକ ସୁଯୋଗ ଦେବା ନିମନ୍ତେ ଆମେ ଟାରିଫ୍ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛୁ ବୋଲି ଇୟୁ ମୁଖ୍ୟ ଉର୍ସୁଲା ଭନ୍ ଡେର୍ ଲେୟେନ୍ ଗୁରୁବାର କହିଛନ୍ତି। ତେବେ ଆମେରିକା ସାମଗ୍ରୀ ଉପରେ ୨୭ ସଦସ୍ୟ ରାଷ୍ଟ୍ର ବିଶିଷ୍ଟ ଇୟୁ କେତେ ପ୍ରତିଶତ ଶୁଳ୍କ ଲଗାଇଥାନ୍ତା, ତାହା ଘୋଷଣା କରିନାହିଁ। ଯଦି ବୁଝାମଣା ସନ୍ତୋଷଜନକ ନହୁଏ, ତେବେ ଆମେ ପାଲଟା ଶୁଳ୍କ ଲାଗୁ କରିବୁ ବୋଲି ୟୁରୋପୀୟ କମିଶନ ଅଧ୍ୟକ୍ଷ କହିଛନ୍ତି।



ସ୍ଲୋଭାକିଆ ଗସ୍ତରେ ଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ସ୍ଥାନୀୟ ପିଲାଙ୍କ ଦ୍ୱାରା ଆୟୋଜିତ ଏକ ଚିତ୍ର ପ୍ରଦର୍ଶନୀ ପରିଦର୍ଶନ କରିବା ଅବସରରେ।

# ଜେଡିୟୁ ନେତାଙ୍କୁ ଗୁଳିକରି ହତ୍ୟା

**ପାଟନା, ୧୦।୪**

ବିହାରର ଖଗଡ଼ିଆରେ ଗୁରୁବାର କେତେଜଣ ଦୁର୍ବୃତ୍ତ ସଂଯୁକ୍ତ ଜନତା ଦଳ(ଜେଡିୟୁ)ର ଖଗଡ଼ିଆ ଜିଲା ମହାସଚିବ କୌଶଲ ସିଂଙ୍କୁ ଗୁଳିକରି ହତ୍ୟା କରିଛନ୍ତି। କୌଶଲ ସ୍ତ୍ରୀଙ୍କ ସହ ବାଇକରେ ଘରକୁ ଯାଉଥିବା ସମୟରେ ଚୌଥନ ଥାନା କୈଥୀରୁ ଜୟପ୍ରଭା ନଗର ମଧ୍ୟରେ କେତେଜଣ ଦୁର୍ବୃତ୍ତ ତାଙ୍କ ବାଇକକୁ ରାସ୍ତାରେ ଅଟକାଇ ତାଙ୍କ ଉପରେ ଗୁଳି ଚଳାଇଥିଲେ। ଗୁଳି ମାରିବା ପରେ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। କୌଶଲଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଏହି ହତ୍ୟାକାଣ୍ଡକୁ ନେଇ ପୋଲିସର ତନାଘନା ଜାରି ରହିଛି। ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଖଗଡ଼ିଆ ଏସ୍‌ପି ରାକେଶ କୁମାର କହିଛନ୍ତି। ପାରିବାରିକ ବିବାଦରୁ ଏହି ହତ୍ୟାକାଣ୍ଡ ଘଟିଥିବା ନେଇ ପୋଲିସ ସନ୍ଦେହ କରୁଛି। ପ୍ରକାଶ ଯେ, କୌଶଲ ହେଉଛନ୍ତି ବେଲ୍‌ଦୌରର ଜେଡିୟୁ ବିଧାୟକ ଲାଲ ସିଂ ପଟେଲଙ୍କର ଭଣଜା।

# ଡକ୍ୟୁମେଣ୍ଟାରି ପାଇଁ ମେଲାନିଆ-ବେଜୋସ୍ ୪୦ ମିଲିୟନ ଡଲାର ଡିଲ୍

**ୱାଶିଂଟନ, ୧୦।୪**

ଆମେରିକାର ଫାର୍ଷ୍ଟ ଲେଡି ମେଲାନିଆ ଟ୍ରମ୍ପ ସମ୍ପ୍ରତି ଆମାଜନ ପ୍ରାଇମ ଭିଡିଓ ସହ ମିଶି ତାଙ୍କ ଜୀବନକୁ ନେଇ ଆଧାରିତ ଏକ ଡକ୍ୟୁମେଣ୍ଟାରି ଫିଲ୍ମର ପ୍ରସ୍ତୁତିରେ ବ୍ୟସ୍ତ ଅଛନ୍ତି। ଏଥିପାଇଁ ସେ ଆମାଜନ ପ୍ରତିଷ୍ଠାତା ତଥା ଏକ୍‌ଜିକ୍ୟୁଟିଭ ଚେୟାରମ୍ୟାନ ଜେଫ୍ ବେଜୋସ୍‌ଙ୍କ ସହ ୪୦ ମିଲିୟନ ଆମେରିକୀୟ ଡଲାରର ଡିଲ୍ କରିଛନ୍ତି। ସମ୍ପ୍ରତି ଫିଲ୍ମର ଶୁଟିଂ ଚାଲିଥିବାବେଳେ ମେଲାନିଆ ଏକ୍‌ଜିକ୍ୟୁଟିଭ ପ୍ରଡ୍ୟୁସର ଭାବେ ଫିଲ୍ମ ନିର୍ମାଣ ପ୍ରକ୍ରିୟାରେ ସାମିଲ ଅଛନ୍ତି। ବ୍ରେଟ୍ ରାଟନରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର କିଛି ଦୃଶ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ତାଙ୍କ ପୁଅ ବାରୋନ୍ ଟ୍ରମ୍ପ ମଧ୍ୟ ନଜରକୁ ଆସିବେ ବୋଲି ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି। ଚଳିତବର୍ଷ ଶେଷ ଆଡ଼କୁ ଏହି ଫିଲ୍ମ ରିଲିଜ୍ ହେବ।

ୱାଲ୍ ଷ୍ଟ୍ରିଟ୍ ଜର୍ନାଲର ରିପୋର୍ଟ ଅନୁଯାୟୀ, ଗତ ଡିସେମ୍ବରରେ ଫ୍ଲୋରିଡାସ୍ଥିତ ମାର୍-ଏ-ଲାଗୋ ରିସର୍ଟରେ ଏକ ଡିନର ବେଳେ ଆମାଜନ ପ୍ରତିଷ୍ଠାତା ଜେଫ୍ ବେଜୋସ ଓ ତାଙ୍କ ଗର୍ଲଫ୍ରେଣ୍ଡ ଲୌରେନ ସାଞ୍ଚେଜଙ୍କ ସହ ମେଲାନିଆ ଏହି ଡକ୍ୟୁମେଣ୍ଟାରି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଆଲୋଚନାରେ ଉକ୍ତ ଡକ୍ୟୁମେଣ୍ଟାରି ଫିଲ୍ମକୁ ନେଇ ମେଲାନିଆ ଓ ବେଜୋସ୍‌ଙ୍କ ମଧ୍ୟରେ ୪୦ ମିଲିୟନ ଡଲାରର ଡିଲ୍ ଚୂଡ଼ାନ୍ତ ହୋଇଥିଲା। ତେବେ ବେଜୋସ୍‌ଙ୍କ ସହ ଆଲୋଚନା ପୂର୍ବରୁ ମେଲାନିଆ ଓ ତାଙ୍କ ଟିମ୍ ଏହି ଡକ୍ୟୁମେଣ୍ଟାରିର ନିର୍ମାଣ ପାଇଁ ଅନେକ ଷ୍ଟୁଡିଓ ଓ ଧନୀ ବ୍ୟକ୍ତିଙ୍କ ସହ ସମ୍ପର୍କ କରିଥିଲେ। ଟ୍ରମ୍ପଙ୍କ ଶପଥ ଗ୍ରହଣରେ ସାମିଲ ହୋଇଥିବା ଅନେକ ବିଜ୍‌ନେସ୍ ଲିଡର ଓ ସିଇଓଙ୍କ ସହ ମଧ୍ୟ ମେଲାନିଆ ଆଲୋଚନା କରିଥିଲେ। ତେବେ ଡକ୍ୟୁମେଣ୍ଟାରି ଫିଲ୍ମ ନେଇ ମେଲାନିଆଙ୍କର ଡିଲ୍ ପ୍ରସ୍ତାବ ସେତେବେଳେ ଚୂଡ଼ାନ୍ତ ହୋଇ ପାରି ନ ଥିଲା।



ମେଲାନିଆ ଟ୍ରମ୍ପ

ଆମେରିକୀୟ ଟିଭି ଶୋ' ଫକ୍ସ ଆଣ୍ଡ୍ ଫ୍ରେଣ୍ଡସ୍‌କୁ ସାକ୍ଷାତ୍‌କାର ଦେଇ ମେଲାନିଆ କହିଛନ୍ତି, ଏହି ଡକ୍ୟୁମେଣ୍ଟାରି ଫିଲ୍ମରେ ତାଙ୍କ ଦୈନନ୍ଦିନ ଜୀବନଚର୍ଯ୍ୟାକୁ ଦେଖିବାକୁ ମିଳିବ। ଆମେରିକାର ଫାର୍ଷ୍ଟ ଲେଡି ଭାବେ ତାଙ୍କ କାର୍ଯ୍ୟକୁ ଏହି ଫିଲ୍ମରେ ଗୁରୁତ୍ୱ ଦିଆଯାଇଛି। ହ୍ୱାଇଟହାଉସରେ ଫାର୍ଷ୍ଟ ଲେଡି ଭାବେ ତାଙ୍କର ବିଭିନ୍ନ ଭୂମିକା, ସେ ସାମ୍ନା କରିଥିବା ବିଭିନ୍ନ ଜଟିଳ ପରିସ୍ଥିତି ଏବଂ ହ୍ୱାଇଟହାଉସରେ ଟ୍ରମ୍ପଙ୍କର ପ୍ରତ୍ୟାବର୍ତ୍ତନ କାହାଣୀକୁ ଏହି ଫିଲ୍ମରେ ଦେଖିବାକୁ ମିଳିବ ବୋଲି ମେଲାନିଆ କହିଛନ୍ତି।

ପୂର୍ବରୁ ମେଲାନିଆଙ୍କ ଆତ୍ମଜୀବନୀକୁ ଅନେକ ପାଠକ ପସନ୍ଦ କରିଥିବାରୁ ଏହାକୁ ଡକ୍ୟୁମେଣ୍ଟାରି ଫିଲ୍ମ ଭାବେ ପ୍ରସ୍ତୁତ କରିବାକୁ ତାଙ୍କ ମନରେ ବିଚାର ଆସିଥିଲା ବୋଲି ମେଲାନିଆ କହିଛନ୍ତି। ତାଙ୍କ ଆତ୍ମଜୀବନୀ ପୁସ୍ତକକୁ ପଢ଼ି ଅନେକ ପାଠକ ଏବଂ ପ୍ରଶଂସକମାନେ ତାଙ୍କୁ ଚିଠି ଏବଂ ମେସେଜ୍ ପଠାଉଥିବା ସେ କହିଛନ୍ତି। ତେବେ ଆମାଜନ ପ୍ରାଇମ ଭିଡିଓରେ ରିଲିଜ୍ ହେବା ପୂର୍ବରୁ ମେଲାନିଆଙ୍କ ଏହି ଡକ୍ୟୁମେଣ୍ଟାରିକୁ ସୀମିତ ସିନେମା ହଲ୍‌ରେ ରିଲିଜ୍ କରାଯିବ ବୋଲି ରିପୋର୍ଟ ପ୍ରକାଶ ପାଇଛି।

# ହରିଦ୍ୱାର ଜେଲରେ ୧୫ କଏଦୀ ଏଚ୍‌ଆଇଭି ପଜିଟିଭ



**ଡେରାଡୁନ୍, ୧୦।୪**

ଉତ୍ତରାଖଣ୍ଡର ହରିଦ୍ୱାର ଜେଲରେ ୧୫ କଏଦୀ ଏଚ୍‌ଆଇଭି ପଜିଟିଭ ଚିହ୍ନଟ ହୋଇଛନ୍ତି। ଘଟଣାକୁ ନେଇ ବରିଷ୍ଠ ଜେଲ ଅଧୀକ୍ଷକ ମନୋଜ କୁମାର ଆର୍ଯ୍ୟ କହିଛନ୍ତି, ଗତ ଏପ୍ରିଲ ୭ରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ଜେଲରେ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରେ ଜେଲର କଏଦୀମାନଙ୍କର ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଥିଲା, ଯେଉଁଥିରେ ୧୫ ଜଣ ଏଚ୍‌ଆଇଭି ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏଚ୍‌ଆଇଭି ପଜିଟିଭ କଏଦୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଜେଲରେ ପୃଥକ ବାରାକ୍ ନିର୍ମାଣ କରାଯାଇଥିବା ସେ କହିଛନ୍ତି। ସମ୍ପ୍ରତି ହରିଦ୍ୱାର ଜେଲରେ ୧୧୦୦ରୁ ଅଧିକ କଏଦୀ ରହୁଛନ୍ତି। ପୂର୍ବରୁ ମଧ୍ୟ ଏହି ଜେଲରେ କେତେଜଣ କଏଦୀ ଏଚଆଇଭି ଚିହ୍ନଟ ହୋଇଥିଲେ ବୋଲି ମନୋଜ କହିଛନ୍ତି।

ଫୁର୍‌ସତ

# ନିରାପଦ ମାତୃତ୍ୱ ଓ ସୁସ୍ଥ ଶିଶୁ

## ନିରାପଦ ମାତୃତ୍ୱ ଦିବସ ଉପଲକ୍ଷେ

ମାତୃତ୍ୱ ପ୍ରଭୁଙ୍କର ଏକ ସାର୍ଥକ ସୃଷ୍ଟି, ଏକ ସୁନ୍ଦର ସ୍ୱପ୍ନ। ସେ ସ୍ୱପ୍ନ ସାକାର ହୁଏ, ଯେତେବେଳେ ମା'ର କୋଳ ପୂର୍ଣ୍ଣ କରି ଏକ ସୁସ୍ଥ ଶିଶୁଟିଏ ଜନ୍ମନିଏ। ତେବେ ମାତୃତ୍ୱର ଏ ପଥ ସବୁବେଳେ ନିରାପଦ ନୁହେଁ। ଟିକିଏ ଅସାବଧାନ ହେଲେ ଗର୍ଭଜନିତ ଓ ପ୍ରସବଜନିତ ଜଟିଳତା ଦେଖାଦେଇଥାଏ ଏବଂ ମା' ସହ ଶିଶୁର ଜୀବନ ବିପଦାପନ୍ନ ହୋଇଥାଏ। ଏକବିଂଶ ଶତାବ୍ଦୀରେ ପ୍ରତ୍ୟେକ ମିନିଟ୍‌ରେ ପୃଥିବୀର କୌଣସି ନା କୌଣସି ସ୍ଥାନରେ ନିଶ୍ଚିତ ଭାବରେ ଜଣେ ମହିଳା ଗର୍ଭଜନିତ ତଥା ପ୍ରସବଜନିତ କାରଣରୁ ମୃତ୍ୟୁବରଣ କରିଥାନ୍ତି। ଗୋଟିଏ ମା'ର ମୃତ୍ୟୁ ଏକ ପରିବାରର କ୍ଷତି ନୁହେଁ, ଏହା ଏକ ସାମାଜିକ କ୍ଷତି, ଏହା ସାରା ଦେଶର କ୍ଷତି। ପ୍ରତ୍ୟେକ ବର୍ଷ ଏପ୍ରିଲ ୧୧ ତାରିଖ ଦିନ ସାରା ଭାରତରେ ଜାତୀୟ ମାତୃତ୍ୱ ଦିବସ ପାଳନ କରାଯାଉଛି। ଏହା ଜାତୀୟ ପିତା ମହାତ୍ମା ଗାନ୍ଧୀଙ୍କ ପତ୍ନୀ କସ୍ତୁରବା ଗାନ୍ଧୀଙ୍କ ଜନ୍ମ ଶତବାର୍ଷିକୀ ୨୦୦୩ ମସିହାରୁ ପାଳନ କରାଯାଉଛି। ଏହାର ମୂଳଲକ୍ଷ୍ୟ ହେଉଛି ପ୍ରତ୍ୟେକ ଗର୍ଭବତୀ ନାରୀଙ୍କ ଗର୍ଭାବସ୍ଥାରେ, ପ୍ରସବ ସମୟରେ ତଥା ପ୍ରସବ ପରେ ସମସ୍ତ ପ୍ରକାର ଯତ୍ନ ନେଇ ଭାରତରେ ମାତୃ ମୃତ୍ୟୁ ହାର କମାଇବା, ନିରାପଦ ମାତୃତ୍ୱ ପାଇଁ ସଚେତନତା ସୃଷ୍ଟି କରିବା। କାରଣ ଉପଯୁକ୍ତ ଭାବରେ ଚିକିତ୍ସା ପାଇ ଏକ ନିରାପଦ ମାତୃତ୍ୱ ଲାଭ କରିବା ହେଉଛି ପ୍ରତ୍ୟେକ ଗର୍ଭବତୀ ନାରୀର ଅଧିକାର।

ପ୍ରତ୍ୟେକ ମାତୃ ମୃତ୍ୟୁ ବା ମାଟରନାଲ ମୋର୍ଟାଲିଟି ସହ ପ୍ରାୟ ୧୫ ଜଣ ମହିଳା ଦୁର୍ବଳ ଓ ରୁଗ୍‌ଣ ସ୍ୱାସ୍ଥ୍ୟ ସହ ବଞ୍ଚିରହନ୍ତି (ମାଟରନାଲ ମୋର୍ବିଡିଟି) ଏବଂ ଏଥିପାଇଁ ପରିବାରରୁ ବିତାଡିତ ମଧ୍ୟ ହୋଇଥାନ୍ତି। ତେଣୁ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ଏକ ସମ୍ମିଳନୀରେ ଡା. ମାଲକମ୍ ପଟମ୍ କହିଥିଲେ ଯେ ପୃଥିବୀରେ ମାତୃ ମୃତ୍ୟୁ ଏଭଳି ଭାବରେ ଘଟୁଛି ଯେପରି ଏକ ବିରାଟ ଜେଟ୍ ବିମାନ ପ୍ରତି ଚାରି ଘଣ୍ଟାରେ ଭୟାବହ ଦୁର୍ଘଟଣାର ଶିକାର ହେଉଛି ଏବଂ ତା' ଭିତରେ ବସିଥିବା ପ୍ରାୟ ୨୫୦ ମହିଳା ଯାତ୍ରୀ ଏକା ସାଙ୍ଗରେ ମୃତ୍ୟୁମୁଖରେ ପଡୁଛନ୍ତି। ସାରା ବିଶ୍ୱରେ ପ୍ରତିବର୍ଷ ମାତୃ ମୃତ୍ୟୁ ସଂଖ୍ୟା ୬ଲକ୍ଷ। ଏହା ମଧ୍ୟରୁ ୯୯ ଭାଗ ମୃତ୍ୟୁ ପ୍ରାୟ ବିକାଶୋନ୍ମୁଖୀ ଦେଶରେ ଘଟିଥାଏ। ସାରା ବିଶ୍ୱର ଶତକଡ଼ା ୪୬ ଭାଗ ମାତୃ ମୃତ୍ୟୁ କେବଳ ଭାରତ, ପାକିସ୍ତାନ ଏବଂ ବାଂଲାଦେଶରେ ହୋଇଥାଏ।

ଦ୍ରୁତ ଗତିରେ ହେଉଥିବା ମାତୃ



ମୃତ୍ୟୁ ହାରକୁ ରୋକିବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା (WHO) ୧୯୮୭ ମସିହାରେ ନାଇରୋବି କେନିଆଠାରେ ନିରାପଦ ମାତୃତ୍ୱର କେତେକ ପଦକ୍ଷେପ ଗ୍ରହଣ କରିବା ପାଇଁ ନିଷ୍ପତ୍ତି ନେଲା। ଏହାର ଉଦ୍ଦେଶ୍ୟ ଥିଲା ଝିଅ ଓ ମା' ମାନଙ୍କ ଜୀବନଯାପନଶୈଳୀକୁ ସ୍ୱାସ୍ଥ୍ୟ ଓ ସାମାଜିକ ସ୍ତରରେ ଅଭିବୃଦ୍ଧି କରିବା। ପ୍ରଗତିବାଦୀ ରାଷ୍ଟ୍ରଗୁଡ଼ିକରେ ୨୨ଜଣ ପ୍ରତି ୧ଲକ୍ଷରେ ହେବା ବେଳେ ପ୍ରଗତିଶୀଳ ରାଷ୍ଟ୍ରଗୁଡ଼ିକରେ ଏହାର ମାତ୍ରା ୨୦ଜଣ ଅଧିକ ଏବଂ ୨୦୨୦ ସୁଦ୍ଧା ମାତୃ ମୃତ୍ୟୁ ହାର ଶତକଡ଼ା ୮୦ ଭାଗ ଓ ଶିଶୁ ମୃତ୍ୟୁ ହାର ଶତକଡ଼ା ୪୦ ଭାଗ କମାଇବା ପାଇଁ ସ୍ଥିର କରାଯାଇଥିଲା। ଏହି ନିରାପଦ ମାତୃତ୍ୱର ପ୍ରଥମ ଯତ୍ନ ମା' ଗର୍ଭରେ ଥିବା ଶିଶୁଠାରୁ ହିଁ ଆରମ୍ଭ ହୋଇଥାଏ।

**ମାତୃ ମୃତ୍ୟୁର କାରଣ-**

**ପ୍ରତ୍ୟକ୍ଷ କାରଣ-** ଏହା ୭୫ ଶତକଡ଼ା ଅବାଞ୍ଛିତ ଓ ଦୂଷିତ ଗର୍ଭପାତ, ୧୩ ପ୍ରତିଶତ ଅସ୍ଥାନିକ (ଡିମ୍ବବାହୀ ନଳୀରେ) ଗର୍ଭପାତ, ୭ ପ୍ରତିଶତ ଉଚ୍ଚ ରକ୍ତଚାପ ଓ ବାତ, ୧୨ ପ୍ରତିଶତ ଗର୍ଭପାତ ପୂର୍ବରୁ ଓ ପରେ ରକ୍ତସ୍ରାବ, ୨୫ ପ୍ରତିଶତ ବ୍ୟାହତ ଗର୍ଭପାତ, ୮ ପ୍ରତିଶତ ଦୂଷିତ, ୧୫ ପ୍ରତିଶତ ସୂତିକା ଜ୍ୱର।

**ପରୋକ୍ଷ କାରଣ** - ୨୫ ପ୍ରତିଶତ ରକ୍ତହୀନତା, ହୃଦ୍‌ବକ୍ଷ ରୋଗ, ମଧୁମେହ, ଥାଇରଏଡ୍, କାମଳ ରୋଗ ଏବଂ ମ୍ୟାଲେରିଆ।

କେଉଁ କାରଣ ଯୋଗୁ ଏହା ହୋଇଥାଏ-

**ବୟସ-** ୧୫ବର୍ଷରୁ କମ୍ କିମ୍ବା ୩୫ ବର୍ଷରୁ ଅଧିକ ମହିଳା, ଅଳ୍ପ ବ୍ୟବଧାନରେ ବାରମ୍ବାର ଗର୍ଭଧାରଣ ଓ ଅଧିକ ସନ୍ତାନ ଜନ୍ମ କରିଥିବା ମା', ଦାରିଦ୍ର୍ୟ, ଅର୍ଥ ଓ ଶିକ୍ଷା ଅଭାବ, ଗର୍ଭାବସ୍ଥାରେ ଯତ୍ନ ଓ ଗର୍ଭପାତ ପରେ ଯତ୍ନର ଅଭାବ, ଅବାଞ୍ଛିତ ଗର୍ଭପାତ।

ମାତୃ ମୃତ୍ୟୁର ପ୍ରଥମ ଓ ପ୍ରଧାନ କାରଣ ହେଉଛି ମହିଳାମାନଙ୍କର ଶୋଚନୀୟ ସାମାଜିକ ସ୍ଥିତି। ଏହାଛଡ଼ା ଲିଙ୍ଗଭେଦ ଓ ଲିଙ୍ଗଗତ ବୈଷମ୍ୟ ମଧ୍ୟ ମାତୃ ମୃତ୍ୟୁର ଅନ୍ୟ ଏକ କାରଣ। ଅନେକ ମହିଳା ନିରକ୍ଷର ହୋଇଥିବାରୁ ଉପାର୍ଜନକ୍ଷମ ହୋଇପାରନ୍ତି ନାହିଁ ଏବଂ ସମ୍ବଳହୀନ ହୋଇଥାନ୍ତି, ସେମାନେ ପ୍ରାଥମିକ ସ୍ତରରେ ଶିକ୍ଷାଦାନରୁ ମଧ୍ୟ ବଞ୍ଚିତ ହୋଇଥାନ୍ତି। ଏହାଛଡ଼ା ସେମାନେ ଘରକାମ ସହ ପ୍ରଚୁର କାମ କରି କ୍ଳାନ୍ତ ହୋଇପଡ଼ନ୍ତି। ଘରେ ସବା ଶେଷରେ ଖାଆନ୍ତି ଏବଂ ସବୁଠାରୁ କମ୍ ଖାଆନ୍ତି। କେବଳ ସେତିକି ନୁହେଁ, ପ୍ରସୂତିକାଳୀନ କୌଣସି ପରୀକ୍ଷା ବା ସାହାଯ୍ୟ ନେଇପାରନ୍ତି ନାହିଁ, ସୁଷମ ଖାଦ୍ୟ ଖାଆନ୍ତି ନାହିଁ କିମ୍ବା ଡାକ୍ତରଖାନାରେ ପ୍ରସବ କଥା ତ ଦୂରର କଥା ବିଶେଷଜ୍ଞ, ଅଭିଜ୍ଞ ଚିକିତ୍ସକ ବା ତାଲିମପ୍ରାପ୍ତ ଅଭିଜ୍ଞ ଧାଈ ବା ସେବିକାଙ୍କ ସାହାଯ୍ୟ ନେଇପାରନ୍ତି ନାହିଁ।

କୈଶୋର ଅବସ୍ଥାରେ ସ୍ୱାସ୍ଥ୍ୟର ଯତ୍ନ, ଯୌନଶିକ୍ଷା ସହ ରକ୍ତହୀନତା, ପୁଷ୍ଟିହୀନତା, ବିପଦପୂର୍ଣ୍ଣ ଗର୍ଭପାତ, ମାନସିକ ସ୍ତରରେ ଅପରିପକ୍ୱତାକୁ ଦୂର କରାଯାଇପାରିବ। ପ୍ରାଥମିକ ସ୍ତରରୁ ରୋଗ ଜଟିଳତା ଚିହ୍ନଟୀକରଣ ତଥା ଗୁରୁତର ରୋଗୀଙ୍କୁ ରେଫରାଲ ହସ୍‌ପିଟାଲକୁ ସ୍ଥାନାନ୍ତରିତ କରିବା ଅତି ଜରୁରୀ।

ନିରାପଦ ମାତୃତ୍ୱର ଗୁରୁତ୍ୱ- ଗର୍ଭାବସ୍ଥାରେ ପ୍ରଥମ ସୋପାନରୁ ମା'ର ଯତ୍ନ ନିଆଗଲେ ମା'ମାନେ ନିଶ୍ଚିତ ମୃତ୍ୟୁମୁଖରୁ ବଞ୍ଚିଯାଇପାରିବେ। ଏଥିପାଇଁ ପରିବାର ତଥା ଗାଁ ଗହଳିରେ ସଚେତନତା ସୃଷ୍ଟି ସର୍ବୋଦୌ ଜରୁରୀ। ମହିଳାମାନଙ୍କ ପାଇଁ ଖାଦ୍ୟ ଓ ଶିକ୍ଷାର ମାନ ବଢାଇବାକୁ ହେଲେ ସମାଜରେ ତାଙ୍କ ସ୍ଥିତିର ଉନ୍ନତି କରିବା ଉଚିତ। ତେଣୁ ଏକବିଂଶ ଶତାବ୍ଦୀରେ ନିରାପଦ ମାତୃତ୍ୱ ଓ ସୁସ୍ଥ ଶିଶୁ ପାଇଁ ପଦକ୍ଷେପଗୁଡ଼ିକ ହେଲା ଆମ ଦେଶରେ 'ଏମର୍ଜେନ୍‌ସି ଅବଷ୍ଟେଟ୍ରିକ୍ ସର୍ଭିସ୍' ତ୍ୱରାନ୍ୱିତ କରିବା। ଏହାଛଡ଼ା ନାରୀ ଶିକ୍ଷାର ଅଗ୍ରଗତି, ନାରୀମାନଙ୍କ ପାଇଁ ଉପଯୁକ୍ତ କର୍ମସଂସ୍ଥାନ ଦେବା ଜରୁରୀ। ପରିବାର ନିୟନ୍ତ୍ରଣର ବିଭିନ୍ନ ଉପାୟମାନ ରେଡିଓ, ଟେଲିଭିଜନ ଓ ଖବରକାଗଜ ଜରିଆରେ ଗ୍ରାମାଞ୍ଚଳରେ ପରିବେଷଣ କରିବା ଆବଶ୍ୟକ। ବିକାଶଶୀଳ ଦେଶ ଭଳି ଆମ ଭାରତବର୍ଷରେ ମଧ୍ୟ ଅନେକ ନାରୀ ସଫଳତାର ଶୀର୍ଷତମ ସ୍ଥାନରେ ପହଞ୍ଚିଛନ୍ତି। ତେଣୁ ଏକ ଆତ୍ମତୃପ୍ତିର ସ୍ମିତହାସ୍ୟ ସହ ମା' ଓ ସୁସ୍ଥ ଶିଶୁର ପରିକଳ୍ପନା ହିଁ ଆମକୁ ଆମର ଲକ୍ଷ୍ୟସ୍ଥଳରେ ପହଞ୍ଚାଇ ଦେବ।

**- ଡା. ସରୋଜିନୀ ଷଡ଼ଙ୍ଗୀ,**
ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ, ଲିଙ୍କ୍ ରୋଡ୍, କଟକ - ୧୨

# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୧୧/୨୦୨୫ | Bhubaneswar, Friday, April 11/2025 | ପୃଷ୍ଠା-୧




**ସିଏସ୍‌କେର ଅଧିନାୟକତ୍ୱ କରିବେ ଧୋନୀ**

ଋତୁରାଜ ଗାଏକ୍ୱାଡଙ୍କ ସ୍ଥାନରେ ଆଇପିଏଲ୍ ଅବଶିଷ୍ଟାଂଶ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)ର ଅଧିନାୟକତ୍ୱ କରିବେ ଏମ୍. ଏସ୍. ଧୋନୀ।

୧୨

୦୨

**ଆଜିଠୁ ଓଟିଟିରେ 'ଛାବା'**

ଅଭିନେତା ଭିକି କୌଶଲ ଓ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କର 'ଛାବା' ଫିଲ୍ମ ଶୁକ୍ରବାରଠାରୁ ଓଟିଟି ପ୍ଲାଟଫର୍ମ ନେଟ୍‌ଫ୍ଲିକ୍ସରେ ଷ୍ଟ୍ରିମିଂ ହେବ।





ଆୟୁଷ୍ମାନ୍ ଭାରତ ଯୋଜନାର ଉଦ୍‌ଘାଟନ କାର୍ଯ୍ୟକ୍ରମ ପାଇଁ ଗୁରୁବାର କଟକ ବାଲିଯାତ୍ରା ତଳ ପଡ଼ିଆରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସମୀକ୍ଷା କରୁଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

# ଆଜିଠୁ ଆୟୁଷ୍ମାନ୍

## ବାଲିଯାତ୍ରା ପଡ଼ିଆରେ ଯୋଜନାର ଶୁଭାରମ୍ଭ କରିବେ ନଡ୍ଡା

ଭୁବନେଶ୍ୱର/କଟକ,୧୦।୪ (ସୁନିତ୍ ମିଶ୍ର/ଶିଳ୍ପା ପ୍ରିୟଦର୍ଶିନୀ)

କଟକ ବାଲିଯାତ୍ରା ତଳ ପଡିଆରେ ଶୁକ୍ରବାର ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ, ଗୋପବନ୍ଧୁ ଜନ ଆରୋଗ୍ୟ ଏବଂ ଆୟୁଷ୍ମାନ୍ ବୟୋବନ୍ଦନା ଯୋଜନାର ଶୁଭାରମ୍ଭ କରାଯିବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ୨ ଦିନିଆ ଓଡ଼ିଶା ଗସ୍ତରେ ଆସି ଶୁକ୍ରବାର ଅପରାହ୍ନ ପ୍ରାୟ ୧ଟାରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ଏହାପରେ ସେ କଟକ ଯାଇ ବାଲିଯାତ୍ରା ପଡିଆରେ ଉପରୋକ୍ତ ଯୋଜନାର ଶୁଭାରମ୍ଭ କରିବେ। ଏଥିସହ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ପୋଷ୍ଟ ଗ୍ରାଜୁଏଟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପେଡିଆଟ୍ରିକ୍‌ର ନୂତନ କୋଠା ଉଦ୍‌ଘାଟନ କରିବେ। ଏଥିସହ ନଡ୍ଡା ଭୁବନେଶ୍ୱରସ୍ଥିତ ସିପେଟ୍ ଓ ଏମ୍ସ ମେଡିକାଲ କଲେଜ ଯିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ସନ୍ଧ୍ୟାରେ ପୁରୀଠାରେ ହେବାକୁ ଥିବା ଦଳର ଏମ୍‌ପି ଓ ବିଧାୟକମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ମନମୋହନ କହିଛନ୍ତି, ପୂର୍ବ ସରକାର ଅମଳରେ ପ୍ରଚଳିତ ଯୋଜନାରେ କେବଳ ୯୭ଟ ☞ପୃଷ୍ଠା-୨

# ୨୮ ଆଇଏଏସ୍ ଅଧିକାରୀ ପୁନଃ ଅବସ୍ଥାପିତ

ଭୁବନେଶ୍ୱର,୧୦।୪ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ନିକଟରେ ୨୮ ବରିଷ୍ଠ ଓଏଏସ୍ ଅଫିସରଙ୍କୁ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍)କୁ ପଦୋନ୍ନତି ପରେ ପୁନଃ ଅବସ୍ଥାପିତ କରାଯାଇଛି। ଏହାସହିତ କେତେକ ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି।

ସାଧାରଣ ପ୍ରଶାସନ ବିଭାଗର ବିଜ୍ଞପ୍ତି ଅନୁଯାୟୀ, କେନ୍ଦ୍ର ସରକାରଙ୍କ କାର୍ମିକ ମନ୍ତ୍ରଣାଳୟର ବିଜ୍ଞପ୍ତିକୁ ଆଧାର କରି ଜଙ୍ଗଲ ଓ ପରିବେଶ ବିଭାଗ ସ୍ୱତନ୍ତ୍ର ସଚିବ ତଥା ଆଇଏଏସ୍ ଅଫିସର ଧରମ ହାଁସଦାଙ୍କୁ ଉକ୍ତ ବିଭାଗର ଯୁଗ୍ମ ସଚିବ ଭାବେ ପୁନଃ ଅବସ୍ଥାପିତ କରାଯାଇଥିବାବେଳେ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ ସ୍ୱତନ୍ତ୍ର ସଚିବ ରୀନା ମହାପାତ୍ରଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ ଭାବେ ଅବସ୍ଥାପିତ କରାଯାଇଛି।

ସେହିପରି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ନିର୍ଦ୍ଦେଶକ ନିୟତୀ ପଟ୍ଟନାୟକ, ପଞ୍ଚାୟତିରାଜ ବିଭାଗ ନିର୍ଦ୍ଦେଶକ ଡ. ମହେଶ୍ୱର ସାହୁ, ମାଧ୍ୟମିକ ଶିକ୍ଷା ପରିଷଦ ସଭାପତି ଶ୍ରୀକାନ୍ତ ତରାଇ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବୀରେନ୍ଦ୍ର କୋରକୋରା, ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଚାଇନାରେ ବିବାହ ସଙ୍କଟ**

# ରାୟ ଉତାରିଥିଲେ ଦୀପକ ମିଶ୍ର

ଭାରତର ପୂର୍ବତନ ପ୍ରଧାନ ବିଚାରପତି (ସିଜେଆଇ) ଦୀପକ ମିଶ୍ରଙ୍କ ଦ୍ୱାରା ପ୍ରଦତ୍ତ ଏକ ଅନ୍ତର୍ଜାତୀୟ ମଧ୍ୟସ୍ଥତା ଆୱାର୍ଡକୁ ସିଙ୍ଗାପୁର ସୁପ୍ରିମକୋର୍ଟ ରଦ୍ଦ କରିଦେଇଛନ୍ତି। ଜଷ୍ଟିସ୍ ମିଶ୍ର ପୂର୍ବରୁ ଇଣ୍ଟରନ୍ୟାଶନାଲ ଚାମ୍ବର ଅଫ୍ କମର୍ସ (ଆଇସିସି) ଆର୍ବିଟ୍ରେଶନ୍ ଅଧ୍ୟକ୍ଷ ଥିବାବେଳେ ଦେଇଥିବା ୨ଟି ରାୟର ୪୫୧ ପାରାଗ୍ରାଫ୍ ମଧ୍ୟରୁ ୨୧୨ଟି ପାରା ଅର୍ଥାତ୍ ୪୭% ଉତାରି ଭିନ୍ନ ମାମଲାରେ ସମାନ ରାୟ ଦେଇଥିବାରୁ ସିଙ୍ଗାପୁର ସୁପ୍ରିମକୋର୍ଟ ଏହାକୁ 'ଅବିବେକୀ କାର୍ଯ୍ୟ' କହି ଭର୍ତ୍ସନା କରିଛନ୍ତି। ପ୍ରଶ୍ନ ଘେରକୁ ଆସିଥିବା ଆଲୋଚ୍ୟ ଆୱାର୍ଡ ଭାରତ ସରକାର ଓ ଘରୋଇ ରେଲୱେ କଣ୍ଟ୍ରାକ୍ଟରଙ୍କ ମଧ୍ୟରେ ହୋଇଥିବା ବିବାଦ ସହ ଜଡ଼ିତ। ୨୦୧୭ରେ ଭାରତ ସରକାର ସର୍ବନିମ୍ନ ମଜୁରି ବୃଦ୍ଧି ସକାଶେ ଏକ ବିଜ୍ଞପ୍ତି ପ୍ରକାଶ କରିବା ପରେ ଏହି ବିବାଦ ସୃଷ୍ଟି ହୋଇଥିଲା। ଭାରତରେ ଫ୍ରେଟ୍ କରିଡର ଅଧୀନ ପ୍ରକଳ୍ପଗୁଡ଼ିକରେ ସାମିଲ ଥିବା ୩ କମ୍ପାନୀକୁ ନେଇ ଗଠିତ ଏକ କନ୍‌ସୋର୍ଟିୟମ୍ ମଜୁରି ବୃଦ୍ଧି ଯୋଗୁ ଅଧିକ ଦେୟ ଦାବି କରିଥିଲା। ଫଳରେ ଠିକାଦାର କମ୍ପାନୀଗୁଡ଼ିକୁ ଅତିରିକ୍ତ ଦେୟ ପ୍ରଦାନ କରାଯିବ କି ନାହିଁ ସେନେଇ ପ୍ରଶ୍ନ ଉଠିଥିଲା। ସେତେବେଳେ ଏନେଇ ଦେଶରେ ସହମତି ପ୍ରକାଶ ନ ପାଇବାରୁ ସମାଧାନ ପାଇଁ ସିଙ୍ଗାପୁରସ୍ଥିତ ଆଇସିସି ଆର୍ବିଟ୍ରେଶନ୍ ଅଧ୍ୟକ୍ଷ ଜଷ୍ଟିସ୍ ମିଶ୍ରଙ୍କ ନିକଟକୁ ମାମଲା ପଠାଯାଇଥିଲା। ଜଷ୍ଟିସ୍ ମିଶ୍ରଙ୍କ ଟ୍ରିବ୍ୟୁନାଲ ଉକ୍ତ ଠିକା ସଂସ୍ଥାଗୁଡ଼ିକ ସପକ୍ଷରେ ରାୟ ଦେଇଥିଲେ। ମାମଲା ସିଙ୍ଗାପୁର ସୁପ୍ରିମକୋର୍ଟକୁ ଯିବା ପରେ ସେଠାକାର ପ୍ରଧାନ ବିଚାରପତି ଜଷ୍ଟିସ୍ ସୁନ୍ଦରେଶ ମେନନ୍ ଏବଂ ଷ୍ଟିଭେନ୍ ଚୋଙ୍ଗ୍ ଏହାର ବିଚାରକରି ରାୟ ଶୁଣାଇଛନ୍ତି।



ପୂର୍ବତନ ସିଜେଆଇ ଦୀପକ ମିଶ୍ର

## ରଦ୍ଦକଲେ ସିଙ୍ଗାପୁର ସୁପ୍ରିମକୋର୍ଟ

ସିଙ୍ଗାପୁର/ନୂଆଦିଲ୍ଲୀ,୧୦।୪

ଭାରତର ପୂର୍ବତନ ପ୍ରଧାନ ବିଚାରପତି (ସିଜେଆଇ) ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଆର୍ବିଟ୍ରେଶନ ଟ୍ରିବ୍ୟୁନାଲଙ୍କ ରାୟକୁ ସିଙ୍ଗାପୁର ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଉକ୍ତ ରାୟର ୪୭ ପ୍ରତିଶତ ଅର୍ଥାତ୍ ମୋଟ ୪୫୧ରୁ ୨୧୨ ପାରାଗ୍ରାଫ୍‌ରେ ଦୁଇଟି ପୂର୍ବ ରାୟର ଶବ୍ଦଗୁଡ଼ିକୁ ଅବିକଳ ଉତରାଯାଇଥିବା ସିଙ୍ଗାପୁର ଶୀର୍ଷ ଅଦାଲତ ଜାଣିବାକୁ ପାଇଛନ୍ତି। ଉକ୍ତ ଟ୍ରିବ୍ୟୁନାଲରେ ମଧ୍ୟପ୍ରଦେଶ ହାଇକୋର୍ଟର ପୂର୍ବତନ ବିଚାରପତି କ୍ରିଷ୍ଣକୁମାର ଲାହୋଟି ଏବଂ ଜମ୍ମୁ-କଶ୍ମୀର ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଗୀତା ମିତ୍ତଲ ମଧ୍ୟ ସଦସ୍ୟ ରହିଥିଲେ।

ପୂର୍ବ ରାୟଗୁଡ଼ିକୁ ଅତିମାତ୍ରାରେ କପି କରାଯାଇଥିବା ପ୍ରଧାନ ବିଚାରପତି ସୁନ୍ଦରେଶ ମେନନ ଏବଂ ଜଷ୍ଟିସ୍ ଷ୍ଟିଭେନ୍ ଚୋଙ୍ଗ୍‌ଙ୍କୁ ନେଇ ଗଠିତ ସିଙ୍ଗାପୁର ସୁପ୍ରିମକୋର୍ଟ ଖଣ୍ଡପୀଠ ଜାଣିବା ଏହା ପଛରେ ଅନେକ ନିହିତାର୍ଥ ରହିଥିବା ଟିପ୍ପଣୀ ଦେଇଛନ୍ତି। ପରସ୍ପର ସହ ସାମଞ୍ଜସ୍ୟ ଥିବା ୨ଟି ବିବାଦର ସମାଧାନ କରିବା ଜଣେ ଆର୍ବିଟ୍ରେଟରଙ୍କ ପାଇଁ କିଛି ଭୁଲ୍ ନୁହେଁ। ତେବେ ପୂର୍ବରୁ ଦିଆଯାଇଥିବା ରାୟର ସମାନ ଅଂଶକୁ ଉତାରି ଏହାକୁ ତୃତୀୟ ରାୟରେ ସ୍ଥାନ ଦେବା ଏବଂ ସେଥିରେ ରହିଥିବା ପାର୍ଥକ୍ୟଗୁଡ଼ିକୁ ଆଦୌ ନ ବଦଳାଇବା ଭୁଲ୍ ବୋଲି ସୁପ୍ରିମକୋର୍ଟଙ୍କ କୋର୍ଟ ଅଫ୍ ଅପିଲ୍ ପକ୍ଷରୁ କୁହାଯାଇଛି। ଉକ୍ତ ରାୟକୁ ଦେଖିଲେ ଟ୍ରିବ୍ୟୁନାଲ ପୂର୍ବ ରାୟଗୁଡ଼ିକ ଦ୍ୱାରା ପ୍ରଭାବିତ ହୋଇଥାଇପାରନ୍ତି ବୋଲି ଯେକୌଣସି ସୁସ୍ଥ ମାନସିକ ପର୍ଯ୍ୟବେକ୍ଷକ ସନ୍ଦେହ କରିପାରେ ବୋଲି ଅଦାଲତ କହିଛନ୍ତି।

ବିବାଦଟି ଭାରତରେ ମାଲ୍ ପରିବହନ କରିଡର ପରିଚାଳନା ପାଇଁ ଏକ ସ୍ୱତନ୍ତ୍ର ଆଇନଗତ ସଂସ୍ଥାକୁ ନେଇ ସୃଷ୍ଟି ହୋଇଥିଲା। ଏହି ଭିତ୍ତିଭୂମି ପ୍ରକଳ୍ପ ସହ ୩ଟି କମ୍ପାନୀର ଏକ କନ୍‌ସୋର୍ଟିୟମ୍ ସମ୍ପୃକ୍ତ ଥିଲେ। ସରକାରଙ୍କ ୨୦୧୭ର ଏକ ବିଜ୍ଞପ୍ତିରେ ସର୍ବନିମ୍ନ ମଜୁରି ବଢ଼ାଇଦିଆଯିବା ଅର୍ଥ କନ୍‌ସୋର୍ଟିୟମ୍ ସେମାନଙ୍କ କଣ୍ଟ୍ରାକ୍ଟ ଅଧୀନରେ ଅତିରିକ୍ତ ପ୍ରାପ୍ୟ ଦାବି କରିପାରିବ କି ବୋଲି ପ୍ରଶ୍ନ ଉଠିଥିଲା। ବୁଝାମଣା ବିଫଳ ହେବା ପରେ ୨୦୨୩ ନଭେମ୍ବରରେ ଉକ୍ତ ମାମଲା ସିଙ୍ଗାପୁରର ଆର୍ବିଟ୍ରେଶନକୁ ଯାଇଥିଲା, ଯେଉଁଠି ଜଷ୍ଟିସ୍ ଦୀପକ ମିଶ୍ରଙ୍କ ନେତୃତ୍ୱାଧୀନ ଟ୍ରିବ୍ୟୁନାଲ କନସୋର୍ଟିୟମ୍ ସପକ୍ଷରେ ରାୟ ଦେଇଥିଲେ। ପୂର୍ବତନ ସିଜେଆଇ ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଅନ୍ୟ ଟ୍ରିବ୍ୟୁନାଲର ରାୟକୁ ଉକ୍ତ ମାମଲାରେ କପି କରାଯାଇଥିବା ଅପିଲ୍‌ର ସିଙ୍ଗାପୁର ହାଇକୋର୍ଟରେ ଶୁଣାଣି ହୋଇଥିଲା। ତେବେ ପୂର୍ବ ରାୟଗୁଡ଼ିକ ସହ ଦୀପକ ମିଶ୍ରଙ୍କ ସହ ଆର୍ବିଟ୍ରେଟରମାନେ ସାମିଲ ନ ଥିଲେ। ପକ୍ଷମାନଙ୍କ ଯୁକ୍ତି ଏବଂ ଭୁଲ୍ ଚୁକ୍ତିଭିତ୍ତିକ ସର୍ତ୍ତ ଲାଗୁ କରିବା ତଥା ଆଇନଗତ ସିଦ୍ଧାନ୍ତର ନିରପେକ୍ଷ ଭାବେ ଅନୁଧ୍ୟାନ କରିବାରେ ଟ୍ରିବ୍ୟୁନାଲ ବିଫଳ ହୋଇଥିବାରୁ ଏହା ସ୍ୱାଭାବିକ ନ୍ୟାୟ ସିଦ୍ଧାନ୍ତର ଉଲ୍ଲଂଘନ ବୋଲି ହାଇକୋର୍ଟ ଜାଣିବାକୁ ପାଇଥିଲେ।

# ୧୨୮ ବର୍ଷ ପରେ ଅଲିମ୍ପିକ୍ସକୁ ଫେରୁଛି କ୍ରିକେଟ୍

ନୂଆଦିଲ୍ଲୀ,୧୦।୪(ପି.ଟି.)

୧୨୮ ବର୍ଷର ଦୀର୍ଘ ବ୍ୟବଧାନ ପରେ କ୍ରିକେଟ ଅଲିମ୍ପିକ୍ସକୁ ଫେରିବାକୁ ଯାଉଛି। ଆମେରିକାର ଲସ୍‌ଏଞ୍ଜେଲ୍ସ (ଲା)ରେ ହେବାକୁ ଯାଉଥିବା ୨୦୨୮ ଅଲିମ୍ପିକ୍ସରେ ଉଭୟ ପୁରୁଷ ଓ ମହିଳା ବିଭାଗରେ ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଖେଳାଯିବ। ଉଭୟ ବିଭାଗରେ ୬ ଲେଖାଏ ଦଳ ଭାଗ ନେବେ। ଏ ନେଇ ଅଲିମ୍ପିକ୍ସ ଆୟୋଜକଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି। କ୍ରିକେଟକୁ ଅନ୍ତିମ ଥର ଅଲିମ୍ପିକ୍ସର ୧୯୦୦ ସଂସ୍କରଣରେ ଖେଳାଯାଇଥିଲା। ଏଥିରେ ଗ୍ରେଟ ବ୍ରିଟେନ ଓ ଫ୍ରାନ୍ସ ମଧ୍ୟରେ ଏକ ଦୁଇ ଦିନିଆ କ୍ରିକେଟ ମ୍ୟାଚ ଖେଳାଯାଇଥିଲା, ଯାହାକୁ ବର୍ତ୍ତମାନ ଅଣସ୍ୱୀକୃତିପ୍ରାପ୍ତ ଟେଷ୍ଟ ମାନ୍ୟତା ଦିଆଯାଇଛି।

ପ୍ରତ୍ୟେକ ଦଳ ୧୫ ଲେଖାଏ ଖେଳାଳିଙ୍କ ନାମ ଘୋଷଣା କରିବେ। ପୁରୁଷ ଓ ମହିଳାଙ୍କ ଇଭେଣ୍ଟ ଲାଗି ୯୦ ଲେଖାଏ ଆଥ୍‌ଲେଟ୍‌ଙ୍କ କୋଟା ପ୍ରଦାନ କରାଯାଇଛି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ରେ ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ବାଂଲାଦେଶ, ଭାରତ, ଆୟର୍ଲାଣ୍ଡ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ୱେଷ୍ଟଇଣ୍ଡିଜ, ଜିମ୍ବାୱେ ଆଦି ୧୨ ସମ୍ପୂର୍ଣ୍ଣ ସଦସ୍ୟ ରହିଛନ୍ତି। ଏମାନଙ୍କ ବ୍ୟତୀତ ଆସୋସିଏଟ୍ ସଦସ୍ୟଙ୍କ ଗ୍ରୁପରେ ୯୪ ଦେଶ ରହିଛନ୍ତି। ୨୦୨୮ ଅଲିମ୍ପିକ୍ସର କ୍ରିକେଟ ଇଭେଣ୍ଟ ଲାଗି ଯୋଗ୍ୟତା ମାନଦଣ୍ଡ ସମ୍ପର୍କରେ କିଛି ସ୍ପଷ୍ଟ କରାଯାଇ ନାହିଁ। କିନ୍ତୁ ଆମେରିକା ଆୟୋଜକ ଦେଶ ହୋଇଥିବାରୁ ସିଧାସଳଖ ଇଭେଣ୍ଟରେ ଅଂଶଗ୍ରହଣ କରିବ। ଏହାର ଅର୍ଥ ଯୋଗ୍ୟତା ପର୍ଯ୍ୟାୟ ପ୍ରକ୍ରିୟାରୁ ୫ ଦଳ ମୁଖ୍ୟ ଇଭେଣ୍ଟରେ ପହଞ୍ଚିବେ। ଆଶା କରାଯାଉଛି ଯେ, ଏକ ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଆଇସିସି ର୍‍ୟାଙ୍କିଙ୍ଗ୍‌ର ଟପ-୫ରେ ଥିବା ଦଳ ଯୋଗ୍ୟତା ହାସଲ କରିବେ।

କ୍ରିକେଟ ସମେତ ୫ଟି ନୂଆ ସ୍ପୋର୍ଟ୍ସ ଇଭେଣ୍ଟ ପରବର୍ତ୍ତୀ ଅଲିମ୍ପିକ୍ ଗେମ୍ସରେ ସ୍ଥାନ ପାଇବ। ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ୨୦୨୩ରେ ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସରେ କ୍ରିକେଟକୁ ସାମିଲ କରିବା ଲାଗି ମଞ୍ଜୁରୀ ଦେଇଥିଲା। କ୍ରିକେଟ ସହିତ ବେସ୍‌ବଲ/ସଫ୍ଟବଲ, ☞ପୃଷ୍ଠା-୨

# ଘାତକ ଅସ୍ତ୍ର ନୁହେଁ ମଣିଷ ଦାନ୍ତ

## ଏତଲା ଖାରଜ ଆବେଦନ ଶୁଣାଣିରେ ବମ୍ବେ ହାଇକୋର୍ଟଙ୍କ ରାୟ

ମୁମ୍ବାଇ,୧୦।୪

ମଣିଷ ଦାନ୍ତ ଘାତକ ନୁହେଁ। ଜଣେ ଅନ୍ୟ ଜଣଙ୍କୁ କାମୁଡ଼ି ଦେଲେ ଏହାର କୌଣସି ଗଭୀର ପ୍ରଭାବ ପଡ଼ି ନ ଥାଏ ବୋଲି ବମ୍ବେ ହାଇକୋର୍ଟ ଏକ ଏଫ୍‌ଆଇଆର କ୍ୱାଶିଂ ବା ଏତଲା ଖାରଜ ଆବେଦନର ଶୁଣାଣି କରି କହିଛନ୍ତି। ବିଚାରପତି ଭିଭା କଙ୍କଓ୍ୱାଡି ଏବଂ ସଞ୍ଜୟ ଦେଶମୁଖଙ୍କୁ ନେଇ ଗଠିତ ହାଇକୋର୍ଟର ଔରଙ୍ଗାବାଦ ପୀଠ ଜଣେ ମହିଳାଙ୍କ ଆବେଦନ ଉପରେ ବିଚାର କରି ଏଭଳି ମତ ଦେଇଛନ୍ତି।

ମିଳିଥିବା ସୂଚନା ଅନୁସାରେ, ଜଣେ ମହିଳାଙ୍କ ସହ ତାଙ୍କ ଭାଉଜଙ୍କ ପାଟିତୁଣ୍ଡ ହୋଇଥିଲା। ଏହିସମୟରେ ଭାଉଜ ରାଗିଯାଇ ତାଙ୍କ ନଣନ୍ଦଙ୍କ ହାତକୁ କାମୁଡ଼ି ଦେଇଥିଲେ। ଏନେଇ ନଣନ୍ଦ ୨୦୨୦ରେ ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୋଲିସ ଆଇପିସି ଦଫା ୩୨୪(ଘାତକ ଅସ୍ତ୍ର ବ୍ୟବହାର କରି ଆହତ କରିବା) ଲଗାଇ ଏକ ମାମଲା ରୁଜୁ କରିଥିଲା। ଏପରିକି ଅଭିଯୋଗକାରିଣୀଙ୍କ ଡାକ୍ତରୀ ପରୀକ୍ଷା ହୋଇଥିଲା। ଡାକ୍ତରୀ ରିପୋର୍ଟରେ ସାମାନ୍ୟ ଆହତ ଉଲ୍ଲେଖ ରହିଥିଲା। ପରେ ଉକ୍ତ ଏତଲାକୁ ଖାରଜ କରିବାକୁ ସମ୍ପୃକ୍ତ ଭାଉଜ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଗତ ୪ତାରିଖରେ ଉକ୍ତ ଆବେଦନର ଶୁଣାଣି କରି କହିଛନ୍ତି ଯେ, ଅଭିଯୋଗକାରିଣୀଙ୍କ ଏତଲାକୁ ଆଧାର କରି ପୋଲିସ ଆଇପିସି ଦଫା ୩୨୪ ଲଗାଇଛି, ଯାହାର ଏହି ଘଟଣା ସହିତ କୌଣସି ପ୍ରକାର ତାଳମେଳ ରହୁ ନାହିଁ। ଅଭିଯୋଗକାରିଣୀଙ୍କୁ ତାଙ୍କ ଭାଉଜ ଦାନ୍ତରେ କାମୁଡ଼ି ଥିବାନେଇ ଅଭିଯୋଗ ହୋଇଥିଲା। ତେବେ ମଣିଷ ଦାନ୍ତ ଏକ ଘାତକ ଅସ୍ତ୍ର ନୁହେଁ। ଏହାଦ୍ୱାରା ମଣିଷ ଶରୀରରେ ଗଭୀର ମାତ୍ରାରେ ପ୍ରଭାବ ପଡ଼ି ନ ଥାଏ। ଅଭିଯୋଗକାରିଣୀଙ୍କ ମେଡିକାଲ ରିପୋର୍ଟରେ ମଧ୍ୟ ସାମାନ୍ୟ ଆହତ ବୋଲି ଉଲ୍ଲେଖ ରହିଛି। ଏତଲା ଅଭିଯୋଗକୁ ଆଧାର କରି ଏଭଳି ଦଫା ଲଗାଇବା ଆଇନର ଦୁରୁପଯୋଗ ସଦୃଶ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିବା ସହ ଅଭିଯୋଗକାରିଣୀଙ୍କ ଏତଲାକୁ ଖାରଜ କରିଦେଇଛନ୍ତି।

# ପାଣି ନାହିଁ ବୋଲି ମିଳୁନି ବୋହୂ

## ଗାଁର ୮୦ରୁ ଊର୍ଦ୍ଧ୍ୱ ଯୁବକ ଅବିବାହିତ

ନବରଙ୍ଗପୁର,୧୦।୪ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ସାନବାର୍ଲି ପଞ୍ଚାୟତ ଅଧୀନ ବଡ଼ବାର୍ଲି ଗାଁରେ ବର୍ଷ ବର୍ଷ ଧରି ଲାଗିରହିଛି ପାଣି ସମସ୍ୟା। ପ୍ରାୟ ୨ ବର୍ଷ ହେବ ମେଗା ପାନୀୟଜଳ ପ୍ରକଳ୍ପରେ ଏକ ପାଣି ଟାଙ୍କି ଗ୍ରାମରେ ନିର୍ମାଣ ହୋଇ ପାଇପ ବିଛା ଯାଇଛି। ହେଲେ ଗ୍ରାମବାସୀଙ୍କୁ ପାଇପ୍ ପାଣି ମିଳିନି। ଟୋପାଏ ପାଣି ପାଇଁ ଯିବାକୁ ପଡୁଛି ଦୀର୍ଘ ଦେଢ଼ କିଲୋମିଟର। ଉକ୍ତ ସମସ୍ୟା ପାଇଁ ଏହି ଗାଁରେ ଝିଅ ଦେବାକୁ କେହି ରାଜି ହେଉନାହାନ୍ତି। ଖାସ୍ ଏହି କାରଣରୁ ଏବେ ଗାଁର ପ୍ରାୟ ୮୦ରୁ ଅଧିକ ଯୁବକ ଅବିବାହିତ ଅଛନ୍ତି।



ମହିଳାମାନେ ଝରଣାରୁ ପାଣି ଧରି ଗାଁକୁ ଫେରୁଛନ୍ତି।

ବଡ଼ବାର୍ଲି ଗାଁରେ ୨୧୮ ପରିବାର। ଲୋକସଂଖ୍ୟା ହଜାରରୁ ଊର୍ଦ୍ଧ୍ୱ। ପାହାଡ଼ଘେରା ଗାଁରେ ରାସ୍ତା, ବିଜୁଳିତ ରହିଛି। କିନ୍ତୁ ପିଇବା ପାଣି ସୁବିଧାରେ ମିଳୁନି। ପ୍ରଶାସନ ପକ୍ଷରୁ ଏଠାରେ ୩ଟି ନଳକୂପ ଖୋଳାଯାଇଥିଲା। ଗାଁ ସ୍କୁଲ ପରିସରରେ ବି ଗୋଟିଏ ନଳକୂପ ଅଛି। କିନ୍ତୁ ବର୍ତ୍ତମାନ କେବଳ ଗୋଟିଏ ନଳକୂପରୁ ଅଳ୍ପ କିଛି ପାଣି ବାହାରୁଛି, ଯାହା କି ଲୋକଙ୍କ ଆବଶ୍ୟକତାଠାରୁ ଢେର୍ କମ୍। ଅନ୍ୟ ୩ଟି ଅଚଳ। ଫଳରେ ବାଧ୍ୟ ହୋଇ ରାତି ପାହିଲେ ମହିଳାମାନେ ଦେଢ଼ କି.ମି. ଦୂରରେ ଥିବା ଝରଣାକୁ ପାଣି ପାଇଁ ଯାଉଛନ୍ତି। ତେବେ ଏ ନେଇ ୧୦ ବର୍ଷ ତଳେ ମଧ୍ୟ ଧରିତ୍ରୀରେ ଏକ ଖବର ପ୍ରକାଶ ପାଇଥିଲା। ଏହାପରେ ଝରଣା ପାଣି ସଂଗ୍ରହ ପାଇଁ ପ୍ରଶାସନ ପକ୍ଷରୁ କୁଣ୍ଡ ନିର୍ମାଣ ସହ ପାଇପ୍ ଲଗାଯାଇଥିଲା। ଝରଣା ପାଖକୁ ଯିବାକୁ ହେଲେ ପ୍ରାୟ ୩୦ ଫୁଟ୍ ତଳକୁ ଯିବାକୁ ପଡୁଥିବାରୁ ପ୍ରଶାସନ ପକ୍ଷରୁ ୩୫ଟି ପାହାଚ କରାଯାଇଛି। ପାଣି ସଂଗ୍ରହ ପାଇଁ ପଥର ସନ୍ଧିରେ ୨ଟି ପାଇପ୍ ଲଗାଯାଇଛି। ଏଥିସହ ଅନ୍ତ୍ୟେଷ୍ଟିକ୍ରିୟା ସ୍ନାନ, ଶୌଚ ଆଦି ପାଇଁ ପ୍ରାୟ ୨କି.ମି. ଦୂର ସାନବାର୍ଲି କିମ୍ବା ନୂଆଗୁଡ଼ା ଗାଁ ପୋଖରୀକୁ ଯିବାକୁ ପଡୁଥିବା ଗ୍ରାମବାସୀ କହିଛନ୍ତି। ବାରମ୍ବାର ଏ ସମସ୍ୟା ସମ୍ପର୍କରେ ବ୍ଲକ ଓ ଜିଲା ପ୍ରଶାସନକୁ ଅବଗତ କରାଯିବା ପରେ ମଧ୍ୟ କିଛି ସୁଫଳ ☞ପୃଷ୍ଠା-୨


KIIT

**ସୁରକ୍ଷା ଅଧିକାରୀ /କର୍ମଚାରୀ ଆବଶ୍ୟକ**

କିଟ୍ ବିଶ୍ୱବିଦ୍ୟାଳୟର ବିଭିନ୍ନ କ୍ୟାମ୍ପସ ପାଇଁ ଉଭୟ ପୁରୁଷ ଓ ମହିଳା ବର୍ଗର ୩୦୦ ସୁରକ୍ଷା କର୍ମଚାରୀ ଓ ସୁରକ୍ଷା ଅଧିକାରୀ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି।

**ସୁରକ୍ଷା କର୍ମଚାରୀ** ପ୍ରାର୍ଥୀଙ୍କ ବୟସ ୧୮ରୁ ୨୫ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ପ୍ରାର୍ଥୀ ମ୍ୟାଟ୍ରିକ୍ ବା ତଦୂର୍ଦ୍ଧ୍ୱ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବେ। ପ୍ରାର୍ଥୀଙ୍କ ଉଚ୍ଚତା ୫ଫୁଟ୍ ୮ଇଞ୍ଚ ହୋଇଥିବା ବାଞ୍ଛନୀୟ (ମହିଳାଙ୍କ କ୍ଷେତ୍ରରେ ଉଚ୍ଚତା କୋହଳ କରାଯିବ)। ପ୍ରାର୍ଥୀଙ୍କ ଫିଜିକାଲ୍ ଓ ମେଡିକାଲ୍ ଫିଟ୍‌ନେସ୍ ଉପରେ ଗୁରୁତ୍ୱ ଦିଆଯିବ।

**ସୁରକ୍ଷା ଅଧିକାରୀ** ପଦବୀ ପାଇଁ ଅବସରପ୍ରାପ୍ତ ସେନା ଅଧିକାରୀଙ୍କୁ ଅଗ୍ରାଧିକାର ଦିଆଯିବ। ଆବେଦନର ଶେଷ ତାରିଖ **୨୫।୪।୨୦୨୫**। ଆବେଦନ କରିବା ସମୟରେ ପ୍ରାର୍ଥୀ ନିଜର ସ୍ଥାୟୀ ଠିକଣା ସହ ଟେଲିଫୋନ୍ ନମ୍ବର ଦେବା ନିହାତି ଆବଶ୍ୟକ।

ସ୍ୱା/-କୁଳସଚିବ (କିଟ୍ ବିଶ୍ୱବିଦ୍ୟାଳୟ)

ଆବେଦନ କରିବାର ଠିକଣା: ଏଚ୍ ଆର୍ ସେଲ୍, ଚିନ୍ତନ ବିଲ୍‌ଡିଂ, କ୍ୟାମ୍ପସ୍-୪
କିଟ୍ ବିଶ୍ୱବିଦ୍ୟାଳୟ, ପୋ: କିଟ୍, ଭୁବନେଶ୍ୱର-୭୫୧୦୨୪
Email: recruitment.kiit2025@kiit.ac.in

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଭଗବତୀ ମା' ପାଟୋଳୀଶ୍ୱରୀଙ୍କ ଦ୍ୱାଦଶ ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞର ସୂର୍ଯ୍ୟ ପୂଜା ଓ ଗୀତା ଯଜ୍ଞ, ସ୍ଥାନ: ବେଣ୍ଟପୁର ବାଲିକାନ୍ଦିଆସ୍ଥିତ ମନ୍ଦିର ପରିସର, ସମୟ: ସକାଳ ୯ଟା।
- ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ଦୀକ୍ଷାନ୍ତ ସମାରୋହ, ସ୍ଥାନ: ରେଳ ଅଡିଟୋରିୟମ, ମଞ୍ଚେଶ୍ୱର ସମୟ: ପୂର୍ବାହ୍ନ ୧୦ଟା।
- ନଳିନୀ ଦେବୀ ଶିକ୍ଷକ ଶିକ୍ଷା ମହିଳା ମହାବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୫ଟା ୩୦।
- ଶ୍ରୀ ଶ୍ରୀ ସୀତା ରାମେଶ୍ୱର ରାମଲୀଳା ଗୀତିନାଟ୍ୟ ସଂଘ ଆନୁକୂଲ୍ୟରେ ନାଟକ 'ଶ୍ରୀ ରାମ ବନବାସ', ସ୍ଥାନ: ଗୋତଳବିନ୍ଧାସ୍ଥିତ ସୀତା ରାମେଶ୍ୱର ମନ୍ଦିର ସମ୍ମୁଖ, ସମୟ: ରାତି ୧୧ଟା।
- ଶ୍ରୀ ଶ୍ରୀ ପତିତପାବନ ଦେବ ରାମଲୀଳା ନାଟ୍ୟ ପରିଷଦ ଆନୁକୂଲ୍ୟରେ ନାଟକ 'ସୂପନେଖାର ନାସା ଓ କର୍ଣ୍ଣ ଛେଦନ', ସ୍ଥାନ: କାକରୁଦ୍ରପୁର ପତିତପାବନ ଦେବ ମନ୍ଦିର ପରିସର, ସମୟ: ରାତି ୧୧ଟା ୩୦।
- ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ରାମଲୀଳା ପ୍ରଚାର କମିଟି ପକ୍ଷରୁ ରାମଲୀଳାର ନାଟକ 'ସୀତା ଚୋରି', ସ୍ଥାନ: ବଇରୁଆ ଗାନ୍ଧୀ ଛକସ୍ଥିତ ରାମଲୀଳା ପଡ଼ିଆ, ସମୟ: ରାତି ୧୧ଟା ୩୦।
- ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ରାମଲୀଳା ପ୍ରଚାର ସମିତି ପକ୍ଷରୁ ରାମଲୀଳାର ନାଟକ 'ଶ୍ରୀ ରାମ ବନବାସ', ସ୍ଥାନ: ବେଣ୍ଟପୁରସ୍ଥିତ ରାମଲୀଳା ପଡ଼ିଆ, ସମୟ: ରାତି ୧୧ଟା ୩୦।

## ପୁରୀ

- ଆଭାସି ମାଧ୍ୟମରେ ଆୟୁଷ୍ମାନ ଯୋଜନାର ଉଦ୍‌ଘାଟନ, ସ୍ଥାନ: ସୁକଳ, ମହୁରା, ରାୟଖଣ୍ଡି ପଞ୍ଚାୟତ, ସାକ୍ଷୀଗୋପାଳ, ସମୟ: ମଧ୍ୟାହ୍ନ ୨ଟା ୩୦।

## ବାଲେଶ୍ୱର

- ଯୁବ ଲେଖକ ସମ୍ମିଳନୀ ଉଦ୍‌ଘାଟନୀ, ସ୍ଥାନ: ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଲେଶ୍ୱର, ସମୟ: ସକାଳ ୯ଟା।
- ଆୟୁଷ୍ମାନ ଯୋଜନା, ସ୍ଥାନ: ସିମୁଳିଆ ବ୍ଲକ ପରିସର, ସିମୁଳିଆ, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରଜ୍ଞାଭାରତୀ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ, ସ୍ଥାନ: ବାହାର୍ଦ୍ଧା, ବସ୍ତା, ସମୟ: ଅପରାହ୍ନ ୨ଟା।
- ସିଏମ୍ ଟ୍ରଫି ଜିଲାସ୍ତରୀୟ ଫୁଟବଲ ଚାମ୍ପିୟନଶିପ୍ ପଞ୍ଚମ ଦିବସ, ସ୍ଥାନ: ସ୍ପୋର୍ଟ୍ସ ହଷ୍ଟେଲ ଗ୍ରାଉଣ୍ଡ, ଭୀମପୁରା, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ବାଲେଶ୍ୱର ପ୍ରିମିୟର ଲିଗ୍‌ର ଦ୍ୱିତୀୟ ଦିବସ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ଯୁବ ଲେଖକ ସମ୍ମିଳନୀର ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।
- ନଙ୍କୁର ଆଞ୍ଚଳିକ ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ଅସୁରିଆ ପଡ଼ିଆ, ଖଇରା, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ସୀମା ପ୍ରକ୍ରିୟା ପଟା ବିତରଣ ସମାରୋହ, ସ୍ଥାନ: କଲ୍ୟାଣ ମଣ୍ଡପ, ଭଣ୍ଡାରିପୋଖରୀ, ସମୟ: ସକାଳ ୮ଟା।
- ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: କଲେଜ ପରିସର, ଭଦ୍ରକ, ସମୟ: ସକାଳ ୯ଟା।
- ଆୟୁଷ୍ମାନ ଭାରତ କାର୍ଡ ବଣ୍ଟନ, ସ୍ଥାନ: ରାଘବାନନ୍ଦ ଚକ୍ଷୁ ଚିକିତ୍ସାଳୟ, ଭଦ୍ରକ ବାଇପାସ୍, ସମୟ: ସକାଳ ୯ଟା।
- ହନୁମାନ ମନ୍ଦିରର ବାର୍ଷିକ ମହୋତ୍ସବ, ସ୍ଥାନ: ବାଲିମେଦ ପାଇକସାହି, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଯୁବ ଲେଖକ ସମ୍ମିଳନୀ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଆୟୁଷ୍ମାନ ଭାରତ ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ବାଲିମେଦ, ବାରାପୁର, ଇରମ, ଏଡ଼ତାଳ, ବାଲିମୁଣ୍ଡା, ବେତଡ଼ା, ନାୟକାଣିଡିହୀ, ବାସୁଦେବପୁର, ସମୟ: ଅପରାହ୍ନ ୨ଟା ୩୦।
- ଆୟୁଷ୍ମାନ ଭାରତ ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: ଚାନ୍ଦବାଲି ଦୋଳମଣ୍ଡପ ପଡ଼ିଆ, ମାଧପୁର ପଞ୍ଚାୟତ ଅଫିସ ପାଖ ପଡ଼ିଆ, ଚାନ୍ଦବାଲି, ସମୟ: ଅପରାହ୍ନ ୩ଟା।
- ବାଦିପାଲା ଉଦ୍‌ଯାପନୀ, ସ୍ଥାନ: ନପଙ୍ଗ, ଭଣ୍ଡାରିପୋଖରୀ, ସମୟ: ରାତି ୧୧ଟା।

## କେନ୍ଦୁଝର

- ଆୟୁଷ୍ମାନ ଭାରତ, ପ୍ରଧାନ ମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଉଦ୍‌ଘାଟନ ଓ ଏକକ କାର୍ଡ ବିତରଣ, ସ୍ଥାନ: ପାଟଣା ବ୍ଲକ୍ କେନ୍ଦେଇ ପଶି, ଖିରେଇ ଟାଙ୍ଗିରୀ , ରାଜନଗର, ତୁରୁମୁଙ୍ଗା, ତୁମୁରିଆ, ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ସମୟ: ଅପରାହ୍ନ ୨ଟା ୩୦।
- ଆୟୁଷ୍ମାନ ଭାରତ, ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ଉଦଘାଟନୀ ସମାରୋହ, ସ୍ଥାନ: ସରକାରୀ ନୋଡାଲ ବିଦ୍ୟାଳୟ ମୁରୁପୁର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓରାଳୀ, ସୋସୋ, ସୁନ୍ଦରାପାଳ, ଚୁକୁଣା, ଅନ୍ୟାନ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ହଦଗଡ଼, ହାଟଡିହୀ, ଛେନାପଦି, ସମୟ: ଅପରାହ୍ନ ୨ଟା ୩୦।

## ମୟୂରଭଞ୍ଜ

- ସିଏମ୍ ଟ୍ରଫି–୨୦୨୫ ଫୁଟବଲ ଟୁର୍ନାମେଣ୍ଟରେ ଶିମିଳିପାଳ ସ୍ପୋର୍ଟ୍ସ ଏସି ସହିତ ଶାନ୍ତି ନିକେତନ ଟିମ୍‌ର ମ୍ୟାଚ, ସ୍ଥାନ:ଷ୍ଟାଡିୟମ ପଡ଼ିଆ ବାରିପଦା,ସମୟ: ସକାଳ ୮ଟା।
- ବିଶ୍ୱ ଶାନ୍ତି ଶ୍ରୀ ହରିହର ଯଜ୍ଞାନୁଷ୍ଠାନର ହୋମଯଜ୍ଞ,ସ୍ଥାନ: ବାବା କଖାରୁଆ ବୈଦ୍ୟନାଥ ମନ୍ଦିର ପରିସର, ମାଣତ୍ରୀ, ବଡ଼ସାହି,ସମୟ: ସକାଳ ୯ଟା।
- ଶ୍ରୀ ଶ୍ରୀ ରାଧବଲ୍ଲଭଜୀଉ ହରିହାଟ ମହୋତ୍ସବ, ସ୍ଥାନ: ନାଖରା, ବଡ଼ସାହି, ସମୟ: ସକାଳ ୯ଟା।
- ମା' ଲାଲପାଟ ସାଲ ପାଟ ଗ୍ରାମଦେବୀଙ୍କ ଜନ୍ମ ବାର୍ଷିକୀ ଉତ୍ସବ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ:ପୂର୍ଣ୍ଣଚନ୍ଦ୍ରପୁର. ୱାର୍ଡନଂ. ୧୫ ବାରିପଦା,ସମୟ: ସକାଳ ୯ଟା।
- ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ, ସ୍ଥାନ: କୁଆମରା,ସାଇଁକୁଳା, ମାଙ୍କଡ଼କେନ୍ଦା (ପୁରୁଣା ବାରିପଦା), ରାଣୀବନ୍ଧ, କୁଶଳଦା ଡାକ୍ତରଖାନା ପରିସର, ଗୋପବନ୍ଧୁ ନଗର, ସମୟ: ଅପରାହ୍ନ ୨ଟା୩୦।
- ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ,ସ୍ଥାନ: ଚିତ୍ରଡ଼ା, ବଡ଼ଫେରା,ଦାନ୍ତିଆମୁହାଁ, ଗଡ଼ିଆ,ମୋରଡ଼ା ଏବଂ ସାନମୁଣ୍ଡାବଣି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ମୋରଡ଼ା, ସମୟ: ଅପରାହ୍ନ ୨ଟା ୩୦।
- ସିଏମ୍ ଟ୍ରଫି–୨୦୨୫ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଇନଡିପେଣ୍ଡେଣ୍ଟ ସ୍ପୋର୍ଟ୍ସ ସହିତ ଆରପିଜେଜେ କ୍ଲବର ମ୍ୟାଚ, ସ୍ଥାନ: ଷ୍ଟାଡିୟମ ପଡ଼ଆ ବାରିପଦା,ସମୟ: ଅପରାହ୍ନ ୪ଟା।
- ପ୍ରସିଦ୍ଧ ଚୈତ୍ର ପର୍ବ ଉଦ୍‌ଘାଟନ, ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ସନ୍ଧ୍ୟା ୭ଟା।

## ଗଞ୍ଜାମ

- ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ, ସ୍ଥାନ: ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କରଚୁଲି, ମାଣିତରା, ବାଲିପଦର, ଆଶ୍ରମ କରଡାବାଡ଼ି, ସମୟ: ଅପରାହ୍ନ ୨ ଟା ୩୦।

## କନ୍ଧମାଳ

- ସରକାରୀ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଫୁଲବାଣୀ ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ୧୩୧ ତମ ପ୍ରତିଷ୍ଠା ଦିବସ, ସ୍ଥାନ: ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଦାରିଙ୍ଗବାଡ଼ି, ସମୟ: ପୂର୍ବାହ୍ନ ୧୧ ଟା।
- ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ, ସ୍ଥାନ: ବ୍ରାହ୍ମଣୀଗାଁ, ଗଦାପୁର, ସିକରମାହା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ସରାମୁଲି, ସିମନବାଡ଼ି ଏବଂ ବୁଡ଼ାଗୁଡ଼ାର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର, ସିନ୍ଧିଗାଁ, ସୁଡ୍ରା ଓ ଖମନଖୋଲ ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ଅପରାହ୍ନ ୨ଟା ୩୦।
- ଠାକୁରାଣୀ ଯାତ୍ରା ପ୍ରାକ୍ ପ୍ରସ୍ତୁତି ବୈଠକ, ସ୍ଥାନ: ମା'ପାଟଖଣ୍ଡା ମନ୍ଦିର ପରିସର ସଭାଗୃହ ବାଲିଗୁଡ଼ା, ସମୟ: ସନ୍ଧ୍ୟା ୭ ଟା।

## ଢେଙ୍କାନାଳ

- ଜିଲାସ୍ତରୀୟ ଯୁବ ଲେଖକ ସମ୍ମିଳନୀ, ସ୍ଥାନ: ପୁରୁଣା ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ୱିଙ୍ଗ କମାଣ୍ଡର ବିଏସ୍ ସିଂହଦେଓଙ୍କୁ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ସିନର୍ଜି ଇଞ୍ଜିନିୟରିଙ୍ଗ କଲେଜ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ ଉତ୍ସବ, ସ୍ଥାନ: ମିନି ଷ୍ଟାଡିୟମ, ଢେଙ୍କାନାଳ, ସମୟ: ଅପରାହ୍ନ ସାଢେ ୨ଟା।

## ଅନୁଗୋଳ

- ଅଗ୍ନିରୂପା ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ବାର୍ଷିକ ଯାତ୍ରା ଆରମ୍ଭ, ସ୍ଥାନ: ତାଳଚେର ଗୋପାଳପ୍ରସାଦ, ସମୟ: ପ୍ରାତଃ ୪ଟା।
- ହିଙ୍ଗୁଳା ଯାତ୍ରା ଅବସରରେ ୯ ଦିନିଆ ୨୧ତମ ଲୋକ ମହୋତ୍ସବର ଶୁଭାରମ୍ଭ, ସ୍ଥାନ: ତାଳଚେର, ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର

- ପାରାଦୀପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାର ଶୁଭାରମ୍ଭ, ସ୍ଥାନ: ଜୟଦେବ ଭବନ ବଡ଼ପଡ଼ିଆ, ପାରାଦୀପ, ସମୟ: ଅପରାହ୍ନ ୨ଟା।

## କେନ୍ଦ୍ରାପଡ଼ା

- ଶ୍ରୀପଞ୍ଚଶଖା ବିଶ୍ୱଶାନ୍ତି ମହାଯଜ୍ଞ ଓ ସାଧୁସନ୍ଥ ସମ୍ମିଳନୀ, ସ୍ଥାନ: ବାରିମୂଳ ପଞ୍ଚାୟତ ପଡିଆ, କେନ୍ଦ୍ରାପଡ଼ା, ସମୟ: ସକାଳ ୬ଟା।
- ଆଇଟିଏସ୍ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ବାରିମୂଳ, ଡେରାବିଶ, ସମୟ: ସକାଳ ୭ଟା।
- ଆୟୁଷ୍ମାନ ଭାରତ ଯୋଜନା ଉଦ୍‌ଘାଟନ କାର୍ଯ୍ୟକ୍ରମ, ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର, ଖଡିଅଙ୍ଗ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୨ଟା।
- ଜୟଦୁର୍ଗା ବଣିକ ସଂଘ ପକ୍ଷରୁ ରାମାୟଣ ପାଠ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ମା' ଦୁର୍ଗା ମନ୍ଦିର, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀମଦ୍ ଭାଗବତ ପାରାୟଣ ମହୋତ୍ସବ, ସ୍ଥାନ: ଦୋଉତି ନାହାକାଣୀ ପୀଠ, ଅଡ଼ାଯୋଡ଼ି, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀଭାଗବତ ପାରାୟଣ ଓ ଗୀତା ମହଯଜ୍ଞ, ସ୍ଥାନ: ସିଦ୍ଧ ମହାପୁରୁଷ ଯଜ୍ଞ ପୀଠ, ବାରୁଅ, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।
- ବ୍ରହ୍ମ ସେବା ଫାଉଣ୍ଡେଶନ ପକ୍ଷରୁ ଭାଗବତ ଓ ଗୀତା ପାଠ, ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ବିମ୍ବଲେଇ କ୍ଷେତ୍ର ତାରିଣୀ ପୀଠ, ଶଙ୍ଖପୁର, ରାଜନଗର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର ଦେବସ୍ଥାପନ, ସ୍ଥାନ: ଧର୍ମଶାଳା ବ୍ଲକ୍ ଜାରକାସ୍ଥିତ ମା' ଜେମାଶୁଣୀ ପୀଠ, ସମୟ: ସକାଳ ୮ଟା।
- ଓଡ଼ିଶା ପକ୍ଷ ପାଳନ ଅବସରରେ ଯୁବ ଲେଖକ ସମ୍ମିଳନୀ, ସ୍ଥାନ : ଯାଜପୁର ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳ, ସମୟ : ସକାଳ ୯ଟା।
- ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ : ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସର,ସମୟ : ଅପରାହ୍ନ ୨ଟା୩୦।
- ରାଜ୍ୟସ୍ତରୀୟ ଡିଫା କପ୍‌ର ୩ୟ ମ୍ୟାଚ୍, ସ୍ଥାନ: ଧର୍ମଶାଳା ବାଣୀପୀଠ ଖେଳପଡ଼ିଆ, ସମୟ: ଅପରାହ୍ନ ୪ଟା।

## ନୟାଗଡ଼

- ୭ ଦିନିଆ ଦଣ୍ଡପର୍ବର ଷଷ୍ଠ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ କପିଳେଶ୍ୱର ମହାଦେବ ପୀଠ, ସମୟ: ସକାଳ ୮ଟା।
- ଯୁବ ଲେଖକ ସମ୍ମିଳନୀ, ସ୍ଥାନ:ଖଣ୍ଡପଡ଼ା ବ୍ଲକ୍ ସଭାଗୃହ, ସମୟ: ସକାଳ ୯ଟା।



ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଆୟୁଷ୍ମାନ୍ ଭାରତ ଯୋଜନାର ଉଦ୍‌ଘାଟନ କାର୍ଯ୍ୟକ୍ରମ ସମୀକ୍ଷା କରୁଛନ୍ତି।

**ପ୍ରଥମ ପୃଷ୍ଠାରୁ...**

### ଆଜିଠୁ ଆୟୁଷ୍ମାନ...

ହସ୍ପିଟାଲରେ ମାଗଣା ଚିକିତ୍ସା ସେବା ଯୋଗାଇ ଦିଆଯାଉଥିଲା। ଫଳରେ ବହୁ ଲୋକ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଥିଲେ। ରାଜ୍ୟରେ ଆୟୁଷ୍ମାନ୍ ଭାରତ ଯୋଜନା ଶୁଭାରମ୍ଭ ହେବା ପରେ ରାଜ୍ୟ ଓ ବାହାରେ ରହୁଥିବା ଓଡ଼ିଆ ଲୋକଙ୍କୁ ମାଗଣାରେ ଉନ୍ନତମାନର ଚିକିତ୍ସା ସେବା ମିଳିପାରିବ। ଦେଶର ୨୯ ହଜାର ହସ୍ପିଟାଲରେ ଏହି ସେବା ଉପଲବ୍ଧ ହେବ। ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ ୭୦ ବର୍ଷ ବା ତଦୂର୍ଦ୍ଧ୍ୱ ବୟୋଜ୍ୟେଷ୍ଠ ନାଗରିକଙ୍କୁ ବିନା କୌଣସି ମାନଦଣ୍ଡରେ ଏହି ସେବା ଯୋଗାଇ ଦିଆଯିବ। ଆୟୁଷ୍ମାନ୍ ଭାରତ ଯୋଜନାରେ ପରିବାର ପିଛା ଗୋଟିଏ କାର୍ଡ ଦିଆ ନ ଯାଇ ବ୍ୟକ୍ତିଗତ ଭାବେ ସମସ୍ତଙ୍କୁ ପ୍ରଦାନ କରାଯିବ। ରାଜ୍ୟରେ ଭାଜପା ସରକାର ଗଠନ ହେବା ପରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ନୂତନ ଯୁଗର ଶୁଭାରମ୍ଭ ହେବାକୁ ଯାଉଛି। ପୁରୀରେ ହେବାକୁ ଥିବା 'ବିଧାୟକ ଓ ଏମ୍‌ପି ପ୍ରଶିକ୍ଷଣ' କାର୍ଯ୍ୟକ୍ରମ ୧୧ ତାରିଖ ସନ୍ଧ୍ୟାରୁ ୧୩ ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିବ। ୧୨ ତାରିଖ ସକାଳେ ନଡ୍ଡା ବିଧିବଦ୍ଧଭାବେ ଏହାକୁ ଉଦ୍‌ଘାଟନ କରିବେ। ଏହି ଶିବିରରେ ସାଙ୍ଗଠନିକ, ପ୍ରଶାସନିକ, ବିଚାରଧାରା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବ। ନଡ୍ଡାଙ୍କ ଏହି ୨ ଦିନର ବ୍ୟସ୍ତବହୁଳ କାର୍ଯ୍ୟକ୍ରମ ଓଡ଼ିଶାର ଜନସାଧାରଣଙ୍କ ପାଇଁ ଏକ ସ୍ମରଣୀୟ ହୋଇ ରହିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଉକ୍ତ କାର୍ଯ୍ୟକ୍ରମରେ ୩ କେନ୍ଦ୍ରମନ୍ତ୍ରୀ ମଧ୍ୟ ସାମିଲ ହେବେ ବୋଲି ଜଣାପଡ଼ିଛି।

**■ ବିଭିନ୍ନ କାର୍ଯ୍ୟର ସମୀକ୍ଷା କଲେ ୨ ଉପମୁଖ୍ୟମନ୍ତ୍ରୀ**
**■ ୧୨ରେ ଏମ୍‌ପି, ବିଧାୟକଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟନ କରିବେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ**
**■ ୧୧ରୁ ୧୩ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିବ ପ୍ରଶିକ୍ଷଣ ଶିବିର**

ଅପରପକ୍ଷରେ ଗୁରୁବାର ମଧ୍ୟାହ୍ନରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ବାଲିଯାତ୍ରା ପଡିଆରେ ପହଞ୍ଚି ସମସ୍ତ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସେହିପରି ଅପରାହ୍ନରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ବାଲିଯାତ୍ରା ପଡିଆରେ ପହଞ୍ଚି ବିଭିନ୍ନ କାର୍ଯ୍ୟର ସ୍ଥିତି ସମୀକ୍ଷା କରିବା ସହ ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ସମୀକ୍ଷା ପରେ ପ୍ରଭାତୀ କହିଛନ୍ତି, ବାଲିଯାତ୍ରା ପଡିଆରେ ପ୍ରାୟ ୨୫ ହଜାର ଲୋକଙ୍କ ପାଇଁ ବ୍ୟବସ୍ଥା କରାଯାଇଛି। ଆୟୁଷ୍ମାନ୍ ଭାରତ ଯୋଜନାରେ ଦେଶର ସମସ୍ତ ହସ୍ପିଟାଲରେ ଲୋକମାନେ ଯେପରି ଚିକିତ୍ସା ସୁବିଧା ପାଇପାରିବେ, ସେଥିପାଇଁ ଲକ୍ଷ୍ୟ ରଖାଯାଇଛି। ଶୁଭାରମ୍ଭ କାର୍ଯ୍ୟକ୍ରମରେ ୧୫ରୁ ୨୦ ଜଣଙ୍କୁ ଏହି କାର୍ଡ ପ୍ରଦାନ କରାଯିବ। ପରେ ସମସ୍ତ ପିଏଚ୍‌ସି ଓ ସିଏଚ୍‌ସିରେ ଏହି କାର୍ଡ ବଣ୍ଟନ କରାଯିବ। ପୂର୍ବରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ) କାର୍ଡ ଥିଲା, ହେଲେ ସେଥିରେ ଦୁର୍ନୀତି କରାଯାଉଥିଲା ; କିନ୍ତୁ ଏହି ଆୟୁଷ୍ମାନ୍ କାର୍ଡରେ କେବଳ ସେବା ଲୋକଙ୍କ ପାଖରେ ପହଞ୍ଚିବ। ଏଥିସହ ୭୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ଲୋକଙ୍କ ପାଇଁ ଅନ୍ୟ ବ୍ୟବସ୍ଥା ରହିଛି। ଆସନ୍ତା ୧ ମାସ ମଧ୍ୟରେ ସମସ୍ତ ଲୋକଙ୍କ ପାଖରେ ଏହି କାର୍ଡର ସୁବିଧା ପହଞ୍ଚିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ପ୍ରଭାତୀ କହିଛନ୍ତି।

ସେହିପରି କନକବର୍ଦ୍ଧନ ସିଂଦେଓ କହିଛନ୍ତି, କଟକ ବାଲିଯାତ୍ରା ପଡ଼ିଆରେ ଅପରାହ୍ନ ପ୍ରାୟ ୨ଟାରେ କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡା ପହଞ୍ଚି ଆୟୁଷ୍ମାନ୍ ଭାରତ ଯୋଜନାର ଶୁଭାରମ୍ଭ କରିବେ। ଏହାପରେ ସେ ଶିଶୁଭବନ ନୂତନ କୋଠାକୁ ଉଦ୍‌ଘାଟନ କରିବେ। ପ୍ରଥମ ପର୍ଯ୍ୟାୟରେ ଓଡ଼ିଶା ଓ ଦିଲ୍ଲୀରେ ଏହି କାର୍ଡ ଲାଗୁ କରାଯିବ। ଓଡ଼ିଶାର ସାଢ଼େ ୩ କୋଟି ଲୋକ ଏହି କାର୍ଡରେ ସୁବିଧା ପାଇବେ ବୋଲି ସିଂଦେଓ କହିଛନ୍ତି। ଏହି ସମୀକ୍ଷା କାର୍ଯ୍ୟକ୍ରମରେ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ଅତିରିକ୍ତ ଜିଲାପାଳ ଶିବ ଟପ୍ପୋ, କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

# ଆଜିଠୁ ଓଟିଟିରେ 'ଛାବା'



**ମୁମ୍ବାଇ:** ଅଭିନେତା ଭିକି କୌଶଲ ଓ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କର 'ଛାବା' ଫିଲ୍ମକୁ ବକ୍ସ ଅଫିସ୍‌ରେ ଢ଼େର ସଫଳତା ମିଳିଛି। ତେବେ ବଡ଼ ପରଦା ପରେ ଏବେ ଏହି ଫିଲ୍ମ ଓଟିଟିରେ ରିଲିଜ୍ ହେବାକୁ ଯାଉଛି। ଶୁକ୍ରବାରଠାରୁ 'ଛାବା' ଓଟିଟି ପ୍ଲାଟଫର୍ମ ନେଟ୍‌ଫ୍ଲିକ୍ସରେ ଷ୍ଟ୍ରିମିଂ ହେବ। ଏନେଇ ଫିଲ୍ମର ପ୍ରଡକ୍ସନ କମ୍ପାନୀ ମେଡକ୍ ଫିଲ୍ମସ୍ ପକ୍ଷରୁ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରାଯାଇ ସୂଚନା ଦିଆଯାଇଛି। ଏହି ପୋଷ୍ଟକୁ ନେଟ୍‌ଫ୍ଲିକ୍ସ ମଧ୍ୟ ରି–ଶେୟାର କରିଛି।

ଗତ ଫେବୃଆରୀ ୧୪ରେ ଲକ୍ଷ୍ମଣ ଉଟେକରଙ୍କ ନିର୍ଦ୍ଦେଶିତ 'ଛାବା' ଫିଲ୍ମ ପ୍ରେକ୍ଷାଳୟରେ ରିଲିଜ୍ ହୋଇଥିଲା। ରିଲିଜ୍ ହେବା ପରଠାରୁ ଏହା ବକ୍ସ ଅଫିସରେ ଧମାଲ ମଚାଇବା ଆରମ୍ଭ କରିଥିଲା। ବର୍ତ୍ତମାନ ସୁଦ୍ଧା ଏହି ଫିଲ୍ମ ବିଶ୍ୱବ୍ୟାପୀ ୮୦୪.୮୫ କୋଟି ଟଙ୍କା ସଂଗ୍ରହ କରିଥିବା ବେଳେ କେବଳ ଭାରତୀୟ ସିନେମା ହଲଗୁଡ଼ିକରୁ ଏହି ଫିଲ୍ମ ୫୯୯.୨ କୋଟି ଟଙ୍କାର ରୋଜଗାର କରିଛି।

### ୨୮ ଆଇଏଏସ୍...

ଅନୁସୂଚିତ ଜାତି ନିର୍ଦ୍ଦେଶକ ଲକ୍ଷ୍ମଣ କୁମାର ମଲ୍ଲିକ, ଚକବନ୍ଦୀ ଓ ବନ୍ଦୋବସ୍ତ ଅତିରିକ୍ତ ଆୟୁକ୍ତ ଉପମା କାଲୋଙ୍କୁ ଆଏଏସ୍‌କୁ ପଦୋନ୍ନତି ପରେ ତାଙ୍କ ପଦରେ ପୁନଃ ଅବସ୍ଥାପିତ କରାଯାଇଥିବାବେଳେ ରାଜସ୍ୱ ବିଭାଗ ସ୍ୱତନ୍ତ୍ର ସଚିବ ଲିଲି କୁମାରୀ କୁଲୁଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ, ଦେବଗଡ଼ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ଅତିରିକ୍ତ ରିଭିଜନାଲ କୋର୍ଟ(ଭୁବନେଶ୍ୱର)ର ଅତିରିକ୍ତ ଆୟୁକ୍ତ ପ୍ରଦୀପ କୁମାର ନାୟକ, ନୂଆପଡ଼ା ଜିଲାପାଳ ମଧୁସୂଦନ ଦାଶ, ଆୟୁଷ ନିର୍ଦ୍ଦେଶକ ପ୍ରେମଜିତ୍ ନାୟକ, ଜଳସମ୍ପଦ ବିଭାଗ ସ୍ୱତନ୍ତ୍ର ସଚିବ ନରହରି ସେଠୀ, ପଛୁଆବର୍ଗ ନିର୍ଦ୍ଦେଶକ ଯୁଗଳେଶ୍ୱରୀ ଦାଶଙ୍କୁ ତାଙ୍କ ପଦରେ ପୁନଃ ଅବସ୍ଥାପିତ କରାଯାଇଛି। ସେହିପରି ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗ ସ୍ୱତନ୍ତ୍ର ସଚିବ ମଧୁମିତା ରଥଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ ସହିତ ଉତ୍କଳିକାର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିବାବେଳେ ନଗର ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ ଦେବାଶିଷ ସିଂହଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ, ବୌଦ୍ଧ ଜିଲାପାଳ ସୁବ୍ରତ କୁମାର ପଣ୍ଡାଙ୍କୁ ଆଇଏଏସ୍‌କୁ ପଦୋନ୍ନତି ପରେ ପୁନଃ ଅବସ୍ଥାପିତ କରାଯାଇଛି। ଏହାସହିତ ସଂସଦୀୟ ବ୍ୟାପାର ବିଭାଗ ସ୍ୱତନ୍ତ୍ର ସଚିବ ପ୍ରତାପ କୁମାର ହୋତାଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ ଭାବେ ପୁନଃ ଅବସ୍ଥାପିତ କରାଯାଇଥିବାବେଳେ ଶକ୍ତି ବିଭାଗ ସ୍ୱତନ୍ତ୍ର ସଚିବ ନିବେଦିତା ମିଶ୍ରଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ, ଗ୍ରାମ୍ୟ ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ ରେଗା ଗୀତାରାଣୀ ପଟ୍ଟନାୟକଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ, ଅବକାରୀ ବିଭାଗ ସ୍ୱତନ୍ତ୍ର ସଚିବ ଅର୍ଚ୍ଚନା ଦାସ ପଟ୍ଟନାୟକଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସ୍ୱତନ୍ତ୍ର ସଚିବ ଅଞ୍ଜନା ପଣ୍ଡାଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ, ଗୃହବିଭାଗ ସ୍ୱତନ୍ତ୍ର ସଚିବ ନିବେଦିତା ପୃଷ୍ଟିଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ, ମହିଳା ଓ ଶିଶୁ ବିକାଶ ବିଭାଗ ସ୍ୱତନ୍ତ୍ର ସଚିବ ସ୍ୱୟଂ ପ୍ରଭା ମହାନ୍ତିଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ସୁଦାମ ଚରଣ ମଣ୍ଡଳଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ ଏବଂ ଗଣଶିକ୍ଷା ବିଭାଗ ସ୍ୱତନ୍ତ୍ର ସଚିବ ଗିରିଶ ଚନ୍ଦ୍ର ସିଂହଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ ଭାବେ ପୁନଃ ଅବସ୍ଥାପିତ କରାଯାଇଛି।

### ୧୨୮ ବର୍ଷ ପରେ...

ଫ୍ଲାଗ ଫୁଟବଲ, ଲାକରୋସେ (ସିକ୍ସେସ) ଓ ସ୍କ୍ୱାଶକୁ ମଞ୍ଜୁରୀ ମିଳିଥିଲା। ଆଇଓସିର କାର୍ଯ୍ୟନିର୍ବାହୀ ପରିଷଦ (ଇବି) ୨୦୨୮ ଅଲିମ୍ପିକ୍ସ ଲାଗି ଇଭେଣ୍ଟ ପ୍ରୋଗ୍ରାମ ଓ ଆଥଲେଟ୍ କୋଟାକୁ ମଞ୍ଜୁରୀ ଦେଇଛି। ୨୦୨୪ ପ୍ୟାରିସ ଅଲିମ୍ପିକ୍ସଠାରୁ ଲସ୍‌ଏଞ୍ଜେଲ୍ସ ସଂସ୍କରଣରେ ୨୮ଟି ଅଧିକ ପଦକ ଇଭେଣ୍ଟ ସାମିଲ କରାଯାଇଛି। ଆଇଓସି ରେକର୍ଡ ୩୫୧ ପଦକ ଇଭେଣ୍ଟ ଓ ୧୦,୫୦୦ ଆଥଲେଟ୍ କୋଟାକୁ ମଞ୍ଜୁରୀ ପ୍ରଦାନ କରିଛି। ୫ ଅତିରିକ୍ତ ସ୍ପୋର୍ଟ୍ସ ଇଭେଣ୍ଟ ଲାଗି ଅଧିକ ୬୯୮ କୋଟା ଦିଆଯାଇଛି। ଇତିହାସରେ ପ୍ରଥମ ଥର ପାଇଁ ସମସ୍ତ ଦଳଗତ ଇଭେଣ୍ଟର ଉଭୟ ପୁରୁଷ ଓ ମହିଳା ବିଭାଗରେ ସମାନ ସଂଖ୍ୟକ ଦଳ ଭାଗ ନେବେ।

### ପାଣି ନାହିଁ ବୋଲି...

ମିଳୁ ନ ଥିବା ଗ୍ରାମବାସୀ ପ୍ରମାନନ୍ଦ ନାଗ କହିଛନ୍ତି। ଏହି ସମସ୍ୟା ପାଇଁ ଗାଁକୁ କେହି ଝିଅ ଦେବାକୁ ରାଜି ହେଉନାହାନ୍ତି। ଯଦି ଅନ୍ୟ ଗାଁ ଝିଅ ଏଠାକୁ ବାହା ହୋଇ ଆସୁଛନ୍ତି ଏହି ଅସୁବିଧା ଯୋଗୁ ଶାଶୁ ଘର ଛାଡ଼ି ବାପଘରକୁ ଚାଲିଯାଉଛନ୍ତି। ଗାଁର ରାଏସିଙ୍ଗ ନାୟକ କହିଛନ୍ତି, ସେ ଅନ୍ୟ ଗ୍ରାମର ଝିଅଙ୍କୁ ବାହା ହୋଇଥିଲେ। ତାଙ୍କର ପୁଅଟିଏ ମଧ୍ୟ ହେଲା। କିନ୍ତୁ ପାଣି ସମସ୍ୟାର ସମ୍ମୁଖୀନ ହୋଇ ୮ ମାସର ପୁଅ ଓ ପରିବାରକୁ ଛାଡ଼ି ସ୍ତ୍ରୀ ଚାଲିଯାଇଥିବା ରାଏସିଙ୍ଗ କହିଛନ୍ତି। ତୁରନ୍ତ ପାଣି ସମସ୍ୟା ଦୂର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏପରି ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସମୀର ହରିଜନଙ୍କ ସମେତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ପାନୀୟଜଳ ଯୋଗାଣ ଅଧୀକ୍ଷଣ ଯନ୍ତ୍ରୀ ପ୍ରତୀକ କୁମାର ରାଉତଙ୍କୁ ପଚାରିବାରୁ ବଡ଼ବାର୍ଲି ଗ୍ରାମଟି ରେଡ୍ ଜୋନ୍‌ରେ ଥିବାବେଳେ ପାଣି ସମସ୍ୟା ରହିଥିବା ସେ ସ୍ୱୀକାର କରିଛନ୍ତି। ତେବେ ସେଠାରେ ମେଗା ପାନୀୟଜଳ ପ୍ରକଳ୍ପରେ ଗାଁକୁ ଜଳ ଯୋଗାଣ ଯୋଜନା ରହିଥିଲେ ମଧ୍ୟ ଜାତୀୟ ରାଜପଥ ବିଭାଗ ପାଇପ୍ ବିଛାଇବା ଲାଗି ଅନୁମତି ଦେଉ ନ ଥିବାରୁ ସମସ୍ୟା ହେଉଛି। ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯାଇ ଜୁନ୍ ମାସ ସୁଦ୍ଧା ଗାଁର ପାନୀୟଜଳ ସମସ୍ୟା ଦୂର କରାଯିବ। ସେହିଭଳି ଖରାଦିନ ସାରା ଟ୍ୟାଙ୍କର ଯୋଗେ ଗ୍ରାମରେ ଜଳ ଯୋଗାଣ କରାଯାଇ ପାଣି ସମସ୍ୟା ସମାଧାନ କରାଯିବ ବୋଲି ସେ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** — ଆଜି ଷଷ୍ଠ ସ୍ଥାନରେ ଚନ୍ଦ୍ର ପାପଗ୍ରହ କେତୁ ଯୁକ୍ତ ହେତୁ ବିଭିନ୍ନ କାରଣକୁ କେନ୍ଦ୍ରକରି ମାନସିକ ସ୍ଥିତି ଭଲ ରହିବ ନାହିଁ। ପାରିବାରିକ କ୍ଷେତ୍ରରେ ବ୍ୟତିକ୍ରମ ସୃଷ୍ଟି ଆଶଙ୍କା ରହିଛି। ପ୍ରିୟବନ୍ଧୁଙ୍କ ଆଗମନର ସୂଚନା ପାଇବା ସାଙ୍ଗକୁ ନୂତନ ସ୍ଥାନକୁ ବୁଲିଯିବାର ସୁଯୋଗ ମିଳିପାରେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ।

**ବୃଷ** — ଗୁରୁ ଦ୍ୱିତୀୟସ୍ଥ ଯୋଗୁ ପ୍ରାପ୍ୟ ଅର୍ଥ କୌଣସି ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତାରେ ପ୍ରାପ୍ତ ହେବାର ସୂଚନା ରହିଛି। ସପ୍ତମସ୍ଥାନ ଗ୍ରହଶୂନ୍ୟ କାରଣରୁ ପ୍ରତିଦ୍ୱନ୍ଦ୍ୱିତାରେ ବିଜୟଲାଭ କରିବେ। ବନ୍ଧୁଙ୍କ ନିମନ୍ତ୍ରଣ ରକ୍ଷାକରି ଯାତ୍ରା କରିବାକୁ ବାଧ୍ୟ ହୋଇପାରନ୍ତି। ଅବଶ୍ୟ ପିଲାଙ୍କ କୌଣସି ସମସ୍ୟାକୁ କେନ୍ଦ୍ରକରି ମାନସିକ ସ୍ଥିତି ଭଲ ରହି ନ ପାରେ।

**ମିଥୁନ** — ରାଶ୍ୟାଧିପ ବୃହସ୍ପତି କ୍ଷେତ୍ରର ପ୍ରଭାବରେ କର୍ମକ୍ଷେତ୍ରରେ ସଫଳତା ଲାଭ କରିପାରିବେ। ପାରିବାରିକ ସହଯୋଗ ଅଭାବରୁ ପ୍ରତିବନ୍ଧକ ଲାଗି ରହିଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ଧାର, କରଜ କରି ଆବଶ୍ୟକତା ପୂରଣ କରିବାରେ ସମର୍ଥ ହେବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସହ ରୋଗପୀଡା ନିୟନ୍ତ୍ରଣ ମଧ୍ୟରେ ରହିବ।

**କର୍କଟ** — ବଳହୀନ ମଙ୍ଗଳ ରାଶିରେ ଥିବାରୁ ସନ୍ତାନଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ରହିପାରନ୍ତି। କର୍ମକ୍ଷେତ୍ରରେ ସମସ୍ୟା ଲାଗିରହୁଥିବାରୁ ନିରାଶ ହେବାକୁ ପଡିପାରେ। ଅବଶ୍ୟ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିଥିବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ନିଜ ଲୋକମାନଙ୍କ ଅନାଦର ଓ ଖାପଛଡା ମନୋଭାବରୁ ସାମୟିକ ଦୁଃଖୀ ହୋଇପାରନ୍ତି।

**ସିଂହ** — ଉଚ୍ଚାରୋହୀ ରାଶ୍ୟାଧିପ ରବି ଏକାଧିକ ଗ୍ରହଙ୍କ ମଧ୍ୟରେ ଦୁଃସ୍ଥାନସ୍ଥ ଯୋଗୁ କୌଣସି କାର୍ଯ୍ୟ ସୁବିଧାରେ ହୋଇ ନ ପାରେ। ବିଭିନ୍ନ ଦିଗରୁ ସହଯୋଗ ଲାଭକରି ଉପକୃତ ହୋଇପାରନ୍ତି। ଚନ୍ଦ୍ରଙ୍କ ଅଶୁଭତ୍ୱ କାରଣରୁ ସାମୟିକ ମନରେ ଅଶାନ୍ତି ସୃଷ୍ଟି ହେଲେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ।

**କନ୍ୟା** — ଧନାଧିପ ନିଜଭାବରୁ ଷଷ୍ଠସ୍ଥ ହେତୁ ଅର୍ଥ ପ୍ରାପ୍ତିରେ କୌଣସି ବ୍ୟକ୍ତି ପ୍ରତିରୋଧ କରିବେ। ନିଜ ପରିବାରର ବ୍ୟକ୍ତିଙ୍କ ଅସହଯୋଗ ମନୋଭାବରୁ ବ୍ୟଥିତ ହେବେ। ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କଷ୍ଟକର ହେବ। ସାହିତ୍ୟ,କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ତୁଳା** — ଭାଗ୍ୟାଧିପ ଗ୍ରହଯୁଦ୍ଧରେ ଆକ୍ରାନ୍ତ ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଲାଗି ରହିବ। କିଛି ଅସୁବିଧା ନ ଥିଲେ ମଧ୍ୟ କର୍ମକ୍ଷେତ୍ରରେ ଟେନ୍ସନ ଲାଗିରହିବ। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହେବେ। କଳା, ସାହିତ୍ୟ, ସଙ୍ଗୀତ, ରାଜନୀତି, ସାମ୍ବାଦିକତା, ଆଇନ ଓ ଅଦାଲତ କ୍ଷେତ୍ରରୁ ଶୁଭଫଳ ପାଇବେ।

**ବିଛା** — ସପ୍ତମସ୍ଥ ବୃହସ୍ପତି ପାରିବାରିକ ଜୀବନରେ ସମସ୍ୟାଜନିତ ଅଶାନ୍ତି ସୃଷ୍ଟି କରିବ। ସାଧାରଣ କଥାକୁ ନେଇ ଭୁଲ୍ ବୁଝାମଣା ହେତୁ ଦୀର୍ଘ ଦିନର ସମ୍ପର୍କରେ ଭଙ୍ଗା ପଡିବ। ଅନୁରାଧା ସକାଶେ ସମୟାନ୍ତରେ ମତାନ୍ତର ବଦଳିପାରେ। ରାଜନୀତି, ଅଧ୍ୟାପନା, ସାହିତ୍ୟ, ସାମ୍ବାଦିକତା, କ୍ରୀଡା ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ।

**ଧନୁ** — ଚତୁର୍ଥଭାବରେ ଏକାଧିକ ଗ୍ରହ ପରିବାର ଓ କର୍ମକ୍ଷେତ୍ର ସକାଶେ ସମସ୍ୟା ସୃଷ୍ଟି କରିବେ। ଅବଶ୍ୟ ଆପଣ ପ୍ରତ୍ୟେକ କ୍ଷେତ୍ରରେ ଭାଙ୍ଗିଯିବେ ପଛକେ ନଇଁବେ ନାହିଁ। ମନ ଭଲ ନ ରହିଲେ ସୁଦ୍ଧା ବନ୍ଧୁଙ୍କ ଅନୁରୋଧ ରକ୍ଷା କରି ତାଙ୍କ ସାଙ୍ଗରେ ଯିବାକୁ ବାଧ୍ୟ ହେବେ। ଗଠନମୂଳକ ପ୍ରସ୍ତାବ ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହୋଇପାରନ୍ତି।

**ମକର** — ନୀଚାରୋହୀ ରାଶ୍ୟାଧିପ ହେତୁ ଦୈହିକ ଓ ମାନସିକ ସ୍ଥିତି ଭଲ ରହି ନ ପାରେ। ମନ ଚାହୁଁଥିବା ଅନୁସାରେ କୌଣସି ଜିନିଷ ପାଇବା ଦୁଷ୍କର ହୋଇ ପଡିବ। ବହୁ କଷ୍ଟରେ ସାଇତି ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବାର ସୂଚନା ରହିଛି। ଅବଶ୍ୟ ଆନୁଷ୍ଠାନିକ କାମ, ସଭାସମିତି, ସଂଗଠନ, ରାଜନୈତିକ ସ୍ଥିତି ପ୍ରାୟତଃ ଭଲ ରହିବ।

**କୁମ୍ଭ** — କର୍ମାଧିପତି ଭାଗ୍ୟସ୍ଥାନକୁ ଦେଖୁଥିବାରୁ କୌଣସି କାମ ଅଟକି ରହିବ ନାହିଁ। କିନ୍ତୁ ଶତଭିଷା ନକ୍ଷତ୍ର ପାଇଁ ସମସ୍ତ ପ୍ରକାରର ସୁବିଧା ଥାଇ ମଧ୍ୟ କାମଟିକୁ ପୂରା କରିବା କଷ୍ଟକର ହୋଇପାରେ। ଯାହାକୁ ନିଜର ବୋଲି ମନେ କରିବେ ସେ ହିଁ ଧୋକା ଦେବାର ବହୁ ସମ୍ଭାବନା ରହିଛି। ବ୍ୟବସାୟ, ଯାତ୍ରା ଓ କର୍ମାରମ୍ଭ କ୍ଷେତ୍ରରେ ପ୍ରତିକୂଳତା ଦୂରେଇଯିବ।

**ମୀନ** — ଧନାଧିପତିଙ୍କ ଦୁର୍ବଳତାଜନିତ ଆର୍ଥିକ ଦୁରବସ୍ଥା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ ବାଦବିବାଦ କ୍ରମେ ଜଟିଳ ହେବ ଓ ସଫଳତା ହାସଲ କରିବେ। ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ। କୌଶଳ ପ୍ରୟୋଗ କରି ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡିବାରେ ସମର୍ଥ ହେବେ ।

ଆଜି ଏପ୍ରିଲ ୧୧ ତାରିଖ, ନିରାପଦ ମାତୃତ୍ୱ ଦିବସ, ଚୈତ୍ର ଶୁକ୍ଳପକ୍ଷର ବିଷ୍ଣୁ ଓ ଶିବ ଦମନକ ଚତୁର୍ଦ୍ଦଶୀ ଶୁକ୍ରବାର, ଶ୍ରୀମନ୍ଦିରରେ ଦମନକାର୍ପଣ ଉତ୍ସବ ବା ଦୟଣା ଲାଗି, ଶ୍ରୀଲିଙ୍ଗରାଜ ଦେବଙ୍କ ଦମନକ ଯାତ୍ରା, ଶିବ ଚତୁର୍ଦ୍ଦଶୀ ଓ ବେଢ଼ା ପରିକ୍ରମା, ରାଶି ନକ୍ଷତ୍ର–ଉତ୍ତରା ଫାଲଗୁନୀ/କନ୍ୟା, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୩୫ ଗତେ, ଘ.୦୬।୨୫ ମଧ୍ୟେ, ଘ.୦୭।୧୪ ଗତେ, ଘ.୦୮।୪୧ ମଧ୍ୟେ ଶୁଦ୍ଧ ଶୁଭବେଳା, ଦିବା ଘ. ୧୦।୧୪ ଗତେ, ଘ.୧୧।୪୭ ମଧ୍ୟେ ରାହୁ କାଳ ।



ପରିବେଶର ସୁରକ୍ଷା ବାର୍ତ୍ତା ନେଇ ପଶ୍ଚିମବଙ୍ଗ ମୁର୍ଶିଦାବାଦରୁ ସାଇକେଲ ଯୋଗେ ବିଶ୍ୱଭ୍ରମଣରେ ବାହାରିଥିବା ପ୍ରସନ୍ନଜିତ୍ ଦାସ ଓରଫ ଜୋଜୋ ଦାଦା ଗୁରୁବାର 'ଧରିତ୍ରୀ' ମୁଖ୍ୟ କାର୍ଯ୍ୟାଳୟରେ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ଅନ୍ୟମାନଙ୍କ ସହ ଏକ ବିଶେଷ ମୁହୂର୍ତ୍ତରେ। **(ଫଟୋ: ବିକାଶ ନାୟକ)**

# ସବୁଜ ବିଶ୍ୱ ପାଇଁ ସାଇକେଲରେ ୧୯୫ ଦେଶ ବୁଲିବେ ପ୍ରସନ୍ନଜିତ

**ଭୁବନେଶ୍ୱର, ୧୦।୪ (ବନ୍ଦନା ସେଠୀ)**

ପଶ୍ଚିମବଙ୍ଗରୁ ସାଇକେଲ୍‌ରେ ବିଶ୍ୱ ଭ୍ରମଣରେ ବାହାରିଛନ୍ତି ପ୍ରସନ୍ନଜିତ୍ ଦାସ ଓରଫ ଜୋଜୋ ଦାଦା। ସବୁଜ ପରିବେଶ ଓ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସାଇକେଲ ଚାଳନାକୁ ପ୍ରୋତ୍ସାହିତ କରିବା ଏହି ଯାତ୍ରାର ଲକ୍ଷ୍ୟ ରହିଥିବାବେଳେ ଏଥିପାଇଁ ଚାରା ରୋପଣ ଓ ରକ୍ତଦାନ ଲାଗି ସଚେତନତା ସୃଷ୍ଟି କରୁଛନ୍ତି ପ୍ରସନ୍ନଜିତ୍। ଇତିମଧ୍ୟରେ ସେ ୨୦ ରାଜ୍ୟ ଓ ୬ କେନ୍ଦ୍ର ଶାସିତ ଅଞ୍ଚଳ ବୁଲି ସାରିଲେଣି। ଓଡ଼ିଶାରେ ପହଞ୍ଚିବା ପରେ ଗୁରୁବାର ପ୍ରସନ୍ନଜିତ୍ 'ଧରିତ୍ରୀ' ଏବଂ 'ଓଡ଼ିଶାପୋଷ୍ଟ'ର କାର୍ଯ୍ୟାଳୟକୁ ଆସି ନିଜ ଅନୁଭୂତି ଏବଂ ଲକ୍ଷ୍ୟ ସମ୍ପର୍କରେ କହିଥିଲେ। ଏହି ଅବସରରେ ପ୍ରସନ୍ନଜିତ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପଶ୍ଚିମବଙ୍ଗ ମୁର୍ଶିଦାବାଦର ଲାଲ୍‌ଗୋଲା ଅଞ୍ଚଳର ମା' ନିଳିମା ଦାସ ଏବଂ ବାପା ବିଶ୍ୱଜିତ୍ ଦାସଙ୍କ ପୁଅ ହେଉଛନ୍ତି ପ୍ରସନ୍ନଜିତ୍। ପିଲାବେଳୁ ତାଙ୍କର ସାଇକେଲ୍ ଚାଳନା ପ୍ରତି ଅହେତୁକ ରୁଚି ଥିଲା। ତେବେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରେ ଦିନେ ୨.୫ ଘଣ୍ଟା ମଧ୍ୟରେ ସେ ୪୦ କି.ମି. ବାଟ ସାଇକେଲ୍‌ରେ ଅତିକ୍ରମ କରିଥିଲେ। ଏହା ତାଙ୍କୁ ସାଇକେଲ୍ ଚାଳନା ପ୍ରତି ଅଧିକ ଆଗ୍ରହ ପ୍ରଦାନ କରିଥିଲା। ୨୬ବର୍ଷୀୟ ଏହି ଯୁବ ସାଇକେଲ୍ ଚାଳକ ୨୦୨୧ ଅଗଷ୍ଟ ୨୫ରେ ଲାଲ୍‌ଗୋଲାଠାରୁ ସାଇକେଲ୍ ଯାତ୍ରା ଆରମ୍ଭ କରିଥିଲେ। ମାତ୍ର ୨୨୮ଦିନ ମଧ୍ୟରେ ସେ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ହିମାଚଳପ୍ରଦେଶ, ବିହାର, ଉତ୍ତରପ୍ରଦେଶ, ଲଦାଖ, କଶ୍ମୀର, ପଞ୍ଜାବ, ଦିଲ୍ଲୀ, ରାଜସ୍ଥାନ, ଗୁଜରାଟ, ମହାରାଷ୍ଟ୍ର, ଗୋଆ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, କେରଳ, ତାମିଲନାଡୁ, ତେଲେଙ୍ଗାନା, ମଧ୍ୟପ୍ରଦେଶ ଏବଂ ଓଡ଼ିଶା ସମେତ ୨୦ଟି ରାଜ୍ୟ ଓ ୬ଟି କେନ୍ଦ୍ର ଶାସିତ ଅଞ୍ଚଳ ସାଇକେଲ୍‌ରେ ଅତିକ୍ରମ କରିସାରିଛନ୍ତି। ବିଭିନ୍ନ ଏନ୍‌ଜିଓ ସଙ୍ଗଠନ ସହାୟତାରେ ଏହି ଯାତ୍ରା ସଫଳତାର ସହ ଚାଲିଛି ଓ ଆସନ୍ତା ୧୭ବର୍ଷ ମଧ୍ୟରେ ସାଇକେଲ୍‌ରେ ୧୯୫ଟି ଦେଶ ବୁଲିବାର ଯୋଜନା ରହିଥିବା ସେ କହିଛନ୍ତି। ପ୍ରସନ୍ନଜିତ୍‌ଙ୍କ ଏହି ସାଇକେଲ୍ ଅଭିଯାନକୁ ସାଧାରଣରେ ପ୍ରଶଂସା କରାଯାଇଛି।

## ଓଡ଼ିଶାରେ ପହଞ୍ଚି ସଚେତନ ବାର୍ତ୍ତା ଦେଲେ

# ୭ ବିଭାଗଠାରୁ ଲୋଡ଼ିଲେ ସଂଶୋଧିତ ଆକାଂକ୍ଷୀ ରିପୋର୍ଟ

**ଭୁବନେଶ୍ୱର, ୧୦।୪ (ରବିନାରାୟଣ ଜେନା)**


## ରାଜ୍ୟ ଷଷ୍ଠ ଅର୍ଥ ଆୟୋଗଙ୍କ ବିଭାଗୀୟ ସମୀକ୍ଷା

### ଆଜି ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର ସମୀକ୍ଷା

ରାଜ୍ୟର ବିକାଶକୁ ଦୃଷ୍ଟିରେ ରଖି ଆସନ୍ତା ୨୦୨୬ରୁ ୨୦୩୧ ଆର୍ଥିକବର୍ଷ ପାଇଁ ବିଭିନ୍ନ ବିଭାଗ ପକ୍ଷରୁ କେନ୍ଦ୍ର ଅର୍ଥ ଆୟୋଗଙ୍କଠାରୁ କେତେ ଅର୍ଥ ଏବଂ କେଉଁ ବାବଦରେ ଆଶା କରାଯାଉଛି ସେନେଇ ରାଜ୍ୟ ଷଷ୍ଠ ଅର୍ଥ ଆୟୋଗଙ୍କ ପକ୍ଷରୁ ସମୀକ୍ଷା ବୈଠକ ଆରମ୍ଭ ହୋଇଛି। ରାଜ୍ୟ ଷଷ୍ଠ ଅର୍ଥ ଆୟୋଗ ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଡ. ଅରୁଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ରାଜ୍ୟରେ ମୁଖ୍ୟତଃ ପଞ୍ଚାୟତିରାଜ ବ୍ୟବସ୍ଥା ଓ ସହରାଞ୍ଚଳକୁ ସୁଦୃଢ଼ୀକରଣ କରାଯିବା ସହିତ କୃଷି, ସୂଚନା ପ୍ରଯୁକ୍ତି ଭଳି ବିଭାଗକୁ ଅଧିକ ସଶକ୍ତ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏହି କ୍ରମରେ ସରକାରଙ୍କ କୃଷି, ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ, ନଗର ଉନ୍ନୟନ, ଜଙ୍ଗଲ ଓ ପରିବେଶ, ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇସାରିଛି। ଆସନ୍ତା ଶୁକ୍ରବାର ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହେବାକୁ ରହିଛି। ଏସଂକ୍ରାନ୍ତରେ ଡ. ଅରୁଣ କହିଛନ୍ତି, ରାଜ୍ୟର ବିକାଶକୁ ଦୃଷ୍ଟିରେ ରଖି କେଉଁ ବିଭାଗ କେତେ ଟଙ୍କାର ପ୍ରସ୍ତାବ କେନ୍ଦ୍ର ଅର୍ଥ ଆୟୋଗଙ୍କୁ ଦେବାକୁ ଆଶା ରଖିଛନ୍ତି ତାହାର ଚିହ୍ନିକିଖି ସମୀକ୍ଷା କରାଯାଉଛି। ସ୍ଥଳ ବିଶେଷରେ ପ୍ରସ୍ତାବଗୁଡ଼ିକୁ ସଂଶୋଧନ କରି ମାସକ ମଧ୍ୟରେ ଦେବାକୁ ବିଭାଗଗୁଡ଼ିକୁ କୁହାଯାଇଛି। ଆସନ୍ତା ମାସକ ମଧ୍ୟରେ ବିଭାଗଗୁଡ଼ିକର ସଂଶୋଧନ ପ୍ରସ୍ତାବ ଆସିବା ପରେ କେନ୍ଦ୍ର ଅର୍ଥ ଆୟୋଗଙ୍କ ନିକଟକୁ ମଞ୍ଜୁର ପାଇଁ ସୁପାରିସ କରାଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, କେନ୍ଦ୍ର ଷୋଡ଼ଶ ଅର୍ଥ ଆୟୋଗ ଅଧ୍ୟକ୍ଷ ଅରବିନ୍ଦ ପାନଗାରିୟାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଫେବୃଆରୀ ୪ରେ ଓଡ଼ିଶା ଗସ୍ତରେ ଆସିଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆସନ୍ତା ୫ବର୍ଷ ପାଇଁ କେନ୍ଦ୍ର ଅର୍ଥ ଆୟୋଗଙ୍କଠାରୁ ପ୍ରାୟ ୧୨.୫୬ଲକ୍ଷ କୋଟି ଟଙ୍କା ପାଇବା ପାଇଁ ଓଡ଼ିଶା ଆଶା ବାନ୍ଧିଛି। ସେଥିମଧ୍ୟରେ ରାଜସ୍ୱ ନିଅଣ୍ଟ ଭରଣା ପାଇଁ ୯ଲକ୍ଷ ୮୮ହଜାର ୪୨୨ କୋଟି ଟଙ୍କା ରହିଥିବାବେଳେ ରାଜ୍ୟର ନିର୍ଦ୍ଦିଷ୍ଟ ଆବଶ୍ୟକତା ପୂରଣ ପାଇଁ ୧ଲକ୍ଷ ୧୦ହଜାର ୪୩୪ କୋଟି ଟଙ୍କା, ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଲୋକାଲ ବଡିମାନଙ୍କ ପାଇଁ ଅନୁଦାନ ବାବଦରେ ୧ଲକ୍ଷ ୩୬ କୋଟି ଟଙ୍କା, ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି ପାଇଁ ୩୧,୦୦୪ କୋଟି ଟଙ୍କା ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଇଁ ୨୯ହଜାର ୨୫୨ କୋଟି ଟଙ୍କା ଦାବି ରଖାଯାଇଛି ।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ସୂଚନା ଅନୁଯାୟୀ, ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର ଅର୍ଥ ଆୟୋଗଙ୍କ ନିକଟରେ କେନ୍ଦ୍ର ସରକାରଙ୍କ ଟିକସ ଆୟର ୪୧%ରୁ ୫୦%କୁ ବୃଦ୍ଧି କରିବା ପାଇଁ ଦାବି କରାଯାଇଛି। ଏହାସହିତ କେନ୍ଦ୍ର ସରକାରଙ୍କ ଟିକସ ଆୟର ଯେଉଁ ଅଂଶ ରାଜ୍ୟଗୁଡ଼ିକୁ ବଣ୍ଟନ କରାଯାଏ, ତାହା ରାଜ୍ୟମାନଙ୍କ ମଧ୍ୟରେ ଏକ ନିର୍ଦ୍ଧାରିତ ସୂତ୍ର ଆଧାରରେ ବଣ୍ଟାଯାଏ, ଯେଉଁଥିରୁ ଓଡ଼ିଶା ୪.୫୨୮% ଭାଗ ପାଇଥାଏ। ଓଡ଼ିଶାର ଭାଗକୁ ୪.୯୬୪ %କୁ ବୃଦ୍ଧି କରିବା ସହିତ କେନ୍ଦ୍ର ଦ୍ୱାରା ଆକଳନ କରାଯାଇଥିବା ମୋଟ୍ ରାଜସ୍ୱ ପ୍ରାପ୍ତିର ୨ ପ୍ରତିଶତ ଗ୍ରାମୀଣ ଏବଂ ସହରାଞ୍ଚଳ ସ୍ଥାନୀୟ ନିକାୟ ସଂସ୍ଥା ପାଇଁ ଅନୁଦାନ ଦେବା ପାଇଁ ପ୍ରସ୍ତାବ ଦିଆଯାଇଛି। ଏହାଦ୍ୱାରା ଓଡ଼ିଶା ଗ୍ରାମୀଣ ଓ ସହରୀ ସ୍ଥାନୀୟ ନିକାୟ ସଂସ୍ଥାମାନେ କେନ୍ଦ୍ର ସରକାରଠାରୁ ଅଧିକ ଆର୍ଥିକ ଅନୁଦାନ ପାଇପାରିବେ । ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି ପାଇଁ ଦିଆଯାଉଥିବା ବାର୍ଷିକ ଅନୁଦାନର ୭୫ପ୍ରତିଶତ କେନ୍ଦ୍ର ସରକାର ବହନ କରେ ଏବଂ ଅବଶିଷ୍ଟ ୨୫ପ୍ରତିଶତ ରାଜ୍ୟ ସରକାର ବହନ କରିଥାଏ। ଏହାକୁ କେନ୍ଦ୍ର ସରକାର ୧୦୦ପ୍ରତିଶତ ବହନ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଦାବି କରାଯାଇଥିଲା। ତେବେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ସମୀକ୍ଷା ପରେ ପ୍ରସ୍ତାବରେ କେତେ ସଂଶୋଧିତ ହେଉଛି ଏବଂ କେତେ ଅଧିକ ଅନୁଦାନ ଓଡ଼ିଶାକୁ ମିଳୁଛି ତାହା ଦେଖିବାର ରହିଛି।





# ସରକାର କ୍ରୀଡ଼ାକୁ ପ୍ରାଧାନ୍ୟ ଦେଉଛନ୍ତି: ମୁଖ୍ୟମନ୍ତ୍ରୀ

**କେନ୍ଦୁଝର, ୧୦।୪ (ନରେଶ ଚନ୍ଦ୍ର ପଟ୍ଟନାୟକ)**




ମଞ୍ଚରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ।


ରାଜ୍ୟ ସରକାର କ୍ରୀଡ଼ାକୁ ପ୍ରାଧାନ୍ୟ ଦେଉଛନ୍ତି। ଏ ନେଇ ପ୍ରତି ବ୍ଲକ୍‌ରେ ଖେଳପଡ଼ିଆ ଓ ପଞ୍ଚାୟତରେ ମିନି ଷ୍ଟାଡିୟମ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିସହ ଇନ୍‌ଡୋର ଷ୍ଟାଡିୟମ ମଧ୍ୟ କରାଯିବ। ହ୍ୟାଣ୍ଡବଲ ସମେତ ଅନ୍ୟାନ୍ୟ କ୍ରୀଡ଼ାର ଉନ୍ନତି ପାଇଁ ସରକାର ସମସ୍ତ ପ୍ରୟାସ ଓ ସହଯୋଗ କରୁଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଦିନିକିଆ କେନ୍ଦୁଝର ଗସ୍ତ ଅବସରରେ କେନ୍ଦୁଝର ହ୍ୟାଣ୍ଡବଲ ଷ୍ଟାଡିୟମରେ ଚାଲିଥିବା ୩୯ତମ ସବ୍ ଜୁନିୟର ବାଳକ ହ୍ୟାଣ୍ଡବଲ ଚାମ୍ପିୟନଶିପର ତୃତୀୟ ଦିବସରେ ଯୋଗଦେଇ ଏଭଳି ମତବ୍ୟକ୍ତ କରିଛନ୍ତି।

ମୁଖ୍ୟମନ୍ତ୍ରୀ ରିଜର୍ଭ ପୋଲିସ ଗ୍ରାଉଣ୍ଡରେ ପହଞ୍ଚିବା ପରେ ସେଠାରୁ ହ୍ୟାଣ୍ଡବଲ ଷ୍ଟାଡିୟମରେ ଚାଲିଥିବା ୩୯ତମ ସବ୍ ଜୁନିୟର ବାଳକ ହ୍ୟାଣ୍ଡବଲ ଚାମ୍ପିୟନଶିପରେ ଯୋଗଦେଇଥିଲେ। ତାଙ୍କ ସହ ତେଲକୋଇ ବିଧାୟକ ଡା. ଫକିର ମୋହନ ନାଏକ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇବା ସହ ଅଭିଭାଷଣରେ ହ୍ୟାଣ୍ଡବଲ ଖେଳ ପାଇଁ କେନ୍ଦୁଝର ପ୍ରସିଦ୍ଧ। ୧୯୮୦ରେ ପ୍ରଥମେ ଏଠାରେ ଜାତୀୟ ଜୁନିୟର ହ୍ୟାଣ୍ଡବଲ ପ୍ରତିଯୋଗିତା ହୋଇଥିଲା। ଦୀର୍ଘ ୪୫ ବର୍ଷ ପରେ ପୁଣି ଏଠାରେ ଜାତୀୟ ପ୍ରତିଯୋଗିତା ହେବାର ସୌଭାଗ୍ୟ ମିଳିଛି। ୨୪ଟି ରାଜ୍ୟର ୪୩୨ ଜଣ ଖେଳାଳି ଓ ୧୫୦ ଅଫିସିଆଲଙ୍କୁ ନେଇ ଅନୁଷ୍ଠିତ ପ୍ରତିଯୋଗିତା କେବଳ ଆମର ଯୁବ ଖେଳାଳିଙ୍କ ଅବିଶ୍ୱସନୀୟ ପ୍ରତିଭା ଏବଂ ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁନାହିଁ। ଆମ ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ଏବଂ ଶାରୀରିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ପାଇଁ ଆମର ସାମୂହିକ ପ୍ରତିବଦ୍ଧତାକୁ ମଧ୍ୟ ପ୍ରତିଫଳିତ କରୁଛି। କ୍ରୀଡାର ବିକାଶ ପାଇଁ ୫ ବର୍ଷ ମଧ୍ୟରେ ୪ ହଜାର ୧୨୪ କୋଟି ଟଙ୍କା ଖର୍ଚ୍ଚ କରାଯିବ। ୨୦୨୫-୨୬ରେ ବ୍ଲକ୍‌ସ୍ତରୀୟ ଷ୍ଟାଡ଼ିୟମର ବିକାଶ ପାଇଁ ୮୨୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ହ୍ୟାଣ୍ଡବଲ ଖେଳ ଆଜି ସମସ୍ତଙ୍କୁ ଏକାଠି କରିପାରିଛି। ଖେଳର ମୂଲ୍ୟବୋଧକୁ ବୁଝି ଆଗକୁ ବଢ଼ିବାକୁ ଆହ୍ୱାନ ଦେଇଥିଲେ। କେନ୍ଦୁଝରର ହ୍ୟାଣ୍ଡବଲ ପଡ଼ିଆ ଏସିଆ ମହାଦେଶର ପ୍ରଥମ ସିନ୍ଥେଟିକ ପଡ଼ିଆ। ଆମ ସରକାର ଖେଳ ସହ ରାଜ୍ୟର ବିକାଶ ପାଇଁ ଗୁରୁତ୍ୱ ଦେଉଛନ୍ତି। ହ୍ୟାଣ୍ଡବଲର ଉନ୍ନତି ସହ ଅନ୍ତର୍ଜାତୀୟ ସ୍ତରର ଖେଳାଳି ପ୍ରସ୍ତୁତ ପାଇଁ ଯାହା ଦରକାର ସରକାର ସହଯୋଗ କରିବେ ବୋଲି କହିଥିଲେ।

## ୩୯ତମ ସବ୍ ଜୁନିୟର ବାଳକ ହ୍ୟାଣ୍ଡବଲ ଚାମ୍ପିୟନଶିପ



“ମାନବୀୟ ପ୍ରଗତିର ପୂର୍ଣ୍ଣାଙ୍ଗ ପରିଣତି ପାଇଁ ମନୁଷ୍ୟ ପକ୍ଷରେ ୟୁରୋପୀୟ ସଭ୍ୟତାର ମାନସିକ, ପ୍ରାଣିକ ଓ ଶାରୀରିକ ଉତ୍କର୍ଷର ଗୁରୁତ୍ୱ ଏବଂ ଭାରତୀୟ ସଭ୍ୟତାର ଆଧାତ୍ମିକ ଓ ଚୈତ୍ତିକ ବିକାଶର ପ୍ରେରଣା– ଉଭୟବିଧ ପ୍ରବୃତ୍ତିର ସମ୍ୟକ ଆବଶ୍ୟକତା ରହିଅଛି। –ଶ୍ରୀଅରବିନ୍ଦ



# ଚାଇନାରେ ବିବାହ ସଙ୍କଟ



ୟି ଫୁକ୍ସିଆନ

ଗତବର୍ଷ ଚାଇନାରେ ନୂଆ ବିବାହ ସଂଖ୍ୟା ଏକ ପଞ୍ଚମାଂଶ ହ୍ରାସ ପାଇଥିଲା। ଫଳରେ ୨୦୨୪ରେ ଥିବା ଜନ୍ମସଂଖ୍ୟା ୯.୫୪ ମିଲିୟନ ତୁଳନାରେ ୨୦୨୫ରେ ୭.୩ରୁ ୭.୮ ମିଲିୟନକୁ ଖସି ଆସିବାର ସମ୍ଭାବନା ଦେଖାଯାଇଛି। ବିଶ୍ୱ ଜନସଂଖ୍ୟାରେ ଚାଇନାର ଅଂଶ ୧୭.୨ ପ୍ରତିଶତ। କିନ୍ତୁ ଏଭଳି ସ୍ଥିତି ଯୋଗୁ ନାଇଜେରିଆ ତୁଳନାରେ ଏହାର ଜନ୍ମହାର ୬ ପ୍ରତିଶତ କମ୍ ରହିବ ବୋଲି ଆକଳନ କରାଯାଇଛି। ତେବେ ଚାଇନାର ଫର୍ଟିଲିଟି ରେଟ୍ ବା ହାର (ପିଲାଜନ୍ମ କରିବା ବୟସ ମଧ୍ୟରେ ଜଣେ ମହିଳା ଜନ୍ମ ଦେଉଥିବା ହାରାହାରି ସନ୍ତାନ ସଂଖ୍ୟା) ୨୦୨୫ରେ ମହିଳା ପିଛା ୦.୯ ପ୍ରତିଶତ ହାସ ପାଇବ ବୋଲି ଅନୁମାନ କରାଯାଉଛି। ଏହି ଜନସାଂଖ୍ୟିକ ବାସ୍ତବତା ଅତ୍ୟନ୍ତ ଚିନ୍ତାଜନକ। ଏଥିପାଇଁ ଚଳିତ ମାସ ପ୍ରାରମ୍ଭରେ ଚାଇନିଜ ପ୍ରିମିୟର ଲି କ୍ୱିଆଙ୍ଗ ଘୋଷଣା କରିଥିଲେ, ଜନ୍ମ ହାର ବୃଦ୍ଧି କରିବା ପାଇଁ ସରକାର ନୂଆ ନୀତି ଲାଗୁ କରିବେ। କିନ୍ତୁ ବିବାହ ସଙ୍କଟ ଏହି ପଦକ୍ଷେପର ଗୁରୁତ୍ୱକୁ ସମ୍ପୂର୍ଣ୍ଣ କମାଇଦେବ। ୨୦୧୩ରେ ୧୩.୪୭ ମିଲିୟନ ଦମ୍ପତି ବିବାହ ବନ୍ଧନରେ ବାନ୍ଧିହୋଇଥିବା ବେଳେ ୨୦୨୪ରେ ହ୍ରାସ ପାଇ ଏହା ୬.୧୧ ମିଲିୟନରେ ପହଞ୍ଚିଛି। ସେହିଭଳି ଏହି ସମୟ ମଧ୍ୟରେ ସାମଗ୍ରିକ ବିବାହ ହାର (୧୦୦୦ ଲୋକରେ) ତାଇୱାନର ୫.୪ ଏବଂ ଆମେରିକାର ୬.୧(୨୦୨୩) ଥିଲାବେଳେ ଚାଇନାର ୯.୯ରୁ ୪.୩କୁ ଖସି ଆସିଥିଲା।

ବାସ୍ତବରେ କାହିଁକି ଏଭଳି ଘଟୁଛି? ଦୁର୍ଭାଗ୍ୟଜନକ ଯେ, ଏହା ଚାଇନାର ନେତୃତ୍ୱ ଯୋଗୁ ହେଉଛି। ଏହା ପଛରେ ଗୋଟିଏ ନୁହେଁ ଅନେକ କାରଣ ରହିଛି। ଉଲ୍ଲେଖନୀୟ କାରଣ ଗୁଡ଼ିକ ମଧ୍ୟରେ ରହିଛି ଚାଇନାର ଗର୍ଭଧାରଣ ଓ ସନ୍ତାନ ଜନ୍ମ କରିବା ବୟସର ମହିଳାଙ୍କ



ସଂଖ୍ୟା ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି। ଏହା ବାଦ୍ ଅନ୍ୟ କାରଣଗୁଡ଼ିକ ହେଉଛି ଜୀବନଶୈଳୀରେ ପରିବର୍ତ୍ତନ, ଦୀର୍ଘଦିନର ଏକ ସନ୍ତାନ ନୀତି (ଏବେ ରଦ୍ଦ କରାଯାଇଛି), ଲଗାତର ଅତ୍ୟଧିକ ସଂଖ୍ୟାରେ ପୁରୁଷ ବାହାରକୁ ଯିବା ଏବଂ ଅଧିକ ଯୁବ ବେରୋଜଗାର ହେବା।

ଚାଇନାର ୨୦୨୦ ଜନଗଣନା ଅନୁଯାୟୀ, ୨୦–୩୦ ବର୍ଷ ବୟସ ମଧ୍ୟରେ ମହିଳାମାନେ ୬୧ ପ୍ରତିଶତ ସନ୍ତାନଙ୍କୁ ଜନ୍ମ ଦେଇଛନ୍ତି। କିନ୍ତୁ ଏହି ବୟସ ବର୍ଗର ମହିଳାଙ୍କ ସଂଖ୍ୟା ୨୦୧୨ରେ ୧୧୧ ମିଲିୟନ ଥିବାବେଳେ ଏହା ହ୍ରାସ ପାଇ ୨୦୨୪ରେ ୭୩ ମିଲିୟନ ହୋଇଛି ଏବଂ ୨୦୫୦ରେ ଏହା ୩୭ ମିଲିୟନରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ଏପରି କି ଜନ୍ମ ହାର ଲଗାତର ଦ୍ରୁତ ଗତିରେ କମିବ। ଅନେକ ଦଶନ୍ଧି ଧରି ଚାଇନାରେ କନ୍ୟାଭ୍ରୂଣ ଠାବ କରି ଗର୍ଭପାତ କରାଯିବା ଯୋଗୁ ବିବାହ ପାଇଁ କନ୍ୟାଙ୍କ ଅଭାବ ଦେଖାଯାଇଛି ଏବଂ ବ୍ରାଇଡ ପ୍ରାଇସ ଯଥେଷ୍ଟ ବୃଦ୍ଧି ପାଇଛି, ଅର୍ଥାତ୍ ବର ପକ୍ଷ କନ୍ୟାକୁ ଅଧିକ ଅର୍ଥ ଦେବାକୁ ପଡୁଛି। ଚାଇନାରେ ଅନେକ ମହିଳା ଅବିବାହିତ ରହିଛନ୍ତି। କାରଣ ଗୋଟିଏ କନ୍ୟା ସନ୍ତାନ ଥିବା ଅନେକ ଅଭିଭାବକ ସେମାନଙ୍କ ବିବାହ ଅପେକ୍ଷା ଶିକ୍ଷା ଓ ଆର୍ଥିକ ସ୍ୱାଧୀନତା ଉପରେ ଗୁରୁତ୍ୱ ଦେଉଛନ୍ତି। ତୁଳନାତ୍ମକ ଭାବେ ଦେଖିବାକୁ ଗଲେ ୨୦୦୦ରେ ଚାଇନାରେ ୨୫–୨୯ ବର୍ଷ ବୟସ ମଧ୍ୟରେ ଅବିବାହିତ ମହିଳାଙ୍କ ସଂଖ୍ୟା ୯ ପ୍ରତିଶତ ବୃଦ୍ଧି ଘଟିଥିଲାବେଳେ ୨୦୨୦ରେ ଏହା ୩୩ ପ୍ରତିଶତ ଏବଂ ୨୦୨୩ରେ ୪୩ ପ୍ରତିଶତ ବଢ଼ିଛି ଏବଂ ଏହି ଧାରା ଆଗକୁ ଜାରି ରହିବ ବୋଲି କୁହାଯାଉଛି।

୧୯୮୦ରେ ଚାଇନା ଲାଗୁ କରିଥିବା ଏକ ସନ୍ତାନ ନୀତି ବିବାହରେ ବାଧା ଦେବା ସହ ଛାଡ଼ପତ୍ର ବା ବିବାହ ବିଚ୍ଛେଦର ପଥ ସୁଗମ କରିଛି, ଯାହା ବିବାହ ସଙ୍କଟକୁ ଗମ୍ଭୀର କରିଦେଇଛି। ୧୯୮୦ରେ ୧୦୦୦ ଲୋକରେ ଛାଡ଼ପତ୍ର ହାର ୦.୩ ପ୍ରତିଶତ ଥିଲାବେଳେ ୨୦୧୯ରେ ଏହା ୩.୪କୁ ବୃଦ୍ଧି ପାଇଥିଲା। ବ୍ରିଟେନ ଓ ଫ୍ରାନ୍ସକୁ ଅନୁସରଣ କରି ଛାଡ଼ପତ୍ର ପାଇଁ ୩୦ ଦିନର କୁଲିଂ ଅଫ୍ ପିରିୟଡ ଲାଗି ୨୦୨୧ରେ ଚାଇନା ନୂଆ ନାଗରିକ ସଂହିତା ଲାଗୁ କରିଥିଲା ଏବଂ ଏହା ୧୦୦୦ ଜଣରେ ଛାଡ଼ପତ୍ର ହାର ଦୁଇ ପ୍ରତିଶତକୁ ହ୍ରାସ ପାଇଥିଲା। କିନ୍ତୁ ୨୦୨୩ରେ ଏହା ପୁନର୍ବାର ୨.୬ ପ୍ରତିଶତ ବୃଦ୍ଧି ଘଟିଥିଲା। ଚାଇନାର ୩୦ ବର୍ଷ ବୟସ ମଧ୍ୟରେ ଜଣେ ମହିଳାଙ୍କର ୧୦ ପ୍ରତିଶତ ଗର୍ଭପାତ ଆଶଙ୍କା ରହିଥିବାବେଳେ ୩୫ ବୟସରେ ଏହା ୨୦%, ୪୦ବର୍ଷରେ ୩୩–୪୦% ଏବଂ ୪୫ ବର୍ଷରେ ଏହା ୫୭–୮୦%। ଏଣୁ ମା'ର ବୟସ ବୃଦ୍ଧି ଅନୁଯାୟୀ ଗର୍ଭଧାରଣରେ ଜନ୍ମଗତ ବିକୃତ ସନ୍ତାନଙ୍କ ସଂଖ୍ୟା ବୃଦ୍ଧିର ସମ୍ଭାବନା ରହିଛି। ୨୦ ବର୍ଷ ବୟସରେ ୨୦୦୦ ଜଣରେ ଜଣେ ଏଭଳି ସନ୍ତାନ ଗର୍ଭରେ ରହିବାର ଆଶଙ୍କା ରହୁଥିବାବେଳେ ଏହା ବୃଦ୍ଧି ପାଇ ୩୫ ବର୍ଷରେ ୩୫୦ ହେବା ଏବଂ ୪୫ ବର୍ଷ ବୟସରେ ୩୦ ଜଣରେ ଜଣେ ଏଭଳି ସନ୍ତାନର ସମ୍ଭାବନା ରହିଛି।

୨୦୨୧ରେ ଆମେରିକା ଓ ମେକ୍ସିକୋରେ ପ୍ରଥମ ସନ୍ତାନ ଜନ୍ମ ଦେବାର ହାରାହାରି ବୟସ ଥିଲା ୨୭ ଏବଂ ଭାରତରେ ଏହା ଥିଲା ୨୧। ତୁଳନାତ୍ମକ ଭାବେ ଚାଇନାର ପ୍ରଥମ ସନ୍ତାନ ଜନ୍ମ ଦେବାରେ ହାରାହାରି ବୟସ ୨୦୦୦ରେ ୨୫ ଥିଲା ଓ ଏହା ୨୦୨୦ରେ ୨୮କୁ ବୃଦ୍ଧି ପାଇଥିଲା ଏବଂ ଚଳିତବର୍ଷ ବଢ଼ିଥିବା ଅନୁମାନ କରାଯାଉଛି। ସବୁଠୁ ଖରାପ ହେଉଛି, ଚାଇନାରେ ସାମଗ୍ରିକ ଫର୍ଟିଲିଟି ହାର ୧୯୭୦ ଦଶନ୍ଧିରେ ୧.୨% ଥିଲା ଓ ୨୦୨୦ରେ ୧୮% ହୋଇଛି। ଅଧିକରୁ ଅଧିକ ମହିଳାଙ୍କର ବିବାହ ପରେ କିମ୍ବା ପ୍ରଥମ ସନ୍ତାନ ପରେ ଗର୍ଭଧାରଣ କ୍ଷମତା କମୁଛି।

ପାରମ୍ପରିକ ଭାବେ ଦାର୍ଶନିକ କନ୍‌ଫୁସିୟସଙ୍କ ବିଚାରଧାରାରେ ଅଧିକ ବିଶ୍ୱାସ ଥିବା ଅଞ୍ଚଳରେ ଫର୍ଟିଲିଟି ହାର ବିଶ୍ୱରେ ସବୁଠୁ କମ୍। କାରଣ ସେମାନେ ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ଦେଉଥିବାବେଳେ ବିବାହ ଓ ସନ୍ତାନ ଜନ୍ମକୁ କମ୍ ଗୁରୁତ୍ୱ ଦେଇଥାନ୍ତି। ଏହିସବୁ ଅଞ୍ଚଳରେ ସାମଗ୍ରିକ ଭାବେ ସବୁଠୁ ବେଶି ଅବିବାହିତ ଲୋକ ଅଛନ୍ତି। ଇତିହାସର ତଥ୍ୟରୁ ଜଣାପଡ଼େ, ମା'ମାନଙ୍କର ପ୍ରଥମ ସନ୍ତାନ ଜନ୍ମ କରିବାର ହାରାହାରି ବୟସ ୨୮ରୁ ଅଧିକ ହୋଇଥିଲେ ସେ କ୍ଷେତ୍ରରେ ଫର୍ଟିଲିଟି ହାର ୧.୫% ବୃଦ୍ଧି କରିବା ଅସମ୍ଭବ। ଅନ୍ତର୍ଜାତୀୟ ସ୍ତରରେ ଆଇନତଃ ସର୍ବନିମ୍ନ ବିବାହ ବୟସ ୧୬ ରୁ ୧୮ ବର୍ଷ ମଧ୍ୟରେ ରହିଛି। କିନ୍ତୁ ଚାଇନା ୧୯୮୦ରେ ଏହାକୁ ପୁରୁଷଙ୍କ ପାଇଁ ୨୨ ଓ ମହିଳାଙ୍କ ପାଇଁ ୨୦ ବର୍ଷକୁ ବୃଦ୍ଧି କରିଥିଲା। ସେମାନେ ଏହି ବୟସ ସହ ଏମିତି ଅଭ୍ୟସ୍ତ ହୋଇଯାଇଛନ୍ତି ଯେ, ବିବାହ ବୟସ ଏବେ ୧୮କୁ ହ୍ରାସ କଲେ ଫର୍ଟିଲିଟି ହାର ବୃଦ୍ଧିକରିବା କଷ୍ଟକର।

ବିବାହ ଓ ଗର୍ଭଧାରଣରେ ବିଳମ୍ବ ସହ ଅବିବାହିତ ଲୋକଙ୍କ ସଂଖ୍ୟାରେ ବୃଦ୍ଧି ମୁଖ୍ୟତଃ ପ୍ରଜ୍ଞାଗତ ଲାଭ ଓ ନୂଆ ଗୁଣବତ୍ତା ଉତ୍ପାଦକତା ଶକ୍ତି ଅନୁସନ୍ଧାନରେ ଗ୍ରହଣ କରାଯାଉଥିବା ସରକାରୀ ନୀତି ଯୋଗୁ ହେଉଛି। ଚାଇନା ସରକାର ଏହାର ଆର୍ଥିକ ମହତ୍ତ୍ୱାକାଂକ୍ଷା ଏବଂ ଜନସାଂଖ୍ୟିକ ବାସ୍ତବତା ମଧ୍ୟରେ ଥିବା ବିରୋଧାଭାସକୁ ଦୂର କରିପାରିବ ତ? ଏହାର ଅତୀତର ରେକର୍ଡକୁ ଦେଖିଲେ କେହି ବି ଏହା ଉପରେ ଗ୍ୟାରେଣ୍ଟି ଦେବା କଷ୍ଟକର।

**ବରିଷ୍ଠ ବୈଜ୍ଞାନିକ, ୱିସ୍କନସିନ ମାଡିସନ ବିଶ୍ୱବିଦ୍ୟାଳୟ**

# ଆୟୁଷ୍ମାନ୍ ସ୍ୱପ୍ନ ଏବେ ସାକାର

## ସାଢ଼େ ୩ କୋଟି ଓଡ଼ିଶାବାସୀଙ୍କୁ ମାଗଣା ସ୍ୱାସ୍ଥ୍ୟସେବା



ମୋହନ ଚରଣ ମାଝୀ

କଥା ଦେଇଥିଲୁ। କଥା ରଖିଲୁ। ସାରା ରାଜ୍ୟବାସୀ ଆଜି ଖୁସି। ବିଶେଷ ଭାବରେ କାମଧନ୍ଦା ଅନ୍ୱେଷଣରେ ପେଟପାଟଣା ପାଇଁ ବିଭିନ୍ନ ରାଜ୍ୟରେ ପ୍ରବାସୀ ଶ୍ରମିକ ଭାବେ କାମ କରୁଥିବା ଲକ୍ଷ ଲକ୍ଷ ଭାଇଭଉଣୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ମୁହଁରେ ହସ ଓ ହୃଦୟରେ ଆନନ୍ଦ ଭରିଯାଇଛି।

ଆଜିଠାରୁ ଓଡ଼ିଶାରେ ଆୟୁଷ୍ମାନ୍ ଭାରତର ଲାଗୁ। ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା। ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା। ଆୟୁଷ୍ମାନ୍ ବୟୋବନ୍ଦନା ଯୋଜନାର ସୁଫଳ ଆଜିଠାରୁ ମୋର ପ୍ରିୟ ଓଡ଼ିଆ ଭାଇଭଉଣୀମାନଙ୍କୁ ଉପଲବ୍ଧ ହେବା କାରଣରୁ ମୁଁ ବି ବିଶେଷ ଆନନ୍ଦିତ। ଭାରତର ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜଗତ ପ୍ରକାଶ ନଡ୍ଡାଙ୍କ କରକମଳରେ କଟକର ଐତିହାସିକ ବାଲିଯାତ୍ରା ପଡ଼ିଆରେ ଏହାର ଲୋକାର୍ପଣ ହେବ।

ରାଜ୍ୟରେ ୧.୦୩ କୋଟିରୁ ଉର୍ଦ୍ଧ୍ୱ ପରିବାରର ୩.୪୬ କୋଟି ଲୋକଙ୍କ ପାଇଁ ଏହି ଯୋଜନା ସମର୍ପିତ। ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ମିଳିବ ଯୋଜନାର କାର୍ଡ। ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଓ ମହିଳା ପାଇଁ ପରିବାର ପିଛା ବାର୍ଷିକ ଅତିରିକ୍ତ ୫ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ମିଳିବ।

ଆୟୁଷ୍ମାନ୍ ବୟୋବନ୍ଦନା ଯୋଜନାରେ ୭୦ ବର୍ଷ କିମ୍ବା ୭୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ମିଳିବ ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ବରିଷ୍ଠ ମହିଳାଙ୍କ ପାଇଁ ପରିବାର ପିଛା ବାର୍ଷିକ ଅତିରିକ୍ତ ୫ ଲକ୍ଷ ଟଙ୍କାର ସହାୟତା।

ଦେଶର ସବୁ ରାଜ୍ୟର ୨୯ ହଜାରରୁ ଉର୍ଦ୍ଧ୍ୱ ସରକାରୀ ଓ ପଞ୍ଜୀକୃତ ଘରୋଇ ଚିକିତ୍ସାଳୟରେ ଏହି କାର୍ଡ ଦେଖାଇଲେ ମିଳିବ ମାଗଣା ସ୍ୱାସ୍ଥ୍ୟସେବା।

ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ। ଓଡ଼ିଶାର ଜନସାଧାରଣଙ୍କୁ ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଡବଲ ଇଞ୍ଜିନ ସରକାରର ଉପହାର। ଏହି ଅବସରରେ ଓଡ଼ିଶାର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଉଛି।

ପୂର୍ବରୁ ରାଜନୈତିକ ଅଭିସନ୍ଧି ରଖି ବିଜେଡି ସରକାର ଏହି ଆୟୁଷ୍ମାନ ଯୋଜନାକୁ ରାଜ୍ୟରେ ଲାଗୁ କରୁ ନ ଥିଲେ। କିନ୍ତୁ ବିଜେପି ସରକାର ଗଠନ ହେବା ପରେ ଆମେ ଆମର ସଂକଳ୍ପପତ୍ରରେ କହିଥିବା ଗୋଟି ଗୋଟି କଥାକୁ ପୂରଣ କରିବାକୁ ବଦ୍ଧପରିକର। ପ୍ରତିଶ୍ରୁତିର ସଠିକ୍ କ୍ରିୟାନ୍ୱୟନ ହିଁ ଡବଲ ଇଞ୍ଜିନ ସରକାରର ପ୍ରତିବଦ୍ଧତା।

ଜଣେ ରାଜନୈତିକ କର୍ମୀଭାବରେ ଓଡ଼ିଶାରେ ମୋଦିଙ୍କ ଆୟୁଷ୍ମାନ୍ ଭାରତ ଲାଗୁକରିବା ପାଇଁ ଅନେକ ସମୟରେ ସହକର୍ମୀମାନଙ୍କ ସହ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିଥିଲୁ। ଗତ ବିଜେଡି ସରକାରରେ ଆୟୁଷ୍ମାନ୍ ଭାରତ ଲାଗୁ ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କୁ ଅନେକ ଥର ଅନୁରୋଧ ଓ ଦାବି କରିଥିଲୁ।

ମୋର ସ୍ପଷ୍ଟ ମନେଅଛି ଆଜି ସ୍ୱାସ୍ଥ୍ୟମନ୍ତ୍ରୀ ଭାବେ ଏହି ଯୋଜନାର ଯିଏ ଉଦ୍‌ଘାଟକ ସେ ପୂର୍ବରୁ ଦେଶର ସ୍ୱାସ୍ଥ୍ୟମନ୍ତ୍ରୀ ଭାବରେ ଏବଂ ବିଜେପିର ରାଷ୍ଟ୍ରୀୟ ସଭାପତି ଭାବରେ ଏହି ଯୋଜନାକୁ ଓଡ଼ିଶାରେ ଲାଗୁକରିବା ପାଇଁ ବାରମ୍ବାର ଅନୁରୋଧ ଓ ଦାବି କରିଥିଲେ। ତାଙ୍କରି କରକମଳରେ ଆଜି ଓଡ଼ିଶାରେ ଏହି ଯୁଗାନ୍ତକାରୀ ଯୋଜନାର ଶୁଭାରମ୍ଭ ହେବା ଅବସରରେ ଆମେ ସମସ୍ତେ ଆନନ୍ଦିତ।

ନଡ୍ଡା ଜୀଙ୍କ ସହ ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ ଶାହା ବାରମ୍ବାର ଓଡ଼ିଶାରେ ଆୟୁଷ୍ମାନ୍ ଭାରତ ଲାଗୁ କରିବା ପାଇଁ ତତ୍କାଳୀନ ରାଜ୍ୟ ସରକାରଙ୍କୁ ବାରମ୍ବାର ଅନୁରୋଧ କରିଥିଲେ। ରାଜନୈତିକ କାର୍ଯ୍ୟକର୍ତ୍ତା ଭାବରେ ଆମର ପ୍ରାଥମିକତା ଗରିବ ଲୋକଙ୍କୁ ସୁବିଧା ମିଳୁ। ମୋଦିଙ୍କ ଏପରି ଜନକଲ୍ୟାଣକାରୀ ଯୋଜନା କ୍ରିୟାନ୍ୱୟନ ନ କରାଇ ଦେବା ପଛରେ ତତ୍କାଳୀନ ସରକାରର ଗୋଟିଏ ହୀନ ପ୍ରୟାସ ଥିଲା। ଗରିବ ଓଡ଼ିଆ ଲୋକଙ୍କୁ ପଛେ ଲାଭ ନ ମିଳୁ କିନ୍ତୁ ଶ୍ରେୟ ନରେନ୍ଦ୍ର ମୋଦି ନ ନିଅନ୍ତୁ। ଓଡ଼ିଆ ଲୋକ ସେମାନଙ୍କର ଅସଲ ଉଦ୍ଦେଶ୍ୟ ବୁଝିଲେ। ଲୋକଙ୍କ ଦୁଃଖ ନ ବୁଝୁଥିବା, ରାଜନୈତିକ ସ୍ୱାର୍ଥ ପାଇଁ ରାଜ୍ୟର ଗରିବଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଉଥିବା ସରକାରକୁ ପରିବର୍ତ୍ତନ କରି ରଖିଦେଲେ।

ସଂଘୀୟ ବ୍ୟବସ୍ଥାରେ ସମାଜର ଅନ୍ତିମ ଶ୍ରେଣୀରେ ଥିବା ଲୋକମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦାୟିତ୍ୱ। ସମସ୍ତଙ୍କୁ ବିନା ଆର୍ଥିକ ଅସୁବିଧାରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଇବା ଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଭାରତ ସରକାର ୨୩ ସେପ୍ଟେମ୍ବର ୨୦୧୮ ତାରିଖରେ ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏବି–ପିଏମ୍‌ଜେଏୱାଇ) ଆରମ୍ଭ କରିଥିଲେ। ଏହି ଯୋଜନାର ଲକ୍ଷ୍ୟ ଥିଲା ଗୋଟିଏ ଏବଂ ତାହା ହେଉଛି ଗରିବଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା।

ଜାତୀୟ ସ୍ୱାସ୍ଥ୍ୟ ପ୍ରାଧିକରଣ (ଏନ୍‌ଏଚ୍‌ଏ) ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଏହି ପ୍ରମୁଖ ଯୋଜନା ଦ୍ୱାରା ୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଚିକିତ୍ସା ଖର୍ଚ୍ଚ ସହାୟତା ପ୍ରତି ପରିବାରକୁ ଯୋଗାଇଦେବା ଥିଲା ମହତ୍ତ୍ୱାକାଂକ୍ଷୀ ଉଦ୍ଦେଶ୍ୟ।

ଆୟୁଷ୍ମାନ୍ ଭାରତ ହେଉଛି ବିଶ୍ୱର ସର୍ବବୃହତ୍ ସାର୍ବଜନୀନ ଅନୁଦାନପ୍ରାପ୍ତ ସ୍ୱାସ୍ଥ୍ୟ ବୀମା ଯୋଜନା ଯାହା ୧୨.୩୪ କୋଟି ପରିବାରର ୫୫ କୋଟି ଲୋକଙ୍କୁ ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ପ୍ରଦାନ କରୁଛି।

ନିକଟରେ ୨୦୨୪ ସେପ୍ଟେମ୍ବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଅଧୀନରେ ୭୦ ବର୍ଷରୁ ଅଧିକ ବୟସର ସମସ୍ତ ବରିଷ୍ଠ ନାଗରିକଙ୍କୁ ସ୍ୱାସ୍ଥ୍ୟ ବୀମା ପ୍ରଦାନକୁ ସ୍ୱୀକୃତି ମିଳିଛି, ଯାହା ଏକ ଐତିହାସିକ ନିଷ୍ପତ୍ତି।

ପୂର୍ବ ବିଜେଡି ସରକାର ମୋଦି ସରକାରଙ୍କ ଆୟୁଷ୍ମାନ୍ ଯୋଜନା କାର୍ଯ୍ୟକାରୀ ନ କରି ଗରିବଙ୍କୁ ପ୍ରତାରଣା କରୁଥିଲେ ଏବଂ ନିଜର ପ୍ରଚାର ପାଇଁ ଶସ୍ତା ରାଜନୀତି କରିବାକୁ ମଧ୍ୟ ପଛାଉ ନ ଥିଲେ, ଯାହା ବିଡ଼ମ୍ବନାର ବିଷୟ ଥିଲା। ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ଭୟରେ ରାଜ୍ୟ ସରକାର ଓ ଗରିବ ପରିବାରକୁ ଆୟୁଷ୍ମାନ୍ ଭାରତ ଯୋଜନାରୁ ବଞ୍ଚିତ ରଖିଥିଲେ।

ତେବେ ଓଡ଼ିଶା ପାଇଁ ଆୟୁଷ୍ମାନ୍ ଭାରତ ଯୋଜନା ନିହାତି ଆବଶ୍ୟକ ଥିଲା। ଓଡ଼ିଶାର ଲକ୍ଷ ଲକ୍ଷ ଲୋକ ତାମିଲନାଡୁ, ଗୁଜରାଟ, ମହାରାଷ୍ଟ୍ର ଓ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଆନ୍ତି। ଭାରତର ଏମିତି ରାଜ୍ୟ ନାହିଁ ଯେଉଁଠି ଓଡ଼ିଆ ଭାଇ ଭଉଣୀମାନେ ଶ୍ରମଦାନ କରି ଓଡ଼ିଶାକୁ ସେ ରାଜ୍ୟଗୁଡ଼ିକର ବିକାଶରେ ଭାଗୀଦାରି କରିନାହାନ୍ତି। ବାହାର ରାଜ୍ୟରେ କାମ କରୁଥିବା ଏହି ଓଡ଼ିଆ ଭାଇଭଉଣୀମାନେ ସେମାନଙ୍କର କଷ୍ଟ ଅର୍ଜିତ ଅର୍ଥକୁ ନିଜ ପରିବାରକୁ ପଠାଇବା ପରିବର୍ତ୍ତେ ନିଜର ସ୍ୱାସ୍ଥ୍ୟ ସମସ୍ୟା ବେଳେ ସେ ଅର୍ଥକୁ ଡାକ୍ତରଖାନାକୁ ଦେବାକୁ ବାଧ ହେଉଥିଲେ। ଏବେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା କାର୍ଡ ଦେଖାଇ ସେଠାରେ ମାଗଣାରେ ଉଚ୍ଚମାନର ସ୍ୱାସ୍ଥ୍ୟସେବା ପାଇପାରିବେ।

ପୂର୍ବ ସରକାରଙ୍କ ନିଜସ୍ୱ ଯୋଜନା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ କେବଳ ଓଡ଼ିଶା ଏବଂ ଓଡ଼ିଶା ବାହାରେ ଲୋକମାନେ ସୀମିତ ଡାକ୍ତରଖାନାରେ ସୁବିଧା ପାଉଥିଲେ। ଏବେ ଆୟୁଷ୍ମାନ୍ ଭାରତ ଯୋଜନା ସହ ରାଜ୍ୟ ସରକାରଙ୍କ ନିଜସ୍ୱ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ରାଜ୍ୟର ଲୋକ ଏବଂ ରାଜ୍ୟର ପ୍ରବାସୀ ଲୋକମାନେ ବିଶେଷ ଉପକୃତ ହେବେ।

ଏହି ଯୋଜନା ଅଧୀନରେ ହସ୍ପିଟାଲରେ ଭର୍ତ୍ତିହେବାର ୩ ଦିନ ପୂର୍ବରୁ ଏବଂ ୧୫ ଦିନ ପର୍ଯ୍ୟନ୍ତ ଉପଚାର ଓ ଔଷଧ ମାଗଣା ଉପଲବ୍ଧ ହୋଇଥାଏ।

ଡାକ୍ତରୀ ପରୀକ୍ଷା, ଚିକିତ୍ସା ଏବଂ ପରାମର୍ଶ, ସମସ୍ତ ପ୍ରକାର ସେବାଯତ୍ନ, କ୍ଲିନିକାଲ ଏବଂ ଲାବରେଟୋରି ଇନ୍‌ଭେଷ୍ଟିଗେଶନ, ରହିବା ଏବଂ ଖାଦ୍ୟ ସେବା ଓ ମେଡିସିନ ଏବଂ ଚିକିତ୍ସା ଉପଯୋଗୀ ସାମଗ୍ରୀ ସୁବିଧା ମିଳିବ।

ଓଡ଼ିଶା ସମେତ ଦେଶର ୩ଟି ରାଜ୍ୟରେ ମୋଦିଙ୍କ ଏହି ମହତ୍ତ୍ୱାକାଂକ୍ଷୀ ଯୋଜନା ଲାଗୁ ହୋଇପାରି ନ ଥିଲା। ଇତିମଧ୍ୟରେ ଲାଗୁ ହୋଇ ନ ଥିବା ଆମ ରାଜ୍ୟ ଓଡ଼ିଶାରେ ଏହି ଯୋଜନା ଆଜିଠାରୁ ଲାଗୁହେଲା। ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀରେ ଉକ୍ତ ଯୋଜନା ଲାଗୁ ପାଇଁ ସବୁ ଯୋଜନା ପ୍ରସ୍ତୁତ। ବାକି ରହିଲା ଆମର ପଡ଼ୋଶୀ ପଶ୍ଚିମବଙ୍ଗ। ମୁଁ ନିଶ୍ଚିତ ଆମ ପଡ଼ୋଶୀ ରାଜ୍ୟରେ ଖୁବ୍‌ଶୀଘ୍ର ସେ ରାଜ୍ୟର ଲୋକଙ୍କ ମୋଦିଙ୍କ ପ୍ରତି ଆଶୀର୍ବାଦ, ସାହାଯ୍ୟ ଓ ସମର୍ଥନ ସେ ରାଜ୍ୟରେ ବି ଆୟୁଷ୍ମାନ୍ ଭାରତ ଲାଗୁ ପାଇଁ ରାସ୍ତା ଖୋଲିବ।

**ମୁଖ୍ୟମନ୍ତ୍ରୀ, ଓଡ଼ିଶା**

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୧୧ ଏପ୍ରିଲ ୧୯୭୬

- ରାଜ୍ୟର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟ କରୁଥିବା ଖଣି କର୍ମଚାରୀମାନଙ୍କୁ ବାସଗୃହ ଯୋଗାଇଦେବା ପାଇଁ ଖଣି କର୍ପୋରେସନ ପକ୍ଷରୁ ସ୍ଥିର କରାଯାଇଛି।
- ବିଶିଷ୍ଟ ରବୀନ୍ଦ୍ର ସଙ୍ଗୀତ ଗାୟିକା ରାଜେଶ୍ୱରୀ ଦତ୍ତଙ୍କ ୫୫ ବର୍ଷ ବୟସରେ ପରଲୋକ।
- କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶତକଡ଼ା ୧୫ ଭାଗ ସ୍ଥାନ ତଫସିଲଭୁକ୍ତ ଜାତି ଓ ଉପଜାତି ଛାତ୍ରୀଛାତ୍ରଙ୍କ ପାଇଁ ସଂରକ୍ଷିତ କରାଯିବା ନେଇ ନିଷ୍ପତ୍ତି।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 1 | | | | 9 | | |
| | | 9 | 6 | | | 2 | 7 | |
| | 7 | 5 | | | | | | |
| | | | | | | | | |
| | | | 7 | 2 | 5 | | | |
| | | | 8 | 9 | 1 | 6 | 2 | |
| | 2 | | | 3 | | | 4 | |
| 7 | | 8 | | | 4 | 1 | | |
| 1 | | | 5 | | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 5 | 7 | 4 | 1 | 2 | 8 | 3 | 6 |
| 6 | 8 | 3 | 5 | 9 | 7 | 4 | 2 | 1 |
| 2 | 4 | 1 | 3 | 8 | 6 | 7 | 5 | 9 |
| 7 | 6 | 4 | 9 | 3 | 5 | 1 | 8 | 2 |
| 1 | 3 | 5 | 6 | 2 | 8 | 9 | 4 | 7 |
| 8 | 2 | 9 | 1 | 7 | 4 | 3 | 6 | 5 |
| 5 | 7 | 8 | 2 | 4 | 9 | 6 | 1 | 3 |
| 3 | 9 | 6 | 8 | 5 | 1 | 2 | 7 | 4 |
| 4 | 1 | 2 | 7 | 6 | 3 | 5 | 9 | 8 |

ଗତକାଲିର ଉତ୍ତର

# ବଞ୍ଚିବାକୁ ଦିଅ



ବିପ୍ଳବ

ହାଇଦ୍ରାବାଦର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ନିକଟରେ ଏକ ଆଇଟି ପାର୍କ ନିର୍ମାଣ ପାଇଁ ୪ ଶହ ଏକର ଜଙ୍ଗଲକୁ ବୁଲ୍‌ଡୋଜର ଲଗେଇ ରାତାରାତି ସଫା କରିବାର ଅମାନବୀୟ ନିଷ୍ପତ୍ତି ଆଜି ସମସ୍ତ ପରିବେଶବିତ୍ ଏବଂ ପଶୁପକ୍ଷୀପ୍ରେମୀଙ୍କୁ ଗଭୀର ଆଘାତ ଦେଇଛି। ମୁଖ୍ୟତଃ ମୟୂର ଏବଂ ହରିଣଙ୍କର ଚରାଭୂମି ଥିବା ଏହି ଜଙ୍ଗଲ ସୁରକ୍ଷା ପାଇଁ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କର ପ୍ରାଣମୂର୍ଚ୍ଛା ଉଦ୍ୟମ, ସାମାଜିକ ଗଣମାଧ୍ୟମରେ ଜନ ଆନ୍ଦୋଳନ ଏବଂ ଶେଷରେ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ନିରୀହଙ୍କ ପ୍ରତି ଅତ୍ୟାଚାର ବିରୋଧରେ ମାନବତାର ବିଜୟ ବୋଲି ଧରିନେବାକୁ ହେବ।

ମଣିଷ ଆଗରେ ଏବେ ଦୁଇଟି ବଡ଼ ସମସ୍ୟା ମୁଣ୍ଡ ଟେକିଛି। ଗୋଟିଏ ହେଉଛି ତାପମାତ୍ରାର ଭୟଙ୍କର ବୃଦ୍ଧି ଏବଂ ଅନ୍ୟଟି ହେଉଛି ଭୂତଳ ଜଳର ହ୍ରାସ। ଏହା ବିଶ୍ୱର ମାନବସମାଜ ଏବଂ ଜୀବଜଗତକୁ ପ୍ରଭାବିତ କରୁଛି। ଏ ଦୁଇଟି ସମସ୍ୟାର କାରଣ ଆଉ ନିରାକରଣର ବାଟ ନ ଖୋଜିଲେ ଆମେ ଭବିଷ୍ୟତ ପିଢ଼ିଙ୍କ ପାଇଁ ମୃତ୍ୟୁର କବର ପ୍ରସ୍ତୁତ କରି ରଖୁଛେ ବୋଲି ଭାବିବାକୁ ହେବ।

ଓଡ଼ିଶା କଥା ଆଲୋଚନା ପରିସରକୁ ନିଆଯାଉ। କିଛି ବର୍ଷ ହେବ ଓଡ଼ିଶାର ପ୍ରତ୍ୟେକ ଜିଲାରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ପାନୀୟ ଜଳ ସଙ୍କଟକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ସରକାର ୫ ହଜାରରୁ ଉର୍ଦ୍ଧ୍ୱ ନଳକୂପ ଖନନ କରିଛନ୍ତି। ଏହା ସତ୍ତ୍ୱେ କେତେକ ଜିଲାରେ କେବଳ ଗ୍ରୀଷ୍ମ ଋତୁରେ ନୁହେଁ ବର୍ଷ ସାରା ବି ପାନୀୟ ଜଳ ସଙ୍କଟ ଲାଗିରହିଛି। ଏହାର ମୁଖ୍ୟ କାରଣ ସ୍ୱଳ୍ପ ଜଳ ବୃଷ୍ଟି ଏବଂ ଭୂତଳ ଜଳର ଭୟଙ୍କର ହ୍ରାସ।

ଓଡ଼ିଶା ସରକାରଙ୍କର ପ୍ରଦୂଷଣ ବିଭାଗ



ତରଫରୁ ଜାରି ହୋଇଥିବା ଏକ ରିପୋର୍ଟରୁ ଜଣାଯାଏ କି ୨୦୨୦ରୁ ୨୦୨୪ ଭିତରେ ଗଜପତିରେ ୩. ୮୯ ମିଟର, କେନ୍ଦୁଝରେ ୧. ୨୬ ମିଟର, ବୌଦ୍ଧ ୧. ୫୧ ମିଟର, କଟକ ୧. ୩୮ ମିଟର, ଖୋର୍ଦ୍ଧା ୧. ୪୦ ମିଟର ଏବଂ ରାୟଗଡ଼ା ଜିଲାରେ ୨. ୦୫ ମିଟର ଭୂତଳ ଜଳ ହ୍ରାସ ପାଇଛି। ସରକାର ଏ ଦିଗରେ ବିଭିନ୍ନ ଯୋଜନା ହାତକୁ ନେଇ ସଫଳ ହୋଇ ପାରି ନାହାନ୍ତି। ଏହାର ଅନେକ କାରଣ ରହିଛି। ସରକାରୀ ଭାବରେ ବୃକ୍ଷରୋପଣ ଏବଂ ଜଙ୍ଗଲ ବୃଦ୍ଧିର ମିଛ ରିପୋର୍ଟ, ଶିଳ୍ପାୟନ ଏବଂ ରାସ୍ତା ସମ୍ପ୍ରସାରଣ ପାଇଁ ବ୍ୟାପକ ବୃକ୍ଷ ଛେଦନ, ଶିଳ୍ପ ସଂସ୍ଥାଗୁଡ଼ିକରେ ଜଳର ବ୍ୟାପକ ବେଆଇନ ବ୍ୟବହାର, ଭୂପୃଷ୍ଠରେ ମାତ୍ରାଧିକ କଂକ୍ରିଟ ଜଙ୍ଗଲ ଏବଂ ଶେଷରେ ସଂଗୃହୀତ ଜଳର ବହୁଳ ବ୍ୟବହାର ଇତ୍ୟାଦି। ଅଧିକାଂଶ ନଦୀ ଏବେ ବାଲିଚର, ଶୁଷ୍କ ଆଉ ବେଗହୀନ। ଏପରିକି ମହାନଦୀ ଏବେ ଜଳହୀନ। ବୋରିଂ କରି ଯେଉଁ ସବୁ ପ୍ରକଳ୍ପ ଚାଲୁଛି ସେଗୁଡ଼ିକ ପାନୀୟ ଜଳ ପରିବର୍ତ୍ତେ କେତେକ ଅସାଧୁ ଲୋକ ତାକୁ ସଂଗ୍ରହ କରି ନିର୍ମାଣ କାର୍ଯ୍ୟରେ ବ୍ୟବହାର କରୁଛନ୍ତି ତ କେଉଁଠି ଟ୍ୟାପ ଖୋଲା ହୋଇ ଅନବରତ ପାଣି ଝରୁଛି। ସବୁଥିରେ ସରକାରଙ୍କୁ ଦୋଷ ଦେଇ ହେବନି। ଲୋକେ ସଚେତନ ହେବା ଦରକାର।

ତିରିଶ ବର୍ଷ ପଛକୁ ଫେରିଗଲେ ଦେଖିବା ପରିବେଶର ଉତ୍ତାପ ବୃଦ୍ଧି ଭୟଙ୍କର ନ ଥିଲା। ଖରାଦିନେ ଲୋକେ ବିଞ୍ଚଣାର ବ୍ୟବହାର କରୁଥିଲେ। ଏବେ ଘରେ ଘରେ ଫ୍ରିଜ, କୁଲର, ଏସି। କିନ୍ତୁ ତା'ର ପ୍ରତିକୂଳ ପ୍ରଭାବ ଶରୀର ଆଉ ପରିବେଶ ଉପରେ କ'ଣ ପଡୁଛି ତାକୁ ଆମେ ଅଣଦେଖା କରୁଛେ। ସଚେତନ ହେବା ପାଇଁ ବିଜ୍ଞାପନ ଦିଆହେଉଛି, ସଭା ସମିତିରେ ସଚେତନତାର ବାର୍ତ୍ତା ବଣ୍ଟା ଚାଲିଛି। ଲାଭ କ'ଣ? ତମେ ଯେତେବେଳେ ଅନ୍ୟକୁ ଧ୍ୱଂସ କରିବାର କାରଣ ହେବ ନିଜେ ଧ୍ୱଂସ ହୋଇଯିବ। ଅତଏବ ହେ ପ୍ରକୃତିର ଶ୍ରେଷ୍ଠ ଜୀବ ନିଜେ ସଚେତନ ହୁଅ, ନିଜେ ବଞ୍ଚ, ଅନ୍ୟକୁ ବଞ୍ଚିବାକୁ ଦେଇ ମାନବ ଧର୍ମ ସାର୍ଥକ କର।

**ମକୁନ୍ଦ ପୁର, ବାଙ୍କୀ**
**ମୋ : ୯୪୩୭୪୬୮୦୧୬**

## ଏଇ ଭାରତରେ

ମହାରାଷ୍ଟ୍ରର ଏଭଳି ଅନେକ ଆଦିବାସୀବହୁଳ ଗାଁଗୁଡ଼ିକରେ ସୌରଶକ୍ତି ଯୋଗାଇଦେବାର ବ୍ୟବସ୍ଥା କରିଛନ୍ତି କେମିକାଲ ଇଞ୍ଜିନିୟର ତନବୀର ଇନାମଦାର। କେବଳ ଏତିକି ନୁହେଁ, ସେ ପାହାଡ଼ ଉପରେ ଥିବା ଗାଁ ନିକଟରେ ଜଳପ୍ରପାତ ଥିଲେ ସେଥିରୁ ବିଦ୍ୟୁତ ଉତ୍ପାଦନ କରି ଯୋଗାଇ ଦେଉଛନ୍ତି। ତାଙ୍କ ଉଦ୍ୟମରେ ମିଶନ ଉର୍ଜାରେ ଅନେକ ଘର ଆଲୋକିତ ହୋଇପାରିଛି। ୨୦୧୮ରେ ଟ୍ରି (ଟେକ୍‌ନୋଲୋଜି ରିୟୁଜ ଏନ୍‌ଭାଇରନ୍‌ମେଣ୍ଟ ଏମ୍ପାୱାର୍‌ମେଣ୍ଟ ଇନୋଭେଶନ) ଫାଉଣ୍ଡେଶନ ଗଠନ କରି ତା' ମାଧ୍ୟମରେ ୨୦୨୨ରୁ ଏହି ଅଭିଯାନ ଚଳାଇଛନ୍ତି। ମିଶନ ଉର୍ଜାରେ ସ୍ଥାୟୀ ଭାବେ ପ୍ୟାନେଲ ବସାଇ ସୌର ବିଦ୍ୟୁତ ଉତ୍ପାଦନ କରାଯାଉଛି। ଏହା ସହ ସାଙ୍ଗରେ ନେଇଯିବା ଭଳି ଛୋଟ ସୋଲାର ସିଷ୍ଟମ ମଧ୍ୟ ଯୋଗାଇ ଦେଉଛନ୍ତି। ଦରକାର ହେଲେ ଲୋକେ ବାହାରକୁ କାମ କରିବାକୁ ଗଲାବେଳେ ତାହାକୁ ସାଙ୍ଗରେ ନେଇପାରୁଛନ୍ତି। ଏହାର ସୁପରିଚାଳନା ପାଇଁ ସେ ଉର୍ଜା କମିଟି ଗଠନ କରିଛନ୍ତି। ବିଦ୍ୟୁତ ଉପଯୋଗ ପରିମାଣକୁ ନେଇ ପରିବାର ୧୦ରୁ ୫ଶହ ଟଙ୍କା ଦେଉଛନ୍ତି। ଏହାକୁ ଉର୍ଜା କମିଟିର ପାସ୍‌ବୁକ୍‌ରେ ଜମା କରାଯାଉଛି। ଏହି ଅର୍ଥରେ ସୋଲାର ସିଷ୍ଟମର ଦେଖାରଖା କରାଯାଉଛି। ଏବେସୁଦ୍ଧା ୯୪୫ ପରିବାର ଉପକୃତ ହୋଇସାରିଲେଣି। ୨୦୨୮ ସୁଦ୍ଧା ୧୦୦ରୁ ଅଧିକ ଗାଁକୁ ସୌରଶକ୍ତି ଯୋଗାଇ ଦେବାକୁ ତନବୀର ଯୋଜନା କରିଛନ୍ତି। ଏହା ସହ ପ୍ରତି ଗାଁରେ ସେ ୧୦ ଜଣ ଯୁବକଙ୍କୁ ପ୍ରଯୁକ୍ତିଭିତ୍ତିକ ପ୍ରଶିକ୍ଷଣ ମଧ୍ୟ ଦେଉଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଟ୍ରମ୍ପଙ୍କ କଠୋର ଚେତାବନୀ

ମହାଶୟ,

ଡୋନାଲ୍ଡ ଟ୍ରମ୍ପ ଆମେରିକାରେ ଦ୍ୱିତୀୟ ଥର ରାଷ୍ଟ୍ରପତି ରୂପେ କ୍ଷମତାସୀନ ହେବା ପରେ କେତେକ ପ୍ରସଙ୍ଗରେ ନିଜର ମତାମତ ବ୍ୟକ୍ତ କରିଛନ୍ତି, ଯାହା ଆନ୍ତର୍ଜାତିକ ସ୍ତରରେ ଅସ୍ଥିରତା ସୃଷ୍ଟି କରିଛି। କାନାଡ଼ାକୁ ଆମେରିକା ଅନ୍ତର୍ଭୁକ୍ତ କରିବାକୁ କହିଛନ୍ତି ଓ ଗ୍ରୀନ୍‌ଲାଣ୍ଡକୁ ନିଜ ଦେଶରେ ସାମିଲ କରବାକୁ କହିଛନ୍ତି। ଆମେରିକା ଉତ୍ପାଦିତ ଦ୍ରବ୍ୟଗୁଡିକ ଉପରେ କାନାଡ଼ା, ଭାରତ, ମେକ୍ସିକୋ, ଚାଇନା ଆଦି କେତେକ ଦେଶ ଉଚ୍ଚ ହାରରେ ଯେଉଁ ଟାରିଫ୍ ଲାଗୁ କରିଛନ୍ତି, ତା'ର ମୁକାବିଲା ପାଇଁ ସେ ସବୁ ଦେଶରୁ ଆମଦାନୀ ଦ୍ରବ୍ୟରେ ସେହି ପରିମାଣରେ ଟାରିଫ୍ ବୃଦ୍ଧି ପାଇଁ ଧମକ ଦେଇଛନ୍ତି। ଇରାନ୍ ଆଣବିକ ଚୁକ୍ତିରେ ସ୍ୱାକ୍ଷର ନ କଲେ ବୋମାମାଡ଼ ହେବ ବୋଲି ଚେତାବନୀ ଦେଇଛନ୍ତି। ଲେବାନନ୍‌ରେ ଆତଙ୍କବାଦୀ ହିଜ୍‌ବୁଲା ଗୋଷ୍ଠୀ ଉପରେ ବୋମାମାଡ଼ ହେଉଛି। ତେବେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଭିନ୍ନ ସମୟରେ ନୂଆ ନୂଆ ବିବୃତି ଦେଉଥିବାରୁ ରାଜନୈତିକ ଅସ୍ଥିରତା ବୃଦ୍ଧି ପାଇବା ଲକ୍ଷ୍ୟ କରାଯାଉଛି।

**–ହରମୋହନ ମହାନ୍ତି, ଦଣ୍ଡତୋଟା, ପୁରୀ**

## ଚିରନ୍ତନୀ

ରୂପର ମୋହେ ମୁଗ୍ଧ କବି
ମୁରୁଛି ନାହିଁ ପାରେ
ଅବାକ୍ ହୋଇ ରହିଲା ଚାହିଁ
ପଥର ସେହି ଧାରେ।
–(କୁହୁ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ନବୀନଙ୍କ ମୁହଁରେ ମିଛ ଶୋଭା ପାଉନି: ପ୍ରଭାତ

**ଭୁବନେଶ୍ୱର, ୧୦।୪(ସୁନିତ୍ ମିଶ୍ର)**


ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ।

ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ବିଜେଡିରେ ନାହାନ୍ତି ବୋଲି ଦଳ ସଭାପତି ନବୀନ ପଟ୍ଟନାୟକ କହିବା ସହ ତାଙ୍କୁ ଟାର୍ଗେଟ କରିଥିଲେ। ଏହାର ଦିନକ ପରେ ପ୍ରଭାତ ତ୍ରିପାଠୀ ସଭାପତି ନବୀନଙ୍କ ମନ୍ତବ୍ୟ ଉପରେ କାଉଣ୍ଟର ଆଟାକ୍ କରିଛନ୍ତି। ଗୁରୁବାର ଏକ ଖବରଦାତା ସମ୍ମିଳନୀ ଜରିଆରେ ପ୍ରଭାତ କହିଛନ୍ତି, ୱାକ୍‌ଫ ବିଲ୍‌କୁ ନେଇ ବିଜେଡିକୁ ଚାରିଆଡୁ ଯେଉଁ ଟାର୍ଗେଟ କରାଯାଉଛି ତାହା ଉପରୁ ନଜର ହଟାଇବାକୁ ଏଭଳି କରାଯାଇଛି। ନବୀନଙ୍କ ଭାବମୂର୍ତ୍ତିକୁ ତାଙ୍କ କାର୍ଯ୍ୟାଳୟ ଜାଣିଶୁଣି କ୍ଷୁର୍ଣ୍ଣ କରୁଛି। ବିଜେଡିର ତଥାକଥିତ ମୁଖିଆ ନିଜର ସ୍ଥିତି ଜାହିର କରିବା ପାଇଁ ନବୀନଙ୍କ ମୁହଁରେ ଯାହା କିଛି ବି କୁହାଇ ଦେଇପାରୁଛନ୍ତି। ମିଛ କହିବା ନବୀନ ପଟ୍ଟନାୟକଙ୍କ ମୁହଁରେ ଶୋଭାପାଉନାହିଁ। ନବୀନ ବୁଧବାର ଏହି କଥା କହିବା ବେଳେ କେବଳ ଜାତୀୟ ଗଣମାଧ୍ୟମକୁ ଡାକି ପ୍ରତିକ୍ରିୟା ଦେଇଥିଲେ। ଓଡ଼ିଶାର କୌଣସି ଗଣମାଧ୍ୟମକୁ ଏ କଥା ନବୀନ କହି ନ ଥିଲେ। ୧୦ ମାସ ତଳେ ଓଡ଼ିଶା ଲୋକ ଜବାବ ଦେଇଛନ୍ତି, ଅଣଓଡ଼ିଆଙ୍କୁ କେବେ ଗ୍ରହଣ କରିବେ ନାହିଁ। ଗତ ନିର୍ବାଚନରେ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହେଲା। ନବୀନ ପଟ୍ଟନାୟକ ଦୁଇଟି ସ୍ଥାନରୁ ଛିଡା ହୋଇଥିଲେ। ଦୁଇଟି ସ୍ଥାନରୁ ଜିତିଥିଲେ, ପାଣ୍ଡିଆନଙ୍କୁ ଛିଡା କରାଇ ଉପମୁଖ୍ୟମନ୍ତ୍ରୀ କରାଇଥାଆନ୍ତେ। ଏହାପରେ ନବୀନ ଓଡ଼ିଶା ଛାଡି ପଳାଇଥାଆନ୍ତେ ବୋଲି ଲୋକ ଭାବିଥିଲେ। ତେଣୁ ଲୋକ ଏହାକୁ ଗ୍ରହଣ କଲେ ନାହିଁ। ପାଣ୍ଡିଆନଙ୍କୁ ଘରେ ରଖି ବ୍ୟକ୍ତିଗତ ଭାବେ ପରାମର୍ଶ ନେବାରେ କିଛି ଅସୁବିଧା ନାହିଁ। କିନ୍ତୁ ଗାଁ ଗହଳିର ଲୋକଙ୍କ ପାଖକୁ ଏକ ଖରାପ ମେସେଜ୍ ଯାଉଛି। 'ଲୁଚିଛି ନା ଗୋଡ଼ ଦି' ଟା ଦିଶୁଛି ' ନ୍ୟାୟରେ ଯଦି ବିଜେଡିର ସବୁ ନିଷ୍ପତ୍ତି ତାଙ୍କ ଦ୍ୱାରା ହେଉଥିବ ଏହା ଦଳ ପାଇଁ ଭଲ ନୁହେଁ ବୋଲି ପ୍ରଭାତ କହିଛନ୍ତି।

ପ୍ରଭାତ ଆହୁରି କହିଛନ୍ତି, ୱାକ୍‌ଫ ପ୍ରସଙ୍ଗରୁ ନଜର ହଟାଇବାକୁ ନବୀନବାବୁ ଏପରି କଥା ମୋ ନାଁରେ କହିଛନ୍ତି। ବର୍ତ୍ତମାନ ଯେଉଁମାନେ ଦଳରେ ବେଶି ପାଟି କରୁଛନ୍ତି, ସେମାନେ ମିଡନାଇଟ୍ ଅପରେସନରେ ପ୍ୟାରୀ ବାବୁଙ୍କ ସାଙ୍ଗରେ ଥିଲେ। ସେମାନେ ଦଳର ମେମ୍ବରଶିପ୍ ବିଷୟରେ କ'ଣ କହିବେ। ବିନା କାରଣରେ ଯେମିତି ଆଘାତ ପାଇଲି, ସେମାନେ ବି ଆଗକୁ ଅସୁବିଧାରେ ପଡିବେ। ଗୋଟିଏ ରାଜନୈତିକ ଦଳ କ'ଣ ଏମିତି ଚାଲିବ। ଜଣେ ଲୋକ ଜଣକୁ ଭରସା କରି ଚାଲିବ। ସେ ଲୋକ ଚାଲିଗଲେ କଣ ଆଉ ଚାଲିବନି। ଏହା ବ୍ୟକ୍ତିଗତ ପରିବାରର କଥା ନୁହେଁ, ଓଡ଼ିଶାର ଲୋକ ଏହି ଦଳ ସହ ଜଡିତ ଅଛନ୍ତି। ସେ ନିଜ ପାଇଁ ଫାଇଟ୍ କରୁନାହାନ୍ତି। ଗୋଟିଏ କାରଣ ପାଇଁ ଲଢେଇ କରୁଥିବା ସେ କହିଛନ୍ତି। ୱାକଫ୍ ଭୋଟଦାନ ପ୍ରସଙ୍ଗରୁ ନଜର ହଟାଇବାକୁ ନବୀନ ବାବୁ ମୋ ବିରୋଧରେ ଏମିତି ପଦକ୍ଷେପ ନେଇଛନ୍ତି। କିନ୍ତୁ ଦଳର ଏମ୍‌ପିମାନଙ୍କୁ କେଉଁ ପରିସ୍ଥିତିରେ ବିବେକାନୁମୋଦିତ ଭୋଟ ଦେବା ପାଇଁ କୁହାଗଲା, ଏହା ପଛରେ କିଏ ତାକୁ ବିଜେଡିର ବରିଷ୍ଠ ନେତା ଓ ଓଡ଼ିଶା ଲୋକ ଜାଣିବାକୁ ଚାହୁଁଛନ୍ତି। ଏହାକୁ ନେଇ ବିଜେଡି ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି, ଦଳରେ ଶୃଙ୍ଖଳା ପାଇଁ ଏବଂ ଭବିଷ୍ୟତ ପାଇଁ କେତେକ ଅନୁଶାସନ ପାଳନ କରାଯିବା ଦରକାର। ସେ ବିଷୟରେ ସଭାପତି ନବୀନ ପଟ୍ଟନାୟକ କହିଛନ୍ତି। କର୍ମୀ ଏବଂ ନେତାଙ୍କ ଉଦ୍ଦେଶ୍ୟରେ କହିଛନ୍ତି। ତାଙ୍କର ଏହି କଥାକୁ ସ୍ୱାଗତ। କୌଣସି ହୋଟେଲରେ ନେତା କର୍ମୀ ବୈଠକ କରିବା ଅନୁଚିତ ବୋଲି ଗଣେଶ୍ୱର କହିଛନ୍ତି।



ଡିଜିଟାଲ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ଆଇନରୁ ଧାରା ୪୪(୩) ଉଚ୍ଛେଦ କରିବା ଦାବିରେ ନୂଆଦିଲ୍ଲୀସ୍ଥିତ ପ୍ରେସ୍ କ୍ଲବ୍ ଅଫ୍ ଇଣ୍ଡିଆଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଇଣ୍ଡିଆ ମେଣ୍ଟର ନେତା ଗୌରବ ଗୋଗୋଇ, ପ୍ରିୟଙ୍କା ଚତୁର୍ବେଦୀ, ଜାଭେଦ ଅଲୀ ଏମ୍‌ଏମ୍ ଅବଦୁଲ୍ଲା, ଜନ୍ ବ୍ରିଟାସ ଓ ନଭଲ କିଶୋର ରାଇ । (ଫଟୋ: ଚମନ ଗୌତମ)

# ୩ବର୍ଷରେ ୫ଲକ୍ଷ ଅନ୍ତ୍ୟୋଦୟ ଗୃହ ବଣ୍ଟନ ହେବ: ମନ୍ତ୍ରୀ ଗଣ୍ଡ



ସମାବେଶରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସମେତ ଅନ୍ୟ ନେତୃବୃନ୍ଦ।

**କେସିଙ୍ଗା, ୧୦।୪ (ଡୁମେଶ୍ୱର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗା ଏନ୍‌ଏସି କଲ୍ୟାଣ ମଣ୍ଡପଠାରେ ଗୁରୁବାର ଭାଜପାର ଏକ ଜନସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଭାରତ ମାତାଙ୍କ ଫଟୋଚିତ୍ରରେ ଦୀପ ପ୍ରଜ୍ୱଳନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ମୁଖ୍ୟ ଅତିଥି ମନ୍ତ୍ରୀ ଗଣ୍ଡ ଡବଲ ଇଞ୍ଜିନ ସରକାରଙ୍କ ୯ମାସର ସଫଳତା ବିଷୟରେ ସୂଚନା ଦେଇଥିଲେ। ସୁଭଦ୍ରା ଯୋଜନା, ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ଓ କର୍ପସ ଫଣ୍ଡ ବ୍ୟବସ୍ଥା କରାଯାଇଥିବା କହିଥିଲେ। ଗରିବଙ୍କୁ ୨୩ ଲକ୍ଷ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପ୍ରଦାନ କରାଯାଇଥିବାବେଳେ ଆଉ ୪ଲକ୍ଷ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ଆସନ୍ତା ୩ବର୍ଷ ମଧ୍ୟରେ ୫ଲକ୍ଷ ଅନ୍ତ୍ୟୋଦୟ ଯୋଜନା ଗୃହ ଯୋଗାଇଦେବା ପାଇଁ ମନ୍ତ୍ରୀ ଘୋଷଣା କରିଥିଲେ। ବୃଦ୍ଧାବୃଦ୍ଧ ଓ ବିକଳାଙ୍ଗଙ୍କୁ ୩୫୦୦ ଟଙ୍କା ଯୋଗାଇ ଦିଆଯାଇଥିବାବେଳେ ନବମ ଓ ଦଶମ ଶ୍ରେଣୀ ପିଲାଙ୍କ ପାଇଁ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ସହ ମାଣ୍ଡିଆ ଲଡୁ ବଣ୍ଟନ ଆଦି ବିଷୟରେ କହିଥିଲେ। ଶିକ୍ଷାର ବିକାଶ ପାଇଁ ରାଜ୍ୟରେ ଜାତୀୟ ଶିକ୍ଷାନୀତି ଲାଗୁ କରାଯାଇଥିବା ପ୍ରକାଶ କରିଥିଲେ। ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ଖଡ଼ି ଛୁଆଁ, ଶିଶୁ ବାଟିକା ଆରମ୍ଭ କରାଯାଇଛି। ୪୬୨ ସ୍କୁଲରେ ପିଏମ୍‌ଶ୍ରୀ ଯୋଜନା ଲାଗୁ କରାଯିବା ସହ ଶହୀଦ ଲକ୍ଷ୍ମଣାନନ୍ଦ ନାଏକଙ୍କ ନାମରେ ଆଦର୍ଶ ସ୍କୁଲ ଖୋଲାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ଏହି ସମାବେଶରେ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ପୂର୍ବତନ ବିଧାୟକ ଅନାମ ନାଏକ, ବ୍ଲକ ଅଧ୍ୟକ୍ଷ ଚନ୍ଦନ କୁମାର ସେନାପତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଜେଡି, କଂଗ୍ରେସର ପ୍ରାୟ ୫୦ଜଣ କର୍ମୀ ଭାଜପାରେ ଯୋଗଦେଇଥିଲେ। ଜିଲା ସଭାପତି ଯୁଗଳ କିଶୋର ପୋଢ଼ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଜିଲା ସାଧାରଣ ସମ୍ପାଦକ ଜୟ ଶଙ୍କର ନାଏକ ମଞ୍ଚ ପରିଚାଳନା କରିଥିଲେ। ପ୍ରାରମ୍ଭରେ ମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ କର୍ମୀମାନେ ସଭାସ୍ଥଳକୁ ପାଛୋଟି ନେଇଥିଲେ।

# ଝାରସୁଗୁଡ଼ା ଜିଲା ବିଜେଡି ୨ ଭାଗ

**ଝାରସୁଗୁଡ଼ା, ୧୦।୪ (ଆଶିଷ ରଞ୍ଜନ ଦାଶ)**

## ସଭାପତି ପଦ, ସଙ୍ଗଠନକୁ ନେଇ ସବୁଠି ଚର୍ଚ୍ଚା


ଅଳକା ମହାନ୍ତି


ଦୀପାଳି ଦାସ

ବର୍ତ୍ତମାନ ୱାକ୍‌ଫ ବିଲ୍‌କୁ ନେଇ ରାଜ୍ୟ ବିଜେଡି ଭାଗ ଭାଗ ହୋଇ ପରସ୍ପରକୁ ଦୋଷାରୋପ କରୁଥିବା ବେଳେ ଝାରସୁଗୁଡ଼ାରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଛି। ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ପୌର ପରିଷଦ ଅଧ୍ୟକ୍ଷାଙ୍କ ଅନାସ୍ଥା ଭୋଟ ପରେ ଜିଲା ବିଜେଡି ପ୍ରାୟତଃ ଦୁଇ ଭାଗ। ଜିଲା ବିଜେଡିରେ ପୂର୍ବତନ ବିଧାୟିକା ଅଳକା ମହାନ୍ତି ଓ ଦୀପାଳି ଦାସଙ୍କ ମଧ୍ୟରେ ଟକରାଟକରି ଚାଲିଛି। ବ୍ରଜରାଜନଗର ପୌର ପରିଷଦ ଅଧ୍ୟକ୍ଷା ଯାଜ୍ଞସେନୀ ଓରାମ ଥିଲେ ପୂର୍ବତନ ବିଧାୟିକା ଅଳକାଙ୍କ ସମର୍ଥକ। କିନ୍ତୁ ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦୀପାଳି ଓ ଭାଜପାର ଜଣେ ଆଗ ଧାଡ଼ିର ନେତାଙ୍କ ପ୍ରଚେଷ୍ଟାରେ ଏଇ କିଛି ଦିନ ହେବ ଅନାସ୍ଥା ଅଣାଯାଇ ଯାଜ୍ଞସେନୀଙ୍କୁ ହଟାଇ ଦିଆଯାଇଥିବା ଅଳକାଙ୍କ ଅନୁଗତମାନେ କହୁଛନ୍ତି, ଯାହା କି ଜିଲା ବିଜେଡିରେ ଫାଟ ସୃଷ୍ଟି ହେବା ମୁଖ୍ୟ କାରଣ। ଯଦି ଝାରସୁଗୁଡ଼ାର ୧୫ରୁ ୨୦ ବର୍ଷ ରାଜନୀତି ଇତିହାସକୁ ଦେଖିବା, ତେବେ ସ୍ୱର୍ଗତ କିଶୋର ମହାନ୍ତିଙ୍କ ଲୋକପ୍ରିୟତା ଥିଲା। ପରେ କଂଗ୍ରେସରୁ ଆସି ନବ ଦାସ ବିଜେଡିରେ ଯୋଗ ଦେଇଥିଲେ। ଫଳରେ ଉଭୟେ ଜିଲାରେ ବିଜେଡିକୁ ମଜଭୁତ କରିଥିଲେ। ତେବେ କିଶୋରଙ୍କ ଦେହାନ୍ତ ପରେ ତାଙ୍କ ସ୍ତ୍ରୀ ଅଳକା କମ୍ ଦିନ ପାଇଁ ବ୍ରଜରାଜନଗର ବିଧାୟକ ହେବା ସହିତ ଗତ ନିର୍ବାଚନରେ ଭାଜପାର ସୁରେଶ ପୂଜାରୀଙ୍କଠାରୁ ହାରିଯାଇଥିଲେ। କିନ୍ତୁ ଏବେ ଅଳକାଙ୍କ ସହ ତାଙ୍କ ପୁଅ ଦୁର୍ଗେଶ ମହାନ୍ତି ପିତାଙ୍କ ଅନୁଗତଙ୍କ ସହ ମିଶି ଲୋକଙ୍କ ପାଇଁ କାମ କରୁଛନ୍ତି।

ବିଶ୍ୱସ୍ତ ସୂତ୍ରର ଖବର ଅନୁସାରେ ଜିଲା ସଭାପତି ପଦ ପାଇଁ ଅଳକା ମହାନ୍ତି ଅନ୍ୟତମ ନେତା ତାପସ ରାୟ ଚୌଧୁରୀଙ୍କ ନାମ ସୁପାରିସ କରିଥିବା ଜଣାପଡ଼ିଛି। ଚୌଧୁରୀ ଝାରସୁଗୁଡା ପୌର ପରିଷଦର ପୂର୍ବତନ ଅଧ୍ୟକ୍ଷ ଥିଲେ। ଏବେ ସେ ଜିଲା ଆଥ୍‌ଲେଟିକ ଆସୋସିଏଶନ ସହିତ ବିଭିନ୍ନ ରାଜନୈତିକ, ସାମାଜିକ ତଥା ସାଂସ୍କୃତିକ ସଙ୍ଗଠନ ସହିତ ଜଡ଼ିତ ଅଛନ୍ତି। ସେ ଯଦି ଜିଲା ସଭାପତି ହୁଅନ୍ତି, ତେବେ ଉଭୟ ଗୋଷ୍ଠୀର ଲୋକଙ୍କୁ ଏକଜୁଟ କରି ଜିଲାରେ ବିଜେଡି ସଙ୍ଗଠନକୁ ମଜଭୁତ କରିପାରିବେ ବୋଲି ଚର୍ଚ୍ଚା ହୁଏ।

ସେହିପରି ଦୀପାଳି ମଧ୍ୟ ଝାରସୁଗୁଡ଼ାରେ ତାଙ୍କ ପିତା ନବଙ୍କ ଦେହାନ୍ତ ପରେ ଝାରସୁଗୁଡାର ବିଧାୟକ ହୋଇଥିଲେ। ୨୦୨୪ ନିର୍ବାଚନରେ ଭାଜପାର ଟଙ୍କଧର ତ୍ରିପାଠୀଙ୍କଠାରୁ ଅଳ୍ପ ଭୋଟରେ ହାରିଯାଇଥିଲେ। ନବଙ୍କ ଏକାନ୍ତ ଅନୁଗତ ଥିବା ଅନେକ ଲୋକ ଏବେ ଦଳ ଛାଡି ଭାଜପାକୁ ଚାଲିଯାଉଥିବା ବେଳେ କିର୍ମିରା ପଞ୍ଚାୟତ ସମିତି ଅଧ୍ୟକ୍ଷା ଅନାସ୍ଥା ପ୍ରସ୍ତାବରେ ନିଜର ସଂଖ୍ୟାଗରିଷ୍ଠତା ଥାଇ ମଧ୍ୟ ଦୀପାଳି ନିଜ ଲକ୍ଷ୍ୟ ହାସଲ କରିପାରିଲେ ନାହିଁ। ଅର୍ଥାତ୍ ଏକଦା ନବଙ୍କ ଗଡ଼ ଥିବା କିର୍ମିରାରେ ଭାଜପା ସମର୍ଥିତ ସମିତି ଅଧ୍ୟକ୍ଷା ନିଜ ପଦବୀ ବଜାୟ ରଖିଲେ। ଏହାସତ୍ତ୍ୱେ ଭାଇ ବିଶାଳଙ୍କ ସହାୟତାରେ ଦୀପାଳି ନିଜ ସଙ୍ଗଠନକୁ ମଜଭୁତ କରିବାକୁ ଚେଷ୍ଟା କରୁଛନ୍ତି। ସେ ଜିଲା ସଭାପତି ପଦ ପାଇଁ ବର୍ତ୍ତମାନ ଥିବା ଜିଲା ସଭାପତି ରବି ସିଂ ଓ ହରିଶ ଗଣତ୍ରାଙ୍କ ନାମ ସୁପାରିସ କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। କୁହାଯାଉଛି ରବି ସିଂ ବୟସାଧିକ୍ୟ କାରଣରୁ ଭାଜପା କବ୍‌ଜାରେ ଥିବା ଝାରସୁଗୁଡା ଜିଲାରେ ଧାଁଧପଡ଼ କରି ସଙ୍ଗଠନକୁ ମଜଭୁତ କରିବା ସମ୍ଭବ ନୁହେଁ। ତେବେ ଜିଲା ସଭାପତି ପଦ ପାଇଁ ଜିଲା ଓକିଲ ସଂଘ ସଭାପତି ତ୍ରିନାଥ ଗୁଆଳଙ୍କ ନାମକୁ ନେଇ ମଧ୍ୟ ଜିଲାରେ ଚର୍ଚ୍ଚା ହେଉଛି। ଏଭଳି ସ୍ଥଳେ ଝାରସୁଗୁଡ଼ାବାସୀ କାହା ନେତୃତ୍ୱ ପ୍ରତି ଆସ୍ଥା ରଖୁଛନ୍ତି ଓ ବିଜେଡି ମୁଖ୍ୟ କାହାର କେଉଁ ଅଭିଜ୍ଞତାକୁ ଆଖି ଆଗରେ ରଖି ଜିଲା ସଭାପତି ପଦ ଦେଉଛନ୍ତି, ତାହା ଦେଖିବାକୁ ବାକି ରହିଲା।

# ନବୀନଙ୍କ ମୁଠା ହୁଗୁଳା: ତାରା

**ଭୁବନେଶ୍ୱର, ୧୦।୪ (ରବିନାରାୟଣ ଜେନା)**

ବିଜେଡିରେ ସଂପ୍ରତି ୱାକ୍‌ଫ ବିଲ୍‌କୁ ନେଇ ଯେଉଁ ରାଜନୈତିକ ଆରୋପ ପ୍ରତ୍ୟାରୋପ ଦେଖାଦେଇଛି, ସେଥିରୁ ଦଳର ନେତା ଓ କର୍ମୀଙ୍କ ଅସନ୍ତୋଷ ସ୍ପଷ୍ଟ ବାରି ହୋଇ ପଡୁଛି ବୋଲି କଂଗ୍ରେସର ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି। ତେଣୁ ବିଜେଡି ଆଉ ନବୀନବାବୁଙ୍କ ନିୟନ୍ତ୍ରଣରେ ନାହିଁ ଓ ତାଙ୍କ ହାତମୁଠା ଦିନକୁ ଦିନ କୋହଳ ହେଉଛି ବୋଲି ତାରା କହିଛନ୍ତି।

ଗୁରୁବାର ପୂର୍ବତନ ବିଜେଡି ବିଧାୟକ ପ୍ରଭାତ ତ୍ରିପାଠୀ ଖବରଦାତା ସମ୍ମିଳନୀରେ ଦେଇଥିବା ମନ୍ତବ୍ୟକୁ ନେଇ ତାରା କହିଛନ୍ତି, ବିଜେଡିରେ ଆଉ ଶୃଙ୍ଖଳା ନାହିଁ। ନବୀନବାବୁ କେତେବେଳେ କ'ଣ କହୁଛନ୍ତି ତାହା ରାଜ୍ୟବାସୀ କି ତାଙ୍କ ଦଳର ନେତା ଓ କର୍ମୀ ବୁଝିପାରୁନାହାନ୍ତି। ଯଦିଓ ବିଜେଡିର ଏହା ଆଭ୍ୟନ୍ତରୀଣ ବ୍ୟାପାର, ରାଜ୍ୟବାସୀଙ୍କ ସହିତ ନବୀନ ଯେଉଁ ଛଳନା କରୁଛନ୍ତି ତାହାକୁ ନେଇ ଦଳୀୟ ନେତୃବୃନ୍ଦ ଜଣକ ପରେ ଜଣେ ଗଣମାଧ୍ୟମ ସମ୍ମୁଖକୁ ଆସି ଦେଉଥିବା ମନ୍ତବ୍ୟ ଦୁର୍ଭାଗ୍ୟଜନକ। ଦୀର୍ଘଦିନ ଧରି ଦଳରେ ଥିବା ଅସନ୍ତୋଷ ଏବେ ପଦାକୁ ଫୁଟି ବାହାରୁଛି। ସ୍ଥିତି ଏପରି ହେଲାଣି ଯେ ଆଗାମୀ ଦିନରେ ଦଳର ଅସ୍ତିତ୍ୱ ହଜିଯିବ ବୋଲି ତାରା କହିଛନ୍ତି।

# ଖଣି ମାଫିଆମାନେ ଅବୈଧ ଖନନ କରୁଛନ୍ତି

**ଭୁବନେଶ୍ୱର, ୧୦।୪(ସୁନିତ୍ ମିଶ୍ର)**

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଉପବାଚସ୍ପତି

ବର୍ତ୍ତମାନ ସମୟରେ ଓଡ଼ିଶାର ସୁନ୍ଦରଗଡ ଜିଲା ହେମଗିର ବ୍ଲକ ଓ କୋଇଡା ଅଞ୍ଚଳରେ ବ୍ୟାପକ ଭାବେ ଅବୈଧ କୋଇଲା, ଆଇରନ ଏବଂ ମାଙ୍ଗାନିଜ ଖନନ ଚାଲିଛି। ଉପରୋକ୍ତ ଜଙ୍ଗଲ ଅଞ୍ଚଳରେ ଏହି କାର୍ଯ୍ୟକଳାପ ହେଉଥିବାରୁ ପରିବେଶ, ଜନଜୀବନ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ପ୍ରତି ମହାବିପଦ ସୃଷ୍ଟି ହୋଇଛି। ଖଣି ମାଫିଆମାନେ ଭାରି ଯନ୍ତ୍ରପାତି ସହିତ ଅବୈଧ ଖନନ କରୁଛନ୍ତି। ରାଜ୍ୟର ବିଭିନ୍ନ ଅଞ୍ଚଳ ସହ ପଡ଼ୋଶୀ ରାଜ୍ୟକୁ ମଧ୍ୟ ଚୋରା ଚାଲଣ ହେଉଛି। ବହୁ ସ୍ଥାନରେ ଜିଲା ପ୍ରଶାସନ, ଜଙ୍ଗଲ ବିଭାଗ, ଜିଲା ଖଣି ଅଧିକାରୀ ଦାୟିତ୍ୱରେ ଥିବା ବିଭାଗର ଅନ୍ୟ କର୍ମଚାରୀଙ୍କ ଅଭିଜ୍ଞତାର ଅଭାବ କିମ୍ବା ସହଯୋଗ ହୀନତା ଦେଖିବାକୁ ମିଳୁଛି ବୋଲି ରାଜ୍ୟ ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ କହିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଗତ ୮ ତାରିଖରେ ଉପବାଚସ୍ପତି ଏନେଇ ଏକ ଚିଠି ଲେଖି ସେଥିରେ ଉଲ୍ଲେଖ କରିଛନ୍ତି, ବଣାଇ ଉପଖଣ୍ଡର ମୂଷାପୋଷ ପଥର ଖଣି ମଧ୍ୟ ଲୁଟ ହେଉଛି। ଏହିସବୁ ଘଟଣା ଜିଲା ପ୍ରଶାସନର ଦୁର୍ବଳତା ଦର୍ଶାଉଛି। ଅବୈଧ ଖଣି ଖନନ ବିରୋଧରେ ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ କରାଯାଉ। ଅଭିଯୁକ୍ତ ମାଫିଆ ଓ ସହଯୋଗ କରୁଥିବା କର୍ମଚାରୀଙ୍କ ବିରୋଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଅବୈଧ ଖଣି ଖନନ ରୋକିବାକୁ ଏକ ବିଶେଷ ଟାସ୍କଫୋର୍ସ ଗଠନ କରାଯାଉ। ଜଙ୍ଗଲ ଓ ପରିବେଶ ସୁରକ୍ଷା ପାଇଁ ସ୍ଥାନୀୟ ସଭ୍ୟତା ଓ ଗ୍ରାମବାସୀଙ୍କ ସହଯୋଗ ଜନସଚେତନତା ଅଭିଯାନ ଆରମ୍ଭ ହେଉ। ରାଜ୍ୟର ସମସ୍ତ ବର୍ଡର ଅଞ୍ଚଳରେ ଜୋର୍‌ଦାର ଚେକିଂ କରାଯାଉ। ଏହା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବ ବୋଲି ଆଶା କରୁଥିବା ଉପବାଚସ୍ପତି ତାଙ୍କ ଚିଠିରେ ମୁଖ୍ୟମନ୍ତ୍ରୀଙ୍କୁ କହିଛନ୍ତି।


**ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍ୱାରା ସମ୍ପୃକ୍ତ ସମସ୍ତଙ୍କୁ ନୋଟିସ ଦିଆଯାଉଛି ଯେ, **ଶ୍ରୀମତୀ ଉଷାରାଣୀ ଚୌଧୁରୀ**, ବୟସ ୪୨ ବର୍ଷ, ସ୍ୱାମୀ- ସନ୍ତୋଷ କୁମାର ପାଢ଼ୀ, ବାସିନ୍ଦା- ଶାସ୍ତ୍ରୀ ନଗର ୧ମ ଲେନ୍, ଥାନା- ବି.ଏନ୍. ପୁର, ପୋଷ୍ଟ- ବ୍ରହ୍ମପୁର, ଜିଲ୍ଲା- ଗଞ୍ଜାମ, ଓଡ଼ିଶା ଏସ୍‌ଆର୍‌ଓ, ବ୍ରହ୍ମପୁର-Iଙ୍କ ମୂଳ ସଂଯୁକ୍ତ ପଞ୍ଜୀକୃତ ବିକ୍ରି କବଲା ସଂ. ୧୦୬୧୧୨୦୨୫୬୨/୨୦୧୨, ତାରିଖ: ୨୨।୦୩।୨୦୧୨ ହଜିଥିବା ସଂକ୍ରାନ୍ତରେ ତା୧୪।୦୩।୨୦୨୫ରିଖରେ ଏକ ସତ୍ୟପାଠ କରିଅଛନ୍ତି ଏବଂ ଏ ବାବଦରେ ତା୧୪।୦୩।୨୦୨୫ରିଖରେ ସେ ଆଇଆଇସି, ପାରଳାଖେମୁଣ୍ଡି ଥାନାଙ୍କ ନିକଟରେ ଏକ ଏତଲା ମଧ୍ୟ ଦାଏର କରିଛନ୍ତି । ଯଦିଓ, ଶ୍ରୀମତୀ ଉଷାରାଣୀ ଚୌଧୁରୀ ଉକ୍ତ ଦସ୍ତାବିଜଗୁଡ଼ିକର ବନ୍ଧକ ଦ୍ୱାରା ଗୃହ ଋଣ ନିମନ୍ତେ **କ୍ୟାନ୍ ଫିନ୍ ହୋମ୍‌ସ ଲିମିଟେଡ୍**, ବ୍ରହ୍ମପୁର ଶାଖା, ବ୍ରହ୍ମପୁରଙ୍କ ନିକଟରେ ଉକ୍ତ ଦସ୍ତାବିଜଗୁଡ଼ିକର ନକଲ ଦାଖଲ କରିଛନ୍ତି, ତେଣୁ ଉକ୍ତ ଦସ୍ତାବିଜ ଅଧୀନରେ କ୍ରୟ କରାଯାଇଥିବା ସମ୍ପତ୍ତି ଉପରେ କୌଣସି ଦାବି ରଖୁଥିବା ସମ୍ପୃକ୍ତ ସମସ୍ତଙ୍କୁ ଏହି ବିଜ୍ଞପ୍ତି ପ୍ରକାଶନ ତାରିଖରୁ ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀ ଆଡ୍‌ଭୋକେଟଙ୍କ ନିକଟରେ ସେମାନଙ୍କର ଦାବିକୁ ଦାଖଲ କରିବାକୁ ପଡ଼ିବ, ଯେଉଁଥିରେ ବିଫଳ ହେଲେ ଏହା ଧରିନିଆଯିବ ଯେ, ଉକ୍ତ ଦସ୍ତାବିଜଗୁଡ଼ିକ ସହିତ ସଂଯୁକ୍ତ ସମ୍ପତ୍ତି ଦାୟମୁକ୍ତ ଅଟେ ଏବଂ ଏହି ବିଜ୍ଞପ୍ତି ପ୍ରକାଶନର ୧୫ (ପନ୍ଦର) ଦିନ ଅତିକ୍ରାନ୍ତ ହେବା ପରେ ବନ୍ଧକଦାତା ଭାବେ ଆବେଦନକାରୀ ଓ ବନ୍ଧକଗ୍ରହୀତା ଭାବେ **କ୍ୟାନ୍ ଫିନ୍ ହୋମ୍‌ସ ଲିମିଟେଡ୍**ଙ୍କ ବିରୁଦ୍ଧରେ ସମସ୍ତ ଦାବି ଅସିଦ୍ଧ ଏବଂ ଅପ୍ରଭାବୀ ହେବ ।

ସ୍ୱା./- **ବିଜୟ କୁମାର ପଟ୍ଟନାଏକ**, ଆଡ୍‌ଭୋକେଟ୍, ବୈକୁଣ୍ଠ ନଗର, ୩ୟ ଲେନ୍, ସ୍ଥାନ/ପୋଷ୍ଟ- ବ୍ରହ୍ମପୁର, ଜିଲ୍ଲା- ଗଞ୍ଜାମ, ପିନ୍-୭୬୦୦୦୧ । ମୋ. ନଂ.- ୯୪୩୮୨୬୮୭୩୫, ଇମେଲ୍- bkp345@gmail.com



**TPWODL**

**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following packages :

1. **TPWODL/MK/O/SITC/ 2500000915: RC for SITC of 16mtr & 20mtr High mast at TPWODL.**
2. **TPWODL/PJ/O/SU/2500000917: Supply of 315KVA, 11/0.433KV BIS Lev-II Distribution Transformer.**

Interested bidders to submit Tender Participation Fee and Authorization Letter through email on or before **22nd April 2025, 18:00Hrs**, respectively, after which link from e-Tender system shall be shared.

For detailed tender documents of the above-mentioned tender, please visit Tender section on website **www.tp-westernodisha.com.** Further details for participating in tender is given in the tender document.

Prospective bidders are requested to visit the website for detailed amendment and updated tender document.

Sd/- **Head- Contracts & Procurement**



**GOVERNMENT OF ODISHA**
**(PANCHAYATI RAJ & DRINKING WATER DEPARTMENT)**
**OFFICE OF THE PANCHAYAT SAMITI, NANDAPUR, KORAPUT**
E-mail : ori-nandapur@nic.in

**No.1489/2025** **Dated : 05.04.2025**

**NOTICE INVITING TENDER**

**Bid Identification No. - NDP01 of 2025-26 of B.D.O, Nandapur**

The Block Development Officer, Nandapur, Dist.-Koraput, PIN-764037 (Odisha) invites **Percentage Rate Bids in Single Cover System** on behalf of Governor of Odisha in electronic tendering system (**www.tendersodisha.gov.in**) for the construction of **8 (Eight)** Nos. of works detailed in the table from the eligible civil contractors. The amount put to tender and bid security may be changed and confirmed at the time of available of tender documents. The bidders may participate for any bids or all the following works.

| Sl. No. | Name of the Work | Amount put to Tender (Approx. in Rupees) | Class of Contractor | Cost of Tender Paper | E.M.D. (Bid Security) in Rs. | Period of Completion (Calendar Month) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Additional class room at Netaji High School, Thuba | 13,51,165/- | "C" & "D" | 6,000/- | 13,550/- | 06 Months |
| 2 | Construction of Additional class room at Govt. UGHS, Attanda | 14,60,442/- | "C" & "D" | 6,000/- | 14,610/- | 06 Months |
| 3 | Construction of Additional class room at Khurji PS | 14,47,366/- | "C" & "D" | 6,000/- | 14,500/- | 06 Months |
| 4 | Construction of Additional class room at Mangrel PS | 14,50,769/- | "C" & "D" | 6,000/- | 14,510/- | 06 Months |
| 5 | Construction of Additional class room at Badel PS | 14,45,853/- | "C" & "D" | 6,000/- | 14,500/- | 06 Months |
| 6 | Construction of Additional class room at Kukudapat PS | 14,48,172/- | "C" & "D" | 6,000/- | 14,500/- | 06 Months |
| 7 | Construction of Additional class room at Talakondapalli PS | 14,48,639/- | "C" & "D" | 6,000/- | 14,500/- | 06 Months |
| 8 | Construction of BT Road from PWD Road to Chatwa | 25,28,210/- | "B" & "C" | 6,000/- | 26,000/- | 04 Months |

| | |
|---|---|
| Tender documents are available on website | Can be downloaded from Website (http://www.tendersodisha.gov.in) |
| Bid documents available date and time | **15.04.2025 to 28.04.2025** up to 17.30 Hours |
| Bid clarification start date & closing date | **15.04.2025 to 28.04.2025** during office hours |
| Date, time and venue of opening of bid online | **(02.05.2025 at 11.30 Hours)**, Office of the Block Development Officer, Panchayat Samiti, Nandapur |
| If stipulation arises the tender will be decided through Lottery System | **(02.05.2025)** Office of the Block Development Officer, Panchayat Samiti, Nandapur |

**Sd./- Block Development Officer**
**Nandapur**



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.05/ET/SBP/ENGG/2025-26, ତା.04.04.2025ରିଖ

(1)ଇ-ଟେଣ୍ଡର ସଂ.01-eT-DENE-SBP-25
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ରେଢ଼ାଖୋଲ ପରିସୀମା ଅଧୀନସ୍ଥ ଚାରମାଳ ଷ୍ଟେସନ ଠାରେ 40 BOBYNs କୁ ସ୍ଥାନ ଯୋଗାଇ ଦେବା ପାଇଁ TM ତଥା ବାଲାଷ୍ଟ ସାଇଡ଼ିଂର ସମ୍ପ୍ରସାରଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 6,45,67,606.21, ବିଡ୍ ସିକ୍ୟୁରିଟି (ଟଙ୍କାରେ): 4,72,900/-।

(2)ଇ-ଟେଣ୍ଡର ସଂ.02-eT-DENE-SBP-25
**କାର୍ଯ୍ୟର ନାମ :** ବର୍ଷ 2025-26 ନିମନ୍ତେ ସମ୍ବଲପୁର ମଣ୍ଡଳରେ USFD ପରୀକ୍ଷଣ ନିମନ୍ତେ ସହାୟକ କର୍ମଚାରୀଙ୍କ ନିଯୁକ୍ତି।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 52,44,305/-, ବିଡ୍ ସିକ୍ୟୁରିଟି (ଟଙ୍କାରେ): 1,04,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,900/-।

(3)ଇ-ଟେଣ୍ଡର ସଂ.07-eT-DENE-SBP-25
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ଝୁଝୁମୁରା-କେରେଜାଙ୍ଗା ସେକ୍ସନରେ କି.ମି.66/31-67/17 ଠାରେ କର୍ଭ ନଂ.32(UP) ର ସ୍ଥାୟୀ ଗତି ପ୍ରତିବନ୍ଧକ (PSR) ର ଅପସାରଣ ସମ୍ବନ୍ଧୀୟ P.Way ଏବଂ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟଗୁଡ଼ିକର ସମ୍ପାଦନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 3,00,41,353.97, ବିଡ୍ ସିକ୍ୟୁରିଟି (ଟଙ୍କାରେ): 3,00,300/-।

କାର୍ଯ୍ୟ ଶେଷ ହେବା ଅବଧି: 12 ମାସ (ସମସ୍ତ ଟେଣ୍ଡର ନିମନ୍ତେ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.28.04.2025ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ପାଇଁ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନା/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ), ସମ୍ବଲପୁର
PR-22/Q/25-26


See Career Appointment on every Wednesday & Saturday


ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧ଡି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଡିମାଣ୍ଡ ନୋଟିସ୍**

**ସିକ୍ୟୁରିଟି ଇଣ୍ଟରେଷ୍ଟର ଏନ୍‌ଫୋର୍ସମେଣ୍ଟ ନିମନ୍ତେ ସରଫେଶୀ ଆକ୍ଟ, ୨୦୦୨ ର ଧାରା ୧୩(୨) ଅନୁଯାୟୀ ନୋଟିସ୍**

ବ୍ୟାଙ୍କ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ବିଭିନ୍ନ ସମୟରେ ନିମ୍ନସାରଣୀରେ ଦର୍ଶିତ ଋଣ ପ୍ରଦାନ କରିଥିଲା ଏବଂ ଉକ୍ତ ଋଣ ରାଶିର ବକେୟା ପରିମାଣ ଯଥା ସମୟରେ ପୈଠ ନକରିବାରୁ **ବ୍ୟାଙ୍କ ଅଫ୍ ଇଣ୍ଡିଆର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ଶୈଳଶ୍ରୀ ବିହାର ଶାଖାର** ଋଣଗ୍ରହୀତାଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ତେଣୁ ସେଗୁଡିକର ବିଷୟବସ୍ତୁ ସହିତ ବକେୟା ଦେୟ, ଋଣ ପରିମାଣ ଏବଂ ସୁରକ୍ଷିତ ସମ୍ପତ୍ତିର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

| ଶୈଳଶ୍ରୀ ବିହାର ଶାଖା / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ପ୍ରକାର / ଋଣ ପରିମାଣ | ଏନ୍‌ପିଏ ତାରିଖ / ଡିମାଣ୍ଡ ନୋଟିସ୍ ତାରିଖ | ସରଫେଶୀ ଆକ୍ଟ ଅନୁଯାୟୀ ନୋଟିସ୍ ପ୍ରଦତ୍ତ ରାଶିର ପରିମାଣ | ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|---|
| ଋଣଗ୍ରହୀତା:ମେସର୍ସ ସାଇ କ୍ରିଏସନ୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ଶକ୍ତି ପ୍ରସାଦ ପଣ୍ଡା, ପିତା: ତ୍ରିଲୋଚନ ପଣ୍ଡା, ଠିକଣା-୧: ସା: ଏଚ୍‌ଆଇଜି ୧୧/୧୧୭, ସତ୍ୟ ସାଇ ଏନ୍‌କ୍ଲେଭ, ମଣିପାଲ ହସ୍ପିଟାଲ ନିକଟ, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦, ଠିକଣା-୨: ସା: ଫ୍ଲାଟ୍ ନଂ.: ୧୦୧, କ୍ରିପାଲୁ ରେସିଡେନ୍ସି, ପଟିଆ ଷ୍ଟେସନ୍ ରୋଡ, ଭୁବନେଶ୍ୱର-୭୫୧୦୨୪ | ୧) କ୍ୟାଶ କ୍ରେଡିଟ୍ / ଟ.୨୭,୦୦,୦୦୦/- ୨) ଏଫ୍‌ଆଇଟିଏଲ୍ /ଟ.୪,୦୭,୩୦୦/- ୩) ଜିଇସିଏଲ୍ /ଟ.୪,୭୦,୦୦୦/- ୪) ଜିଇସିଏଲ୍ /ଟ.୩,୪୦,୦୦୦/- ସମୁଦାୟ: ଟ.୩୯,୧୭,୩୦୦/- | ୩୦.୦୩.୨୦୨୫ / ୦୨.୦୪.୨୦୨୫ | ଟ.୩୧,୩୧,୩୦୪.୬୭ + ସେବାବଦ ସୁଧ ଏବଂ ଖର୍ଚ୍ଚ | ୧) ବନ୍ଧକପ୍ରାପ୍ତ ଫାଇବର ଏବଂ କାଠ ନିର୍ମିତ ଆସବାବପତ୍ରର ଷ୍ଟକ୍, ୨) ଶ୍ରୀମତୀ ଝୁନୁଲତା ପଣ୍ଡା, ସ୍ୱାମୀ: ତ୍ରିଲୋଚନ ପଣ୍ଡାଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୭୭୨/୪୧୩, ପ୍ଲଟ୍ ନଂ.: ୨୨୬୭/୫୨୬୯, କ୍ଷେତ୍ର: ଏକର୦.୦୮ ୦ଡିସିମିଲି, କିସମ: ଘରବାରୀ, ମୌଜା: ନିମପୁର, ଥାନା: ଟାଙ୍ଗି, ଡିଏସ୍‌ଆରଓ: କଟକ, ତହସିଲ: ଟାଙ୍ଗି ଚୌଦ୍ୱାର, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଗୋବିନ୍ଦ ଚନ୍ଦ୍ର ସାହୁ, ଦକ୍ଷିଣ: ରେଣୁବାଳା ମିଶ୍ର, ପୂର୍ବ: ରାସ୍ତା, ପଶ୍ଚିମ: ରେଲ୍‌ୱେ ଜମି |

ଉପରଦର୍ଶିତ **ଶୈଳଶ୍ରୀ ବିହାର ଶାଖାର** ଋଣଗ୍ରହୀତା, ମୂଳଋଣ/କିସ୍ତି ସୁବିଧା/ସୁଧ ପ୍ରଦାନ କରିବାରେ ବିଫଳ ହୋଇଛନ୍ତି, ତେଣୁ ଭାରତୀୟ ରିଜର୍ଭ ବ୍ୟାଙ୍କର ମାର୍ଗଦର୍ଶିକା ଅନୁସାରେ ଆମ ବ୍ୟାଙ୍କ ଦ୍ୱାରା ସେମାନଙ୍କର ଆକାଉଣ୍ଟକୁ ଅଣକାର୍ଯ୍ୟକାରୀ ସମ୍ପତ୍ତି (**NPA**) ରେ ପରିଣତ କରାଯାଇଛି। ଆମର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ ଆପଣ ଆପଣଙ୍କର ଆକାଉଣ୍ଟରେ ବକେୟା ଋଣ ପରିଶୋଧ କରୁନାହାନ୍ତି କି ଆପଣ ନିଜକୁ ଦେୟମୁକ୍ତ କରୁନାହାନ୍ତି। ତେଣୁ ଆମେ କଥିତ ଆକ୍ଟର ଧାରା ୧୩(୨) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ଅନୁସାରେ ଡ଼ିମାଣ୍ଡ ନୋଟିସ୍ ପ୍ରକାଶନ ନିମନ୍ତେ ବାଧ୍ୟ ହେଉଛୁ। ଏତଦ୍‌ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି ଆପଣ ନୋଟିସ୍ ତାରିଖ ଠାରୁ **୬୦ଦିନ** ମଧ୍ୟରେ ଉପର କଥିତ ବକେୟା ଦେୟ ସହିତ ପରବର୍ତ୍ତୀ ସୁଧ, ଖର୍ଚ୍ଚ,ଆନୁସଙ୍ଗିକ ଖର୍ଚ୍ଚ, ଦେୟ ଇତ୍ୟାଦି ପ୍ରଦାନ କରିବେ, ଅନ୍ୟଥା ଆମେ କଥିତ ଆକ୍ଟର ଧାରା ୧୩(୪) ଅନୁସାରେ ଆପଣଙ୍କର ସୁରକ୍ଷିତ ସମ୍ପତ୍ତିକୁ ଦଖଲ କରି ବିକ୍ରୟ କରିବାକୁ ବାଧ୍ୟ ହେବୁ। ଯଦି ସୁରକ୍ଷିତ ସମ୍ପତ୍ତି ଉପରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଦ୍ୱାରା ସମ୍ପୂର୍ଣ୍ଣ ବକେୟା ପରିମାଣ ଆଦାୟ ହୋଇନପାରିଲା ତେବେ ବ୍ୟାଙ୍କ ଅଦାଲତ / ଋଣ ଆଦାୟ ପ୍ରାଧିକରଣରେ ଆପଣଙ୍କ ବିରୁଦ୍ଧରେ ମୋକଦ୍ଦମା ଦାଏର କରି ଉପରୋକ୍ତ ବକେୟା ରାଶି ଆଦାୟ କରିବାର ଅଧିକାର ସଂରକ୍ଷିତ ରଖିଅଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ କଥିତ ସରଫେଶୀ ଆକ୍ଟର ଧାରା ୧୩(୮) ଅନୁଯାୟୀ ସୁରକ୍ଷିତ ସମ୍ପତ୍ତିର ବିକ୍ରୟ କିମ୍ବା ସର୍ବସାଧାରଣରେ ନିଲାମ ନିମନ୍ତେ ସର୍ବସାଧାରଣଙ୍କ ଠାରୁ କୋଟେସନ୍ କିମ୍ବା ଟେଣ୍ଡର ଆହ୍ୱାନ କିମ୍ବା ଘରୋଇ ଚୁକ୍ତି ମାଧ୍ୟମରେ ଲିଜ୍, ଆସାଇନମେଣ୍ଟ ଦ୍ୱାରା ସମ୍ପତ୍ତି ହସ୍ତାନ୍ତରିତ ନିମନ୍ତେ ସର୍ବସାଧାରଣ ବିଜ୍ଞପ୍ତି ପ୍ରକାଶନ ତାରିଖ ପର୍ଯ୍ୟନ୍ତ ଯେକୌଣସି ସମୟରେ ବ୍ୟାଙ୍କର ସମସ୍ତ ଦେୟ ସହିତ ଆଇନଗତ ଖର୍ଚ୍ଚ ଓ ଆନୁସଙ୍ଗିକ ଖର୍ଚ୍ଚ ପ୍ରଦାନ କରି ଋଣମୁକ୍ତ ହେବାର ଅଧିକାର ଆପଣଙ୍କ ପାଇଁ ଉପଲବ୍ଧ ରହିଛି । ଅବଗତ କରାଗଲା କି କଥିତ ଆକ୍ଟର ଉପଧାରା (୧୩) ଅନୁଯାୟୀ ଏହି ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ଆପଣ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରୟ, ଲିଜ୍, ଲାଇସେନ୍ସ, ଦାନ, ବନ୍ଧକ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତର କିମ୍ବା ଏନ୍‌କମ୍ବ୍ରାନ୍ସ ସୃଷ୍ଟି କରିବାକୁ ନିଷେଧ କରାଯାଉଛି। **ଏହି ବିଜ୍ଞପ୍ତି କୌଣସି ଆଇନ ବଳରେ ବ୍ୟାଙ୍କ ଅଧିକାର କ୍ଷୁର୍ଣ୍ଣ ନକରି ଜାରି କରାଯାଉଛି।**

ସ୍ଥାନ : ଭୁବନେଶ୍ୱର, ତାରିଖ : ୧୧.୦୪.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

## କଲେଜ ଛାତ୍ରୀଙ୍କୁ ଅପହରଣ

ଦିଗପହଣ୍ଡି,(ଅଶେଷ ନାଥ ମିଶ୍ର):ଦିଗପହଣ୍ଡି ବ୍ଲକ ଅଧିନ ଏକ ଗ୍ରାମର ଜଣେ ନାବାଳିକା କଲେଜ ଛାତ୍ରୀଙ୍କୁ ଘରୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ଯୁକ୍ତ ୨ ପଢୁଥିବା ଛାତ୍ରୀ ଜଣକ ପ୍ରତିଦିନ ଘରୁ କଲେଜକୁ ଯା'ଆସ କରୁଥିଲେ। ଛାତ୍ରୀଙ୍କ ମା'ବାପା ଦିନ ମଜୁରିଆ ଭାବେ କାମ ପାଇଁ ବ୍ରହ୍ମପୁର ଯାଆନ୍ତି। ଗତ ସୋମବାର ମା' ବାପା କାମ ପାଇଁ ଯାଇଥିଲେ। ଛାତ୍ରୀ ଜଣକ ଏକୁଟିଆ ଥିଲେ। ସନ୍ଧ୍ୟାରେ ମା' ବାପା ଘରକୁ ଫେରିବାରେ ଝିଅ ଘରେ ନ ଥିବା ଦେଖିଥିଲେ। ବିଭିନ୍ନ ଅଞ୍ଚଳକୁ ଯାଇ ଖୋଜାଖୋଜି କରିବା ପରେ ମଧ ତାଙ୍କ ସନ୍ଧାନ ମିଳି ନ ଥିଲା। ଝିଅକୁ କେହି ଅପହରଣ କରିଥିବା ନେଇ ବାପା ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ପୋଲିସ ନଂ.୧୩୩/୨୫ ଅନୁଯାୟୀ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛି।

**ସଂକ୍ଷେପରେ**

## ନୂତନ ବିଡିଓଙ୍କ ଦାୟିତ୍ୱ ଗ୍ରହଣ



ଜି.ଉଦୟଗିରି,୧୦।୪(ଚିନ୍ମୟ କୁମାର ସେଠୀ)–କନ୍ଧମାଳ ଜିଲା ଜି.ଉଦୟଗିରିର ନୂତନ ବିଡ଼ିଓ ଭାବେ ଶରତ କୁମାର ମଲିକ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ ନୟାଗଡ଼ ଜିଲା ବୋଲଗଡ଼ ବିଡ଼ିଓ ଭାବେ କାର୍ଯ୍ୟ କରୁଥିଲେ। ଜି. ଉଦୟଗିରିରେ ଦାୟିତ୍ୱ ନେବା ପରେ ବ୍ଲକର ସମସ୍ତ କର୍ମଚାରୀ ତାଙ୍କୁ ସ୍ୱାଗତ କରିଥିଲେ। ସମସ୍ତ ପଞ୍ଚାୟତର ସରପଞ୍ଚ ମାନେ ମଧ ନୂତନ ବିଡ଼ିଓଙ୍କୁ ସାକ୍ଷାତ କରି ସ୍ୱାଗତ ଜଣାଇଥିଲେ।

## ରାଜସ୍ୱ ଗ୍ରାମର ମାନ୍ୟତା ପାଇଲା କିଶୋରଚନ୍ଦ୍ରପଲ୍ଲୀ

ଆସିକା,୧୦।୪(ସୁରେନ୍ଦ୍ର ନାଥ ସାହୁ): ଆସିକା ତହସିଲର ଗଙ୍ଗାପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କିଶୋରଚନ୍ଦ୍ରପଲ୍ଲୀ ଗ୍ରାମକୁ ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ପକ୍ଷରୁ ଗୁରୁବାର ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ କରାଯାଇଛି। ପୂର୍ବରୁ ଏହା ପଞ୍ଚାୟତର ସାହାସପୁର ଗ୍ରାମ ଅଧିନରେ ପଡା ଗ୍ରାମ ଭାବେ ରହିଥିଲା। ମାନ୍ୟତା ପାଇବା ପରେ କିଶୋରଚନ୍ଦ୍ରପଲ୍ଲୀ ଗ୍ରାମବାସୀ ସମସ୍ତ ପ୍ରକାର ରାଜସ୍ୱ ବିଭାଗୀୟ ସୁବିଧା ସୁଯୋଗ ପାଇବେ ବୋଲି ଆସିକା ତହସିଲଦାର ସଙ୍ଗିତା ସେନ ସୂଚନା ଦେଇଛନ୍ତି। ଆସିକା ବିଧାୟକ ସରୋଜ କୁମାର ପାଢୀଙ୍କ ଉଦ୍ୟମରୁ ଏହି ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ମିଳିଥିବାରୁ ଗ୍ରାମବାସୀଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ସୂଚନାଯୋଗ୍ୟ, ଗତ ୩୧ ତାରିଖରେ ଆସିକା ତହସିଲର ହୁମୁକି ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ମିଳିଥିଲା। ବର୍ତ୍ତମାନ କିଶୋରଚନ୍ଦ୍ରପଲ୍ଲୀ ଏହି ତାଲିକାରେ ସାମିଲ ହେବା ପରେ ଆସିକା ତହସିଲର ରାଜସ୍ୱ ଗ୍ରାମ ସଂଖ୍ୟା ୧୧୬ରେ ପହଞ୍ଚିଛି। ଏବେ ଆହୁରି ୨୦ଟି ପଡା ଗ୍ରାମ ରହିଥିବା ଜଣାପଡିଛି।

## ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ

କବିସୂର୍ଯ୍ୟନଗର,୧୦।୪(କୃପାସିନ୍ଧୁ ସ୍ୱାଇଁ) କବିସୂର୍ଯ୍ୟନଗର ଆମ୍ବିଳାପଲ୍ଲୀ ଗ୍ରାମରେ ମା' ବୁଢ଼ୀ ଠାକୁରାଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଛି। ଗତ ୭ରୁ ଗ୍ରାମବାସୀଙ୍କ ସହଯୋଗରେ ପ୍ରତିଷ୍ଠା ଉତ୍ସବ ଚାଲିଥିଲା। ଆମ୍ବିଳାପଲ୍ଲୀ ଯୁବକ ସଂଘ ପକ୍ଷରୁ ବିଶେଷ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଆମ୍ବିଳାପଲ୍ଲୀ ବଡ଼ସାହି ଯୁବକ ସଂଘ ପକ୍ଷରୁ ବଡ଼ସାହିରେ କବିସୂର୍ଯ୍ୟନଗର ଶ୍ରୀଗୁଣ୍ଡିଚା ଭଜନ ସମାରୋହ ହୋଇଥିଲା। ବିଳମ୍ବିତ ରାତି ଯାଏ ଉପସ୍ଥିତ ଥିଲେ।

## ଅଙ୍ଗନୱାଡି ସହାୟିକାଙ୍କ ମୃତ୍ୟୁ

ପାତ୍ରପୁର,୧୦।୪(ଉମା ଚରଣ ନେପାକ): ଜରଡ଼ା ଥାନା ବାଦପୁର ଗ୍ରାମର ଅଙ୍ଗନୱାଡି ସହାୟିକା ତଥା ବାୟା ପ୍ରଧାନଙ୍କ ଝିଅ ରେଣୁ ପ୍ରଧାନ(୪୨)ଙ୍କ ଗୁରୁବାର ମୃତ୍ୟୁ ହୋଇଛି। ସକାଳେ ସେ ଗ୍ରାମ ଅଙ୍ଗନୱାଡି କେନ୍ଦ୍ରରେ ଶିଶୁ ମାନଙ୍କ ପାଇଁ ରୋଷେଇ ଓ ଲଡୁ ବଣ୍ଟନ କରିବା ପରେ ହଠାତ ଅସୁସ୍ଥ ହେଇପଡିଥିଲେ। ତାଙ୍କୁ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରା ଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅତ୍ୟଧିକ ଖରା ଯୋଗୁ ଅଂଶୁଘାତରେ ତାଙ୍କର ମୃତ୍ୟୁ ହୋଇଥିବା ଗ୍ରାମବାସୀ ଆଲୋଚନା କରୁଛନ୍ତି।

## ଓଲଟିଲା କୋବି ବୋଝେଇ ଟ୍ରକ୍

ଗଞ୍ଜାମ,୧୦।୪(ବିଦ୍ୟାଧର ସାହୁ) ଗଞ୍ଜାମ ଥାନା ଅନ୍ତର୍ଗତ ଜୟଶ୍ରୀ ଛକ ୧୬ନଂ. ଜାତୀୟ ରାଜପଥରେ ଗୁରୁବାର ଏକ କୋବି ବୋଝେଇ ଟ୍ରକ ଓଲଟି ପଡ଼ିଥିଲା। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ଗଞ୍ଜାମ ଥାନା ସେକେଣ୍ଡ ଅଫିସର ଅନିରୁଦ୍ଧ ସ୍ୱାଇଁ, ଅନନ୍ତ ରାଓ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ରୁଟ ପରିବର୍ତ୍ତନ କରି ଅନ୍ୟ ଗାଡ଼ିଗୁଡ଼ିକୁ ଛାଡ଼ିଥିଲେ। ଦୁର୍ଘଟଣାରେ ଡ୍ରାଇଭର ସାମନ୍ୟ ଆହତ ହୋଇଛନ୍ତି। ଟ୍ରକ୍‌ଟି ବ୍ରହ୍ମପୁରରୁ ଭୁବନେଶ୍ୱର ଯାଉଥିଲା। ୨ଘଣ୍ଟା ପରେ ରାସ୍ତାରୁ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ହଟାଯାଇଥିଲା। ଜାତୀୟ ରାଜପଥ ପାଟ୍ରୋଲିଂ ପୋଲିସ, ଗଞ୍ଜାମ ଥାନା ପୋଲିସ ଏବଂ ଗଞ୍ଜାମ ବ୍ଲକ୍ ଡ୍ରାଇଭର ମହାସଂଘ ଉପସଭାପତି ଧରଣୀଧର ସାହୁ ଉପସ୍ଥିତ ଥିଲେ।

# ଗଞ୍ଜାମ ଜିଲା ଲୋକକଳାର ଗନ୍ତାଘର

ଛତ୍ରପୁର,୧୦।୪(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):



ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅବସରରେ ବାଡ଼ି ଆଖଡ଼ା ପ୍ରଦର୍ଶନ କରୁଥିବା କଳାକାରମାନେ।

ଗଞ୍ଜାମ ଜିଲାର ସଦର ମହକୁମା ଛତ୍ରପୁରଠାରେ ଓଡିଆ ପକ୍ଷ ପାଳନ ଅବସରରେ ଗୁରୁବାର ଲୋକକଳା ପାଇଁ ଦିନଟିଏ, ବରିଷ୍ଠ କଳାକାରମାନଙ୍କୁ ସମ୍ବର୍ଦ୍ଧନା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ କଳାକାର ଶୋଭାଯାତ୍ରା ବାହାରି ଜିଲା ସଂସ୍କୃତି ଭବନଠାରେ ପହଞ୍ଚି ଥିଲା। ସେଠାରେ କଳାକାର ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀ ଯୋଗଦେଇ କହିଥିଲେ ଯେ, ଗଞ୍ଜାମ ଜିଲାର ଲୋକକଳା ଅତି ପୁରାତନ। ଗଞ୍ଜାମ ଜିଲା ଲୋକକଳାର ଗନ୍ତାଘର। ଏହି କଳାର ଐତିହ୍ୟ ବଜାୟ ରଖିବା ସକାଶେ ସରକାରଙ୍କ ପ୍ରୟାସ ଜାରି ରହିଥିବା ମତ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଲୋକକଳା ଗବେଷକ ଡ. ବାୟା ମନୁ ଚର୍ଚ୍ଚି କହିଥିଲେ ଯେ, ଗଞ୍ଜାମ ଜିଲାରେ ୬୭ ପ୍ରକାର ଲୀଳା ନାଟ୍ୟ, ନାଟକ, ନାଟ, ନାଚ ଓ ନୃତ୍ୟ ରହିଛି। ଏହା ସମଗ୍ର ବିଶ୍ୱରେ ବିରଳ ଦୃଷ୍ଟାନ୍ତ। ଗଞ୍ଜାମର ରଣପା ନାଚ, ବାଘ ନାଚ ବିଶ୍ୱରେ ପ୍ରସିଦ୍ଧିଲାଭ କରିଛି। ଭାରତ ଲୀଳା ଭାରତ ବାହାରେ ଅଭିନୀତ ହୋଇଥିବା ପ୍ରଥମ ଲୋକ ନାଟକ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଦେବ ଦତ୍ତ ପଣ୍ଡା କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ଏହି ଅବସରରେ ଜିଲାର ୨୨ଟି ବ୍ଲକର ୪୪ ଜଣ ବରିଷ୍ଠ ଲୋକକଳା ଗୁରୁ ଓ ଲୋକକଳା କଳାକାରମାନଙ୍କୁ ସମ୍ମାନିତ କରାଯାଇଥିଲା। ବ୍ଲକ କଳା ସାଂସ୍କୃତିକ ସଂଘର ସମସ୍ତ ବ୍ଲକର ଉପ ସଭାପତି ମାନଙ୍କୁ ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ଗଞ୍ଜାମ ଜିଲ୍ଲାରେ ଲୋକ ନାଟକ ଏକାଡେମୀ ପ୍ରତିଷ୍ଠା ସକାଶେ ସମସ୍ତ କଳାକାର, ଗବେଷକ ଏବଂ ଅତିଥି ଗଣ ମତ ଦେଇଥିଲେ। ଓଡିଶା ନାଟକ ସମାରୋହ ସମିତି ସଭାପତି ଅନିଲ କୁମାର ପାତ୍ର, ଛତ୍ରପୁର ଏନଏସି ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, ଜିଲ୍ଲା କଳା ସାଂସ୍କୃତିକ ସଂଘର ଉପ ସଭାପତି ସନ୍ତୋଷ କୁମାର ପାଢୀ, ସ୍ତମ୍ଭକାର ପ୍ରଫେସର୍ ଭି. ରାଜେନ୍ଦ୍ର ରାଜୁ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ରବି ନାରାୟଣ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଜିଲ୍ଲା ସଂସ୍କୃତି ପରିଷଦ ସଦସ୍ୟ ଅରୁଣ କୁମାର ଶତପଥୀ ସଂଯୋଜନା କରିଥିଲେ।

## ନିଖୋଜ ଚାଷୀଙ୍କ ଗଳିତ ମୃତଦେହ ଜବତ

### ବାର୍‌ହା ଆକ୍ରମଣ କରିଥିବା ସନ୍ଦେହ

ଦିଗପହଣ୍ଡି,୧୦।୪(ଅଶେଷ ନାଥ ମିଶ୍ର): ସାନଖେମୁଣ୍ଡି ବ୍ଲକ ଖଲିଙ୍ଗୀ ପଞ୍ଚାୟତ ଗୁଣସାଗର ଗ୍ରାମ ନିକଟ ଚାଷଜମିରୁ ଗୁରୁବାର ଜଣେ ଚାଷୀଙ୍କ ଗଳିତ ମୃତଦେହ ପାଟପୁର ପୋଲିସ ଜବତ କରିଛି। ସେ ହେଲେ ଗୁଣସାଗର ଗ୍ରାମର ଉଦୟ ନାହାକ (୬୦)। ଉଦୟ ଗତ ମଙ୍ଗଳବାର ସକାଳୁ ନିଖୋଜ ଥିଲେ। ବାର୍‌ହା ଉପଦ୍ରବରୁ ଫସଲ ରକ୍ଷା କରିବା ନିମନ୍ତେ ଭୋର୍‌ରେ ଚାଷ ଜମିକୁ ଯାଇ ଫେରି ନ ଥିଲେ। ୨ ଦିନ ହେଲା ତାଙ୍କ ପତ୍ତା ମିଳି ନ ଥିଲା। ଗୁରୁବାର ସକାଳେ ଗ୍ରାମର କେତେଜଣ ଏକ ଚାଷ ଜମିରେ ଉଦୟଙ୍କ ଗଳିତ ମୃତଦେହ ପଡ଼ିଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ବାର୍‌ହା ଆକ୍ରମଣରେ ତାଙ୍କର ମୃତ୍ୟୁ ଘଟିବା ପରେ କୌଣସି ବନ୍ୟଜନ୍ତୁ ଶରୀରର ଅର୍ଦ୍ଧାଧିକ ଅଂଶ ଖାଇ ଦେଇଥିବା ଲୋକେ ସନ୍ଦେହ କରିଛନ୍ତି। ଖବରପାଇ ପାଟପୁର ଥାନା ପୋଲିସ ଟିମ ଏବଂ ବନ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପାଟପୁର ଥାନା ଆଇଆଇସି ଦୀପ୍ତି ରଞ୍ଜନ ବେହେରା କହିଛନ୍ତି।

## ରାସ୍ତା ସଂଯୋଗୀକରଣକୁ ଗୁରୁତ୍ୱାରୋପ

### ଛତ୍ରପୁର ବିଧାୟକଙ୍କ ସମୀକ୍ଷା



ବୈଠକରେ ବିଧାୟକ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

ଛତ୍ରପୁର,୧୦।୪ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ): ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଗୁରୁବାର ସ୍ଥାନୀୟ ସର୍କିଟ ହାଉସ ଠାରେ ନିର୍ବାଚନମଣ୍ଡଳୀ ସ୍ତରୀୟ ସମୀକ୍ଷା ବୈଠକ କରିଛନ୍ତି। ଏଥିରେ ନିର୍ବାଚନ ମଣ୍ଡଳୀରେ ଚାଲିଥିବା ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ଓ କାର୍ଯ୍ୟ ଏବଂ ଆଗାମୀ ଦିନରେ କାର୍ଯ୍ୟକାରୀ ହେବାକୁ ଥିବା କାର୍ଯ୍ୟର ବିସ୍ତୃତ ସମୀକ୍ଷା ହୋଇଥିଲା। ବୈଠକରେ ଜଳସେଚନ, ଆରଡ଼ି, ପିଡବ୍ଲୁଡ଼ିର ଯନ୍ତ୍ରୀ, ଛତ୍ରପୁର ଓ ଗଞ୍ଜାମ ବିଡ଼ିଓ, ଛତ୍ରପୁର, ଗଞ୍ଜାମ ଓ ରମ୍ଭା ଏନଏସିର ନିର୍ବାହୀ ଅଧିକାରୀ ଯୋଗଦେଇ ଚାଲିଥିବା ଉନ୍ନୟନ କାର୍ଯ୍ୟ ଗୁଡିକର ତଥ୍ୟ ଉପସ୍ଥାପନ କରିଥିଲେ। ନିର୍ବାଚନମଣ୍ଡଳୀରେ ବିଭିନ୍ନ ରାସ୍ତାର କିଭଳି ସଂଯୋଗୀକରଣ ହୋଇପାରିବ ସେ ଉପରେ ବିଧାୟକ ଗୁରୁତ୍ୱାରୋପ କରି କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବର୍ଷା ପୂର୍ବରୁ ୨୦୨୫–୨୬ର ରାସ୍ତା ନିର୍ମାଣର ସ୍ଥିତି କ'ଣ ଅଛି ତାର ସମୀକ୍ଷା ସହ ବ୍ଲକ ଅଧୀନରେ ଥିବା ରାସ୍ତା ଯାହା ପାଇଁ ଅନୁଦାନର ଅଭାବ ରହିଛି ସେଗୁଡିକୁ ଜଳସେଚନ,ଆରଡ଼ି, ପିଡବ୍ଲୁଡ଼ି ବିଭାଗକୁ ହସ୍ତାନ୍ତର କରିବା ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ଆଗାମୀ ୫ ବର୍ଷ ପାଇଁ ବିଭିନ୍ନ ବିଭାଗ ଗୁଡିକର କ'ଣ ଭିଜନ ରହିଛି ସେ ଉପରେ ବିଧାୟକ ପଚାରି ବୁଝିଥିଲେ। ପ୍ରତି ମାସରେ ଏଭଳି ବୈଠକ ହୋଇ ସମୀକ୍ଷା କରାଯିବ ବୋଲି ବିଧାୟକ ସୂଚନା ଦେଇଛନ୍ତି।

## ନିଷ୍ଠାବାନ୍ ହୋଇ ଅଧ୍ୟୟନ କର: ମନ୍ତ୍ରୀ ଗୋକୁଳାନନ୍ଦ

ବୁଗୁଡ଼ା,୧୦।୪(କାଳିଚରଣ ଦାଶ) ବୁଗୁଡ଼ା ଏନ୍‌ଏସି ଅନ୍ତର୍ଗତ ବୀରଧନଞ୍ଜୟପୁର ସ୍ଥିତ ପିଏମ୍‌ଶ୍ରୀ ବୁଦ୍ଧଗିରି ବିଦ୍ୟାପୀଠର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ବିଦ୍ୟାଳୟର ପ୍ରଶଂସାଗାନ କରିବାସହ ନିଷ୍ଠାବାନ ହୋଇ ଅଧ୍ୟୟନ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ମୁଖ୍ୟ ବକ୍ତା ଭାବେ ତହସିଲଦାର ତାପସ ରାଉତ, ସମ୍ମାନିତ ଅତିଥି ଭାବେ ବ୍ଲକ୍ ଅଧକ୍ଷା ପ୍ରତିନିଧି କେ.ନୀଳମାଧବ ଆଚାରୀ, ଉପ–ନିବନ୍ଧକ ଅଧିକାରୀ ସବିତା ଦଳାଇ, ବିଇଓ ଚିନ୍ମୟ ମହାପାତ୍ର, କାଉନସିଲର ସ୍ୱପ୍ନା କୁମାରୀ ଦାଶ ଓ ଏସ୍‌ଏମ୍‌ସି ସଭାପତି ଦିବ୍ୟ ଚରଣ ଦାଶ ଯୋଗଦେଇଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଉତ୍ସବର ପ୍ରାରମ୍ଭରେ ବୈଷ୍ଣବ ଚରଣ ଦାଶ ବେଦପାଠ ଓ କିରାଣି ଗନ୍ଧର୍ବ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କ୍ରୀଡ଼ା ଶିକ୍ଷକ ବିନୋଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ସ୍ୱାମୀଙ୍କ ନାଁରେ ଏତଲା ଦେଲେ ସ୍ତ୍ରୀ

ଦିଗପହଣ୍ଡି,୧୦।୪(ଅଶେଷ ନାଥ ମିଶ୍ର): ଦିଗପହଣ୍ଡି – ଟିଙ୍କିଟି ରାସ୍ତାର ଦଳିତ ସାହିରେ ଶାଶୁ, ଶ୍ୱଶୁର ଓ ସ୍ତ୍ରୀଙ୍କୁ ମାଡ଼ ମାରି ୫ ବର୍ଷର ପୁଅକୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ସ୍ତ୍ରୀ ଶିବାନୀ ସେଠୀ ଦିଗପହଣ୍ଡି ରାଣୀ ସାହିରେ ରହୁଥିବା ସ୍ୱାମୀ ପନିଲ ସେଠୀଙ୍କ ବିରୋଧରେ ଏ ନେଇ ଏତଲା ଦେଇଛନ୍ତି। ପୋଲିସ ନଂ.୧୩୪/୨୫ରେ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛି। ପ୍ରାୟ ୬ ବର୍ଷ ପୂର୍ବେ ଉଭୟେ ଉଭୟଙ୍କୁ ଭଲପାଇ ବିବାହ କରିଥିଲେ। କିଛିଦିନ ଭଲରେ ଚଳିବା ପରେ ଅଧିକ ଯୌତୁକ ପାଇଁ ଶିବାନୀଙ୍କୁ ପନିଲ ମାଡ଼ ମାରୁଥିଲେ। ଗତ ସୋମବାର ସେ ଶ୍ୱଶୁର ଘରକୁ ଆସି ସ୍ତ୍ରୀଙ୍କୁ ମାଡ଼ ମାରିଥିଲେ। ଶାଶୁ, ଶ୍ୱଶୁର ଛଡ଼ାଇବାରୁ ସେମାନଙ୍କୁ ମଧ ମାଡ଼ ମାରିଥିଲେ। ମଙ୍ଗଳବାର ଅପରାହ୍ନରେ ସ୍ୱାମୀ ୫ ବର୍ଷର ପୁଅକୁ ଜୋର ଜବରଦସ୍ତ ଛଡାଇ ନେଇଥିବା ଶିବାନୀ ଏତଲାରେ ଦର୍ଶାଇଛନ୍ତି।

## ପ୍ରେମାନନ୍ଦ ବ୍ଲକ୍ ବିଜେଡ଼ି ସଭାପତି

ଚକାପାଦ,୧୦।୪(ପ୍ରତାପ କିଶୋର ବେହେରା) ଚକାପାଦ ବ୍ଲକ୍‌ର ବିଜେଡ଼ିର ସାଙ୍ଗଠନିକ ପାଇଁ ଗୋଟିଏ ସପ୍ତାହ ପୂର୍ବରୁ ୧୨ ପଞ୍ଚାୟତର ସଭାପତି ଚୟନ ପ୍ରକ୍ରିୟା ସରିଥିବା ବେଳେ ଦଳର ନିର୍ଦ୍ଦେଶକ୍ରମେ ଗୁରୁବାର ବ୍ଲକ୍ ଅଧକ୍ଷା ବୈନେତ୍ରୀ କହ୍ନରଙ୍କ ଅଧକ୍ଷତାରେ ବସ୍ତିଙ୍ଗିଆ ଶିବମନ୍ଦିରରେ ସଭାକାର୍ଯ୍ୟ ହୋଇଥିଲା। ପୂର୍ବରୁ ଥିବା ସଭାପତି ରାଜେଶ ଡିଗାଲଙ୍କ ଇସ୍ତଫା ଦେବାପରେ ବ୍ଲକ୍ ସଭାପତି ପଦ ଖାଲି ପଡ଼ିଥିଲା। ବରିଷ୍ଠ କର୍ମକର୍ତ୍ତାଙ୍କୁ ନେଇ ଦଳର ସାଙ୍ଗଠନିକ ବିଷୟରେ ଆଲୋଚନା ହୋଇଥିଲା। ବରିଷ୍ଠ କର୍ମୀ ପ୍ରେମାନନ୍ଦ ପ୍ରଧାନଙ୍କୁ ସଭାପତି ପାଇଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଶ୍ୱାମିତ୍ର ମଲିକ ପ୍ରସ୍ତାବ ଦେଇଥିଲେ। କୁସୁମେଣ୍ଡି ପଞ୍ଚାୟତର ସଭାପତି ଅଶ୍ୱନୀ ପ୍ରଧାନ, ବନବିହାରୀ କହ୍ନର, ଅଭିମନ୍ୟୁ ପଟ୍ଟନାୟକ, ସୁନୀଲ ଡିଗାଲ, ସାମନ୍ତ ଡିଗାଲ ଏହାକୁ ସମର୍ଥନ କରିଥିଲେ। ଫଳରେ ସଭାପତି ରୂପେ ପ୍ରେମାନନ୍ଦ ପ୍ରଧାନଙ୍କୁ ଘୋଷଣା କରାଯାଇଥିଲା।

### ମହିଳାଙ୍କ ରାସ୍ତା ଅବରୋଧ ପରେ ପ୍ରଶାସନର ତତ୍ପରତା

## ବନ୍ଧସାହି ଜଳ ଯୋଗାଣ ଅସୁବିଧା ଦୂର ପାଇଁ ବିଡିଓଙ୍କ କ୍ଷେତ୍ର ପରିଦର୍ଶନ

ଖଜୁରୀପଡ଼ା ୧୦।୪( ବିଦୁର ବେହେରା) ଖଜୁରୀପଡ଼ା ବନ୍ଧ ସାହିରେ ଦୀର୍ଘ ଦିନ ଧରି ପାନୀୟ ଜଳ ସମସ୍ୟା ଲାଗିରହିଛି। ଫଳରେ ବହୁ ଅସୁବିଧା ଭୋଗୁଛନ୍ତି ଗ୍ରାମବାସୀ। ଏ ନେଇ ବିଭାଗୀୟ ଅଧିକାରୀମାନଙ୍କୁ ଗ୍ରାମବାସୀ ଜଣାଇଥିଲେ ସୁଦ୍ଧା କୌଣସି ସୁଫଳ ନ ମିଳିବାରୁ ବାଧ ହୋଇ ମହିଳା ମାନେ ହଣ୍ଡା, ବାଲଟି, ଗରା ଧରି ବୁଧବାର ଫୁଲବାଣୀ ଭୁବନେଶ୍ୱର ରାସ୍ତା ଅବରୋଧ କରିଥିଲେ। ଖବର ପାଇ ବ୍ଲକ ପାନୀୟ ଜଳ ଯୋଗାଣ ବିଭାଗ ଅଧିକାରୀ ପହଞ୍ଚି ମହିଳା ମାନଙ୍କୁ ବୁଝାଶୁଝା କରି ରାସ୍ତା ଅବରୋଧ ହଟାଇଥିଲେ। ପାନୀୟ ଜଳ ଯୋଗାଣ ସମସ୍ୟା ଶୀଘ୍ର ଦୂରୀକରଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏ ନେଇ ଗୁରୁବାର ଧରିତ୍ରୀରେ ଖବର ପ୍ରକାଶ ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ପାନୀୟ ଜଳ ଯୋଗାଣ ସମସ୍ୟା ଦୂର କରିବା ପାଇଁ ଖଜୁରୀପଡ଼ା ବ୍ଲକର ନୂତନ ବିଡ଼ିଓ ଶୁଭ ଦତ୍ତାତ୍ରେୟ ବାହିନୀପତି ଆଜି କ୍ଷେତ୍ର ପରିଦର୍ଶନ କରିଛନ୍ତି। ରଣପାଟୁଲିଠାରେ ଥିବା ଅତିରିକ୍ତ ଇଣ୍ଟକେ ୱେଲକୁ ସପ୍ତାହକ ମଧରେ କାର୍ଯ୍ୟକ୍ଷମ କରାଯିବ, ପାଇପଲାଇନରେ କିଛି ଆବଶ୍ୟକ ଉପକରଣ ଲଗାଯିବ, ଖଜୁରୀପଡାଠାରେ ଆଉ ଦୁଇଟି ନୂଆ ପମ୍ପ ହାଉସ ଏବଂ ଗୋଟିଏ ସୋଲାର ୱେଲରୁ ଜଳ ଯୋଗାଣ ବ୍ୟବସ୍ଥା ହେବ। ଏହା ଦ୍ୱାରା ପାନୀୟ ଜଳ ସମସ୍ୟା ଦୂର ହୋଇପାରିବ ବୋଲି ବିଡିଓ କ୍ଷେତ୍ର ପରିଦର୍ଶନ ସମୟରେ ସୂଚନା ଦେଇଛନ୍ତି।



## ପୋଷଣଯୁକ୍ତ ଖାଦ୍ୟ ନେଇ ଅଙ୍ଗନୱାଡ଼ି କର୍ମୀଙ୍କୁ ତାଲିମ

ଶେରଗଡ଼,୧୦।୪ (ସୂର୍ଯ୍ୟ ନାରାୟଣ ଦାଶ) ଶେରଗଡ଼ ବ୍ଲକ ପିତଳ ଓ ଗୋବିନ୍ଦପୁର ଗ୍ରାମର ରାଜୀବଗାନ୍ଧୀ ସେବା କେନ୍ଦ୍ର ଗୃହରେ ପୋଷଣ ଯୁକ୍ତ ଖାଦ୍ୟ ଉପରେ ଅଙ୍ଗନୱାଡି କର୍ମୀଙ୍କୁ ନେଇ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ସିଡିପିଓ ମମତାଞ୍ଜଳୀ ପଣ୍ଡା, ସେବା ଅନୁଷ୍ଠାନ ମୁଖ୍ୟ ଅଳକା ସାହୁ ଯୋଗଦେଇ ଥିଲେ। ଅଙ୍ଗନବାଡ଼ି କର୍ମୀଙ୍କୁ ନିଜ ନିଜ କେନ୍ଦ୍ରରେ ଗର୍ଭବତୀ ମହିଳାଙ୍କ ଉପଯୁକ୍ତ ସାସ୍ଥ୍ୟର ଯତ୍ନ ଓ ପୋଷଣ ଯୁକ୍ତ ଖାଦ୍ୟ ଓ ତଟକା ପନିପରିବା ଖାଦ୍ୟ ଯୋଗାଣ ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଥିଲା। ବାଲ୍ୟବିବାହ ବନ୍ଦ କରିବା ପାଇଁ ବ୍ୟାପକ ସଚେତନତା ସୃଷ୍ଟି କରିବା ମହିଳା ଓ କିଶୋରୀ ବାଳିକାଙ୍କ ସାସ୍ଥ୍ୟର ଯତ୍ନ ନେବା ଉପରେ କର୍ମୀମାନେ ଏ ଦିଗରେ ପଦକ୍ଷେପ ନେବାକୁ ତାଲିମଦାତା ବୁଝାଇଥିଲେ। ଏହି ଅବସରରେ ପୋଷଣ ଯୁକ୍ତ ଖାଦ୍ୟ ପ୍ରଦର୍ଶନୀକୁ ଅତିଥିମାନେ ବୁଲି ଦେଖିଥିଲେ। ପରେ ସମସ୍ତ ଅଙ୍ଗନୱାଡି କର୍ମୀ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ। ସୁପରଭାଇଜର ରମା ଅଧିକାରୀ ଓ ସି,ଆଚାରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ



ଉଦ୍‌ଯାପନୀ ଉତ୍ସବରେ ଜଣେ ଅତିଥି ନିଜ ବକ୍ତବ୍ୟ ଦେଉଛନ୍ତି।

ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ, ୧୦।୪ (ଅରୁଣ ସାହୁ/ମନୋରଞ୍ଜନ ରଣା) ଦାରିଙ୍ଗବାଡ଼ି ବ୍ଲକ୍ ବ୍ରାହ୍ମଣୀଗାଁ ରଷିମାଳ ଡିଗ୍ରୀ କଲେଜରେ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କଲେଜର ଅଧକ୍ଷ ଡା.ଭାସ୍କର ଚରଣ ନାୟକଙ୍କ ଅଧକ୍ଷତାରେ ଅତିଥିଭାବେ ରଷିମାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ସନ୍ତୋଷ ନାହାକ ଅତିଥିଭାବେ ଯୋଗଦେଇଥିଲେ। ସେହିପରି ଡିଗ୍ରୀ କଲେଜର ଇତିହାସ ଅଧ୍ୟାପକ ଅକ୍ଷୟ ବେହେରଦଳାଇ ସ୍ୱାଗତ ଭାଷଣ ଦେବା ସହ ଆତ୍ମରକ୍ଷା ତାଲିମର ଆବଶ୍ୟକତା ଓ ଏହାର ସଫଳତା ସମ୍ପର୍କରେ ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ଅଧ୍ୟାପିକା ଲଳିତା ସିଂ ଓ ପ୍ରଶିକ୍ଷିକା ସୁଶ୍ରୀ ସୁରଭି ଶବରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିରାର୍ଥୀଙ୍କୁ ଆତ୍ମାରକ୍ଷା ସମ୍ପର୍କିତ ବିଭିନ୍ନ କୌଶଳ ଶିକ୍ଷା ପ୍ରଦାନ କରାଯାଇଥିଲା। ଉତ୍ସବରେ ସମସ୍ତ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ କଲେଜର ଅମିତ ନାୟକ, ମନୋରଞ୍ଜନ ବଳିୟାରସିଂ, ସମୀର ପ୍ରସାଦ ମାଇକେଲ, କୃଷ୍ଣ ମାଝୀ, ସୁଜ୍ଞାନ ସାହୁ, ବିମଳ ବସ୍ତାରାୟ, ଲାଇବ୍ରେରିୟାନ ପବିତ୍ର ବେହେରଦଳାଇ ପ୍ରମୁଖ ସହଯୋଗ କରିଥିଲେ।

# ବିଭିନ୍ନ ବ୍ଲକରେ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି/ଧରାକୋଟ/ଭଞ୍ଜନଗର/ପାତ୍ରପୁର/ଫୁଲବାଣୀ, ୧୦।୪(ଗିରିଧାରୀ ପରିଛା/ବିଷ୍ଣୁ କେଶରୀ ଆଚାର୍ଯ୍ୟ/ବାବୁଲା ପ୍ରଧାନ/ ଉମା ଚରଣ ନେପାକ/ରାକେଶ ରାଉତ) ଓଡ଼ିଶା ପକ୍ଷ ପାଳନ ଅବସରରେ ଗୁରୁବାର ଗଜପତି ଜିଲା ଗୋସାଣୀ ବ୍ଲକ ଅଗରଖଣ୍ଡି ପଞ୍ଚାୟତର ଲୋକକଳା ଗ୍ରାମ୍ୟ ଭାବେ ପରିଚିତ ବଡ଼ଗାଁରେ ଲୋକକଳା କାର୍ଯ୍ୟକ୍ରମ ଲୋକକଳା ପାଇଁ ଦିନଟିଏ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ରୂପେ ଜିଲାପାଳ ବିଜୟ କୁମାର ଦାଶ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମିଞ୍ଜ, ଉପ ଜିଲ୍ଲାପାଳ ଅନୁପ ପଣ୍ଡା, ଗୋସାଣୀ ପଞ୍ଚାୟତ ସମିତି ଅଧକ୍ଷ ଏନ.ବୀରାରାଜୁ, ବିଡିଓ ଗୌର ଚନ୍ଦ୍ର ପଟ୍ଟାନାୟକ ଉପସ୍ଥିତ ଥିଲେ। ଏହି ଗ୍ରାମର ପ୍ରତ୍ୟେକ ବ୍ୟକ୍ତି ଲୋକକଳାକୁ ନିଜର ନୂଆପିଢ଼ିଙ୍କୁ ସାମିଲ କରୁଥିବାରୁ ଅତିଥିମାନେ ଗ୍ରାମବାସୀଙ୍କୁ ପ୍ରଶଂସା କରିଥିଲେ। ଏହି ଅବସରରେ ଗ୍ରାମର ବରିଷ୍ଠ ଓ କନିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ସେହିପରି ଧରକୋଟରେ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବ୍ଲକର ବରିଷ୍ଠ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା। କଳାକାରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ବିଡିଓ ଡେନିଶ ବେହେରା ଅଧକ୍ଷତା କରିଥିଲେ। ଅତିଥି ଭାବେ ଏବିଡିଓ ସୁଶୀଳ ପଟ୍ଟନାୟକ ଓ ବ୍ଲକ କଳାକାର ସଂଘ ଉପାଧକ୍ଷ ସୁବାଶ ଚନ୍ଦ୍ର ସ୍ୱାଇଁ ଉପସ୍ଥିତ ଥିଲେ। ଗ୍ରାମାଞ୍ଚଳରେ ପାଲା, ଦାଶ କାଠିଆ,ସଙ୍କୀର୍ତ୍ତନ, ଘୁଡୁକି, ଭାରତ ଲୀଳା, ଗାହାଣୀ ଭଳି ଲୋକ ନୃତ୍ୟ ପରିବେଷଣ କରି ଓଡ଼ିଆ ସଂସ୍କୃତି ଓ ଐତିହ୍ୟର ବହୁଳ ପ୍ରଚାର ପ୍ରସାର ଜାରି ରଖିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ।

ଭଞ୍ଜନଗର ପଞ୍ଚାୟତ ସମିତି ପକ୍ଷରୁ ଓଡ଼ିଆ ପକ୍ଷ ପାଳନ ଅବସରରେ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।ଭଞ୍ଜନଗର ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା କଳାକାରମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ବ୍ଲକ କଳାକାର ସଂଘ କର୍ମକର୍ତ୍ତା ନାରାୟଣ ମହାରଣା ଅତିଥି ଭାବେ ଯୋଗଦେଇ ଥିଲେ। ସେହିଭଳି ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ମଧ ଯୁବ ଲେଖକ ପ୍ରତିଯୋଗିତା ହୋଇଥିଲା। ଅଧକ୍ଷ ରାଜେନ୍ଦ୍ର ଦାସ ଅଧକ୍ଷତା କରିଥିଲେ। ପ୍ରାଧାପକ ବିଭାସ ଦାସ, ଅଧାପିକା ରାଜଲକ୍ଷ୍ମୀ ରଥ, ରୋଜାଲିନ ମହାରଣା, ଦିପଶ୍ରୀ ମହାପାତ୍ର, ଯୁବ ରେଡକ୍ରସ ଅଧିକାରୀ ବିଦେଶୀ ରାଉତ ଉପସ୍ଥିତ ଥିଲେ। ପାତ୍ରପୁର ବ୍ଲକ କାର୍ଯ୍ୟାଳୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ ବ୍ଲକ କଳା ସଂସ୍କୃତି ସଂଘ ପକ୍ଷରୁ ଲୋକ କଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲୋକକଳାର ମହତ୍ତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ବିଡ଼ିଓ ଲକ୍ଷ୍ମଣ ଚରଣ ସୋରେନ, ଏବିଡିଓ ବିଜୟ ପ୍ରଧାନ, ସ୍ନେହାଶଷ ପଟ୍ଟନାୟକ ଉପସ୍ଥିତ ଥିଲେ। ପାଲାନାଚ ଗୁରୁ ଯୋଗେନ୍ଦ୍ର ପ୍ରଧାନ, ଚିନ୍ତାଢୁ ଡମ୍ବରୁ, ବାଦକ ଅନନ୍ତ ପ୍ରଧାନ, ରାଜ ଗୋପାଳ ପାଢ଼ୀ ଓ ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ମାଧବ ବାଉତ୍ୟାଙ୍କୁ ସମ୍ମାନିତ କରାଯାଇଥିଲା।

ଖଜୁରୀପଡାଠାରେ ଜିଲା ପ୍ରଶାସନ ପକ୍ଷରୁ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅତିରିକ୍ତ ଜିଲାପାଳ କୁଶଳ ଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ପଦ୍ମଶ୍ରୀ ପୂର୍ଣ୍ଣମାସୀ ଯାନୀ, ଖଜୁରୀପଡା ବିଡ଼ିଓ ଶୁଭ ଦତ୍ତାତ୍ରେୟ, ଜିଲା ପରିଷଦ ସଭ୍ୟା ଉର୍ବଶୀ ଦିଗାଳ, ଖଜୁରୀପଡା ବ୍ଲକ ଅଧକ୍ଷା ଅନିମା କହଁର, ବ୍ଲକର ସମସ୍ତ ସରପଞ୍ଚ ଓ ସମିତି ସଭ୍ୟସଭ୍ୟା, କଳା ସାଂସ୍କୃତିକ ସଂଘ ଉପ ସଭାପତିମାନେ ଉପସ୍ଥିତ ଥିଲେ। ୪୦ ଜଣ ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ହାତୀ ପଲଙ୍କ ଉପଦ୍ରବ

ଜି.ଉଦୟଗିରି,(ବିନୟ କୁମାର ସେଠୀ)ଜି.ଉଦୟଗିରି ଠାରୁ କଳିଙ୍ଗା ଯିବା ରାଜ୍ୟ ରାଜପଥ ନିକଟ ରାଇପଡା ଠାରେ ହାତୀପଲ ଉପଦ୍ରବ କରୁଥିବା ସୂଚନା ମିଳିଛି। ସୂଚନା ଅନୁସାରେ କିଛି ଦିନ ହେବ ୨୮ଟିକିଆ ହାତୀପଲ ବୁଲୁମାଙ୍ଗିଆ ଅଞ୍ଚଳରେ ଥିଲେ କିନ୍ତୁ ବର୍ତ୍ତମାନ ରାଇପଡା ଠାରେ ରାଜ୍ୟ ସଡ଼କର ଅତି ନିକଟରେ ଥିବା ବେଳେ ରାସ୍ତାରେ ଯିବା ଆସିବା ଯାତ୍ରୀ ଆତଙ୍କିତ ଅବସ୍ଥାରେ ଯାତାୟତ କରୁଛନ୍ତି। ଘଟଣା ବିଷୟରେ ଖବର ପାଇ ସ୍ଥାନୀୟ ବନବିଭାଗ କର୍ମଚାରୀ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ହାତୀପଲ ଉପରେ ଦୃଷ୍ଟି ରଖିବା ସହ ହାତୀପଲଙ୍କୁ ଘୋଉଡ଼ାଇବାକୁ ଚେଷ୍ଟା କରିଛନ୍ତି।



# ଗଞ୍ଜାମର ଅଧା ଲୋକକଳା ହଜିଗଲାଣି

ବ୍ରହ୍ମପୁର,୧୦।୪(ଅଶୋକ କୁମାର ସାହୁ)

ଓଡ଼ିଶା ସଂସ୍କୃତି ଓ ଲୋକକଳା ଅନନ୍ୟ। ତେବେ ବିଶ୍ୱର ଅଧିକାଂଶ ଲୋକକଳା ଗଞ୍ଜାମରୁ ଜନ୍ମ। ତେଣୁ ଲୋକକଳା କ୍ଷେତ୍ରରେ ଗଞ୍ଜାମର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି ବୋଲି ଗବେଷକମାନେ ବିବେଚନା କରନ୍ତି। କିନ୍ତୁ ବିଭିନ୍ନ କାରଣରୁ ଏବେ ସେଥିରୁ ଅଧା ଲୋକକଳା ହଜିଗଲାଣି। ରାଜ୍ୟ ସରକାର ଲୋକକଳାକୁ ବଞ୍ଚାଇବା ପାଇଁ ଓଡ଼ିଆ ପକ୍ଷ ପାଳନ ଅବସରରେ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ରଖିଛନ୍ତି। ସେହି କ୍ରମରେ ଗୁରୁବାର ଛତ୍ରପୁରଠାରେ ଜିଲାସ୍ତରୀୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରା ଓ ସମ୍ବର୍ଦ୍ଧନାରେ ଏହି କାର୍ଯ୍ୟକ୍ରମ ସରିଛି। ଗଞ୍ଜାମରେ ବିଶେଷ କରି ରାମଲୀଳା, କୃଷ୍ଣଲୀଳା, ଘୁଡିକି, ରାମ ନାଟକ, କଣ୍ଢେଇ ନାଚ, ସଖୀ ନାଚ, ପ୍ରହ୍ଲାଦ ନାଟକ, ପଶୁମୁଖା ନୃତ୍ୟ, ଯୋଡିଶଙ୍ଖ, ରଣପା ନୃତ୍ୟ, ଭାରତ ଲୀଳା, ଭୂତକେଳି, ରାଧାପ୍ରେମ ଲୀଳା, ସାପସାପୁଆଣୀ, କଳାଘୋଡା, କୋଠୀଶାଳ, ହରିକଥା, ଦାସକାଠିଆ, ଗାହାଣ ଆଦି ୬୭ ପ୍ରକାର ଲୋକକଳା ରହିଛି। କିନ୍ତୁ ସେଥିରୁ ୨୬ ଲୋକକଳା ବଞ୍ଚିଛି। ଅଧାରୁ ଅଧିକ ହଜିଗଲାଣି ବୋଲି ଜିଲା ସଂସ୍କୃତି ବିଭାଗ ପକ୍ଷରୁ ସ୍ୱୀକାର କରାଯାଇଛି। ଏ ସଂକ୍ରାନ୍ତରେ ଗବେଷକ ହୃଷୀକେଶ ପାଣିଗ୍ରାହୀ କୁହନ୍ତି, ପୂର୍ବରୁ ଯେତିକି ଲୋକକଳା ଥିଲା ବର୍ତ୍ତମାନ ଅଧାରୁ ଅଧିକ ହଜିଗଲାଣି। ପ୍ରାୟ ୩୦ ଲୋକକଳା ବଞ୍ଚି ରହିଛି। ପ୍ରତି ୧୦ କିମିରେ ରୂପରଙ୍ଗ, ସଂସ୍କୃତି, ଭାଷା ବଦଳୁଛି। ତେଣୁ ସେହି ଅନୁସାରେ ସଂସ୍କୃତି ବି ବଦଳୁଛି। ସଂସ୍କୃତିକୁ ନେଇ ଲୋକକଳା ବି ସୃଷ୍ଟି ହୋଇଛି। ଆଦି ସଂସ୍କୃତି ପରେ ଗ୍ରାମାଞ୍ଚଳରୁ ଲୋକ ସଂସ୍କୃତି ତିଆରି ହୋଇଛି। ସମର୍ପଣରୁ ଜମି, ଚାଷ, ଦେବତା ବିଷୟରେ ଲୋକଗୀତଗୁଡିକ ରହିଛି। ସବୁଠୁ ବଡ କଥା ସେଲା ଦଶନାରେ ୧୬ ପ୍ରକାର ଲୋକକଳା ରହିଛି। ୟୁଟ୍ୟୁବରେ ସଂସ୍କୃତି ଓ ଲୋକନାଟକ ଭିଡିଓ ନାହିଁ। ସବୁ ବିଶ୍ୱବିଦ୍ୟାଳୟରେ ଲୋକ ସଂସ୍କୃତିକୁ ଗୁରୁତ୍ୱ ଦିଆଯିବା ଉଚିତ। ୧୫ ମିନିଟ,


ଗଞ୍ଜାମର ଲୋକନାଟ୍ୟ ପ୍ରହ୍ଲାଦ ନାଟକ।

୩୦ ମିନିଟର କାର୍ଯ୍ୟକ୍ରମ କରିବା ଉଚିତ। ହଜିଯିବା ଲୋକକଳା ପାଇଁ କେବଳ ସରକାର ନୁହଁନ୍ତି, ସାଂସ୍କୃତିକ ଗବେଷକ, ବିଶ୍ୱବିଦ୍ୟାଳୟ, ଜ୍ଞାନୀ, ଗୁଣି ବୁଦ୍ଧିଜୀବୀ ସମସ୍ତେ ଦାୟୀ। ୧୦ ହଜାର କଳାକାର ବର୍ତ୍ତମାନ ଗଞ୍ଜାମରେ ଥିବାବେଳେ ୪ରୁ ୬ ହଜାର କଳାକାର କଳାକୁ ନେଇ ବଞ୍ଚୁଛନ୍ତି। ଲୋକକଳାକୁ ବଞ୍ଚାଇବାକୁ ହେଲେ ବହୁଳ ପ୍ରଚାର ପ୍ରସାର ହେବା ଉଚିତ। ଏନେଇ ଡା.ସାଗର ରଞ୍ଜନ ତ୍ରିପାଠୀ କୁହନ୍ତି, କଳାକାରଙ୍କୁ ସମ୍ମାନର ଅଭାବ ଲାଗି ଲୋକକଳା ଲୋପ ପାଇଆସୁଛି। ବର୍ତ୍ତମାନ ହାତଗଣତି ୧୪/୨୦ ଲୋକକଳା ବଂଚିଛି। କୃଷ୍ଣ ଲୀଳା ପାଇଁ ଶେରଗଡର କଳାକାର ଗୋପୀନାଥ ସ୍ୱାଇଁଙ୍କୁ ଗତବର୍ଷ ପଦ୍ମଶ୍ରୀ ସମ୍ମାନ ମିଳିଛି। ଘୁଙ୍ଗା, ଗାହାଣୀ, ଗଞ୍ଜପା ଆଦି ଲୋପ ପାଇଗଲାଣି। ଲୋକ କଳାକାରମାନେ ସମାଜକୁ ଯେତିକି ସଚେତନ କରୁଛନ୍ତି, ସାଂସ୍କୃତିକ ଓ ସାଂସାରିକ ସମ୍ପର୍କରେ ବାନ୍ଧି ରଖିଥିଲେ ସେମାନଙ୍କ ପେଟ ପୁରିବା ଭଳି କିଛି ନାହିଁ। ତେଣୁ ସେଥିରୁ ସେମାନେ ଓହରି ଗଲେଣି। କଳା ପ୍ରତି ଆନ୍ତରିକତା, ପ୍ରୋତ୍ସାହନ ଓ ଅନୁଦାନ ନାହିଁ। ପ୍ରତ୍ୟେକ ବର୍ଷ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି। ଦକ୍ଷିଣ ଓଡ଼ିଶା ସାଂସ୍କୃତିକ ଗବେଷଣା କେନ୍ଦ୍ର ବି ରହିଛି। ଏହା ବି ଲୋକ ଦେଖାଣିଆ। ତେଣୁ ଲୋକକଳା ବଂଚାଇବାକୁ ହେଲେ ସରକାରୀ ସ୍ତରରେ ଏବଂ ସାମାଜିକ ସ୍ତରରେ ଉଦ୍ୟମ ହେବା ଉଚିତ। ସାଂସ୍କୃତିକ ଗବେଷକ ଡ. ବାୟାମରୁ ଚର୍ଚ୍ଚ କୁହନ୍ତି, ଯେତିକି ଲୋକ କଳା ରହିଛି ଏବେ ୨୬ଟା ରହିଛି। ଏହା ବି ଧୀରେ ଧୀରେ ମରି ମରି ଯାଉଛି। କଂସବଧ, ରାସଲୀଳା ଭଳି ଅନେକ ଲୋକନାଟକ ଲୋପ ପାଇଗଲାଣି। ଯୁବପିଢ଼ୀ ସଚେତନ ହେଲେ ଲୋକକଳା ବଞ୍ଚିବ। ବର୍ତ୍ତମାନ ଲୋକକଳାଗୁଡିକୁ ବଞ୍ଚାଇବାକୁ ହେଲେ ସେଗୁଡିକର ଡକୁମେଣ୍ଟେସନ ହେବା ଉଚିତ। ଲୋକ ନାଟକ ଏକାଡେମୀ ପ୍ରତିଷ୍ଠା ହେବା ଉଚିତ ବୋଲି ସେ କହିଥିଲେ। ଜିଲା ସଂସ୍କୃତି ଅଧିକାରୀ ରବି ନାରାୟଣ ବେହେରା କୁହନ୍ତି ଯେ, ଲୋକକଳାଗୁଡିକୁ ସଂରକ୍ଷଣ ପାଇଁ ସରକାରୀ ସ୍ତରରେ ଅନେକ କାର୍ଯ୍ୟକ୍ରମ ଜାରି ରହିଛି। ବର୍ତ୍ତମାନ ମୁଖ୍ୟମନ୍ତ୍ରୀ କଳାକାର ଯୋଜନାରେ ୫୮୦୪ କଳାକାରଙ୍କୁ ଭତ୍ତା ପ୍ରଦାନ କରାଯାଉଛି। ସରକାରଙ୍କ ଏପରି କାର୍ଯ୍ୟକ୍ରମ ଦ୍ୱାରା ଅନେକ କଳାକାର ସଚେତନ ହୋଇଥିବା ସେ କହିଛନ୍ତି।

## ଗାଡ଼ି ଧକ୍କାରେ ମହିଳାଙ୍କ ମୃତ୍ୟୁ, ରାସ୍ତାରୋକୋ

ଫୁଲବାଣୀ,୧୦।୪(ରାକେଶ କୁମାର ରାଉତ)

ଫୁଲବାଣୀ ସଦର ଥାନା ଅନ୍ତର୍ଗତ ଲାହାବାଡ଼ିଠାରେ ପିକ୍‌ଅପ୍ ଭ୍ୟାନ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଲାହାବାଡ଼ିର ବେଣୁଧର ଦିଗାଳଙ୍କ ସ୍ତ୍ରୀ ସତ୍ୟଭାମା ଦିଗାଳ(୩୨)। ଗୁରୁବାର ସକାଳ ପ୍ରାୟ ୯ଟାରେ ସତ୍ୟଭାମା ନିଜ ଘର ସମ୍ମୁଖରେ ଠିଆ ହୋଇଥିବା ବେଳେ ଟିକାବାଲି ପଟୁ ଆସୁଥିବା ପିକ୍‌ଅପ ଭ୍ୟାନ(ଓଡ଼ି ୦୪ ପିୟୁ ୧୮୮୧) ଭାରସାମ୍ୟ ହରାଇ ତାଙ୍କ ଆଡ଼କୁ ମାଡି ଯାଇଥିଲା। ଫଳରେ ଘଟଣାସ୍ଥଳରେ ସତ୍ୟଭାମାଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଗ୍ରାମବାସୀ ମୃତଦେହକୁ ରଖି ରାସ୍ତାଅବରୋଧ କରିଥିଲେ। ପରିବାରକୁ କ୍ଷତିପୂରଣ ଦାବିରେ ଶତାଧିକ ଗ୍ରାମବାସୀ ଫୁଲବାଣୀ-ବ୍ରହ୍ମପୁର ୧୫୭ ନଂ ଜାତୀୟ ରାଜପଥ ଉପରେ ବସି ରହିଥିଲେ। ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଯାନବାହନ ଅଟକି ରହିଥିଲା। ସଦର ଥାନା ଅଧିକାରୀ ସତୀଶ ଚନ୍ଦ୍ର ନାୟକ ପହଞ୍ଚି ବୁଝାଶୁଝା କରିଥିଲେ ମଧ ଲୋକେ ଧାରଣାରୁ ଉଠିନଥିଲେ। ପରେ ଫୁଲବାଣୀ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ଏବଂ ସଦର ଏସ୍‌ଡିପିଓ ଶୁଭ୍ରଜିତ ବିଶ୍ୱାଳ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୧୫ ହଜାର ଟଙ୍କା ଦିଆଯିବା ସହ ନିୟମ ଅନୁଯାୟୀ ଅନ୍ୟାନ୍ୟ ସହାୟତା ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ଅପରାହ୍ନ ପ୍ରାୟ ୪ଟାରେ ରାସ୍ତାରୋକୋ ହଟିଥିଲା। ସଦର ପୋଲିସ ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଦୁର୍ଘଟଣାରେ ଆହତଙ୍କ ମୃତ୍ୟୁ

ବ୍ରହ୍ମପୁର, ୧୦।୪(ସୁବାସ ଚନ୍ଦ୍ର ପାଢ଼ୀ)

ଦୁର୍ଘଟଣାରେ ଆହତ ଜଣେ ଯୁବକଙ୍କ ଏମକେସିଜି ମେଡିକାଲରେ ଗୁରୁବାର ମୃତ୍ୟୁ ହୋଇଛି। ସେ ହେଲେ ଛତ୍ରପୁର ଥାନା ନିମପଲିର ପିଣ୍ଟୁ ଦାସ(୨୭)। ପୋଲିସ ଗୁରୁବାର ମୃତଦେହ ଜବତ କରି ବ୍ୟବଛେଦ ପାଇଁ ପଠାଇଛି। ବୁଧବାର ପିଣ୍ଟୁଙ୍କ ବାଇକ୍ ସହ ଛତ୍ରପୁର ବଡ଼ ମାଧପୁର ଗ୍ରାମର ଏସ.ନିରଞ୍ଜନ ରେଡ୍ଡିଙ୍କ ବାଇକ୍ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ନିରଞ୍ଜନଙ୍କ ମୃତ୍ୟୁ ଘଟିଥିଲା।

## ଗହଣା ଦୋକାନରୁ ୧୨ ସୁନା ଚେନ୍ ଲୁଟିନେଲେ ଦୁର୍ବୃତ୍ତ

ଦିଗପହଣ୍ଡି,୧୦।୪(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ଡେଙ୍ଗାଓସ୍ତା ବଜାର ଭୀଷ୍ମଗିରି ମୁଖ୍ୟ ରାସ୍ତା କଡ଼ରେ ଥିବା ପବିତ୍ର ବିଷୋୟୀଙ୍କ ଗହଣା ଦୋକାନରୁ ୧୨୦ ଗ୍ରାମ ଓଜନର ୧୨ଟି ସୁନା ଚେନ୍ ୨ ଜଣ ଦୁର୍ବୃତ୍ତ କୌଶଳକ୍ରମେ ଲୁଟି ନେଇଛନ୍ତି। ବୁଧବାର ମଧ୍ୟାହ୍ନ ୧୨ଟାରେ ଏହି ୨ ବ୍ୟକ୍ତି ଦୋକାନକୁ ଆସି ସୁନା ଚେନ୍ କିଣିବାକୁ କହିଥିଲେ। ଦୋକାନ ମାଲିକ ବିଷୋୟୀ ସେମାନଙ୍କୁ ବିଭିନ୍ନ ଡିଜାଇନର ସୁନା ଚେନ୍ ଦେଖାଇଥିଲେ। ଉଭୟେ ହିନ୍ଦୀରେ କଥା ହେଉଥିଲେ। ପରେ କୌଶଳକ୍ରମେ ସେମାନେ ସୁନା ଚେନ୍‌ଥିବା ବକ୍ସକୁ ଲୁଟିନେଇ ତତ୍‌କ୍ଷଣାତ ଫେରାର ହୋଇଯାଇଥିଲେ। ବିଷୋୟୀ ସୁନା ଚେନ୍ ଥିବା ବକ୍ସଗୁଡ଼ିକୁ ତନଖି କରିବା ବେଳେ ଗୋଟିଏ ବକ୍ସ ନ ଥିବା ଜାଣିବାକୁ ପାଇଲେ। ପରେ ସେ ଦୋକାନ ସିସିଟିଭି ଫୁଟେଜ ଦେଖିବା ପରେ ସମ୍ପୃକ୍ତ ୨ବ୍ୟକ୍ତି ୧୨ଟି ସୁନା ଚେନ ଥିବା ବକ୍ସକୁ ଲୁଟି ନେଇଥିବା ଜାଣିଥିଲେ। ଏନେଇ ସେ ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ଏହାକୁ ଭିତ୍ତିକରି ଆଇଆଇସି ପ୍ରଶାନ୍ତ ପାତ୍ର ନଂ.୧୩୭/୨୫ରେ ମାମଲା ରୁଜୁ କରିଛନ୍ତି। ଏସ୍‌ଆଇ ଦୁଷ୍ମନ୍ତ ପ୍ରଧାନ ଘଟଣାର ତଦନ୍ତ କରୁଛନ୍ତି। ଲୁଟ୍ ୧୨ ସୁନା ଚେନ୍‌ର ମୂଲ୍ୟ ୭ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି।

## କ୍ରୀଡ଼ା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ରମ୍ଭା,୧୦।୪(ବନବାସୀ ସେଠୀ)

ସୁବଳୟା ଗୋପାଳକୃଷ୍ଣ ସରକାରୀ ଉଚ୍ଚବିଦ୍ୟାଳୟରେ ଶାରୀରିକ କ୍ରୀଡା ଶିକ୍ଷକ ଭଞ୍ଜକିଶୋର ବିଶ୍ୱାଳଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିନିମନ୍ତେ ଅନୁଷ୍ଠିତ ସଭାରେ ପ୍ରଧାନ ଶିକ୍ଷକ ପ୍ରଶାନ୍ତ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ରୂପେ ଗଞ୍ଜାମ ବ୍ଲକ୍ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ ଓ ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ବିଜୟ ବିଶ୍ୱାଳ ଯୋଗଦେଇ ଅବସର ନେଉଥିବା କ୍ରୀଡା ଶିକ୍ଷକ ଭଞ୍ଜକିଶୋର ବିଶ୍ୱାଳଙ୍କ ବିଦ୍ୟାଳୟ, ଜିଲା ତଥା ରାଜ୍ୟ ଓ ଜାତୀୟସ୍ତରରେ କ୍ରୀଡାର ବିକାଶ କ୍ଷେତ୍ରରେ ଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଶିକ୍ଷକ ବିଭୂତି ଚରଣ ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷୟିତ୍ରୀ ମୋନାଲିସା ରଥ ଧନ୍ୟବାଦ୍ ଅର୍ପଣ କରିଥିଲେ।

## କାଞ୍ଜିବାରୀ ସାହିରେ କଳାକୁଞ୍ଜୀ ନିମନ୍ତ୍ରଣ

ବ୍ରହ୍ମପୁର,୧୦।୪(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ଅଧିଷ୍ଠାତ୍ରୀ ଦେବୀ ବୁଢି ଠାକୁରାଣୀ ଯାତ୍ରାର ଅଷ୍ଟମ ଦିନ ଗୁରୁବାର ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ସକାଳୁ ମା'ଙ୍କ ପୂଜାର୍ଚ୍ଚନା ପରେ ସନ୍ଧ୍ୟାରେ ମା'ଙ୍କ ମୁଖ୍ୟ ଘଟ ସମେତ ପାର୍ଶ୍ୱ ଘଟ ବିଭିନ୍ନ ସାହି ପରିକ୍ରମା କରିଥିଲା। ମୁଖ୍ୟଘଟକୁ ଦେବକୀ ଓ ପାର୍ଶ୍ୱ ଘଟ ଗୁଡିକୁ ପରମ୍ପରା ଅନୁଯାୟୀ ଡେରା ସଂପ୍ରଦାୟର ମହିଳାମାନେ ମୁଣ୍ଡାଇଥିଲେ। ମା'ଙ୍କ ଘଟ ପ୍ରଥମେ ଦେଶୀ ବେହେରା ସାହି ଅସ୍ଥାୟୀ ମଣ୍ଡପରୁ ବାହାରି ପରମ୍ପରା ଅନୁଯାୟୀ ମହୁରୀ ରାଜବାଟୀରେ ପହଂଚିଥିଲା। ରାଜବାଟୀରେ ରାଜାଙ୍କ ଦ୍ୱାରା ମାଙ୍କୁ ପୂଜାର୍ଚ୍ଚନା ପରେ ରାଜବାଟୀରୁ ଘଟ ବଡ ବଜାର ହୋଇ ବୀରାକା ସାହି, ପାୱଲ ସାହି, ଗାଦିବାରୀ ସାହି, ମାଲାଶିଣୀ ପେଟା ଓ କାଞ୍ଜିବାରୀ ସାହି ହୋଇ ଆଦାମଜୀ ଲାଇନ, ଗୌଡ ସାହି ପରିକ୍ରମା କରିଥିଲା। ପୁଣି ଥରେ ବଡ


ଅସ୍ଥାୟୀ ମଣ୍ଡପରେ ମା'।

ବଜାର ହୋଇ ନଡିଆ ବଜାର ଦେଇ ଦେଶୀ ବେହୋରା ସାହି ଅସ୍ଥାୟୀ ମଣ୍ଡପକୁ ଫେରିଥିଲେ। କାଞ୍ଜିବାରୀ ସାହିରେ କଳାକୁଞ୍ଜିକୁ ମା' ନିମନ୍ତ୍ରଣ କରିଥିଲେ। ଘଟ ପରିକ୍ରମା ସମୟରେ ବିଭିନ୍ନ ସାହିରେ ବହୁ ମହିଳା ମା'ଙ୍କ ପାଦ ଧୋଇବା ପାଇଁ ଅପେକ୍ଷା କରି ରହିଥିଲେ। ତେବେ ଯାତ୍ରାରେ ଦିନକୁ ଦିନ ମାନସିକ ବେଶଧାରୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଲାଞ୍ଜିଆ ଅଂଚଳରୁ ଆସିଥିବା ସୁନୀତା ମହାରଣା କହିଛନ୍ତି ଯେ, ଦୀର୍ଘ ୧୨ ବର୍ଷ ଧରି ତାଙ୍କର କୌଣସି ସନ୍ତାନ ହେଉ ନ ଥିଲେ। ମା'ଙ୍କ ନିକଟରେ ମାନସିକ ପରେ ୧୨ ବର୍ଷ ପରେ ତାଙ୍କର ଗୋଟିଏ ପୁଅ ଓ ଝିଅ ଜନ୍ମ ହୋଇଛନ୍ତି। ମାନସିକ ପୂରଣ ହୋଇଥିବା କାରଣରୁ ପୁଅ ଶ୍ରୀତମ ମହାରଣାଙ୍କୁ କୃଷ୍ଣ ବେଶ ଓ ଝିଅ ଶ୍ରୀୟା ମହାରଣାଙ୍କୁ ରାଧା ବେଶ ପକାଇ ମାଙ୍କ ଦର୍ଶନ ପାଇଁ ଆସିଛନ୍ତି। ମାଙ୍କ କରୁଣା ଅପାରମୟ ବୋଲି ସେ କହିଛନ୍ତି। ସେହିଭଳି କବିସୂର୍ଯ୍ୟନଗର ଅଂଚଳରୁ ଆସିଥିବା ଜନାର୍ଦ୍ଦନ ପ୍ରଧାନ ତାଙ୍କ ଝିଅ ସନ୍ଧ୍ୟାରାଣୀ ପ୍ରଧାନଙ୍କ ଛୋଟ ବେଳେ ଦେହ ଭଲ ହେବା ପାଇଁ ତାଙ୍କ ମା ଠାକୁରାଣୀଙ୍କ ନିକଟରେ ମାନସିକ କରିଥିଲେ। ମାଙ୍କ ଆଶୀର୍ବାଦରୁ ତାଙ୍କ ଝିଅ ସୁସ୍ଥ ହୋଇଛନ୍ତି। ଏହାପରେ ସେ ଝିଅକୁ ରାଧା ବେଶ ପକାଇ ଠାକୁରାଣୀଙ୍କୁ ଦର୍ଶନ ପାଇଁ ଆସିଥିବା କହିଛନ୍ତି। ମାଙ୍କ ଦର୍ଶନ ପାଇଁ ଖୁସି ବୋଲି କହିଛନ୍ତି।

## ଯାତ୍ରାରେ ମୁଖ୍ୟ ଆକର୍ଷଣ ବାଘ ନାଚ

ବ୍ରହ୍ମପୁର,୧୦।୪(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ବୁଢି ଠାକୁରାଣୀ ଯାତ୍ରାରେ ବାଘ ନାଚ ସବୁଠାରୁ ମୁଖ୍ୟ ଆକର୍ଷଣ। ପଡୋଶୀ ଆନ୍ଧ୍ର ପ୍ରଦେଶ ଓ ପଶ୍ଚିମବଙ୍ଗ ସମେତ ବିଭିନ୍ନ ରାଜ୍ୟରେ ଏହି ନାଚ ପ୍ରଚଳିତ ଥିଲେ ମଧ ବ୍ରହ୍ମପୁରର ବାଘ ନାଚ ସାଜସଜା, ନୃତ୍ୟ ଓ ବାଦ୍ୟର ସ୍ୱାଦ ଭିନ୍ନ। ଯାତ୍ରା ସମୟରେ ମାନସିକଧାରୀମାନେ ଏହି ବେଶ ଧାରଣ କରିଥାନ୍ତି। ବାଘ ନାଚ ନିମନ୍ତେ ବ୍ୟକ୍ତି ବିଶେଷଙ୍କୁ ନୃତ୍ୟରେ ପାରଙ୍ଗମ ହେବାକୁ ପଡିଥାଏ। ଏହା ଏକ ବ୍ୟୟ ବହୁଳ ନାଚ। ଏଥି ପାଇଁ ୪ ଟାଙ୍ଗୁ ବାଦ୍ୟ ଦରକାର। ବାଦ୍ୟ ଗୁଡିକ ପ୍ରତି ୧ ଘଣ୍ଟାରେ ଥରେ ନିଆଁ ସେକ ଦେବାକୁ ପଡିବ। ବାଘ ବେଶ ପଡୁଥିବା ବ୍ୟକ୍ତିଙ୍କ ଶରୀରରେ ପେଇଣ୍ଟରେ ଚିତ୍ରଣ, ମୁଣ୍ଡ, ପୋଷାକ, ସ୍ୱତନ୍ତ୍ର ଫୁଲମାଳ ତଥା ଚିତ୍ରକର ମଜୁରି ବାବଦରେ ଗୁଡିଏ ଅର୍ଥ ଖର୍ଚ୍ଚ ହୋଇଥାଏ। ବ୍ୟକ୍ତିଙ୍କ ଶରୀରରେ ବାଘ ଚିତ୍ର ହେବା ପରେ ପୂର୍ବରୁ ମା'ଙ୍କୁ ପୂଜା



ହୋଇ ଆସିଥିବା ବାଘ ମୁଖାକୁ ବେଶଧାରୀ ବହନ କରି ପ୍ରଥମେ ମା'ଙ୍କ ମଣ୍ଡପରେ ନାଚ କରିଥାଏ। ଏଥିପାଇଁ ୨୦ଜଣ ଆବଶ୍ୟକ। ବାଘକୁ ଚିତ୍ରିତ କରିବା, ମନ୍ଦିରକୁ ମୁଖା ନେଇ ପୂଜା କରିଆସିବା କାର୍ଯ୍ୟରେ ମଧ ସେମାନେ ସାମିଲ ହୁଅନ୍ତି। ଅତୀତରେ ବାଘ ନାଚ ସାରା ରାତି ଚାଲୁଥିଲା। କିନ୍ତୁ କଟକଣା କାରଣରୁ ବର୍ତ୍ତମାନ ସୀମିତ ସମୟ ମଧ୍ୟରେ ହେଉଛି।

## ଅଷ୍ଟଦଣ୍ଡ ମିଳନ କାର୍ଯ୍ୟକ୍ରମ ଉଦ୍‌ଯାପିତ



ରାଇକିଆ,୧୦।୪ (ପ୍ରଦୀପ ବେହେରା)- ରାଇକିଆ ପଞ୍ଚଦଣ୍ଡ ପରିଚାଳନା କମିଟି ଆନୁକୂଲ୍ୟରେ ଗୁରୁବାର ଅଷ୍ଟମିଳନ ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ପଞ୍ଚଦଣ୍ଡ କମିଟିର ୨୬ ବର୍ଷ ପୂର୍ତ୍ତି ଅବସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୮ଦଣ୍ଡ ନୃତ୍ୟ ଦଳ ଭାଗ ନେଇଥିଲେ। ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ସମସ୍ତ ଦଣ୍ଡଦଳଙ୍କୁ ବରଣ କରାଯାଇଥିଲା। ଅପରାହ୍ନରେ ଧୂଳି ଦଣ୍ଡ, ପାଣି ଦଣ୍ଡ ଅନୁଷ୍ଠିତ ହୋଇଥିଲା। ବର୍ଷା ସତ୍ତ୍ୱେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ସନ୍ଧ୍ୟାରେ ଦୁର୍ଗା ମଣ୍ଡପ ସମ୍ମୁଖରେ ଅଷ୍ଟଦଣ୍ଡ ମହାମିଳନ ହୋଇଥିଲା। ସଭାପତି ସନ୍ତୋଷ ଲେଙ୍କା, ସମ୍ପାଦକ ମନ ମୋହନ ପଟ୍ଟନାୟକ, କୋଷାଧ୍ୟକ୍ଷ ସୁରେନ୍ଦ୍ର ପଣ୍ଡା, ଉପସଭାପତି ବିଭୁଦତ୍ତ ବେହେରା, ସନ୍ତୋଷ ପଣ୍ଡା, ଶ୍ରୀନିବାସ ଆଚାରୀ, ଅରବିନ୍ଦ ଲେଙ୍କା, ସହ ସମ୍ପାଦକ କୃଷ୍ଣ ଚନ୍ଦ୍ର ମହାନ୍ତି, ସୁଶାନ୍ତ ପଣ୍ଡା, ବିଷ୍ଣୁ ପାଣିଗ୍ରାହୀ, ସନ୍ତୋଷ ପାତ୍ର, ରାଜ ମୋହନ ଦିଗାଲଙ୍କ ସମେତ ଉପଦେଷ୍ଟା ଦୁର୍ଯ୍ୟୋଧନ ଲେଙ୍କା, ସତ୍ୟବାନ ପାତ୍ର, ସୁଶିଳ ତ୍ରିପାଠୀ, ଅଭିମନ୍ୟୁ ନାୟକ, ନାରାୟଣ ପାତ୍ର, ଅଭିମନ୍ୟୁ ପଣ୍ଡା ଏବଂ କମିଟି ସଦସ୍ୟ ମାନେ ଉପସ୍ଥିତ ଥିଲେ।

## ଶ୍ୱଶୁର ହତ୍ୟାକାରୀ ବୋହୂ ଦୋଷୀ ସାବ୍ୟସ୍ତ

ବ୍ରହ୍ମପୁର,୧୦।୪(ସୁବାସ ଚନ୍ଦ୍ର ପାଢ଼ୀ)

ପାଟପୁର ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମରେ ବୋହୂର କାଠ ଫାଳିଆ ମାଡରେ ଶ୍ୱଶୁର ଉଦୟ ପ୍ରଧାନଙ୍କ ମୃତ୍ୟୁ ହୋଇଥିଲା। ଗଞ୍ଜାମ ଜିଲା ଦୌରା ଜଜ ରୂପଶ୍ରୀ ଚୌଧୁରୀ ଉକ୍ତ ମାମଲାର ବୃତାନ୍ତ ରାୟ ୧୧ ବର୍ଷ ପରେ ପ୍ରକାଶ କରିଛନ୍ତି। ଶ୍ୱଶୁରଙ୍କୁ ହତ୍ୟା ନେଇ କୌଣସି ପ୍ରମାଣ ମିଳି ନ ଥିଲା। କିନ୍ତୁ ଆକ୍ରମଣ ମାମଲାରେ ପ୍ରମାଣ ମିଳିଥିବାରୁ ବୋହୂ ବନିତା ପ୍ରଧାନ(୩୯)ଙ୍କୁ ଜଜ୍ ଦୋଷୀ ସାବ୍ୟସ୍ତ କରିଛନ୍ତି। ମାମଲାର ବିଚାର ବେଳେ ସେ ଜଣେ ଗରିବ ମହିଳା ହୋଇଥିବାରୁ ତାଙ୍କୁ ମାତ୍ର ୧୦୦୦ ଟଙ୍କା ଜରିମାନା ଦେବାକୁ ଜିଲା ଜଜ ନିର୍ଦ୍ଦେଶ ଦେଇଛନ୍ତି। ଏହା ଅନାଦେୟ ୧ ମାସ କାରାଦଣ୍ଡ ଭୋଗିବାକୁ ହେବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଦୋଷୀ ବନିତା ହେଉଛନ୍ତି ପାଟପୁର ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମର କଂସ ପ୍ରଧାନଙ୍କ ସ୍ତ୍ରୀ। ରାମଚନ୍ଦ୍ରପୁର ଗ୍ରାମର ଉଦୟ ପ୍ରଧାନଙ୍କ ୨ ପୁଅ କଂସ ଓ ହଂସ ସୁରଟରେ ରହି କାମ କରୁଛନ୍ତି। ୨୦୧୪ ଫେବୃଆରୀରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ ପାଇଁ କରିବାକୁ ଉଦୟଙ୍କ ୨ ବୋହୁ ବନିତା ଓ ଲକ୍ଷ୍ମୀ ସୁରଟରୁ ଗାଁକୁ ଆସିଥିଲେ। ସେହି ମାସ ୧୪ ତାରିଖରେ ସେମାନେ ନିଜ ଶ୍ୱଶୁର ଉଦୟଙ୍କୁ ଆଧାର କାର୍ଡ ମାଗିଥିଲେ। ହେଲେ ଶ୍ୱଶୁର ଆଧାର କାର୍ଡ ନଦେବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ବନିତା ଏକ କାଠ ଫାଳିଆରେ ଶ୍ୱଶୁର ଉଦୟଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଆଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ଉଦୟ ସୁସ୍ଥ ହୋଇ ଘରକୁ ଫେରିଥିଲେ। ଏ ନେଇ ଉଦୟଙ୍କ ସ୍ତ୍ରୀ ଗେଲା ପ୍ରଧାନଙ୍କ ଅଭିଯୋଗପ୍ରକାରେ ପାଟପୁର ଥାନାରେ ଉକ୍ତ ମାସରେ ଆକ୍ରମଣ ମାମଲା ରୁଜୁ ହୋଇଥିଲା। ହେଲେ ୨୮ ତାରିଖରେ ଉଦୟଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ଆକ୍ରମଣ ମାମଲାଟି ହତ୍ୟା ମାମଲାରେ ପରିଣତ ହୋଇଥିଲା। ହେଲେ ଘଟଣା ପରଠାରୁ ବନିତା ସୁରଟ ଚାଲି ଯାଇଥିବାରୁ ପୋଲିସ ତାଙ୍କୁ ଗିରଫ କରିବାରେ ସଫଳ ହୋଇପାରିନଥିଲା। ୨୦୨୩ ମାର୍ଚ୍ଚ ୩ ତାରିଖରେ ବନିତା ଗାଁକୁ ଆସିଥିବା ଜାଣିବା ପରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜେଲରେ ୨୦ ଦିନ ରହିବା ପରେ ମାର୍ଚ୍ଚ ୨୩ ତାରିଖରେ ସେ ଜାମିନରେ ମୁକୁଳିଥିଲେ। ମାମଲାର ବିଚାର ବେଳେ ମୋଟ ୧୬ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଜିଲା ଜଜ ଅଭିଯୁକ୍ତ ବନିତାଙ୍କୁ ହତ୍ୟା ମାମଲାରେ ନିର୍ଦ୍ଦୋଷ ସାବ୍ୟସ୍ତ କରିଥିବା ବେଳେ ଆକ୍ରମଣ ମାମଲାରେ ଦୋଷୀ ସାବ୍ୟସ୍ତ କରିଥିଲେ। ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ସୁନିଲ କୁମାର ସ୍ୱାଇଁ ମକଦ୍ଦମା ପରିଚାଳନା କରୁଥିଲେ।

## ହୋମିଓପାଥି ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ବାର୍ଷିକ ଉତ୍ସବ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବ୍ରହ୍ମପୁର, ୧୦।୪(ସୁବାସ ଚନ୍ଦ୍ର ପାଢ଼ୀ)

ସ୍ଥାନୀୟ ଗଞ୍ଜାମ କଳାପରିଷଦ ସମ୍ମିଳନୀ କକ୍ଷରେ ବିଜୁପଟ୍ଟନାୟକ ହୋମିଓପାଥି ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ରୂପେ ବ୍ରହ୍ମପୁର ବିଧାୟକ କେ.ଅନିଲ କୁମାର, ସମ୍ମାନନୀୟ ଅତିଥି ରୂପେ ଡା.ଭବାନି ଶଙ୍କର ମିଶ୍ର, ମୁଖ୍ୟବକ୍ତା ରୂପେ ପ୍ରଫେସର ପି.କେ.ପତି, ମହାବିଦ୍ୟାଳୟର ଅଧ୍ୟକ୍ଷା ଡା.ଗୀତାଞ୍ଜଳି ପଟ୍ଟନାୟକ ଓ ଛାତ୍ରକଲ୍ୟାଣ ଉପଦେଷ୍ଟା ଜୀବନ କ୍ରିଷ୍ଣା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିଗଣ ହୋମିଓପାଥିର ଉପାଦେୟତା ସହ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରିଥିଲେ। ମାନବ ସମାଜରେ ଏହାର ଉପକାରିତା ଓ ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସାଧାରଣ ସଂପାଦକ ପି.କୀର୍ତ୍ତି, ସାଂସ୍କୃତିକ ସମ୍ପାଦକ ପ୍ରଜ୍ଞା ପାୟସ୍ୱିନି, ଛାତ୍ର କଲ୍ୟାଣ କମିଟି ସଭାପତି ମମତା ମହାପାତ୍ରଙ୍କ ସମେତ ବହୁ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଏମ୍‌କେସିଜିରେ ସିବିସିଆନାଲାଇଜର ମେଶିନ ଉଦ୍‌ଘାଟିତ

ବ୍ରହ୍ମପୁର,୧୦।୪(ସୁବାସ ଚନ୍ଦ୍ର ପାଢ଼ୀ)

ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଅତ୍ୟାଧୁନିକ ସିବିସି ଆନାଲାଇଜର ମେଶିନ ଗୁରୁବାର ଉଦଘାଟିତ ହୋଇଯାଇଛି। ରୋଗ ନିଦାନ କେନ୍ଦ୍ର(ଆରଡିସି) କୋଠାର ଉପରମହଲାରେ ଥିବା ହେମାଟୋଲୋଜି ଲ୍ୟାବର ସିବିସି ବିଭାଗରେ ଏହି ଅତ୍ୟାଧୁନିକ ସିବିସି ସ୍ଲାଇଡ ଷ୍ଟେଇନ ମେସିନ ସ୍ଥାପନ କରାଯାଇଛି। ଏମକେସିଜିର ଅଧ୍ୟକ୍ଷା ତଥା ଡିନ ପ୍ରଫେସର ଡା. ସୁଚିତ୍ରା ଦାସ ଏହି ନୂତନ ମେସିନକୁ ଉଦଘାଟନ କରିଥିଲେ। ଏମକେସିଜିର ରେଜିଷ୍ଟ୍ରାର ସଂଗ୍ରାମ ପଣ୍ଡା, ପାଥଲୋଜି ବିଭାଗ ମୁଖ୍ୟ ପ୍ରଫେସର ଡା. ସୁତଲା ଚୌଧୁରୀ, ଆରଡିସି ଇନଚାର୍ଜ ସମୀର ବେହେରା, ଆସୋସିଏଟ ପ୍ରଫେସର ଡା. ମନୋଜ କୁମାର ପାତ୍ର, ଡା. ଅନୀତା ଚୌଧୁରୀ, ଡା. ସୁନୀତାରାଣୀ ସେନାପତି, ବରିଷ୍ଠ ଲ୍ୟାବ ଟେକନିସିଆନ ପ୍ରଦୀପ କୁମାର ଶତପଥି ଉପସ୍ଥିତ ଥିଲେ। ଓଡିଶାର ପ୍ରଥମ ସରକାରୀ ଡାକ୍ତରଖାନା ଭାବେ ଏମକେସିଜିରେ ଏହି ମେସିନ ସ୍ଥାପନ କରାଯାଇଛି। ହିମୋଗ୍ଲୋବିନ କମ ଥିବା ଓ ସିବିସି ଅନିୟମିତତା ଥିବା ରୋଗୀଙ୍କ କ୍ଷେତ୍ରରେ ଏହା ବେଶ ଉପାଦେୟ ହେବ ବୋଲି ସୂଚନା ଦିଆଯାଇଛି। ଏହି ମେସିନ ଦ୍ୱାରା ଶତପ୍ରତିଶତ ନିର୍ଭୁଲ ରିପୋର୍ଟ ମିଳିପାରିବ। ପୂର୍ବରୁ ସ୍ଲାଇଡ ମେକିଂ ପାଇଁ ଅନେକ ସମୟ ଲାଗୁଥିବା ବେଳେ ବର୍ତ୍ତମାନ ତୁରନ୍ତ ତାହା ହୋଇପାରିବ ବୋଲି କୁହାଯାଇଛି। ଜାପାନରେ ନିର୍ମିତ ଏହି ମେସିନର ନାମ ସିସମେକ୍ସ ଏକ୍ସଏନ-୧୫୦୦ ହେମାଟୋଲୋଜି ଆନାଲାଇଜର ୱିଥ ସ୍ଲାଇଡ ଷ୍ଟେନର ବୋଲି ଜଣାପଡିଛି। ୧ ଘଣ୍ଟାରେ ଏହି ସ୍ୱୟଂଚାଳିତ ମେସିନ ଦ୍ୱାରା ୧୦୦ଟି ନମୁନା ପରୀକ୍ଷା ହେଇପାରିବ ବୋଲି କୁହାଯାଇଛି।

## ରକ୍ତଦାନ ଶିବିର

ଫୁଲବାଣୀ, ୧୦।୪(ରାକେଶ କୁମାର ରାଉତ)

ଫୁଲବାଣୀ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ପରିସରରେ ବୁଧବାର କମଳା ସାହିତ୍ୟ ପ୍ରକାଶନୀ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲାପାଳ କୁଶଳ ନାୟକ ଓ ଶିଳ୍ପତାଲିମ ଅନୁଷ୍ଠାନ ଅଧ୍ୟକ୍ଷ ପ୍ରକାଶ ରଞ୍ଜନ ସୋରେନ ଶିବିର ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନ ପ୍ରତିଷ୍ଠାତା ଡ.ନୃସିଂହାନନ୍ଦ ମହାପାତ୍ର, ସଭାପତି ରାମକୃଷ୍ଣ ବେହେରାଙ୍କ ତତ୍ତ୍ୱାବଧାନରେ ଆଇଟିଆଇର ବିଭାଗୀୟ ଅଧିକାରୀ ସ୍ମରଣିକା ବାରିକ, ତାଲିମ ଓ ସହ ତାଲିମପ୍ରାପ୍ତ ଅଧିକାରୀ, ଆଇଟିଆଇ ଛାତ୍ରୀଛାତ୍ରମାନେ ରକ୍ତଦାନ କରିଥିଲେ। ଫୁଲବାଣୀ ରକ୍ତ ଭଣ୍ଡାର ଅଧିକାରୀ ଜୟଦିଶ ଘୋଷ, ରକ୍ତଦାତା ପ୍ରଶାନ୍ତ ବେହେରା, ଲେଖକ ସାମ୍ମୁଖ୍ୟ ସଭାପତି ରବୀନ୍ଦ୍ରନାଥ ମିଶ୍ର, ସମ୍ପାଦକ ପ୍ରସନ୍ନ ପଣ୍ଡା, ନବୀନ କିଶୋର ପଣ୍ଡା, ନବ କିଶୋରେ ରଥ ଉପସ୍ଥିତ ଥିଲେ। ଶିବିରରେ ୫୫ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

## ସ୍ୱାୟତ୍ତ ଶାସନ ଦିବସ ପାଇଁ ୩ ବର୍ଷରେ ୧.୪୯ କୋଟି ବ୍ୟୟ

### ଅଡିଟ୍ ଓ କାର୍ଯ୍ୟାନୁଷ୍ଠାନ ଦାବି କଲେ ଭାଜପା ନେତା

ବ୍ରହ୍ମପୁର,୧୦।୪(ନରସିଂହ ସାହୁ)

୨୦୨୨ ପୌର ନିର୍ବାଚନରେ ବିଜେଡି ସଂଖ୍ୟା ଗରିଷ୍ଠ ହୋଇଥିବାରୁ ବ୍ରହ୍ମପୁର ମହାନଗର ନିଗମ (ବିଇଏମସି)ରେ କ୍ଷମତା ଦଖଲ କରିଛି। ୨୦୨୪ ସୁଦ୍ଧା ୩ ଥର ସ୍ୱାୟତ୍ତ ଶାସନ ଦିବସ ପାଳନ କରିଛି। ଏହି ୩ ବର୍ଷରେ ଉତ୍ସବ ପାଳନ ଲାଗି ୧ କୋଟି ୪୯ ଲକ୍ଷ ୬୯ ହଜାର ୬୧୪ ଟଙ୍କା ଖର୍ଚ୍ଚ କରିଛି। ସହରବାସୀଙ୍କୁ ମୌଳିକ ସୁବିଧା ଯୋଗାଇବାରେ ସେତେଟା ସଫଳ ହୋଇ ନ ଥିବା ନିଗମ ସ୍ୱାୟତ୍ତ ଶାସନ ଦିବସ ପାନଲ ପାଇଁ ବିପୁଳ ପରିମାଣର ଅର୍ଥ ବ୍ୟୟ କରିଛି। ଏହା ପ୍ରଶ୍ନବାଚୀ ସୃଷ୍ଟି କରି ବିଇଏମସିକୁ ସନ୍ଦେହ ଘେରକୁ ଆଣିଛି। ଆଉ ମାତ୍ର ୩ ମାସ ପରେ ୨୦୨୫ର ସ୍ୱାୟତ୍ତ ଶାସନ ଦିବସ ହେବ। ଚଳିତ ବର୍ଷର ଉତ୍ସବ ପାଳନ ଲାଗି ଏବେଠୁ ଖସଡ଼ା ପ୍ରସ୍ତୁତ କରାଯାଇଛି। ଅନାବଶ୍ୟକ ଭାବେ ଖର୍ଚ୍ଚ କରାଯିବା ଉପରେ ସରକାର କଟକଣା ଜାରୀ କରିବାକୁ ଭାଜପା ନେତା ଆଇନଜୀବୀ ପୀତବାସ ପଣ୍ଡା ଦାବି କରିଛନ୍ତି।

ଗୁରୁବାର ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟକୁ ଭିତ୍ତି କରି ଏକ ପ୍ରେସ୍ ବିବୃତ୍ତିରେ ପଣ୍ଡା ଦର୍ଶାଇଛନ୍ତି ଯେ, ବିଇଏମସି ୨୦୨୨ରେ ସ୍ୱାୟତ୍ତ ଶାସନ ଦିବସ ପାଳନ ପାଇଁ ୪୪ ଲକ୍ଷ ୭୩ ହଜାର ୮୯୧ ଟଙ୍କା ବ୍ୟୟ କରିଛି। ୨୦୨୩ରେ ସ୍ୱାୟତ୍ତ ଶାସନ ଉତ୍ସବ ପାଇଁ ୫୮ ଲକ୍ଷ ୯୩ ହଜାର ୨୮୯ ଟଙ୍କା ଏବଂ ୨୦୨୪ରେ ସ୍ୱାୟତ୍ତ ଶାସନ ଦିବସରେ ୪୬ ଲକ୍ଷ ୨୪ ହଜାରରୁ ଅଧିକ ଟଙ୍କା ବ୍ୟୟ କରିଛି। ପୌରପାଳିକାରୁ ମହାନଗର ନିଗମ ଗଠନ ହେବାର ୧୫ ବର୍ଷ ବିତିଛି। ମହାନଗରରେ ଡ୍ରେନ ସମସ୍ୟା ବିପର୍ଯ୍ୟସ୍ତ ହୋଇଯାଇଛି। ବଡ଼ଧରଣର ବର୍ଷା ହେଲେ ନାଳ ପାଣି ନିଷ୍କାସନ ହୋଇ ନ ପାରି ବିଭିନ୍ନ ଅଞ୍ଚଳରେ କୃତ୍ରିମ ବନ୍ୟା ସ୍ଥିତି ଉପୁଜୁଛି। ରାସ୍ତାଘାଟ ଅବସ୍ଥା ମଧ ଶୋଚନୀୟ ହୋଇଛି। ଲୋକଙ୍କ ଏହି ମୌଳିକ ସମସ୍ୟାକୁ ବିଇଏମସି ଗୁରୁତ୍ୱ ନ ଦେଇ ସ୍ୱାୟତ୍ତ ଶାସନ ଉତ୍ସବ ପାଳନ ପାଇଁ ବିପୁଳ ଅର୍ଥ ବ୍ୟୟ କରିବା ସଂସ୍ଥାର ସ୍ୱଚ୍ଛତା ପ୍ରତି ପ୍ରଶ୍ନ ଉଠାଇଛି। ଏହାର ଅଡିଟ୍ କରି ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଣ୍ଡା ଦାବି କରିଛନ୍ତି।

## ସାନଖେମୁଣ୍ଡି ଓକିଲ ସଂଘ ନିର୍ବାଚନ

### ଚନ୍ଦ୍ରଧ୍ୱଜ ସଭାପତି, କିଶୋର ସମ୍ପାଦକ

ଦିଗପହଣ୍ଡି,୧୦।୪(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ସାନଖେମୁଣ୍ଡି ଗ୍ରାମ୍ୟ ନ୍ୟାୟାଳୟ ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ଚନ୍ଦ୍ରଧ୍ୱଜ ସିଂହଙ୍କୁ ସଂଘ ସଭାପତି ଭାବେ ମନୋନୀତ କରାଯାଇଛି। ସେହିପରି ମନୋଜ ମହାପାତ୍ର ଉପସଭାପତି, କିଶୋର ଚନ୍ଦ୍ର ଗୌଡ଼ ସମ୍ପାଦକ ଏବଂ ପ୍ରଶାନ୍ତ ବରାଡ଼ ସହ-ସମ୍ପାଦକ ତଥା କୋଷାଧ୍ୟକ୍ଷ ଭାବେ ସର୍ବସମ୍ମତ କ୍ରମେ ମନୋନୀତ ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଏହି ଗ୍ରାମ୍ୟ ନ୍ୟାୟାଳୟ ଓକିଲ ସଂଘ ପଞ୍ଜୀକୃତ ହୋଇନାହିଁ। ସଂଘ ପକ୍ଷରୁ ପଞ୍ଜୀକରଣ ପାଇଁ ଆବେଦନ କରାଯାଇଛି। ପଞ୍ଜୀକୃତ ସଂଘ ହୋଇ ନ ଥିବାରୁ ନିକଟରେ ରାଜ୍ୟରେ ଓକିଲ ସଂଘ ନିର୍ବାଚନ ବେଳେ ଏହାର ନିର୍ବାଚନ ହୋଇ ନ ଥିଲା।

# ୪୯ ଲକ୍ଷର ନକଲି ନୋଟ୍ ଜବତ, ୨ ଗିରଫ

## ଟିଟିଲାଗଡ଼ରେ ଏସ୍‌ଟିଏଫ୍ ଚଢ଼ାଉ



ଗିରଫ ଦୁଇ ଅଭିଯୁକ୍ତ

ଟିଟିଲାଗଡ଼,(ଶରତ ମିଶ୍ର)/ ଭୁବନେଶ୍ୱର,୧୦।୪ (ସବ୍ୟସାଚୀ ରାଉତ)

ପଶ୍ଚିମ ଓଡ଼ିଶାରେ ନକଲି ନୋଟ୍ କାରବାର ପେଣ୍ଡୁଲ ପାଲଟିଛି। କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ବାରମ୍ବାର ନକଲି ନୋଟ୍ ଜବତ କରିବା ସହ ସମ୍ପୃକ୍ତ ଚାଲାଣକାରୀଙ୍କୁ ଧରୁଥିଲେ ମଧ୍ୟ ଏହି ବେଆଇନ କାରବାର ବନ୍ଦ ହେବା ପରିବର୍ତ୍ତେ ବଢ଼ି ଚାଲିଛି। ଏବେ ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ରେ ଆଉ ଏକ ନକଲି ନୋଟ୍ ର୍‍ୟାକେଟକୁ ଧରିଛି କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍। ସ୍ଥାନୀୟ ପୋଲିସ ସହାୟତାରେ ଏସ୍‌ଟିଏଫ୍ ଟିମ୍ ଚଢ଼ାଉ କରି ୪୯ ଲକ୍ଷ ଟଙ୍କାର ନକଲି ନୋଟ୍ ଜବତ କରିବା ସହ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଟିଟିଲାଗଡ଼ ସହର ରଘୁନାଥପଡା ଅଞ୍ଚଳର ମହମ୍ମଦ ସବିର (୪୫) ଓ ସିକିର ଅଞ୍ଚଳର ନେତ୍ର ରାଉତ। ମିଳିତ ଟିମ୍ ସେମାନଙ୍କଠାରୁ ନକଲି ନୋଟ୍ ବ୍ୟତୀତ ଅନ୍ୟ ଅପରାଧ ସମ୍ବନ୍ଧୀୟ ସାମଗ୍ରୀ ଜବତ କରିଛି। ତେବେ ଗିରଫ ପରେ ଅଭିଯୁକ୍ତଦ୍ୱୟଙ୍କୁ ଏସ୍‌ଟିଏଫ୍ ଟିମ୍ ଟିଟିଲାଗଡ଼ ଥାନାକୁ ହସ୍ତାନ୍ତର କରିଥିଲା। ଏହି ଘଟଣାରେ ଟିଟିଲାଗଡ଼ ଥାନା ପୋଲିସ ଏକ ମାମଲା (ନଂ.୧୨୭/୨୦୨୫) ରୁଜୁ କରିବା ସହ ସବିର ଓ ନେତ୍ରଙ୍କୁ ଗୁରୁବାର କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାକୁ ନେଇ ଟିଟିଲାଗଡ଼ ଥାନାରେ ପୋଲିସ ପକ୍ଷରୁ ଗୁରୁବାର ଖବରଦାତା ସମ୍ମିଳନୀ କରାଯାଇଥିଲା। ଟିଟିଲାଗଡ଼ ଏସ୍‌ଡିପିଓ ଯଶୋବନ୍ତ ପ୍ରଧାନୀ ଓ ଆଇଆଇସି କଲ୍ୟାଣୀ ବେହେରାଙ୍କ ସୂଚନା ଅନୁଯାୟୀ, ନକଲି ନୋଟ୍ କାରବାର ନେଇ ସୂଚନା ମିଳିବା ପରେ ବୁଧବାର ସନ୍ଧ୍ୟାରେ ବଲାଙ୍ଗୀର-ଟିଟିଲାଗଡ ରୋଡ୍ ସିକିର ଗ୍ରାମ ନିକଟରେ ମିଳିତ ଟିମ୍ ଛକି ରହି ଅଭିଯୁକ୍ତଦ୍ୱୟଙ୍କୁ କାବୁ କରିଥିଲା। ସେମାନେ ଦୀର୍ଘଦିନ ପରେ ନକଲି ନୋଟ କାରବାର କରୁଥିଲେ। ସେମାନଙ୍କୁ ରିମାଣ୍ଡରେ ଅଣାଯାଇ ଅଧିକ ତଦନ୍ତ କରାଯିବ। ଏହି ନକଲି ନୋଟ୍ କେଉଁଠି ଛପା ଯାଉଥିଲା, ର୍‍ୟାକେଟର ମାଷ୍ଟରମାଇଣ୍ଡ କିଏ; ତାହା ଜାଣିବାକୁ ଛାନ୍‌ଭିନ୍ ଚାଲିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଭିନ୍ନ ଜାତିର ପୁଅ ସହ ଚାଲିଯିବାରୁ ଝିଅଙ୍କୁ ହତ୍ୟାକଲେ ବାପା

## ମାମୁଙ୍କ ଅଭିଯୋଗ ଆଧାରରେ ଅଭିଯୁକ୍ତ ବାପା ଗିରଫ

ପାଟନା, ୧୦।୪

ଅନ୍ୟ ଜାତିର ଜଣେ ଯୁବକଙ୍କ ସହ ଝିଅ ଘରୁ ପଳାଇଯିବାରୁ କ୍ରୋଧରେ ଜର୍ଜରିତ ଜଣେ ବାପା ନିଜ ଝିଅଙ୍କୁ ହତ୍ୟା କରିବାକୁ ପଛାଇ ନାହାନ୍ତି। ଏପରି କି ଏହି ହତ୍ୟା ସମ୍ପର୍କରେ ଅନ୍ୟ କାହାରିକୁ ନ ଜଣାଇ ମୃତଦେହକୁ ଗାଧୁଆ ଘରେ ଲୁଚାଇ ରଖିଥିଲେ। ଏଭଳି ଏକ ଘଟଣା ବିହାର ସମସ୍ତିପୁର ଜିଲାରେ ଘଟିଥିବାବେଳେ ଅଭିଯୁକ୍ତ ବାପା ମୁକେଶ ସିଂଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅପରପକ୍ଷରେ ଝିଅ ସାକ୍ଷୀଙ୍କ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ପୋଲିସ ସୂଚନାନୁଯାୟୀ, ସାକ୍ଷୀଙ୍କ ବାପା ମୁକେଶ ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀ। ସାକ୍ଷୀ ଏବଂ ତାଙ୍କର ଜଣେ ପୁରୁଷବନ୍ଧୁ ସାଙ୍ଗ ହୋଇ କଲେଜ ଯିବାଆସିବା କରନ୍ତି। ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ହେଲେ ଯୁବକ ଜଣକ ଭିନ୍ନ ଜାତିର ହୋଇଥିବାରୁ ଏହି ସମ୍ପର୍କକୁ ଝିଅର ପରିବାର ଗ୍ରହଣ କରିପାରି ନ ଥିଲେ। ଗତ ମାର୍ଚ୍ଚ ୪ରେ ସାକ୍ଷୀ ନିଜର ପୁରୁଷବନ୍ଧୁଙ୍କ ସହ ଘରଛାଡ଼ି ଦିଲ୍ଲୀ ପଳାଇଯାଇଥିଲେ। ସେଠାରେ ଜଣେ ସମ୍ପର୍କୀୟଙ୍କ ଘରେ ରହିଥିଲେ। ଘରୁ ଝିଅ କୁଆଡ଼େ ଚାଲିଯାଇଥିବା ନେଇ ମୁକେଶ ମୋଇଉଦ୍ଦିନ ନଗର ଥାନାରେ ଏକ ନିଖୋଜ ରିପୋର୍ଟ କରିଥିଲେ। ସପ୍ତାହେ ତଳେ ପୁରୁଷ ବନ୍ଧୁଙ୍କ ସମ୍ପର୍କୀୟମାନେ ଉଭୟଙ୍କୁ ବୁଝାଶୁଝା କରିବା ସହ ସାକ୍ଷୀଙ୍କୁ ତାଙ୍କ ଘର ଲୋକଙ୍କୁ ଫେରାଇ ଦେଇଥିଲେ। ତେବେ କିଛିଦିନ ପରେ ସାକ୍ଷୀଙ୍କୁ ଆଉ ଦେଖିବାକୁ ମିଳି ନ ଥିଲା। ଏନେଇ ମୁକେଶଙ୍କୁ ତାଙ୍କ ସ୍ତ୍ରୀ ପଚାରିଥିଲେ ସୁଦ୍ଧା ସେ କୌଣସି ଉତ୍ତର ଦେଇ ନ ଥିଲେ। ପରେ ସାକ୍ଷୀଙ୍କ ମା' ନିଜ ଭାଇ ବିପିନ କୁମାରଙ୍କୁ ଏନେଇ ଜଣାଇଥିଲେ। ବିପିନ ଭାଣିଜୀଙ୍କ ସମ୍ପର୍କରେ ମୁକେଶଙ୍କୁ ପଚାରିବାରୁ ସାକ୍ଷୀ ପୁଣି ଥରେ ଘର ଛାଡ଼ି ଚାଲିଯାଇଥିବା କହିଥିଲେ। ତେବେ ମୁକେଶଙ୍କ ଏହି କଥାରେ ସନ୍ଦେହ ହେବାରୁ ବିପିନ ପୋଲିସକୁ ଖବର ଦେଇଥିଲେ। ଏହାପରେ ପୋଲିସ ମୁକେଶଙ୍କ ଘରକୁ ଆସି ତଦନ୍ତ ଆରମ୍ଭ କରିଥିଲା। ମୁକେଶଙ୍କ ଘରର ବନ୍ଦ ପଡ଼ିଥିବା ଏକ ଗାଧୁଆଘର ମଧ୍ୟରୁ ଦୁର୍ଗନ୍ଧ ଆସିବାରୁ ପୋଲିସ ଉକ୍ତ ଗାଧୁଆ ଘର ଖୋଲିଥିଲା ଓ ସେଠାରୁ ସାକ୍ଷୀଙ୍କ ମୃତଦେହ ଜବତ କରିଥିଲା। ପରେ ପୋଲିସ ମୁକେଶଙ୍କୁ ଗିରଫ କରିଥିଲା। ଝିଅ ସାକ୍ଷୀଙ୍କୁ ହତ୍ୟା କରିଥିବା ନେଇ ମୁକେଶ ପୋଲିସ ସମ୍ମୁଖରେ ସ୍ୱୀକାର କରିଛନ୍ତି।

# ସ୍ୱାମୀହନ୍ତା ସ୍ତ୍ରୀଙ୍କୁ ଆଜୀବନ କାରାଦଣ୍ଡ

ବଲାଙ୍ଗୀର,୧୦।୪ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ଗୁରୁବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜିଲା ଦୌରାଜଜ୍ ଡ. ପବିତ୍ର ମୋହନ ସାମଲ ଏହାର ବିଚାରକରି ସ୍ୱାମୀହନ୍ତା ସ୍ତ୍ରୀଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦାୟେ ଅଧିକ ୧ ବର୍ଷ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି।

ମିଳିଥିବା ସୂଚନା ମୁତାବକ, ୨୦୨୨ ଅକ୍ଟୋବର ୨୨ରେ ବଲାଙ୍ଗୀର ଜିଲା ତୁଷରା ଥାନା ମହୀପୁର ଗ୍ରାମର ରଜନୀକାନ୍ତ ଭୋଇ ତୁଷରା ଥାନାରେ ତାଙ୍କ ପୁଅ ଦିବ୍ୟସିଂହ ଭୋଇଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ। ଦିବ୍ୟସିଂହଙ୍କ ସ୍ତ୍ରୀ ଯଶୋଦା ଭୋଇ (୩୦) ଏହି ହତ୍ୟାରେ ସମ୍ପୃକ୍ତ ଥିବା ଅଭିଯୋଗରେ ସେ ଦର୍ଶାଇଥିଲେ। ଏ ସଂକ୍ରାନ୍ତରେ ଥାନାରେ ସେତେବେଳେ ଏକ ମାମଲା (ନଂ.୧୬୨/୨୨) ରୁଜୁ ହୋଇଥିଲା। ତତ୍କାଳୀନ ପୋଲିସ ଅଧିକାରୀ ସଞ୍ଜୀବ ପ୍ରଧାନ ଘଟଣାର ତଦନ୍ତ କରିଥିଲେ। ଏହି ମାମଲାରେ ଅଭିଯୁକ୍ତ ଯଶୋଦାଙ୍କୁ ପୋଲିସ ଗିରଫକରି କୋର୍ଟ ଚାଲାଣ କରିଥିଲା। ସ୍ୱାମୀ–ସ୍ତ୍ରୀଙ୍କ ମଧ୍ୟରେ ଦୀର୍ଘଦିନ ଧରି ବିବାଦ ଲାଗି ରହିଥିଲା। ଶେଷରେ ୨୦୨୨ ଅକ୍ଟୋବର ୨୧ ବିଳମ୍ବିତ ରାତିରେ ଦିବ୍ୟସିଂହଙ୍କୁ ଶୋଇଥିବା ଅବସ୍ଥାରେ ଯଶୋଦା ଏକ ଟାଙ୍ଗିଆ ସାହାଯ୍ୟରେ ହତ୍ୟାକରିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ଏହି ମାମଲାର ବିଚାରକରି ଜିଲା ଦୌରାଜଜ୍ ଡ. ସାମଲ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ଉକ୍ତ ମାମଲାକୁ ସରକାରୀ ଓକିଲ ସୁବାସ ଚନ୍ଦ୍ର ମାହାନ୍ତ ପରିଚାଳନା କରିଥିଲେ।

# ରାଉରକେଲାରେ ଡବଲ ମର୍ଡର, ଜଣେ ଗିରଫ

- ଶୋଇଥିବାବେଳେ ଯୁବକଙ୍କ ତଣ୍ଟିକାଟି ହତ୍ୟା
- ପୂର୍ବଶତ୍ରୁତାରୁ ବିଟ୍ ବଜାରରେ ଗୋଡ଼ାଇ ହାଣିଲେ

ରାଉରକେଲା,୧୦।୪ (ସଙ୍ଗୀତା ଜେନା)

ରାଉରକେଲା ସହରରେ ବୁଧବାର ରାତିରେ ୨ଟି ହତ୍ୟାକାଣ୍ଡ ଘଟିଛି। ପ୍ଲାଣ୍ଟସାଇଟ୍ ଥାନା ଗାନ୍ଧୀରୋଡ୍‌ରେ ଶୋଇଥିବା ଅବସ୍ଥାରେ ଏକ ଧାରୁଆ ଛୁରିରେ ଜଣେ ଯୁବକଙ୍କ ତଣ୍ଟିକାଟି ହତ୍ୟା କରାଯାଇଛି। ମୃତକ ହେଲେ ମଧୁସୂଦନପାଲୀ ଅଞ୍ଚଳର ସୁଦୀପ କର(୩୭) ଓରଫ ବଙ୍ଗାଳୀ। ଏହି ମାମଲାରେ ପୋଲିସ ଗୁରୁବାର ବିହାର ରାଜ୍ୟ ଗୟାର ମୂଳନିବାସୀ ତଥା ରାଉରକେଲା ନୂଆ ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ରହୁଥିବା ସଞ୍ଜୟ ରବିଦାସ(୪୪)ଙ୍କୁ ଗିରଫ କରିଛି। ତାଙ୍କଠାରୁ ହତ୍ୟାରେ ବ୍ୟବହୃତ ଧାରୁଆ ଛୁରି ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୨୫୨/୨୫) ରୁଜୁ କରି ଅପରାହ୍ନ ୫ଟାରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ, ସଞ୍ଜୟ ଏବଂ ବଙ୍ଗାଳୀ ଜରି ଓ ବର୍ଜ୍ୟବସ୍ତୁ ସଂଗ୍ରହ କରି ଚଳୁଥିଲେ। ଉଭୟ ବୁଧବାର ରାତି ପ୍ରାୟ ୧୦ଟା ସମୟରେ ଗାନ୍ଧୀ ରୋଡ୍ ପାର୍ଶ୍ୱରେ ଶୋଇଥିଲେ। ଏହାପୂର୍ବରୁ ସଞ୍ଜୟ ମଦ ପିଇବା ପାଇଁ ବଙ୍ଗାଳୀଙ୍କୁ ଟଙ୍କା ମାଗିଥିଲେ। ଏଥିରେ ବଙ୍ଗାଳୀ ରାଜି ନ ହୋଇ ଶୋଇପଡ଼ିଥିଲେ। ସଞ୍ଜୟ ଉତ୍ତ୍ୟକ୍ତ ହୋଇ ଏକ ଧାରୁଆ ଛୁରିରେ ବଙ୍ଗାଳୀଙ୍କ ତଣ୍ଟି କାଟି ଦେଇଥିଲେ। ସ୍ଥାନୀୟ ଲୋକେ ସଞ୍ଜୟଙ୍କୁ କାବୁ କରି ପୋଲିସକୁ ହସ୍ତାନ୍ତର କରିଥିଲେ। ସେହିପରି ବୁଧବାର ରାତିରେ ଛେଣ୍ଡ ଥାନା ଅଞ୍ଚଳରେ ଚାଲିଥିବା ଆଖଡା ଶୋଭାଯାତ୍ରାରେ ଅଂଶଗ୍ରହଣ କରିବାକୁ ଆସିଥିବାବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଦୁର୍ବୃତ୍ତମାନେ ଜଣେ ଯୁବକଙ୍କୁ ବିଟ୍ ବଜାରରେ ଗୋଡାଇ ଗୋଡାଇ ହାଣି ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଆର୍‌ଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଛେଣ୍ଡ କଳିଙ୍ଗ ବିହାର କୋ–ଅପରେଟିଭ୍ କଲୋନିର ମୁକେଶ କର(୨୧)। ମୃତକଙ୍କ ସମ୍ପର୍କୀୟ ବିଶ୍ୱରଞ୍ଜନ କର ରାତି ପ୍ରାୟ ୩ଟାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ.୯୭/୨୫) ରୁଜୁ କରି ହତ୍ୟାକାଣ୍ଡରେ ସମ୍ପୃକ୍ତି ସନ୍ଦେହରେ ୪/୫ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ସିସିଟିଭି ଓ ସାଇଣ୍ଟିଫିକ୍ ଟିମ୍ ଏହାର ଅନୁସନ୍ଧାନ କରୁଛନ୍ତି। ଅପରପକ୍ଷେ ଗୁରୁବାର ସକାଳେ ମୃତକଙ୍କ ପିତା ସୁଧୀର କର ଛେଣ୍ଡ ଥାନାରେ ପହଞ୍ଚି ହତ୍ୟାକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କହିଛନ୍ତି। ଅପରାହ୍ନ ୪ଟାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

# ଡକାୟତି କରି ଫେରୁଥିବା କାର୍ ଦୁର୍ଘଟଣାଗ୍ରସ୍ତ



- ୨ଲକ୍ଷ ୪୦ହଜାର ଟଙ୍କା, ୪୬ ଗ୍ରାମ୍ ସୁନା, ୨୦୯ ଗ୍ରାମ୍ ରୁପା ଜବତ
- ୨ ଅଟକ

ବାହାନଗା, ୧୦।୪ (ଅରୂପ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ଥାନା ଜୁଣିଆ ନିକଟସ୍ଥ ସାରଙ୍ଗପୁର ଛକଠାରେ ବୁଧବାର ବିଳମ୍ବିତ ରାତିରେ ଏକ ବଡ଼ଧରଣର କାର୍ ଦୁର୍ଘଟଣା ହୋଇଥିଲା। ଏଥିରେ ଥିବା ୨ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପୋଲିସ ହେପାଜତ୍‌ରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ଗାଡ଼ି ଚାଳକ ଫେରାର ହୋଇଯାଇଛନ୍ତି। ଦୁର୍ଘଟଣାଗ୍ରସ୍ତ କାର୍‌କୁ ଯାଞ୍ଚ କରାଯିବା ପରେ ତା' ମଧ୍ୟରୁ ପୋଲିସ ୨ଲକ୍ଷ ୪୦ହଜାର ଟଙ୍କା, ୪୬ ଗ୍ରାମ୍ ସୁନା ଓ ୨୦୯ ଗ୍ରାମ୍ ରୁପା ଜବତ ହୋଇଛି। ଡକାୟତି କରି ବାସୁଦେବପୁର ଆଡୁ ଦିଲ୍ଲୀ ନମ୍ବର ଥିବା ଏହି କାର୍ ଫେରୁଥିବା ବେଳେ ସନ୍ଦେହଜନକ ଭାବେ କେତେଜଣ ଯୁବକ ଗୋଡ଼ାଇବାରୁ ଗାଡ଼ି ରାସ୍ତାକଡ଼ରେ ଜମା ହୋଇଥିବା ମାଟି ଉପରେ ଚଢ଼ିଯାଇ ବିଦ୍ୟୁତ୍‌ଖୁଣ୍ଟରେ ପିଟି ହୋଇଯାଇଥିଲା। ଦ୍ରୁତଗତିରେ କାର୍ (ନଂ. ଡିଏଲ–୩ ସିବିକ୍ୟୁ–୧୯୬୯) ଆସି ଦୁର୍ଘଟଣାଗ୍ରସ୍ତ ହେବା ପରେ ସ୍ଥାନୀୟ ଲୋକେ ଘେରିଯାଇଥିଲେ। ଏଥିରେ ଗଞ୍ଜେଇ ଚାଲାଣ ହେଉଥିବା ସନ୍ଦେହ କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସେଥିରେ ଥିବା ଉତ୍ତରପ୍ରଦେଶର ଇମାମ କ୍ୟୁରେସି(୩୯) ଓ ଇରଫାନ ଅନୱାର(୩୮)ଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲା। ଡ୍ରାଇଭର କୌଶଳକ୍ରମେ ଖସି ପଳାଇଯାଇଥିଲେ। ପୋଲିସ ରାତିରେ ଦୁର୍ଘଟଣାଗ୍ରସ୍ତ କାର୍‌କୁ ଥାନାକୁ ଆଣିଥିଲା। ଆହତମାନଙ୍କୁ ପ୍ରଥମେ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବାଲେଶ୍ୱର ସଦର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଅଧିକ କିଛି ସୂଚନା ମିଳି ନ ଥିବା ବେଳେ ଆହତଦ୍ୱୟ ସୁସ୍ଥ ହେବା ପରେ ସମସ୍ତ ତଥ୍ୟ ଜଣାପଡିବ ବୋଲି ପୋଲିସ କହିଛି। ଫେରାର ଡ୍ରାଇଭରଙ୍କୁ ଗିରଫ ପାଇଁ ପୋଲିସ ଖୋଜାଖୋଜି କରୁଛି। ଏନେଇ କୌଣସି ମାମଲା ରୁଜୁ ହୋଇନାହିଁ। ବାଲେଶ୍ୱର ଏସ୍‌ଡିପିଓ ପହଞ୍ଚି ଜବତ ଟଙ୍କା ଓ ଅଳଙ୍କାର ସମ୍ପର୍କରେ ତଦନ୍ତ ଆରମ୍ଭ କରିଛନ୍ତି।

# ଚାକିରି କରାଇଦେବା ନାଁରେ ୬୪ ଲକ୍ଷ ଠକେଇ, ଜଣେ ଗିରଫ

## ଗିରଫ ନକଲି ଡିଏସ୍‌ପିଙ୍କ ସହ ଲିଙ୍କ୍ ଥିବା ସନ୍ଦେହ

ପଦ୍ମପୁର, ୧୦।୪ (ପ୍ରଶାନ୍ତ କୁମାର କର)

ଫରେଷ୍ଟ ବିଭାଗରେ ରେଞ୍ଜର ଚାକିରି କରାଇଦେବା ନାଁରେ ଠକେଇ। ୪ ଜଣ ଯୁବକଙ୍କଠାରୁ ୬୪ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗରେ ରାୟଗଡ଼ା ଜିଲା ପଦ୍ମପୁର ପୋଲିସ ଗୁରୁବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ପଦ୍ମପୁର ବ୍ଲକ୍ ଅଧୀନ କେନ୍ଦୁଗୁଡ଼ା ନିକଟସ୍ଥ ରାଜପୁରର ଗ୍ରାମର ପ୍ରସନ୍ନ କରଡ଼ା। ନିକଟରେ ଭୁବନେଶ୍ୱରରୁ ଗିରଫ ହୋଇଥିବା ନକଲି ଡିଏସ୍‌ପି ମାନସ ରଞ୍ଜନ ସେନାପତିଙ୍କ ସହ ପ୍ରସନ୍ନଙ୍କ ଲିଙ୍କ୍ ଥିବା ପୋଲିସ ସନ୍ଦେହ କରିଛି। ତେବେ ଏହି ଠକେଇ କାର୍ଯ୍ୟରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ପୋଲିସ ସେ ନେଇ ଖୋଳତାଡ଼ କରୁଥିବା ଜଣାପଡିଛି।

ପୋଲିସ ସୂଚନା ଅନୁଯାୟୀ, ଖମ୍ବାରିଗୁଡ଼ାର ଶ୍ରୀଧର ପ୍ରହରାଜଙ୍କ ପୁଅଙ୍କୁ ଫରେଷ୍ଟ ବିଭାଗରେ ରେଞ୍ଜର ଚାକିରି କରାଇଦେବାକୁ କହି ପ୍ରସନ୍ନ ୪୦ ଲକ୍ଷ ଟଙ୍କା ଠକି ନେଇଥିଲେ। ଏହାପରେ ସେ ଆଉ ଧରାଛୁଆଁ ନ ଦେବାରୁ ଶ୍ରୀଧର ପଦ୍ମପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ କେସ୍ ନଂ. ୫୨/୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଅଭିଯୁକ୍ତ ପ୍ରସନ୍ନ ଚାକିରି କରାଇଦେବା ନାଁରେ ପଦ୍ମପୁର ଅଞ୍ଚଳର ଆଉ ୩ଜଣ ବ୍ୟକ୍ତିଙ୍କଠାରୁ ୨୪ ଲକ୍ଷ ଟଙ୍କା ଠକି ନେଇଥିବା ପୋଲିସ ତଦନ୍ତ ସମୟରେ ଜଣାପଡ଼ିଥିଲା।

# ବଳାତ୍କାର ଅଭିଯୁକ୍ତଙ୍କୁ ୨୦ବର୍ଷ କାରାଦଣ୍ଡାଦେଶ

ଅନୁଗୋଳ,୧୦।୪ (ମାନସ ବିଶ୍ୱାଳ)

ଅନୁଗୋଳ ଅତିରିକ୍ତ ଜିଲା ଓ ସେସନ ଜଜ୍ ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ବିରଞ୍ଚି ନାରାୟଣ ମିଶ୍ର ଏକ ଭିନ୍ନକ୍ଷମ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ଅଭିଯୁକ୍ତ ନିଶା ଶିଳ୍ପାଞ୍ଚଳ ଥାନା ଅଞ୍ଚଳର ଚନ୍ଦନ ମାଝୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏଥିସହ ତାଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାରୁ ପ୍ରକାଶ, ୨୦୨୪ ଜାନୁଆରୀ ୭ ଅପରାହ୍ନରେ ନାବାଳିକା ଜଣକ ଘର ଅଗଣାରେ ଖେଳୁଥିଲେ। ଏହି ସମୟରେ ଅଭିଯୁକ୍ତ ଚନ୍ଦନ ନାବାଳିକାଙ୍କୁ ନିକଟସ୍ଥ ଶାଗୁଆନ ବାଡ଼ିକୁ ନେଇ ବଳାତ୍କାର କରିଥିଲେ। ନାବାଳିକାଙ୍କ ମା' ଝିଅକୁ ଉଦ୍ଧାର କରିବା ସହ ଶିଳ୍ପାଞ୍ଚଳ ଥାନାରେ ଲିଖିତ ଏତଲା ଦେଇଥିଲେ। ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଚନ୍ଦନଙ୍କୁ ଗିରଫ କରିଥିଲା। ୧୧ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଅଦାଲତ ଦୋଷୀ ଚନ୍ଦନଙ୍କୁ ୨୦ ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିବା ସହ ପୀଡ଼ିତା ନାବାଳିକାଙ୍କୁ ୬ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ଅର୍ଥିକ ରାଶି ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ପେଶାଲ ପି.ପି. ପ୍ରଦୀପ କୁମାର ଭୂତିଆ ପରିଚାଳନା କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଧୋବ ଧାଉଳିଆ ଯେଉଁଠି**
**ପୁଳା ଟଙ୍କା ପଡ଼େ ସେଇଠି।**

ବଡ଼ବଡ଼ିଆଙ୍କ ପାଖରେ ସମସ୍ତେ ନେଇ ଅର୍ଥ ଠୁଳ କରନ୍ତି। କ୍ଷମତାଶାଳୀଙ୍କ ପାଖରେ ଟଙ୍କା ଭୋଗ ନ ଥୋଇଲେ କାମ କିଛି ହେଉ ନ ଥିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଧେଇ ଧେଇ ଧେଇକି ନାଟ**
**ପେଯ ପିଆଠାରେ ବସିଛି ହାଟ।**

ସାଧାରଣତଃ ବଡ଼ ଲୋକ ଭୁଲ୍ କଲେ କିଛି ହଇଚଗୋଳ ହୋଇ ନ ଥାଏ। କିନ୍ତୁ ଗରିବ ବା ଅଭାବୀ ଲୋକଙ୍କର ସାମାନ୍ୟତମ ଭୁଲ୍ ପାଇଁ ବି କଥା କୋର୍ଟ କଚେରିକୁ ଯାଏ, ନ ହେଲେ ସଭା କିମ୍ବା ନିଶାପ ବସିଥାଏ। ଏହାହିଁ ଏ ଦୁନିଆର ରୀତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ଚୁନୁରିରେ ତଣ୍ଟିକୁ ଭିଡ଼ି ମାରିଥିଲେ ପ୍ରେମିକ

## ଦୟାନଦୀ ପଠାରୁ ଯୁବତୀଙ୍କ ମୃତଦେହ ଜବତ ଘଟଣାର ପର୍ଦ୍ଦାଫାଶ

ଭୁବନେଶ୍ୱର,୧୦।୪ (ସତ୍ୟଜିତ୍ ରାଉତ)

ପ୍ରାୟ ଅଢ଼େଇ ମାସ ତଳେ ଭୁବନେଶ୍ୱର ଧଉଳି ଥାନା ଅନ୍ତର୍ଗତ ଲିଙ୍ଗିପୁର ମେଲଣପଡ଼ିଆ ନିକଟ ଦୟାନଦୀ ପଠାରେ ଜଣେ ଅଚିହ୍ନା ଯୁବତୀଙ୍କ ଗଳିତ ମୃତଦେହ ଜବତ ଘଟଣାରେ ସତ ପଦାକୁ ଆସିଛି। ଏହା ଏକ ହତ୍ୟାକାଣ୍ଡ ଥିଲା ବୋଲି କମିଶନରେଟ୍ ପୋଲିସ କହିବା ସହ ପରଦା ପଛରେ ଥିବା ରହସ୍ୟ ଉନ୍ମୋଚନ କରିଛି। ମୃତା ଯୁବତୀ ହେଲେ କନ୍ଧମାଳର ସ୍ନେହା ବେହେରା ଓରଫ ଅପର୍ଣ୍ଣା (୩୦)। ନିବିଡ଼ ପ୍ରେମ ସମ୍ପର୍କ ଭିତରେ କୁହୁଳୁଥିବା ସନ୍ଦେହରୁ ଏହି ବର୍ବରୋଚିତ କାଣ୍ଡ ଘଟିଥିଲା। ଧଉଳି ବୁଲାଇବାକୁ ନେଇ ଫେରିବା ବେଳେ ପ୍ରେମିକ ହିଁ ଚୁନୁରିରେ ତାଙ୍କ ବେକକୁ ଭିଡ଼ି ଜୀବନ ନେଇଥିଲେ। ଗୁରୁବାର ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ଏହି ସୂଚନା ଦେଇଛନ୍ତି। ଏହି ଘଟଣାରେ ଧଉଳି ପାଲିସ ଏକ ହତ୍ୟା ମାମଲା (ନଂ.୬୦/୨୦୨୫) ରୁଜୁ କରି ଅଭିଯୁକ୍ତ ପ୍ରେମିକ ଚନ୍ଦନ ପରିଡା ଓରଫ ମଙ୍ଗୁ (୨୭)ଙ୍କୁ ଗିରଫ କରିଛି। ଚନ୍ଦନଙ୍କ ଘର ଜଗତ୍‌ସିଂପୁର ଜିଲା କୁଜଙ୍ଗ ଥାନା ଅଧୀନ କାଠକୋଟା ଗାଁରେ ଓ ସେ ଭୁବନେଶ୍ୱର କଟକରୋଡ୍‌ସ୍ଥିତ



ଅଭିଯୁକ୍ତ ଚନ୍ଦନ ପରିଡା

ଏକ ହୋଟେଲରେ ସିକ୍ୟୁରିଟି ଗାର୍ଡ ଥିଲେ। ଅଭିଯୁକ୍ତ ଚନ୍ଦନଙ୍କୁ କୋର୍ଟଚାଲାଣ ପରେ ଜେଲକୁ ପଠାଇ ଦିଆଯାଇଛି। ଚନ୍ଦଙ୍କ ନାଁରେ କୁଜଙ୍ଗ ଥାନାରେ ଦୁଇଟି ମାମଲା ରହିଛି। ପୋଲିସ ଟିମ୍ ଚନ୍ଦନଙ୍କୁ ଘଟଣାସ୍ଥଳକୁ ନେଇ କ୍ରାଇମ୍ ସିନ୍ ରିକ୍ରିଏଟ୍ କରିବା ସହ ପୂରା ଘଟଣାର ତଥ୍ୟ ହାସଲ କରିଛି।

### ଫେସ୍‌ବୁକ୍‌ରୁ ପ୍ରେମ

ସ୍ନେହାଙ୍କ ଘର କନ୍ଧମାଳରେ ହୋଇଥିବା ସେ ଭୁବନେଶ୍ୱର ନୟାପଲ୍ଲୀ ବରମୁଣ୍ଡା ବେହେରା ସାହିରେ ରହି ଏକ ଧୂପ କାରଖାନାରେ କାମ କରୁଥିଲେ। ଏଥିସହ ଅନ୍ୟାନ୍ୟ ଛୋଟମୋଟ କାମ ମଧ୍ୟ କରୁଥିଲେ। ଗତବର୍ଷ ମାର୍ଚ୍ଚରେ ଫେସବୁକ୍‌ରେ ଚନ୍ଦନଙ୍କ ସମ୍ପର୍କରେ ଆସିଥିଲେ। ଉଭୟ ଫ୍ରେଣ୍ଡ୍ ହେବା ପରେ ମେସେଞ୍ଜର୍‌ରେ ଚାଟିଂ ଏବଂ ନମ୍ବର ଦିଆନିଆ ହୋଇଥିଲେ। ପରେ ଉଭୟ ବିଭିନ୍ନ ସମୟରେ ପାର୍କ ଆଦି ବୁଲିଯିବା ସହ ପ୍ରେମ ସମ୍ପର୍କରେ ଘନିଷ୍ଠତା ବଢ଼ିଥିଲା। ସ୍ନେହାଙ୍କୁ ଚନ୍ଦନ ଏକ ନୂଆ ମୋବାଇଲ ଦେଇଥିଲେ। ଏପରିକି ଅଧିକାଂଶ ସମୟରେ ଟଙ୍କା ମଧ୍ୟ ଦେଉଥିଲେ।

### ଜାନୁଆରୀ ୧୦ ସ୍ନେହାଙ୍କ ପାଇଁ ଥିଲା ଶେଷଦିନ

ସ୍ନେହା ଜାନୁଆରୀ ୧୦ରେ ଘରୁ ଭୁବନେଶ୍ୱର ଫେରିଥିଲେ। ପରେ ଚନ୍ଦନଙ୍କ ସହ ସେ ମୋ ବସ୍‌ରେ ଧଉଳି ଶାନ୍ତିସ୍ତୁପକୁ ବୁଲିବାକୁ ଯାଇଥିଲେ। ତେବେ ସ୍ନେହାଙ୍କ ମୋବାଇଲ ପ୍ରାୟ ସମୟରେ ବିଜି ରହୁଥିବାରୁ ସେ ଅନ୍ୟ ଜଣେ ଯୁବକଙ୍କ ସହ ସମ୍ପର୍କ ବଢ଼ାଉଥିବା ଚନ୍ଦନଙ୍କ ମନରେ ସନ୍ଦେହ ଉପୁଜିଥିଲା। ବୁଲାବୁଲି ସମୟରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ବଢ଼ିଥିଲା। ଚନ୍ଦନଙ୍କ ପ୍ରଶ୍ନକୁ ସ୍ନେହା ବାଆଁରେଇ ଦେଇଥିଲେ। ଉଭୟ ଅଟୋ ଯୋଗେ ଧଉଳିଛକକୁ ଫେରିଥିଲେ। ଝଗଡ଼ାଭିତରେ ଉଭୟ ଆଗ ପଛ ହୋଇ ଚାଲି ଚାଲି ଦୟାନଦୀ ପଠା ଆଡକୁ ଆସିଥିଲେ। ସନ୍ଧ୍ୟାରେ ବାଲିଯାତ୍ରା ପଡିଆ ପାଖରେ ଝଗଡା ଉଗ୍ରରୂପ ନେଇଥିଲା। ହଠାତ୍ ସ୍ନେହାଙ୍କୁ ଚନ୍ଦନ ଶକ୍ତ ଚାପୁଡା ମାରିବା ସହ ଗାଳି ଦେଇଥିଲେ। ସ୍ନେହା ତଳେ ପଡ଼ିଯିବାରୁ ରାଗରେ ଜର୍ଜରିତ ଚନ୍ଦନ ଚୁନୁରିରେ ତାଙ୍କ ବେକକୁ ଭିଡ଼ି ହତ୍ୟା କରିଥିଲେ। ସେଠାରେ ହିଁ ସ୍ନେହାଙ୍କ ପ୍ରାଣବାୟୁ ଉଡ଼ିଯିବା ପରେ ରାସ୍ତା କଡରେ ମୃତଦେହ ଫିଙ୍ଗି ଚନ୍ଦନ ଚାଲିଆସିଥିଲେ।

# ଶ୍ମଶାନ ମାଟି ତଳୁ ଶବ ଗାଏବ



ମୃତଦେହ ଗାଏବ ହୋଇଥିବା ସ୍ଥାନ

## ପୋତାଯାଇଥିଲା, ଦଶାହ କର୍ମବେଳକୁ ନାହିଁ

ଭଣ୍ଡାରିପୋଖରୀ,୧୦।୪ (ରାଜେନ୍ଦ୍ର ଶତପଥୀ)

ଶ୍ମଶାନରୁ ଶବ ଗାଏବ। ଗାଁ ଶ୍ମଶାନରେ ମା'ଙ୍କ ମୃତଦେହ ପୋତାଯାଇଥିଲା। ଦଶାହ କର୍ମ ପାଇଁ ପୁଅ ଗଲାବେଳକୁ ଶ୍ମଶାନରେ ମୃତଦେହ ନାହିଁ। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ମଣିନାଥପୁର ବୈତରଣୀ ନଦୀପଠାରେ ଥିବା ଶ୍ମଶାନରେ ଗୁରୁବାର ସକାଳେ ଏଭଳି ଘଟଣା ଦେଖିବାକୁ ମିଳିଛି। ମୃତା ମହିଳା ହେଲେ ମଣିନାଥପୁର ଗ୍ରାମର ରୁକ୍ମିଣୀ ସାମଲ। ଗତ ୧ ତାରିଖରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିଲା। ନଦୀପଠାରେ ଥିବା ଶ୍ମଶାନରେ ତାଙ୍କ ମୃତଦେହ ପୋତାଯାଇଥିଲା। ଦଶାହ କର୍ମ ପାଇଁ ମୁଖାଗ୍ନି ଦେଇଥିବା ତାଙ୍କ ପୁଅ ତପନ ସାମଲ ସକାଳେ ଉକ୍ତ ସ୍ଥାନକୁ ଯାଇଥିବା ବେଳେ ଗାତ ଖୋଳାଯାଇ ଶବ ଗାଏବ ହୋଇଥିବା ସେ ଦେଖିବାକୁ ପାଇଥିଲେ। ସେଠାରେ ପାଣି ଓ ମଦ ବୋତଲ ପଡ଼ିଥିଲା। ପ୍ରାୟ ୨ଶହ ମିଟର ଘୋଷରା ଯାଇଥିବା ସ୍ଥାନରେ ପଡି ଯାଇଥିବା ମାଂସ ଓ ଅନ୍ତଃବସ୍ତ୍ର ପଡ଼ିଥିବା ସେ ଦେଖିଥିଲେ। ମୃତା ରୁକ୍ମିଣୀଙ୍କ ସ୍ୱାମୀ ଶ୍ରୀମନ୍ତ ସାମଲ ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ବୁଧବାର ରାତିରେ ମୃତଦେହ ଚୋରି ହୋଇଥିବା ନେଇ ଦର୍ଶାଯାଇଛି। ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଚଳାଇଛି। ପ୍ରକାଶଥାଉ କି, ୨୦୨୩ ଜୁନ୍ ୨୩ ରାତିରେ ଏହି ଶ୍ମଶାନରୁ ଏକକାଳୀନ ୩ ମୃତଦେହ ଗାଏବ ହୋଇଯାଇଥିବା ନେଇ ଗ୍ରାମବାସୀ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲା। ୨୦୨୩ ଏପ୍ରିଲ ୨୪ରେ ମୃତକ ଗ୍ରାମର ଶ୍ରୀକାନ୍ତ ବେହେରା, ୩ରେ ମୃତକ ଅକ୍ଷୟ ବେହେରା ଓ ଅନନ୍ତ ନାଥଙ୍କ ଶବ ନ ଥିବା ଚିହ୍ନଟ ହୋଇଥିଲା। ଖୋଳାଯାଇଥିବା ୩ଟି ଗାତ ନିକଟରୁ ସଂସ୍କାର ସମୟରେ ମୃତଦେହର ପିନ୍ଧାବସ୍ତ୍ର ପଡ଼ିଥିଲା। ଏଥିପୂର୍ବରୁ ୨୦୧୬ରେ ମୃତଦେହ ଚୋରି ହୋଇଥିବା ସମ୍ପର୍କରେ ଗ୍ରାମବାସୀ ପ୍ରଥମେ ଅବଗତ ହୋଇଥିଲେ। ନଦୀର ବାଲି ଖାଲରେ ବୁଡ଼ିଯାଇ ପ୍ରାଣ ହରାଇଥିବା ଜଣେ ଶିଶୁର ମୃତଦେହ ପୋତାଯିବାର ଦୁଇମାସ ପରେ ଖୋଳି ନିଆଯାଇଥିଲା। ଏହା ଗୁଣିଗାରେଡ଼ି କିମ୍ବା ବିଜ୍ଞାନ ପରୀକ୍ଷାଗାର କିମ୍ବା ଡାକ୍ତରୀ ଶିକ୍ଷା ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ଚୋରି କରାଯାଇଥାଇପାରେ ବୋଲି ଗ୍ରାମବାସୀ ଆଲୋଚନା କରୁଛନ୍ତି।

# ସନସ୍ୟୁର ଏନର୍ଜି ସହ ଜେଏସ୍ଏଲ୍ ସୁପର ଷ୍ଟିଲ୍ର ବୁଝାମଣା

ଭୁବନେଶ୍ୱର,୧୦।୪ (ଅଭୟ ଦାଶ) ଭାରତର ସର୍ବବୃହତ୍ ଷ୍ଟେନଲେସ୍ ଷ୍ଟିଲ୍ ଉତ୍ପାଦନକାରୀ ଜିନ୍ଦଲ ଷ୍ଟେନଲେସର ଗାଜିଆବାଦସ୍ଥିତ ସହାୟକ କମ୍ପାନୀ ଜେଏସ୍ଏଲ୍ ସୁପର ଷ୍ଟିଲ୍ ଏବଂ ଶକ୍ତି ଉତ୍ପାଦନକାରୀ କମ୍ପାନୀ ସନସ୍ୟୁର ଏନର୍ଜି ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଉଭୟ ସଂସ୍ଥା ୧୧ ମେଗାୱାଟର ଦୀର୍ଘମିଆଦୀ ଶକ୍ତି କ୍ରୟ ଚୁକ୍ତି (ପିପିଏ) ସ୍ୱାକ୍ଷର କରିଛନ୍ତି। ବୁଝାମଣା ଅନୁଯାୟୀ ଉତ୍ତର ପ୍ରଦେଶର ଅଗସାଇଠାରେ ଥିବା ୪୯ ମେଗାୱାଟ୍ ପିକ ସୌର ପ୍ରକଳ୍ପରୁ ଏହା ୧୧ ମେଗାୱାଟ୍ ସୌର ଶକ୍ତି ଗ୍ରହଣ କରିବ ଏବଂ ଏହାର ପ୍ଲାଣ୍ଟରେ ପ୍ରାୟ ୫୦% ସ୍ୱଚ୍ଛ ଶକ୍ତି ଉପଯୋଗ କରିବ। ସ୍ଥାୟୀ ଶିଳ୍ପ ଅଭିବୃଦ୍ଧି ଦିଗରେ ଏହା ଏକ ଐତିହାସିକ ପଦକ୍ଷେପ ହେବ ବୋଲି କୁହାଯାଉଛି। ଜିନ୍ଦଲ ଷ୍ଟେନଲେସର ପୂର୍ଣ୍ଣକାଳୀନ




ନିର୍ଦ୍ଦେଶକ ତଥା ମୁଖ୍ୟ ପରିଚାଳନା ଅଧିକାରୀ ଜଗମୋହନ ସୁଦ୍ କହିଛନ୍ତି, ଜେଏସ୍ଏଲ୍ ସୁପର ଷ୍ଟିଲ୍ର ଏହି ଭାଗିଦାରି ଆମର ନେଟ୍ ଜିରୋ ଲକ୍ଷ୍ୟ ହାସଲ ଦିଗରେ ଆଉ ଏକ ପଦକ୍ଷେପ ଏବଂ ୨୦୩୫ ସୁଦ୍ଧା ୫୦% କାର୍ବନ ନିର୍ଗମନ ହ୍ରାସ କରିବାର ଆମର ସ୍ୱଳ୍ପକାଳୀନ ଲକ୍ଷ୍ୟର ଏକ ଅଂଶ। ଆମର ଉତ୍ପାଦନ ପ୍ରକ୍ରିୟାରେ ଅକ୍ଷୟ ଶକ୍ତିକୁ ସମନ୍ୱିତ କରି ଆମେ କେବଳ କାର୍ବନ ଫୁଟ୍ପ୍ରିଣ୍ଟ ହ୍ରାସ କରୁନାହୁଁ ବରଂ ଭାରତରେ ଧାତୁ ଶିଳ୍ପ ପାଇଁ ନୂତନ ମାନଦଣ୍ଡ ମଧ୍ୟ ସ୍ଥାପିତ କରୁଛୁ। ଷ୍ଟେନଲେସ୍ ଷ୍ଟିଲ୍ ଶିଳ୍ପରେ ଏକ ଅଗ୍ରଣୀ କମ୍ପାନୀ ହିସାବରେ ସବୁଜ ହାଇଡ୍ରୋଜେନ ବ୍ୟବହାର, ଜୈବ ଇନ୍ଧନର ବ୍ୟବହାର, ଗ୍ରିଡରୁ ଅକ୍ଷୟ ଶକ୍ତି ଅଂଶ ବୃଦ୍ଧି ଇତ୍ୟାଦି ମାଧ୍ୟମରେ ସ୍ୱଚ୍ଛ ଉପାୟ ଅବଲମ୍ବନ କରିବା ଏକ ଦାୟିତ୍ୱ ବୋଲି ଆମେ ବିଚାର କରୁଅଛୁ। ସେହିଭଳି ସନସ୍ୟୁର ଏନର୍ଜିର ପ୍ରତିଷ୍ଠାତା ଅଧ୍ୟକ୍ଷ ତଥା ସିଇଓ ଶଶାଙ୍କ ଶର୍ମା କହିଛନ୍ତି, ଶିଳ୍ପ କ୍ଷେତ୍ର ଭାରତର ଅକ୍ଷୟ ଶକ୍ତି ଲକ୍ଷ୍ୟ ସହ ଯୋଡ଼ି ହୋଇଥିବାରୁ ଏଭଳି ସହଯୋଗ ଦାୟିତ୍ୱପୂର୍ଣ୍ଣ ଅଭିବୃଦ୍ଧି ପାଇଁ ଏକ ଉଦାହରଣ ସୃଷ୍ଟି କରିଛି। ଏହି ଚୁକ୍ତି ମାଧ୍ୟମରେ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ ଅକ୍ଷୟ ଉତ୍ସରୁ ଶକ୍ତି ସଂଗ୍ରହ କରି ଉତ୍ତର ପ୍ରଦେଶରେ ଧାତୁ ଶିଳ୍ପ କ୍ଷେତ୍ରରେ ଅଗ୍ରଣୀ ସାଜିଛି। ଏହା ଦର୍ଶାଉଛି ଯେ ସ୍ୱଚ୍ଛ ଶକ୍ତି କେବଳ ଏକ ବିକଳ୍ପ ନୁହେଁ, ବରଂ ଶିଳ୍ପ ପ୍ରଗତିର ଭବିଷ୍ୟତ। ନିରନ୍ତର ବିକାଶ ପଦକ୍ଷେପ ପାଇଁ ଜେଏସ୍ଏଲ୍ର ସୁପରିଚିତ ଏବଂ ସେମାନଙ୍କୁ ଆମର ଗ୍ରାହକ ପରିବାରରେ ସ୍ୱାଗତ କରି ଆମେ ଗର୍ବ ଅନୁଭବ କରୁଛୁ। ଅପରପକ୍ଷରେ ଜେଏସ୍ଏଲ୍ ସୁପର ଷ୍ଟିଲ୍ ସହ ସନସ୍ୟୁର ଏନର୍ଜିର ବୁଝାମଣା (ଭାଗିଦାରି) ଭାରତର ବାଣିଜ୍ୟିକ ଏବଂ ଶିଳ୍ପ କ୍ଷେତ୍ରରେ ଅକ୍ଷୟ ଶକ୍ତିକୁ ଆଗକୁ ବଢ଼ାଇବାର ଲକ୍ଷ୍ୟକୁ ଆହୁରି ସୁଦୃଢ଼ କରିବ। ଏହି ଭାଗିଦାରି ଜେଏସ୍ଏଲ୍ ସୁପର ଷ୍ଟିଲ୍କୁ ବାର୍ଷିକ ୧୬.୫ ମିଲିୟନ ୟୁନିଟ୍ (ଏମୟୁ) ସ୍ୱଚ୍ଛ ଶକ୍ତି ପାଇବାରେ ସକ୍ଷମ କରିବ ଏବଂ କମ୍ପାନୀକୁ ବାର୍ଷିକ ୧୨ ମିଲିୟନ କିଲୋଗ୍ରାମ କାର୍ବନ ନିର୍ଗମନକୁ ହ୍ରାସ କରିବାରେ ସାହାଯ୍ୟ କରିବ, ଯାହା ୫ ଲକ୍ଷ ୪୫ ହଜାରରୁ ଅଧିକ ଗଛ ଲଗାଇବା ସହିତ ସମାନ। ଏହି ପଦକ୍ଷେପ ସବୁଜ ଇସ୍ପାତ ଉତ୍ପାଦନ ପାଇଁ ଭାରତର ପ୍ରୟାସକୁ ସୁଦୃଢ଼ କରିବ ଏବଂ ଏକ ଶିଳ୍ପ କ୍ଷେତ୍ରରେ ଗୁଣାତ୍ମକ ଆଣିବ, ଯାହାର ଉଦ୍ଦେଶ୍ୟ ହେଉଛି ଶକ୍ତି ଭିତିକ ଶିଳ୍ପ କ୍ଷେତ୍ରରେ କାର୍ବନ ନିର୍ଗମନକୁ ରୋକିବ।

# ଫିଜିକ୍ସୱାଲାର ୨ୟ ଅଫ୍ଲାଇନ ସେଣ୍ଟର ଉଦ୍ଘାଟିତ




ପିଡବ୍ଲ୍ୟୁର ଦ୍ୱିତୀୟ ଅଫ୍ଲାଇନ ସେଣ୍ଟର ଉଦ୍ଘାଟନୀ ଉତ୍ସବରେ ଅତିଥିଙ୍କ ସହ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୧୦।୪ ଫିଜିକ୍ସୱାଲା (ପିଡବ୍ଲ୍ୟୁ)ର ଦ୍ୱିତୀୟ ଅଫ୍ଲାଇନ ସେଣ୍ଟର 'ବିଦ୍ୟାପୀଠ କେନ୍ଦ୍ର' ଭୁବନେଶ୍ୱରର ଚନ୍ଦ୍ରଶେଖରପୁରସ୍ଥିତ ଇନ୍ଫୋସିଆ ଟାୱାରରେ ଉଦ୍ଘାଟିତ ହୋଇଯାଇଛି। ବିଶେଷକରି ଏହା ଏକ ନୂତନ ଟେକ୍-ସକ୍ଷମ 'ପିଡବ୍ଲ୍ୟୁ ବିଦ୍ୟାପୀଠ କେନ୍ଦ୍ର' ହୋଇଥିବାବେଳେ ଏଠାରେ ଛାତ୍ରଛାତ୍ରୀମାନେ ଅନୁଭବୀ ଶିକ୍ଷକଙ୍କ ନେତୃତ୍ୱରେ ପାଠ ପଢ଼ି ପାରିବେ। ଏହି ଅବସରରେ ଫିଜିକ୍ସୱାଲାର ମୁଖ୍ୟ ଅଭିବୃଦ୍ଧି ଅଧିକାରୀ ବିବେକ ଗୌର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଡବ୍ଲ୍ୟୁର ବହୁ ବରିଷ୍ଠ ଅଧିକାରୀ ଓ ସେଣ୍ଟର କର୍ମଚାରୀ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଫିଜିକ୍ସୱାଲାର ସିଇଓ (ଅଫ୍ଲାଇନ) ଅଙ୍କିତ ଗୁପ୍ତା କହିଛନ୍ତି, ଆମେ ସର୍ବଦା ଛାତ୍ରଛାତ୍ରୀମାନଙ୍କର ଶିକ୍ଷା ଗ୍ରହଣ ଅନୁଭବକୁ ଉନ୍ନତ କରିବାର ଉପାୟ ଖୋଜିବାକୁ ଚେଷ୍ଟା କରୁଛୁ। ଭୁବନେଶ୍ୱରରେ ଆମର ପୂର୍ବ କେନ୍ଦ୍ର ସହିତ ଏକ ନୂତନ କେନ୍ଦ୍ର ଖୋଲି ଆମେ ଅଧିକ ଛାତ୍ରଛାତ୍ରୀଙ୍କୁ ସେବା ପ୍ରଦାନ କରିବା ଏବଂ ସେମାନଙ୍କ ଘର ନିକଟରେ ଉଚ୍ଚ ଗୁଣବତା ଶିକ୍ଷା ପହଞ୍ଚାଇବାକୁ ଲକ୍ଷ୍ୟ ରଖୁଛୁ। ଏହା ବ୍ୟତୀତ ପିଡବ୍ଲ୍ୟୁଏସଏଟି ପାଇଁ ମଧ୍ୟ ନାମଲେଖା ଆରମ୍ଭ ହୋଇଛି, ଯାହା ଛାତ୍ରଛାତ୍ରୀମାନଙ୍କ ପାଇଁ ଅଫ୍ଲାଇନ କୋର୍ସଗୁଡ଼ିକ ପାଇଁ ଟ୍ୟୁଶନ ଫି ଛାଡ଼ ସୁଯୋଗ ପ୍ରଦାନ କରିବ। ଏହି ପରୀକ୍ଷା ଅଫ୍ଲାଇନ ଏବଂ ଅନ୍ଲାଇନ ଉଭୟ ମୋଡ୍ରେ ଆୟୋଜିତ ହେବ ଏବଂ ଏଥିରେ ସପ୍ତମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଏବଂ ଜେଇଇ କିମ୍ବା ନିଟ୍ ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରଛାତ୍ରୀମାନେ ଭାଗ ନେଇପାରିବେ। ପିଡବ୍ଲ୍ୟୁ ବିଦ୍ୟାପୀଠ ହେଉଛି ଟେକ୍-ସକ୍ଷମ ଅଫ୍ଲାଇନ କେନ୍ଦ୍ର, ଯେଉଁଠାରେ ଛାତ୍ରଛାତ୍ରୀମାନେ ଅନୁଭବୀ ଶିକ୍ଷକଙ୍କ ନେତୃତ୍ୱରେ ବ୍ୟକ୍ତିଗତଶ୍ରେଣୀରେପାଠପଢ଼ୁଛନ୍ତି।

# ବଜାରରେ ରିଅଲ୍ମିର ନୂତନ ଉତ୍ପାଦ

ଭୁବନେଶ୍ୱର,୧୦।୪ ରିଅଲ୍ମିର ନୂତନ ଉତ୍ପାଦ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ରିଅଲ୍ମି ନାର୍ଜୋ ୮୦ ପ୍ରୋ ୫ଜି ଏବଂ ରିଅଲ୍ମି ନାର୍ଜୋ ୮୦ଏକ୍ସ ୫ଜିର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏ ସମ୍ପର୍କରେ ରିଅଲ୍ମିର ମୁଖପାତ୍ର କହିଛନ୍ତି, ରିଅଲ୍ମି ପ୍ରବର୍ତ୍ତନ ପ୍ରତିଷ୍ଠାନ ଚାହୁଁଥିବା ଯୁବା ଉପଭୋକ୍ତାଙ୍କ ପାଇଁ ନାର୍ଜୋ ୮୦ ସିରିଜରେ ଆମର ସବୁଠାରୁ ଶକ୍ତିଶାଳୀ ସୁବିଧାଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି। ୮୦ପ୍ରୋର ଗେମିଂ ଆଧିପତ୍ୟ ଏବଂ ୮୦ଏକ୍ସର ସନ୍ତୁଳିତ ଉତ୍କର୍ଷତା ସହିତ ଆମେ ମଧ୍ୟମ ସେଗମେଣ୍ଟରେ ପ୍ରିମିୟମତାର ଉଦ୍ଭାବନ ଆଣିଛୁ। ୮୦ ପ୍ରୋରେ ୪୫୦୦ ନିଟ୍ ଡିସ୍ପ୍ଲେ ଏବଂ ୬୦୦୦ ଏମ୍ଏଚ୍ ବ୍ୟାଟେରି ସହିତ ୮୦ଏକ୍ସରେ ସେଗମେଣ୍ଟ-ପ୍ରଥମ ମିଡିଆଟେକ୍ ଡାଇମେନସିଟି ୬୪୦୦ ଚିପସେଟ 'ମେକ୍ ଇନ୍ ଇଣ୍ଡିଆ' ପ୍ରତି ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି।

# ସେନ୍କୋରେ ବ୍ୟାଙ୍ଗଲ ଉତ୍ସବର ଶୁଭାରମ୍ଭ

ଭୁବନେଶ୍ୱର,୧୦।୪ ସେନ୍କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ (ସେନ୍କୋ)ର ବହୁ ପ୍ରତୀକ୍ଷିତ ପ୍ରଦର୍ଶନୀ 'ବ୍ୟାଙ୍ଗଲ ଉତ୍ସବ'ର ଶୁଭାରମ୍ଭ ହୋଇଯାଇଛି। ପୋଇଲା ବୈଶାଖ ଏବଂ ଅକ୍ଷୟ ତୃତୀୟା ଉପଲକ୍ଷେ ଆୟୋଜିତ ଏହି ନୂତନ ବ୍ୟାଙ୍ଗଲ ଉତ୍ସବ ଉଭୟ ପ୍ରଦର୍ଶନୀ ଓ ବିକ୍ରୟ ପାଇଁ ଉପଲବ୍ଧ। ସେନ୍କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ଗର୍ବର ସହ ଖୁସିଯୋଗି କ ରିତ ଉପସ୍ଥାପନ କରୁଛି, ସେନ୍କୋ କାରିଗରିର ୮୫ ବର୍ଷରୁ ଅଧିକ ଗୌରବମୟ ବର୍ଷ ପାଳନ କରୁଥିବା ବେଳେ 'ଆପ୍କା ଶୃଙ୍ଗାର' ପ୍ରତ୍ୟେକ ଫିଲିଗ୍ରି, ନକ୍ସା ଖୋଦିନ ଏବଂ ହୀରା ସେଟିଂ ପଛରେ ଥିବା କାରିଗରମାନଙ୍କୁ ସ୍ୱୀକୃତି ପ୍ରଦାନ କରୁଛି। ସେନ୍କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ନିର୍ଦ୍ଦେଶକ ତଥା ମାର୍କେଟିଂ ଆଣ୍ଡ ଡିଜାଇନ ମୁଖ୍ୟ ଜୋଇତା ସେନ୍ କହିଛନ୍ତି, ଆପ୍କା ଶୃଙ୍ଗାର ଅଭିଯାନ ହେଉଛି କାରିଗର ଏବଂ କାରିଗରି ଉପରେ ନିର୍ମିତ ସେନ୍କୋର ବିରାସତର ଏକ ଉଦାହରଣ। ଆମର କାରିଗରମାନଙ୍କୁ ସେମାନଙ୍କର ସମର୍ପଣ ଏବଂ ପିଢ଼ି ପିଢ଼ି ଧରି ଆମ ସହିତ ରହିବା ପାଇଁ ଧନ୍ୟବାଦ ଜଣାଉଛୁ। ସେନ୍କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଏମଡି ତଥା ସିଇଓ ଶୁଭଙ୍କର ସେନ୍ କହିଛନ୍ତି, ଏଥର ଆମେ ଐତିହ୍ୟକୁ ସମସାମୟିକ ସୁନ୍ଦରତା ସହିତ ମିଶାଇ ସୁନା, ହୀରା ଏବଂ ପ୍ଲାଟିନମରେ ଚୁଡ଼ି, ବ୍ରେସଲେଟ୍, ଟାର୍ମ, ରୁଡ଼, ବଳା, ପୋଲା ଏବଂ ଶଙ୍ଖା ୧୦୦ରୁ ଅଧିକ ନୂଆ ଡିଜାଇନ୍ ଆଣିଛୁ।

---

## OFFICE OF THE ENGINEER-IN-CHIEF (CIVIL), ODISHA
## NIRMAN SOUDHA, UNIT-V, BHUBANESWAR
### INVITATION FOR BIDS (IFB)

E-mail ID : cebuildings_orissa@yahoo.co.in, cebuildings@rediffmail.com, Tel. (0674)-2391523

No.B-17

File No.B-I-Home-24/2025 Lr.No. 14444 Dtd. 4th Apr., 2025

NOTICE INVITING REQUEST FOR PROPOSAL (RFP)

Bid Identification No: C.E. (B) - 01 / 2025-26

1. Chief Engineer (Buildings-II), Odisha, Bhubaneswar on behalf of Governor of Odisha invites proposals from experienced and reputed Consulting firms to provide Service of Programme Management Consultancy.

| Sl. No. | Name of Project | EMD | Bid Processing Fee | Period of Service |
|---|---|---|---|---|
| 1. | Selection of Programme Management Consultant (PgMC) for the work, "Construction of New Building of Odisha Bhawan at New Delhi, Chanakyapuri, New Delhi." | 2,00,000/- | 10,000/- | 30 (Thirty) Calendar Months |

1. The bidders must participate in Online bidding only. The website for "ONLINE BIDDING" is https://www.tendersodisha.gov.in
2. Bid documents will be available in the above website from 15.04.2025 to 05:00 P.M. of 07.05.2025 "ONLINE BIDDING".
3. The Pre-Bid queries from the bidders shall be received through e-mail on cebuildings_orissa@yahoo.co.in on or before dtd.24.04.2025 till 5.00 P.M.
4. The Prebid meeting will be held on dtd. 25.04.2025 in the Conference hall of Chief Engineer (Buildings), Nirman Soudh, Bhubaneswar.
5. The Prebid Clarification shall be uploaded on e-procurement portal on dtd.28.04.2025.
6. Last date/time for receipt of bid in web portal is dtd. 07.05.2025.
7. The tender will be opened on dtd. 08.05.2025 at 11:00 A.M. in the office of the E.I.C (Civil), Nirman Soudh Odisha, Bhubaneswar in the presence of the bidders, who wish to attend. Bidders who participated in the bid can witness the opening of bids after logging on to the site through their DSC. If the office happens to be closed on the scheduled date of opening, then the bid will be opened on the next working day at the same time and venue.
8. The bidder must possess compatible Digital Signature Certificate (DSC) of Class-II or Class-III. 9. Bids submitted other than e-procurement platform shall not be considered.
10. Further details can be seen from the e-Procurement portal https://www.tendersodisha.gov.in
11. The authority reserves the right to cancel any or all bids without assigning any reason thereof.
12. The addendum / corrigendum if any will be posted in the e-procurement portal only.

Sd./- Chief Engineer (Buildings-II), Odisha, Bhubaneswar

OIPR-34117/11/0074/2425

---

No.A-29:

## ଜଳସମ୍ପଦ ବିଭାଗ, ଓଡ଼ିଶା ସରକାର
### ଇ-ସଂଗ୍ରହଣ ବିଜ୍ଞପ୍ତି ସଂଖ୍ୟା: EE-DD-CTC-01/2025-26

୧.କାର୍ଯ୍ୟର ନାମ : ମୋଟ ୦୨ (ଦୁଇ) ଗୋଟି ଜଳନିକାଶ କାର୍ଯ୍ୟ।
୨.ଅଟକଳ ମୂଲ୍ୟ: ୭୩.୫୧ ଲକ୍ଷ ଟଙ୍କା ଏବଂ ୮୩.୭୫ ଲକ୍ଷ ଟଙ୍କା।
୩.କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଅବଧି : ୦୯ (ନଅ) ମାସ।
୪.ପୋର୍ଟାଲରେ ନିଲାମ ଦସ୍ତାବେଜ ମିଳିବାର ଦିନ ଓ ସମୟ: ତା.୧୧.୦୪.୨୦୨୫ରୁ ୧୧.୦୦ ଘଣ୍ଟାରୁ ତା.୨୫.୦୪.୨୦୨୫ର ୧୮.୦୦ ଘଣ୍ଟା ପର୍ଯ୍ୟନ୍ତ।
୫.ପୋର୍ଟାଲରେ ନିଲାମ ଗ୍ରହଣ କରିବାର ଅନ୍ତିମ ଦିନ ଓ ସମୟ: ତା.୨୫.୦୪.୨୦୨୫ ର ୧୮.୦୦ ଘଣ୍ଟା।
୬.ନିଲାମ ଡାକିଥିବା ଅଧିକାରୀଙ୍କ ନାମ ଓ ଠିକଣା : ନିର୍ବାହୀ ଯନ୍ତ୍ରୀ, ଜଳନିକାଶ ବିଭାଗ, କଟକ, ଠିକଣା: ଗଡଗଡ଼ିଆ, କଟକ-୭୫୩୦୦୩; ଇ-ମେଲ୍:eeddcuttack@gmail.com

ଅଧିକ ବିବରଣୀ ପାଇଁ ଇ-ସଂଗ୍ରହଣ ପୋର୍ଟାଲ "https://tendersodisha.gov.in" ଦେଖା ଯାଇପାରିବ। ଆବଶ୍ୟକସ୍ଥଳେ ଉକ୍ତ ୱେବସାଇଟରେ ସମସ୍ତ ବିଜ୍ଞପ୍ତି, ସୂଚନା, ଶୁଦ୍ଧିପତ୍ର, ନାକଚ ବିଜ୍ଞପ୍ତି ଆଦି ଏହି ୱେବସାଇଟରେ ପ୍ରକାଶ କରାଯିବ।

ସ୍ୱା./-ନିର୍ବାହୀ ଯନ୍ତ୍ରୀ, ଜଳନିକାଶ ବିଭାଗ, କଟକ

OIPR-32466/11/0003/2425

---

## OFFICE OF THE DISTRICT FISHERIES OFFICER, KAUSALYAGANGA

Email - dfo.kanga@gmail.com Phone : 0674-2465771

No. 323 /Date : 07.04.2025

CORRIGENDUM NOTICE TO THE TENDER CALL NOTICE NO.-297/DATE-29.03.2025 PROCUREMENT OF LIVE FISH BROOD STOCK

No.M-02 : In pursuance to the Tender Call Notice No.-297 Dated-29.03.2025 the following corrections/modifications have been made.

| Originally Published as | Corrections / Modifications |
|---|---|
| Date of opening of the tender - 20th April 2025 at 3 P.M. | Date of opening of the tender - 21st April 2025 at 3 P.M. |
| Sl. No. - 1 The rate should be quoted per / kg pieces wise and they must certify the species / origin of breeder. | Sl. No. - 1 The rate should be quoted per kg (Species wise) and the supplier must certify the species and origin of breeder |
| Sl. No. - 2 The payment will be made after delivery of the healthy in desired condition | Sl. No. - 2 The payment will be made after delivery of the healthy live brood fish in desired condition |

All other terms and conditions of the tender call notice shall remain unchanged.

Sd./- (B. P. Dwivedy) District Fisheries Officer Kausalyaganga

OIPR-06040/11/0003/2425

---

## NATIONAL COMPETITIVE BIDDING THROUGH e-Procurement

Tel.No.06752222092, e-mail id- eerwpuri@gmail.com

No.O-32:

TCN No.TENDER ONLINE-02 OF 2025-26

No.4307/ Dt.7.04.2025

The Superintending Engineer, Rural Works Division, Puri on behalf of Government of Odisha invites percentage rate tenders through e-procurement for 2 Nos. of work for the year 2025-26 in the District of Puri. 1. Total no. of works:2 nos., 2. Tender cost of packages: Amount varies from Rs.71.64 lakhs. 3. Class of Contractor: As per DTCN. 4. Period of completion: 5 (Five) Calendar Months. 5. Period of availability of tenders on-line / Date and time of bidding on-line/ last date of seeking clarification/ Date of Opening of tender papers.

| Procurement Officer | Bid Identification No. | Availability of tender on-line for bidding From | To | Last date & time of seeking tender clarification | Date, time & venue of opening of tender Technical Bid | Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division, Puri | Online-02 | 17.04.2025 at 11.00 A.M. | 30.04.2025 upto 5.00 P.M. | 29.04.2025 upto 01.30 P.M. | 01.05.2025 at 12.00 Noon Office of the S.E., R.W. Division, Puri | Will be intimated to qualified bidders through the website later |

6. Other details can be seen in the bidding documents, which is available in website "https://tendersodisha.gov.in".

Sd./- Superintending Engineer, R.W.Division, Puri

OIPR-25065/11/0017/2425

---

## OFFICE OF THE NOTIFIED AREA COUNCIL : KESINGA

No.1003 / NAC(K) Dated

CORRIGENDUM TO SHORT QUOTATION CALL NOTICE NO. 882 DT.27.03.2025

No.C-59 : The last date of submission of quotation is here by extended up to 3.00 P.M. on 09.04.2025 and will be opened on the same day at 4.00 P.M. All other terms and condition remain unchanged.

Sd./- Executive Officer N.A.C., Kesinga

OIPR-13109/11/0030/2425

---

## INSTITUTE ON MANAGEMENT OF AGRICULTURAL EXTENSION (IMAGE)
(AN AUTONOMOUS INSTITUTE OF GOVERNMENT OF ODISHA)

Siripur, Bhubaneswar-751003, Odisha

Ph.- (0674) 2974145, E-mail:imagebbsr@rediffmail.com

No.1641/IMAGE Dated: 09.04.2025

### RFP for "Selection of Event Management Agency for Organization of State Level Krushak Divas-2025"

No.CAD-74:IMAGE invites RFP for "Selection of Event Management Agency for Organization of State Level Krushak Divas-2025". The detailed RFP document can be downloaded from the website www.agri.odisha.gov.in & https://image.odisha.gov.in from dt.09.04.2025. The last date for submitting the RFP documents alongwith Bid Processing Fees of Rs.5,000/- (Rupees Five Thousand) only in favour of Director, IMAGE payable at Bhubaneswar through Speed Post/ Registered Post/ Courier on or before dt.22.04.2025 upto 04.00 P.M. The Technical Bids will be opened on dt.23.04.2025 at 11.30 AM. The Financial Bids will be opened on dt.24.04.2025. IMAGE reserves the right to accept or reject any/ all proposals/ terminate the entire selection process at any stage without assigning any reason thereof.

Sd./- DIRECTOR, IMAGE

OIPR-01408/11/0021/2425

---

No.CAD-76

idco ODISHA NEW OPPORTUNITIES

## OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, JANPATH, BHUBANESWAR-751022

Tender Call Notice No.IDCO/H.O./P&C/ EST/E-1057/03/2024/ 10124, dated: 08.04.2025

NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

1. Name of the Work: Construction of RCC Drains with cover slab (infocity Road to Venkateswar School connecting to Sai Vihar) at Chandaka Industrial Estate, Bhubaneswar, Odisha.
2. Value of the work: Rs.44.32 Lakhs.
3. Period of Completion: 03 (Three) Calendar Months
4. Other details :

| Procurement Officer | Tender Reference No. | Availability of Tender Online for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Janpath, Bhubaneswar-751022 | P&C/ EST/E-49/ 2024-25 | 11.04.2025 at 17.00 Hrs. | 24.04.2025 upto 17.00 Hrs. |

Further details can be seen from the e-Procurement Portal, www.tendersodisha.gov.in and Corrigendum if any will not be published in newspapers and can only be seen in the e-Procurement portal www.tendersodisha.gov.in and www.idco.in.

Sd./- Chief General Manager (P&C) IDCO, Bhubaneswar

OIPR-14003/11/0131/2425

---

No.O-30

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SUNABEDA

e-mail: serwsbd2003@yahoo.com

No.1304 **1st Corrigendum** Dt:07.04.25

In continuation to this office Bid Identification No- CCERWCSBD Online-24/2024-25 invited vide this office Notice No.972, Dtd.17.03.2025, partial modification of TCN has been made as follows:-

| Sl. No. | Item | Time Schedule as per original TCN | Time Schedule as per Corrigendum Notice |
|---|---|---|---|
| 1 | Availability of Tender online for bidding | 26.03.2025 at 11.00 AM to 09.04.2025 upto 5.00 PM | Extended upto 17.04.2025, 5.00 PM |
| 2 | Date and Time of seeking tender clarification if any | 08.04.2025 upto 2.00 PM | 16.04.2025 upto 2.00 PM |
| 3 | Date & Time of opening of tender (Technical Bid) | 10.04.2025 at 11.00 AM | 19.04.2025 at 11.00 AM |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms and conditions will remain unaltered.

OIPR-25182/11/0050/2425 Sd./- Chief Construction Engineer, Rural Works Circle, Sunabeda

---

## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BARIPADA

E_Mail ID: serwcbaripada@gmail.com, Ph.No-06792-261343/261344, Gangraj, Baripada

"e" Procurement Notice for Road Work

Identification No.-Online Tender-Road N.C.B. No.373 for 2024-25

Letter No.1700/ Date 5.4.25

No.O-24:Name of the Work: Post DLP Maintenance of PMGSY Road Works in the District of Mayurbhanj for the year 2024-25. 2. Total No. of Work: 01 No. (One). 3. Estimated Cost: Rs.110.80 Lakhs (approximately). 4. Eligible Class of Contractor: As per Annexure. 5. Period of Completion: As per Annexure. 6. Other details:-

| Procurement Officer | Bid Identification No. | Availability of tender On-line for bidding From | To | Last Date & Time of seeking Tender Clarification | Date & Time of Opening of Tender in O/O C.C.E., R.W. Circle, Baripada Technical Bid | Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Road On-line N.C.B. No.373 | Dt.10.04.2025 at 11.00 A.M. | Dt.24.04.2025 upto 5.00 P.M. | Dt.23.04.2025 upto 5.00 P.M. | Dt.25.04.2025 at 11.00 A.M. | Will be intimated later |

• Further details can be seen from the website: www.tendersodisha.gov.in.
• Any Corrigendum / Addendum will be displayed in the above e_tender website only.

OIPR-25130/11/0026/2425 Sd./-Chief Construction Engineer, R.W.Circle, Baripada

---

No.C-63

## OFFICE OF THE ANGUL MUNICIPALITY, ANGUL

e-Procurement Notice

Bid Identification No. - EO/RFP/AGLM-01/2025-26

e-mail ID - angulmunicipality@gmail.com

RFP Notice No. 1093 Date : 07.04.2025

1. Name of the Project : Providing Consultancy Services for Preparation of comprehensive Drainage Master Plan and DPR for Storm Water Drainage System of Angul Municipality, in the District of Angul, Odisha.
2. Period of contract : 06 (six) Calendar month

**Date and Time Schedule :**

| Start | End | Technical bid Opening |
|---|---|---|
| 11.00 A.M. on 09.04.2025 | 5.00 P.M. on 22.04.2025 | 11.30 A.M. on 23.04.2025 |

Tender details can be seen from the procurement portal : www.tendersodisha.gov.in

Sd./- S.P. Tripathy, Executive Officer, Angul Municipality

OIPR-13085/11/0030/2425

---

## ODISHA HYDRO POWER CORPORATION LTD
CIN: U40101OR1995SGC003963
(GOVERNMENT OF ODISHA UNDERTAKING)

## OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
E-Mail: fmhpschiplima@yahoo.in, Fax No. (0663) 2460505

No.CAD-81: No.-CHEP/TW-112 (Part File)/1214 Date: 07.04.2025

TENDER CALL NOTICE NO.-CHEP-02/2025-26

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes for below mentioned work from the Reputed Firms / Agencies having valid Firm's Registration Certificate and Experience in similar nature of works.

| Description | Cost of Tender Paper (Non-Refundable) | Estimated Cost / EMD (Refundable) |
|---|---|---|
| Repair & Replacement of damaged Roller Bearing of Gate No.2 & 6 of Head Regulator, CHEP, Chiplima | Rs.708.00 (Rs.600.00 + GST@18%) | Rs.1,33,062.00 / EMD = Rs.1,350.00 |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.10.04.2025 up to 10:30 AM of dtd.23.04.2025.

OIPR-04006/11/0070/2425 Sd/- C & P Head, CHEP, Chiplima

---

## Government of Odisha
## Office of the Superintending Engineer, Rural Works Division-II, Dhenkanal Kamakhyanagar

E-Mail : rw.kamakhyanagar@yahoo.co.in

No.O-20

e-procurement Notice No. 01 / Building Work / 2025-26

| | | |
|---|---|---|
| 1 | Name of the work | Building Work |
| 2 | Total No. of Works | 04 (Four) Nos. |
| 3 | Tender Cost | Rs. 5.67 to 27.00 lakhs (approx) |
| 4 | Class of Contractor | "C" & "B" Class |
| 5 | Period of Completion | 6 calendar months |
| 6 | Availability of Tender online for bidding | 11.04.2025 at 11.00 A.M. to 22.04.2025 up to 5.00 P.M. |
| 7 | Last Date & Time of seeking tender clarification | 21.04.2025 upto 4.00 P.M. |
| 8 | Date & Time of opening of Bid | 23.04.2025 at 11.00 A.M. |

Other Details can be seen from the website http://tendersorissa.gov.in.

Sd./- Superintending Engineer R.W. Division-II, Dhenkanal Kamakhyanagar

OIPR-25094/11/0023/2425

---

## ODISHA HYDRO POWER CORPORATION LTD
CIN: U40101OR1995SGC003963
(GOVERNMENT OF ODISHA UNDERTAKING)

## OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
E-Mail: fmhpschiplima@yahoo.in, Fax No. (0663) 2460505

No.CAD-80: No.-CHEP/TW-156 (Vol.-X)/1253 Date: 08.04.2025

TENDER CALL NOTICE NO.-CHEP-03/2025-26

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the eligible bidders dealing with Trash Rack Cleaning Machine with Hydraulic operated Telescopic Boom for the following work;

| Description | Cost of Tender Paper (Non-Refundable) | Estimated Cost / EMD (Refundable) |
|---|---|---|
| Annual Operation & Maintenance Contract of GMW Make Trash Rack Cleaning Machine installed at CHEP, Chiplima | Rs.11,800/- (Rs.10,000/- + GST @18%) | Rs.65,43,073/- EMD=Rs.65,450/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.11.04.2025 up to 10:30 AM of dtd.22.04.2025.

OIPR-04006/11/0071/2425 Sd/- C & P Head, CHEP, Chiplima

---

No.A-28:

## GOVERNMENT OF ODISHA, DEPARTMENT OF WATER RESOURCES
## OFFICE OF THE ADDITIONAL CHIEF ENGINEER, CENTRAL IRRIGATION CIRCLE, BHUBANESWAR

'e' Procurement Notice No. ACECIC-01/2025-26

| Procurement Officer | Bid Identification No. | Name of Work | Cost of Work (Rs.in Lakhs) | Bid Security (Rs.) E.M.D. | Cost of Bid documents (Rs.) | Class of Contractor | Bid documents available online for bidding From | To | Date of opening of Technical Bid | Period of Completion of work |
|---|---|---|---|---|---|---|---|---|---|---|
| ACE, CIC, Bhubaneswar | NGR-01/ 2025-26 | Cement Concrete Lining in Right Distributary of Kuanria Irrigation Project from RD. 11.00 Km to 18.20 Km) | 834.63 | 834700/- Online | 10000/- (Online) | "A" & "Special" Class | 11.04.2025 At 10.00 Hours | 25.04.2025 At 17.00 Hours | 28.04.2025 At 11.00 Hours | 18 (Eighteen Calendar Months) |

e-mail Id:secic_dowr@yahoo.com.

Further details conditions can be seen from Govt. website www.tenderorissa.gov.in.

OIPR-32160/11/0025/2425 Sd./- Additional Chief Engineer, Central Irrigation Circle

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଅଧିକାର ଭାରତକୁ ମିଳିବ

**ନୂଆଦିଲ୍ଲୀ,୧୦।୪(ପି.ଟି.)**

୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଅଧିକାର ଭାରତକୁ ମିଳିବ। ଏହି ଇଭେଣ୍ଟ ଆୟୋଜନ ଲାଗି କାନାଡା ଓ ନାଇଜେରିଆ ଇଚ୍ଛା ପ୍ରକଟ କରୁଥିବା ସତ୍ତ୍ୱେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଗୁରୁବାର ଏଭଳି ଦୃଢ଼ୋକ୍ତି ଦେଇଛନ୍ତି। ମାର୍ଚ୍ଚ ୩୧ ତାରିଖ ସମୟସୀମା ମଧ୍ୟରେ ଉଭୟ କାନାଡା ଓ ନାଇଜେରିଆ ଏକ୍ସପ୍ରେଶନ ଅଫ ଇଣ୍ଟରେଷ୍ଟ (ଇଓଆଇ) ଦାଖଲ କରିଛନ୍ତି।

ମୋତେ ସୂଚନା ମିଳିଛି ଯେ, କାନାଡା ଓ ନାଇଜେରିଆ ଇଚ୍ଛା ପ୍ରକଟ କରିଛନ୍ତି। କିନ୍ତୁ ଆମେ ନିଶ୍ଚିତ ଯେ, ଭାରତକୁ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଅଧିକାର ମିଳିବ। ଯଦି ଭାରତକୁ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଅଧିକାର ମିଳେ, ତେବେ ଆମେ ୨୦୩୬ ଅଲିମ୍ପିକ୍ସ ଆୟୋଜନ ଲାଗି ଦକ୍ଷ ବୋଲି ପ୍ରଦର୍ଶିତ କରିପାରିବୁ। ଏ ସଂକ୍ରାନ୍ତରେ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ସହ ପରାମର୍ଶ ଚାଲିଛି। ଜୁନ୍‌ରେ ନୂଆ ଆଇଓସି ସଭାପତି କ୍ରିଷ୍ଟି କୋଭେଣ୍ଟ୍ରି ଦାୟିତ୍ୱ ନେଲା ପରେ ଭାରତ ତା'ର ଯୋଜନାକୁ ପ୍ରଦର୍ଶିତ କରିବାକୁ ପ୍ରସ୍ତୁତ ବୋଲି ମାଣ୍ଡବ୍ୟ କହିଛନ୍ତି। ଆସନ୍ତା ବର୍ଷ ହେବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ଅଷ୍ଟ୍ରେଲିଆର ଭିକ୍ଟୋରିଆ ବଦଳରେ ଗ୍ଲାସଗୋରେ ହେବ। ଆୟୋଜନ ଲାଗି ଖର୍ଚ୍ଚ ବୃଦ୍ଧି ପାଉଥିବାରୁ ଭିକ୍ଟୋରିଆ ଆୟୋଜନରୁ ପଛଘୁଞ୍ଚା ଦେଉଛି। ଏଥିଯୋଗୁ ପରବର୍ତ୍ତୀ ସଂସ୍କରଣ ଗ୍ଲାସଗୋରେ ହେବ ଏବଂ ଏଥିରୁ ବକ୍ସିଂ, ରେସଲିଂ, ହକି, କ୍ରିକେଟ, ବ୍ୟାଡ୍‌ମିଣ୍ଟନ ଓ ଶୁଟିଂ ଆଦି ଇଭେଣ୍ଟକୁ ବାଦ ଦିଆଯାଇଛି।

# ଓଡ଼ିଶାକୁ ୬ ପଦକ




ପଦକ ବିଜେତା ଓଡ଼ିଶା ଦଳ।

**ଭୁବନେଶ୍ୱର,୧୦।୪(ଅନାଦି କର)**

## ସିନିୟର ଅସ୍ମିତା ଖେଲୋ ଇଣ୍ଡିଆ ପେଞ୍ଚକ ସିଲାଟ ଚାମ୍ପିୟନଶିପ୍

ଜମ୍ମୁ-କଶ୍ମୀରର ଶ୍ରୀନଗରଠାରେ ଚାଲିଥିବା ସିନିୟର ଅସ୍ମିତା ଖେଲୋ ଇଣ୍ଡିଆ ପେଞ୍ଚକ ସିଲାଟ ଚାମ୍ପିୟନଶିପରେ ଓଡ଼ିଶା ଆଥଲେଟ୍‌ମାନେ ୬ ପଦକ ଜିତିଛନ୍ତି। ପଦକ ତାଲିକାରେ ୧ ରୌପ୍ୟ ଓ ୫ ବ୍ରୋଞ୍ଜ ପଦକ ରହିଛି। ଓଡ଼ିଶା ଦଳର କୋଚ ରାହୁଲ ସା'ଙ୍କ ତତ୍ତ୍ୱାବଧାନରେ ୧୮ ଜଣ ଓଡ଼ିଆ ଆଥ୍‌ଲେଟ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଟାଣ୍ଡିଂ ଇଭେଣ୍ଟର ୭୦ରୁ ୭୫ କେଜି ଓଜନ ବର୍ଗରେ ଖୋର୍ଦ୍ଧାର ପ୍ଲିଜାଲିନ ତରାଇ (କ୍ଲାସ ଏଫ୍) ରୌପ୍ୟ ପଦକ ଜିତିଥିବାବେଳେ ୬୦ରୁ ୬୫ କେଜି ବର୍ଗରେ ମୟୂରଭଞ୍ଜର ଗାୟତ୍ରୀ ବଦ୍ରା (କ୍ଲାସ ଡି') ଓ ୭୫ରୁ ୮୦ କେଜି ବର୍ଗରେ ସମ୍ବଲପୁରର ପାୟଲ ତାଣ୍ଡି (କ୍ଲାସ ଜି) ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିଭଳି ସୋଲୋ ଇଭେଣ୍ଟରେ ଝାରସୁଗୁଡ଼ାର ତାନ୍ୟା ଠାକୁର, ଗାଣ୍ଡା ଇଭେଣ୍ଟରେ ମୟୂରଭଞ୍ଜର ଉମାବତୀ ପାତ୍ର ଓ ଝାରସୁଗୁଡ଼ାର ଲିଲାବତୀ ରଣା ବ୍ରୋଞ୍ଜ ପଦକ ହାତେଇଛନ୍ତି। ପ୍ରତିଯୋଗିତାରେ ସୁଚାରୁରୂପେ ରେଫ୍ରିଶିପ ତୁଲାଇଥିବାରୁ ପ୍ରେମ ସିଂ ଥାପାଙ୍କୁ ସାଇ ଓ ଖେଲୋ ଇଣ୍ଡିଆ ପକ୍ଷରୁ ସମ୍ମାନିତ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପେଞ୍ଚକ ସିଲାଟ ଆସୋସିଏଶନ ଓଡ଼ିଶାର ସଭାପତି ତାପସ କୁମାର ରାୟ ଚୌଧୁରୀ, ଉପସଭାପତି ମନୋରଞ୍ଜନ ଭଞ୍ଜ, ଅରବିନ୍ଦ ବାରିକ, ସାଧାରଣ ସମ୍ପାଦକ ଗୁରୁ ପ୍ରେମ ସିଂ ଥାପା, ବ୍ୟକ୍ତିଗତ ଉପଦେଷ୍ଟା ସୁମନ ମୋଦି ଓ ପେଞ୍ଚକ ସିଲାଟ ଆସୋସିଏଶନ ଖୋର୍ଦ୍ଧାର ସମ୍ପାଦକ ତିତେନ୍ଦ୍ର କୁମାର ରାଉତ ଅଭିନନ୍ଦନ ଜଣାଇଛନ୍ତି।

# ସିଆଇଏସ୍‌ଏଫ୍, ବିଏସ୍‌ଏଫ୍, ସିଆର୍‌ପିଏଫ୍, ମଣିପୁର ବିଜୟୀ

**ଭୁବନେଶ୍ୱର,୧୦।୪ (ଅନାଦି କର)**

## ସର୍ବଭାରତୀୟ ପୋଲିସ ହକି ଚାମ୍ପିୟନଶିପ୍

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୭୩ତମ ସର୍ବଭାରତୀୟ ପୋଲିସ ହକି ଚାମ୍ପିୟନଶିପ୍‌ରେ ଗୁରୁବାର ଖେଳାଯାଇଥିବା ଭିନ୍ନ ଭିନ୍ନ ମ୍ୟାଚରେ ସିଆଇଏସ୍‌ଏଫ୍, ବିଏସ୍‌ଏଫ୍, ସିଆର୍‌ପିଏଫ୍ ଓ ମଣିପୁର ବିଜୟୀ ହୋଇଛନ୍ତି।


ଆଜିର ପ୍ରଥମ ମ୍ୟାଚରେ ସିଆଇଏସ୍‌ଏଫ୍ ୩-୨ ଗୋଲରେ ଏସ୍‌ଏସ୍‌ବିକୁ ପରାସ୍ତ କରିଥିଲା। ଦ୍ୱିତୀୟ ମ୍ୟାଚରେ ବିଏସ୍‌ଏଫ୍ ୬-୦ ଗୋଲରେ କେରଳ ପୋଲିସକୁ ହରାଇଥିଲା। ତୃତୀୟ ମ୍ୟାଚ ସିଆର୍‌ପିଏଫ୍ ଓ ତାମିଲନାଡୁ ପୋଲିସ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚରେ ସିଆର୍‌ପିଏଫ୍ ୫-୨ ଗୋଲରେ ବିଜୟୀ ହୋଇଥିଲା। ଚତୁର୍ଥ ମ୍ୟାଚରେ ମଣିପୁର ପୋଲିସ ୪-୨ ଗୋଲରେ ପଶ୍ଚିମବଙ୍ଗ ପୋଲିସକୁ ହରାଇଥିଲା। ଖେଳ ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନର ନିର୍ଦ୍ଦେଶକ ନିଖିଲ ପବନ କଲ୍ୟାଣ, ଡିଆଇଜି (କ୍ରାଇମବ୍ରାଞ୍ଚ) ବାତୁଲା ଗଙ୍ଗାଧର, ରେଳବାଇ (କଟକ) ଏସ୍‌ପି ବିବେକାନନ୍ଦ ଶର୍ମା ପ୍ରମୁଖ ବିଭିନ୍ନ ମ୍ୟାଚରେ ଅତିଥି ଭାବେ ଯୋଗଦେଇଥିଲେ।

# ପୂର୍ବତନ ବାସ୍କେଟବଲ ଅଧିନାୟକଙ୍କ ପରଲୋକ

**ପିଥୋରାଗଡ଼, ୧୦।୪ (ପି.ଟି.)**

ବିଶିଷ୍ଟ ବାସ୍କେଟବଲ ଖେଳାଳି ତଥା ଭାରତୀୟ ଦଳର ପୂର୍ବତନ ଅଧିନାୟକ ହରିଦତ୍ତ କାପ୍ରିଙ୍କର ୮୩ ବର୍ଷୀୟ ବୟସରେ ତାଙ୍କ ନିଜସ୍ୱ ବାସଭବରେ ପରଲୋକ ଘଟିଛି। ସେ ତାଙ୍କର ସ୍ୱାଥୀ ଓ ଦୁଇ ପୁତ୍ରସନ୍ତାନକୁ ଛାଡ଼ି ଚାଲିଯାଇଛନ୍ତି। କାପ୍ରି ୧୯୬୯ରେ ଅର୍ଜୁନ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ତାଙ୍କ ନେତୃତ୍ୱରେ ୧୯୬୯ରେ ଭାରତୀୟ ବାସ୍କେଟବଲ ଦଳ ଏସିଆରେ ୭ମରୁ ୪ର୍ଥ ସ୍ଥାନକୁ ଉନ୍ନୀତ ହୋଇପାରିଥିଲେ। ତାଙ୍କ ଅଧିନାୟକତ୍ୱରେ ଭାରତ ୧୯୬୫ରୁ ୧୦୭୮ ମଧ୍ୟରେ ସିରିଜ କ୍ରମାଗତ ବିଜୟ ଲାଭ କରିଥିଲା। ଉତ୍ତରାଖଣ୍ଡ ସରକାରଙ୍କ ଦ୍ୱାରା ସେ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପୁରସ୍କାରରେ ସମ୍ମାନିତ ହୋଇଥିଲେ।


# Classified Everyday
0674-2580101, 9692975378



AUTOMOBILE
SALE

For Sale Innova Crysta, Landrover, Dezire, Hondacity, Mercedes, Fortuner Ertiga CNG for details contact: 7381091234, 7077731532. D-76254



REAL ESTATE
SALE

**Gharabari plot with compoundwall 52x40 2080sft. at lowest price 7K.M. from NAKHARA, 12K.M. from BHUBANESWAR also instalment basis (middle of CTC & BBSR) no interest. 7809525452.** D-76439



Healthcare

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-033

Positively health benefited SPA by expert female therapist. 9114559860. D-76907

Newly open Jyoti SPA positively health benefits (Expert therapist). 8458067955. D-76908

Positivelyhealthbenefited spa by expert female therapist, Bapujinagar. 8018429809 D-76906

AFFIDAVIT

By virtue of an affidavit CF No.-582, dated 10.4.2025 sworn before the Executive Magistrate, Kuchinda, I, Ashman Patel, Mob No.6370777415, R/o. Village- K.Jamankira, P.S.- Mahulpali, Dist.- Sambalpur, Odisha, PIN- 768227 declare that I have changed my name from Ashman Kumar Patel to Ashman Patel. Now onwards I shall be known as Ashman Patel for all future purposes. D-123

By virtue of an affidavit sworn before the Executive Magistrate, Dharmasala, dated- 08.04.2025, Indramani Malik, At- Pratappur, P.O.- Neulpur, P.S.- Dharmasala, Dist.- Jajpur, PIN- 755024, Odisha declare that I have changed my son name from Paritis Mallik to Pratyush Malik. Henceforth, he shall be known as Pratyush Malik for all future purposes. Indramani Malik. D-119

ମୁଁ, ଭଗବାନ ପାତ୍ର, ପି- ସ୍ୱର୍ଗତ ହାଡ଼ିବନ୍ଧୁ ପାତ୍ର, ଜାତି କୁମୁଟି, ସା/ପୋ- ରଙ୍ଗଣୀପାଟଣା, ଥାନା- ଓଡ଼ଗାଁ, ଜିଲ୍ଲା- ନୟାଗଡ଼, ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଓଡ଼ଗାଁଙ୍କ ନିକଟରେ ସତ୍ୟପାଠ ଦ୍ୱାରା ଜଣାଉଛି ଯେ, ୩।୯।୧୯୮୩ ତାରିଖଠାରୁ ମୋ ଆଈ ମୋତେ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଥିବାରୁ ସେହିଦିନଠାରୁ ମୋର ନାମ ଭଗବାନ ସୁବୁଦ୍ଧି, ପି-କାଶୀନାଥ ସୁବୁଦ୍ଧି, ମାତା- ରୂପା ସୁବୁଦ୍ଧିଙ୍କର ପୁତ୍ର ରୂପେ ବିବେଚିତ ହୋଇ ଆସୁଛି। ବର୍ତ୍ତମାନ ଏହି ଘୋଷଣାନାମା ପ୍ରକାଶ କରୁଛି କି, ମୋର ନାମ ଭଗବାନ ପାତ୍ର, ପିତା- ହାଡ଼ିବନ୍ଧୁ ପାତ୍ର ବଦଳରେ ସର୍ବତ୍ର ଭଗବାନ ସୁବୁଦ୍ଧି, ପିତା- କାଶୀନାଥ ସୁବୁଦ୍ଧି, ମାତା ରୂପା ସୁବୁଦ୍ଧି ରୂପେ ବିବେଚିତ ହୋଇ ମୋର ନାମ ଭଗବାନ ସୁବୁଦ୍ଧି ସ୍ୱାକ୍ଷର କରୁଅଛି। ଧ-୧୨୫

I, Benar Patra, R/o. Village- Dhekunkupa, P.O.- Nunpur, P.S.- M. Rampur, Dist.- Kalahandi declare by this affidavit No.- 2025, dated 09.04.25 that I have changed my daughter's name from Mancini Patra to Nandini Patra. Now onwards she shall be known as Nandini Patra for all future purposes. D-114

I, Neemisha Rani Nanda, D/o- Basanta Nanda, R/o. At- Chandrapur, P.O.- Jarasingha, P.S.- Deogaon, Dist.- Balangir, Odisha, PIN- 767067 declare by this affidavit No. 2413, dated 03.03.25 that I have changed my name from Nimisarani Nanda to Neemisha Rani Nanda. Now onwards I shall be known as Neemisha Rani Nanda for all future purposes. D-113

By virtue of an affidavit sworn before the Executive Magistrate, Dhenkanal, dated- 07.04.2025, I, Swarnalata Sahoo, Address: At-Deogaon, P.O.-Kapilash, P.S.- Gondia, Dist.-Dhenkanal, PIN-759016, declare that I have changed my name from Swarnalata Mohapatra to Swarnalata Sahoo. Henceforth, I shall be known as Swarnalata Sahoo for all future Purposes. D-76810

By virtue of an affidavit sworn before Executive Magistrate, Bhubaneswar, date 09.04.2025, I, Rajakishor Srichandan, Address: At/P.O.- Mendhasal, P.S.- Chandaka, Dist.- Khurdha, declare that I have changed my daughter's name from DIBYASHREE SRICHANDAN to DIVYASHREE PRIYADARSHINI. Henceforth, she shall be known as DIVYASHREE PRIYADARSHINI for all purposes. Rajakishor Srichandan D-89

By virtue of an affidavit sworn before Executive Magistrate, Bhubaneswar, date 07.04.2025, I, Tapas Kumar Mallik, Address: At/P.O.- Kuanarpur, P.O.- Bhera, P.S.- Salipur, Dist.- Cuttack, declare that I have changed my daughter's name from Krishan Priyadarshini Mallik to Sudeshna Priyadarshinee. Henceforth, she shall be known as Sudeshna Priyadarshinee for all purposes. Tapas Kumar Mallik D-116

By virtue of an affidavit sworn before Executive Magistrate, Puri, dated 02.04.2025, I, Srimati Swain, At- Basukera, P.O.- Sakhigopal, P.S.- Satyabadi, Dist.- Puri, PIN-752014, declare that I have changed my name from Swarnalata Dei to Srimati Swain. Henceforth, I shall be known as Srimati Swain for all purposes. Srimati Swain D-117

By this affidavit sworn before the Notary Public, Birmaharajpur, I, Rusudh Samal, R/o. Village- Kardapal, P.O.- Mursundhi, P.S.- Birmaharajpur, Dist.- Subarnapur declare that in Aadhaar Card bearing No.xxxx xxxx 9541 my son's name has been wrongly mentioned as Maheswar Samal, S/o- Rushadha Samal instead of Pritam Samal, S/o- Rusudh Samal. Now I have changed his name to Pritam Samal, S/o- Rusudh Samal for all future purposes. D-124

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

I, Biswajit Barpanda, S/o-Narasingh Barpanda, aged about 54 years, R/o-Matru Vihar, Danipali Near Sai Mandir, P.O.-Budharaja, P.S.-Ainthapali, Dist.- Sambalpur-768004, in the State of Odisha, solemnly declare that I have Changed my Name as Biswajit Badpanda vide affidavit No.- 16AA 549329 before the Notary Sambalpur, dated- 03.03.2025. Now onwards I shall be known as Biswajit Badpanda for all future purpose. D-122

Before the Notary Public, Athagarh, I, Biswabhusan Barik, aged about 46 years, S/o- Late Brajasundar Barik, At- Champapur, P.O.- Mahakalabasta, P.S.- Khuntuni, Dist.- Cuttack hereby declare that the power of Attorney holder namely Pabitra Mohan Sahu and Biswaranjan Barik Vide e-registration document No.- 40402301450 on dated- 03.05.2023, before the SRO, Athagarh has been cancelled/ revoked as per deed of revocation of power of Attorney vide e- registration document No.- 40402500643, dated- 27.03.2025. Athagarh date- 07.04.2025 Biswabhusan Barik D-126

I, Kalpana Manjari Singh, W/o- Akshaya Kumar Swain, resident of Plot No.-18, Sai Nivas, Near NH, Indira Housing Colony, P.O.- Old Town, P.S.-Sri Lingaraj, Bhubaneswar, Dist.- Khordha, PIN-751002, Odisha declare by this affidavit No.- C.F./92 dtd. 07.04.2025 that now onwards I shall be known as Kalpana Swain for all future purposes. D-76440

I, Anjela Dhanwar, aged about 34 years, W/o- Late Sachin Dhanwar, resident of Village-Junani, P.O.- Rangiatikra, P.S.- Govindpur, Dist.- Sambalpur, Odisha do hereby Solemnly affirm and declare as under- I have Aadhaar Card vide No.-XXXX XXXX 8415 in which my name has been wrongly mentioned as Anjali Dhanwar.That Anjela Dhanwar and Anjali Dhanwar denotes to one and same person, i,e myself. Anjela Dhanwar D-127

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଧୋବୁଣି ନାହାକ
ଆବିର୍ଭାବ: ୦୧।୦୧।୧୯୪୫
ତିରୋଧାନ: ୦୧।୦୪।୨୦୨୫
ତୁମର ସ୍ନେହ, ଶ୍ରଦ୍ଧା, ଉପଦେଶ ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ହତଭାଗା/ହତଭାଗିନୀ: ଚିତ୍ତରଞ୍ଜନ ନାହାକ, ତପସ୍ୱିନୀ ନାହାକ, ରାମଚନ୍ଦ୍ର ନାହାକ, ବାସନ୍ତି ନାହାକ, ଦେବକୀ ନାହାକ, ସମାପ୍ତି ନାହାକ, ବନ୍ଧୁ ଓ ପରିବାରବର୍ଗ
ଧ-୧୧୨

2nd Death Anniversary
In Treasured Memory of



NARENDRA PRASAD DAS
18.10.1936 to 11.04.2023
"Baba" – We continue to love you every moment of our lives. Your presence surrounds us and your love is still our guide. With each passing day, we fondly recall the moments shared, finding solace in the enduring love you bestowed upon us. We miss you…
Fondly Remembered by: Arihant, Abhijat, Nirali, Biswajit (Tutu), Mamata, Niyati, Family & Friends.
ଧ-୧୧୮


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମହିଳା ହକିର ସଫଳ ବିନ୍ଧାଣି

**ଦୀର୍ଘ ୧୫ ବର୍ଷ ଧରି ଭାରତୀୟ ମହିଳା ହକିର ସେବା ପରେ ଅବସର ଘୋଷଣା କରିଛନ୍ତି ତାରକା ଫରୱାର୍ଡ ବନ୍ଦନା କାଟରିଆ। ଦେଢ଼ ଦଶନ୍ଧିରୁ ଊର୍ଦ୍ଧ୍ୱ ଭାରତୀୟ ମହିଳା ହକି ଦଳର ସଫଳତାରେ ସେ ସାଜିଥିଲେ ଅନ୍ୟତମ ମୁଖ୍ୟ ବିନ୍ଧାଣି। ଭାରତ ପକ୍ଷରୁ ସର୍ବାଧିକ ମ୍ୟାଚ ଖେଳିବାର ଗୌରବ ମଧ ସେ ଲାଭ କରିଛନ୍ତି। ଅନ୍ତର୍ଜାତୀୟ ହକିକୁ ଅଲ୍‌ବିଦା ଜଣାଇଥିଲେ ହେଁ ବନ୍ଦନା ଏଚ୍‌ଆଇଏଲ୍ ଓ ଅନ୍ୟ ଘରୋଇ ପ୍ରତିଯୋଗିତାରେ ଖେଳିବେ ବୋଲି ସ୍ପଷ୍ଟ କରିଛନ୍ତି...**

ଭାରତୀୟ ମହିଳା ହକିକୁ ଦୀର୍ଘ ୧୫ ବର୍ଷର ସେବା ପରେ ଅବସର ଘୋଷଣା କରିଛନ୍ତି ତାରକା ଫରୱାର୍ଡ ବନ୍ଦନା କାଟରିୟା। ଦେଢ଼ ଦଶନ୍ଧିରୁ ଊର୍ଦ୍ଧ୍ୱ ଭାରତୀୟ ମହିଳା ହକି ଦଳର ସଫଳତାରେ ସେ ସାଜିଥିଲେ ଅନ୍ୟତମ ମୁଖ୍ୟ ବିନ୍ଧାଣି। କେବଳ ସେତିକି ନୁହେଁ ଭାରତ ପକ୍ଷରୁ ସର୍ବାଧିକ ମ୍ୟାଚ ଖେଳିବାର ଗୌରବ ମଧ ସେ ଲାଭ କରିଛନ୍ତି। ୧୯୯୨ ଏପ୍ରିଲ ୧୫ରେ ଜନ୍ମଗ୍ରହଣ କରିଥିବା ବନ୍ଦନା ଦେଶ ପକ୍ଷରୁ ୩୨୦ ମ୍ୟାଚରେ ପ୍ରତିନିଧିତ୍ୱ କରି ମୋଟ ୧୫୮ଟି ଗୋଲ ସ୍କୋର କରିଛନ୍ତି। ଏହା ତାଙ୍କ ଫିଟ୍‌ନେସ ଓ ଦକ୍ଷତାର ପ୍ରମାଣ ଦେଇଥାଏ।



ଦିଲୀପ ତିର୍କୀଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ବନ୍ଦନା।

**"ମୁଁ ଅନ୍ତର୍ଜାତୀୟ ହକିରୁ ଦୂରକୁ ଯିବାର ନିଷ୍ପତ୍ତି ନେଇଛି। ଏହା ପଛର କାରଣ ନୁହେଁ ଯେ, ମୋ ଭିତରେ ଦେଶ ପାଇଁ ଖେଳିବା ଲାଗି ଥିବା ଭୋକ ମରି ଯାଇଛି। ମୁଁ ମୋ କ୍ୟାରିୟରର ଶୀର୍ଷରେ ଥାଇ ବିଦାୟ ନେବାକୁ ଚାହେଁ। ଥକି ପଡ଼ିଥିବାରୁ ନୁହେଁ, ବରଂ ମୁଁ ମୁଣ୍ଡ ଟେକି ଅନ୍ତର୍ଜାତୀୟ ହକି ଛାଡ଼ିବାକୁ ନିଷ୍ପତ୍ତି ନେଇଛି। ଦର୍ଶକଙ୍କ କୋଳାହଳ, ପ୍ରତ୍ୟେକ ଗୋଲର ରୋମାଞ୍ଚ ଓ ଭାରତୀୟ ଜର୍ସି ପିନ୍ଧିବାର ଗର୍ବ ମୋ ହୃଦୟରେ ସର୍ବଦା ରହିବ"**

**– ବନ୍ଦନା କାଟରିଆ**

୨୦୧୩ ଜୁନିୟର ମହିଳା ହକି ବିଶ୍ୱକପରେ ଚମତ୍କାର ପ୍ରଦର୍ଶନ କରି ସମସ୍ତଙ୍କୁ ପ୍ରଭାବିତ କରନ୍ତି ବନ୍ଦନା। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭାରତ ବ୍ରୋଞ୍ଜ ପଦକ ଜିତିଥିବାବେଳେ ସେ ହୋଇଥିଲେ ଟପ୍ ସ୍କୋରର। ଟୁର୍ନାମେଣ୍ଟରେ ୫ ଗୋଲ ଦେଇଥିବା ବନ୍ଦନା ଆଉ ପଛକୁ ଫେରି ଚାହିଁ ନ ଥିଲେ। ୨୦୧୪ ଏସିଆନ ଗେମ୍ସରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳର ସେଥିଲେ ଅନ୍ୟତମ ସଦସ୍ୟା। ୨୦୧୬ ରିଓ ଅଲିମ୍ପିକ୍ସରେ ସେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଐତିହାସିକ ଚତୁର୍ଥ ସ୍ଥାନ ହାସଲ କରିଥିବା ଭାରତୀୟ ଦଳର ମଧ ସେ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲେ। ଆର୍ଜେଣ୍ଟିନାର ଲୁସିଆନା ଆୟିମର ଥିଲେ ତାଙ୍କ ଆଦର୍ଶ ଖେଳାଳି। ଭାରତୀୟ ମହିଳା ହକିପ୍ରତି ଅବଦାନକୁ ଦୃଷ୍ଟିରେ ରଖି ୨୦୨୧ରେ ତାଙ୍କୁ ଅର୍ଜୁନ ଓ ୨୦୨୨ ମାର୍ଚ୍ଚରେ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା।

ସେତେବେଳେ ଉତ୍ତର ପ୍ରଦେଶ (ବର୍ତ୍ତମାନ ଉତ୍ତରାଖଣ୍ଡ) ହରିଦ୍ୱାର ଜିଲାର ରୋଶନାବାଦରେ ଜନ୍ମଗ୍ରହଣ କରିଥିଲେ ବନ୍ଦନା। ହରିଦ୍ୱାରସ୍ଥିତ ବିଏଚଇଏଲ୍‌ରେ ତାଙ୍କ ବାପା ଜଣେ ମାଷ୍ଟର ଟେକ୍ନିସିଆନ ଥିଲେ। ଗତ କିଛିବର୍ଷ ଧରି ଯେଉଁ କେତେଜଣ ଖେଳାଳିଙ୍କ ପ୍ରଦର୍ଶନରେ ବ୍ୟାପକ ଉନ୍ନତି ହୋଇଥିଲା ତା' ମଧ୍ୟରେ ବନ୍ଦନା ଅନ୍ୟତମ। ୨୦୦୬ରେ ସେ ଜୁନିୟର ଅନ୍ତର୍ଜାତୀୟ ପଦାର୍ପଣ କରିଥିବାବେଳେ ୨୦୦୯ରେ ସିନିୟର ସ୍ତରରେ ପ୍ରଥମେ ଜାତୀୟ ଦଳରୁ ପ୍ରତିନିଧିତ୍ୱ କରିଥିଲେ। ରୁଷିଆର କାଜାନରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ଚାମ୍ପିୟନ୍ସ ଚ୍ୟାଲେଞ୍ଜ-୨ ଟୁର୍ନାମେଣ୍ଟ ଥିଲା ସିନିୟର ସ୍ତରରେ ତାଙ୍କର ପ୍ରଥମ ଅନ୍ତର୍ଜାତୀୟ ପ୍ରତିଯୋଗିତା। ୨୦୧୩ ଜୁନିୟର ବିଶ୍ୱକପରେ ବ୍ରୋଞ୍ଜ ପଦକ ଜିତିବାପରେ ଗଣମାଧ୍ୟମ ପ୍ରତିନିଧିମାନେ ପ୍ରଥମଥରପାଇଁ ତାଙ୍କ ବାପାଙ୍କ ସାକ୍ଷାତକାର ନେଇଥିଲେ। ଏହା ତାଙ୍କୁ ଖୁବ୍ ଗର୍ବିତ କରିଥିଲା ବୋଲି ପ୍ରକାଶ କରିଥିଲେ ବନ୍ଦନା। ୨୦୧୪ ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ କାନାଡ଼ା ବିପକ୍ଷରେ କ୍ୟାରିୟରର ୧୦୦ତମ ମ୍ୟାଚ ଖେଳିଥିଲେ ଏହି ଦକ୍ଷ ଫରୱାର୍ଡ। ସେହିବର୍ଷ ସେ ହକି ଇଣ୍ଡିଆର ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ମଧ ପାଇଥିଲେ। ୨୦୨୪-୧୫ ଏଫ୍‌ଆଇଏଚ୍ ହକି ୱାର୍ଲ୍ଡ ଲିଗ୍‌ରେ ଭାରତ ଚାମ୍ପିୟନ ହୋଇଥିବାବେଳେ ବନ୍ଦନା ଟପ୍ ସ୍କୋରର ଭାବେ ୧୧ ଗୋଲ ସ୍କୋର କରିଥିଲେ।

୨୦୧୬ ନଭେମ୍ବରରେ ସେ ଭାରତୀୟ ଦଳର ଅଷ୍ଟ୍ରେଲିଆ ଟୁର୍ ପାଇଁ ଅଧିନାୟିକା ଭାବେ ଅପରିବର୍ତ୍ତିତ ରହିଥିଲେ। ସେଠାରେ ଭାରତ ନଭେମ୍ବର ୨୩ରୁ ୩୦ ପର୍ଯ୍ୟନ୍ତ ଟେଷ୍ଟ ସିରିଜ ଖେଳିଥିଲା। ୨୦୧୮ ଏସିଆନ ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ କୋରିଆଠାରୁ ହାରି ଭାରତ ରନରଅପ୍ ହୋଇଥିଲେ ମଧ ବନ୍ଦନା ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ପାଇଥିଲେ। ୨୦୧୮ରେ ଭାରତୀୟ ଦଳ ସ୍ପେନ୍ ଗସ୍ତରେ ଥିବାବେଳେ ୫ ମ୍ୟାଚ ବିଶିଷ୍ଟ ସିରିଜର ୩ୟ ମ୍ୟାଚ ଖେଳି ସେ ୨୦୦ ମାଇଲଖୁଣ୍ଟ ସ୍ପର୍ଶ କରିଥିଲେ। ଏହାପରେ ସେ ଭାରତୀୟ ବିଶ୍ୱକପ ଦଳରେ ସାମିଲ ହୋଇଥିଲେ। ୨୦୨୦ ଟୋକିଓ ଅଲିମ୍ପିକ୍ସରେ ବନ୍ଦନା ପ୍ରଥମ ଭାରତୀୟ ମହିଳା ଭାବେ ହ୍ୟାଟ୍ରିକ୍ ଗୋଲ ସ୍କୋର କରିଥିଲେ। ମାତ୍ର ସେମିଫାଇନାଲରେ ଆର୍ଜେଣ୍ଟିନାଠାରୁ ଭାରତ ହାରିବା ପରେ ତାଙ୍କ ପରିବାରକୁ ଜାତିଭିତ୍ତିକ ନିନ୍ଦା ଶୁଣିବାକୁ ମିଳିଥିଲା। ଦଳରେ ଅଧିକ ଦଳିତ ଖେଳାଳି ରହିଥିବାରୁ ଭାରତ ସେମିଫାଇନାଲରେ ହାରିଲା ବୋଲି କିଛି ଉଚ୍ଚଜାତିର ଲୋକ କହିବା ସହ ତାଙ୍କ ପରିବାରକୁ ଗାଳିଗୁଲଜ କରିଥିଲେ। ୨୦୨୧ ଅଗଷ୍ଟ ୮ରେ ତାଙ୍କୁ 'ବେଟୀ ବଚାଓ ବେଟୀ ପଢ଼ାଓ' ଅଭିଯାନର ଅନ୍ୟତମ ଆମ୍ବାସାଡର ନିଯୁକ୍ତ କରାଯାଇଥିଲା। କାଟାରିୟା ଗତ ଫେବୃୟାରୀରେ ଭୁବନେଶ୍ୱରରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ପ୍ରୋ ଲିଗରେ ଭାରତ ପାଇଁ ଅନ୍ତିମ ମ୍ୟାଚ ଖେଳିଥିଲେ।

ଅନ୍ତର୍ଜାତୀୟ ହକିକୁ ଅଲ୍‌ବିଦା ଜଣାଇଥିଲେ ହେଁ ସେ ସମ୍ପୂର୍ଣ୍ଣଭାବେ ହକିରୁ ଅବସର ନେଉନାହାନ୍ତି ବୋଲି ବନ୍ଦନା ସ୍ପଷ୍ଟ କରିଛନ୍ତି। "ମୁଁ ମୋ ଷ୍ଟିକ ଛାଡୁ ନାହିଁ। ମୁଁ ହକି ଇଣ୍ଡିଆ ଲିଗ ଓ ଅନ୍ୟ ଟୁର୍ନାମେଣ୍ଟରେ ଖେଳିବା ଓ ସ୍କୋର କରିବା ଜାରି ରଖିବି। ମୋତେ ମିଳିଥିବା ଭଲ ପାଇବା, ଅନୁଭୂତି ଓ ସ୍ମୃତିକୁ ନେଇ ଆଗକୁ ବଢ଼ିବି ବୋଲି ବନ୍ଦନା ପ୍ରକାଶ କରିଛନ୍ତି।



ବନ୍ଦନା କାଟରିଆ

### ସଂକ୍ଷେପରେ...

ନାମ: ବନ୍ଦନା କାଟରିଆ
ଜନ୍ମ: ୧୫ ଏପ୍ରିଲ, ୧୯୯୨, ରୋଶନାବାଦ, ଉତ୍ତର ପ୍ରଦେଶ (ଏବେ ଉତ୍ତରାଖଣ୍ଡ)
ପ୍ଲେଇଂ ପୋଜିଶନ: ଫରୱାର୍ଡ
ଜାତୀୟ ଦଳରୁ ପ୍ରତିନିଧିତ୍ୱ (୨୦୦୯ରୁ ୨୦୨୫)
ମ୍ୟାଚ: ୩୨୦, ଗୋଲ୍: ୧୫୮।

ପଦକ ରେକର୍ଡ
ଏସିଆନ ଗେମ୍ସ: ୨୦୧୮ ଜାକର୍ତ୍ତା-ରୌପ୍ୟ, ୨୦୧୪ ଇଞ୍ଚିଅନ-ବ୍ରୋଞ୍ଜ, ୨୦୨୨ ହାଙ୍ଗଝୋ-ବ୍ରୋଞ୍ଜ।
ରାଜ୍ୟଗୋଷ୍ଠୀ କ୍ରୀଡ଼ା: ୨୦୨୨ ବର୍ମିଂହାମ-ବ୍ରୋଞ୍ଜ।
ଏସିଆ କପ୍: ୨୦୧୭ ଗିଫୁ-ସ୍ୱର୍ଣ୍ଣ, ୨୦୧୩ କୁଆଲାଲମ୍ପୁର-ବ୍ରୋଞ୍ଜ, ୨୦୨୨ ମସ୍କଟ-ବ୍ରୋଞ୍ଜ।
ଏସିଆନ ଚାମ୍ପିୟନ୍ସ ଟ୍ରଫି: ୨୦୧୬ ସିଙ୍ଗାପୁର-ସ୍ୱର୍ଣ୍ଣ, ୨୦୨୩ ରାଞ୍ଚି-ସ୍ୱର୍ଣ୍ଣ, ୨୦୧୩ କାକାମିଗହରା-ରୌପ୍ୟ, ୨୦୧୮ ଡୋଙ୍ଗେ-ରୌପ୍ୟ।
ଏଫ୍‌ଆଇଏଚ୍ ନେସନ୍ସ କପ୍: ୨୦୨୨ ସ୍ପେନ୍-ସ୍ୱର୍ଣ୍ଣ।
ଜୁନିୟର ବିଶ୍ୱକପ: ୨୦୧୩ ମନଚେନ୍‌ଗ୍ଲାଡବ୍ୟାକ୍-ବ୍ରୋଞ୍ଜ।

ପୁରସ୍କାର
୨୦୨୧.............. ଅର୍ଜୁନ
୨୦୨୨.............. ପଦ୍ମଶ୍ରୀ

## ବାପାଙ୍କ ସ୍ୱପ୍ନକୁ ସାକାରକଲେ ରେଣୁକା

# କପଡ଼ା ବଲରୁ ଅନ୍ତର୍ଜାତୀୟ କ୍ରିକେଟ

**ପିଲାଦିନେ ଗାଁରେ କପଡା ବଲରେ ଖେଳୁଥିଲି। ଏଥିଯୋଗୁ ବଲକୁ ଖୁବ୍ ଦ୍ରୁତ ଗତିରେ ଥ୍ରୋ କରିବାକୁ ପଡୁଥିଲା। ନ ହେଲେ ଏହା ବ୍ୟାଟରଙ୍କ ନିକଟରେ ପହଞ୍ଚି ପାରି ନ ଥାଏ। ଏଭଳି ଖେଳି ମୁଁ ଜଣେ ଫାଷ୍ଟ ବୋଲର ପାଲଟିଗଲି। କ୍ରିକେଟ ଖେଳିବା ମୋ ବାପାଙ୍କ ହବି ଥିଲା। ସେ ଚାହୁଁଥିଲେ, ତାଙ୍କ ପିଲାଙ୍କ ମଧ୍ୟରୁ ଜଣେ କେହି ଖେଳନ୍ତୁ। ବାପାଙ୍କର ଏହି ଇଚ୍ଛାକୁ ମୁଁ ଗୁରୁତ୍ୱର ସହ ନେଇଥିଲି...**

ଓମେନ ପ୍ରିମିୟର ଲିଗ(ଡବ୍ଲୁପିଏଲ୍)ର ତୃତୀୟ ସଂସ୍କରଣରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ପାଇଁ ରେଣୁକା ସିଂ ଠାକୁର ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ସେ ସିଜନରେ ୭ ମ୍ୟାଚ ଖେଳି ୧୦ ଉଇକେଟ ନେଇଛନ୍ତି। ଏକଦା ଗାଁରେ କପଡା ବଲରେ ଖେଳିବା ଆରମ୍ଭ କରିଥିବା ରେଣୁକା ଏବେ ଅନ୍ତର୍ଜାତୀୟ ମହିଳା କ୍ରିକେଟରେ ଜଣେ ପରିଚିତ ଚେହେରା। ନିଜ ଦକ୍ଷତା ପ୍ରଦର୍ଶନ କରି ସେ ଏବେ ଭାରତୀୟ ଦଳର ମୁଖ୍ୟ ଫାଷ୍ଟ ବୋଲର ପାଲଟି ଯାଇଛନ୍ତି। ରେଣୁକାଙ୍କ ଲାଗି କ୍ରିକେଟ କେବଳ ଏକ ଖେଳ ନୁହେଁ। ଏହା ତାଙ୍କ ସ୍ୱର୍ଗତ ବାପାଙ୍କର ପୂରଣ ହୋଇପାରି ନ ଥିବା ସ୍ୱପ୍ନ ଥିଲା। ସେ ସାମ୍ନାରେ ଥିବା ବାଧାବିଘ୍ନକୁ ଖାତିର ନ କରି ତାଙ୍କ ବାପାଙ୍କ ସ୍ୱପ୍ନକୁ ପୂରା କରିବା ପାଇଁ ମନ ସ୍ଥିର କରିଥିଲେ। "ମୁଁ ଛୋଟ ବେଳେ ଅଧିକ କ୍ରିକେଟ ଦେଖି ନ ଥିଲି। ଏହା ମୋର ହବି ଥିଲା। ଏହା ମୋ ପାଖକୁ କେଉଁଠୁ ଆସିଲା, ତାହା ମୋତେ ଜଣା ନାହିଁ। ଆମେ ଗାଁରେ ଆମେ କପଡା ବଲରେ ଖେଳୁଥିଲୁ। ଏଥିଯୋଗୁ ବଲକୁ ଖୁବ୍ ଦ୍ରୁତ ଗତିରେ ଥ୍ରୋ କରିବାକୁ ପଡୁଥିଲା। ନହେଲେ ଏହା ବ୍ୟାଟରଙ୍କ ନିକଟରେ ପହଞ୍ଚି ପାରି ନ ଥାଏ। ଏଭଳି ଖେଳି ମୁଁ ଜଣେ ଫାଷ୍ଟ ବୋଲର ପାଲଟିଲି। ମୁଁ ମୋ ମା'ଙ୍କ ସହିତ ବାପାଙ୍କ ସମ୍ପର୍କରେ ଅଧିକ କଥା ହୁଏ ନାହିଁ। ଦିନେ ମୋ ମା' ମୋତେ କହିଥିଲେ ଯେ, କ୍ରିକେଟ ଖେଳିବା ମୋ ବାପାଙ୍କ ହବି ଥିଲା। ସେ ଚାହୁଁଥିଲେ, ତାଙ୍କର ଛୁଆଙ୍କ ମଧ୍ୟରୁ ଜଣେ କେହି ଖେଳନ୍ତୁ। ବାପାଙ୍କର ଏହି ଇଚ୍ଛାକୁ ମୁଁ ଗୁରୁତ୍ୱର ସହ ନେଇଥିଲି। ଏଣୁ ସତ କହିବାକୁ ଗଲେ ମୋ ବାପାଙ୍କଠାରୁ ମୋତେ କ୍ରିକେଟ ମିଳିଛି। ଏହା ତାଙ୍କର ସ୍ୱପ୍ନ ଥିଲା।

ରେଣୁକାଙ୍କ ଲାଗି ସଫଳତାରେ ପହଞ୍ଚିବା ଆଦୌ ସହଜ ନ ଥିଲା। ସେ କ୍ରିକେଟ ଏକାଡେମୀରେ ଯୋଗ ଦେବା ପାଇଁ ଗାଁ ଛାଡ଼ିଥିଲେ। ଧୀରେ ଧୀରେ ଆଗକୁ ବଢୁଥିବା ବେଳେ ତାଙ୍କୁ ୧୯ ବର୍ଷରୁ କମ ଦଳରୁ ବାଦ୍ ଦିଆଯାଇଥିଲା। ଏହା ତାଙ୍କୁ ବାଧିଥିଲା। ଏ ସମ୍ପର୍କରେ ରେଣୁକା କୁହନ୍ତି ଯେ, "ସେହି ସମୟରେ ଅନେକ କିଛି ଘଟୁଥିଲା। ମୁଁ ଦଳରୁ ବାଦ୍ ପଡ଼ିଥିବା ବେଳେ ମୋ ଭାଇ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଏଭଳି ପରିସ୍ଥିତିରୁ ମୁଁ କେଉଁ ଭଳି ବାହାରି ବି ମୋତେ ଜଣାନଥିଲା। କିନ୍ତୁ ମୋତେ ଚ୍ୟାଲେଞ୍ଜର ସମ୍ମୁଖୀନ ହେବା ପସନ୍ଦ। ୧୯ ବର୍ଷରୁ କମ୍ ଦଳରୁ ବାଦ ପଡ଼ିବା ପରେ ମୁଁ ନିଜକୁ ପଚାରିଥିଲି ଯେ, ସେମାନଙ୍କୁ କେଉଁ ଭଳି ଭୁଲ ସାବ୍ୟସ୍ତ କରିପାରିବେ। ଏଥିଯୋଗୁ ମୁଁ ଅଧିକ ପରିଶ୍ରମ କରିବା ଆରମ୍ଭ କରିଥିଲି। ଏହି ପରିଶ୍ରମର ଫଳ ମୋତେ ୨୦୨୧ ଅକ୍ଟୋବରରେ ମିଳିଥିଲା। ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ପାଇଁ ପଦାର୍ପଣ କରିବାକୁ ସୁଯୋଗ ମିଳିଥିଲା। ୨୦୨୩ରେ ମୋତେ ଆର୍‌ସିବି ଉଦ୍‌ଘାଟନୀ ଡବ୍ଲୁପିଏଲ୍ ପାଇଁ ସାଇନ କରିଥିଲା। ଯଦିଓ ପ୍ରଥମ ସିଜନରେ ମୋତେ ମାତ୍ର ଗୋଟିଏ ଉଇକେଟ ମିଳିଥିଲା, କିନ୍ତୁ ଶିଖିବା କଦାପି ଛାଡ଼ି ନ ଥିଲି। ଚାପକୁ କେଉଁ ଭଳି ନିୟନ୍ତ୍ରଣ କରାଯାଏ, ତାହା ମୁଁ ବିଶ୍ୱର ଶ୍ରେଷ୍ଠ ବୋଲର ଯଶପ୍ରୀତ ବୁମ୍‌ରାଙ୍କଠାରୁ ଶିକ୍ଷା କରିଥିଲି ବୋଲି ରେଣୁକା ପ୍ରକାଶ କରିଛନ୍ତି। ଡବ୍ଲୁପିଏଲ୍ ପରେ ମୁଁ ବୁମ୍‌ରାଙ୍କ ସହ ଅନେକ ଥର କଥା ହୋଇଥିଲି। ଚାପର କେଉଁ ଭଳି ସମ୍ମୁଖୀନ ହେବା ଦରକାର ବୋଲି ତାଙ୍କୁ ମୁଁ ପ୍ରଶ୍ନ କରିଥିଲି। ସେ ଉତ୍ତରରେ କହିଥିଲେ ଯେ, ତୁମେ ଯେତେ ଅଧିକ ମ୍ୟାଚ ଖେଳିବ, ସେତେ ଅଧିକ ଚାପ ସହିତ ଅଭ୍ୟସ୍ତ ହୋଇଯିବ।

ଚଳିତ ସିଜନରେ ଯଦିଓ ତାଙ୍କ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଦଳ ଆଶାନୁଯାୟୀ ପ୍ରଦର୍ଶନ କରିପାରି ନ ଥିଲା, କିନ୍ତୁ ତାଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ରହିଥିଲା। ସେ ସିଜନର ବିଭିନ୍ନ ପର୍ଯ୍ୟାୟରେ ପର୍ପଲ କ୍ୟାପର ଅଧିକାରୀ ହୋଇଥିଲେ। ଆର୍‌ସିବି ପାଇଁ ଖେଳିବାର ଅଭିଜ୍ଞତା ସମ୍ପର୍କରେ ସେ ପ୍ରକାଶ କରିଛନ୍ତି ଯେ, ଆର୍‌ସିବି ପାଇଁ ଖେଳୁଥିବାରୁ ମୁଁ ନିଜକୁ ଭାଗ୍ୟବାନ ମନେକରୁଛି। କାରଣ ଆର୍‌ସିବି ଫ୍ୟାନ୍ସ ଖୁବ୍ ଭଲ। ଆମେ ଯେତେବେଳେ ଷ୍ଟାଡିୟମ ଯାଉ, ପୂରା ଷ୍ଟାଡିୟମ ଆର୍‌ସିବି...ଆର୍‌ସିବି... ସ୍ୱରରେ ପ୍ରକମ୍ପିତ ହୋଇଉଠେ। ଉପସ୍ଥିତ ଦର୍ଶକ ଯେଉଁଭଳି ଆମ ନାମ ନିଅନ୍ତି, ମୋତେ ତାହା ଖୁବ ପସନ୍ଦ। ଏହା ଆମକୁ ଉତ୍ସାହିତ କରେ। କିନ୍ତୁ ମୋଟାମୋଟି ଭାବେ ଗତ କିଛି ବର୍ଷରେ ମହିଳା କ୍ରିକେଟ ଖୁବ୍ ଆଗକୁ ବଢ଼ିଛି। ବର୍ତ୍ତମାନ ସୁଦ୍ଧା ଅନେକ ସୁବିଧା ମିଳୁଛି, ଟଙ୍କା ମଧ ବୃଦ୍ଧି ପାଇଛି। ଏଣୁ ଅନେକ ଲୋକ ଏହାକୁ ଏବେ ଏକ କ୍ୟାରିୟର ଭାବେ ଦେଖିପାରନ୍ତି। ମୁଁ ଯେତେବେଳେ ଘରକୁ ଯାଏ, ଛୋଟ ଛୁଆମାନେ ଗାଁରେ ଖେଳୁଥାଆନ୍ତି। ସେମାନେ ମୋ ପାଖକୁ ଆସି, ଦିଦି.. ଦିଦି ମୁଁ ତୁମ ଭଳି ହେବାକୁ ଚାହେଁ ବୋଲି କୁହନ୍ତି, ତାହା ମୋତେ ଖୁବ୍ ଆନନ୍ଦ ଦିଏ।

୧୯୯୬ ମସିହା ଜାନୁଆରୀ ୨ ତାରିଖରେ ହିମାଚଳ ପ୍ରଦେଶର ଶିମ୍‌ଲାରେ ରେଣୁକାଙ୍କ ଜନ୍ମ। ସେ ୨୦୧୯-୨୦ ସିଜନରେ ସିନିୟର ମହିଳା ଦିନିକିଆ ଲିଗ୍‌ରେ ସର୍ବାଧିକ ୩୩ ଉଇକେଟ ନେଇଥିଲେ। ଏଥିଯୋଗୁ ୨୦୨୧ ଅଗଷ୍ଟରେ ତାଙ୍କୁ ଭାରତୀୟ ମହିଳା ଦଳରୁ ପ୍ରଥମ ଥର ଡାକରା ଆସିଥିଲା। ସେହି ବର୍ଷ ଅକ୍ଟୋବର ୭ ତାରିଖରେ ଅଷ୍ଟ୍ରେଲିଆ ବିପକ୍ଷରେ ଅନ୍ତର୍ଜାତୀୟ ମହିଳା ଟି୨୦ କ୍ରିକେଟରେ ପଦାର୍ପଣ କରିଥିଲେ। ୨୦୨୨ ଜାନୁଆରୀରେ ତାଙ୍କୁ ଭାରତୀୟ ମହିଳା କ୍ରିକେଟ ବିଶ୍ୱକପ୍ ଦଳରେ ସାମିଲ କରାଯାଇଥିଲା। ସେ ଫେବୃଆରୀ ୧୮ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଅନ୍ତର୍ଜାତୀୟ ମହିଳା ଦିନିକିଆ କ୍ରିକେଟରେ ପଦାର୍ପଣ ମ୍ୟାଚ ଖେଳିଥିଲେ। ସେହି ବର୍ଷ ଜୁଲାଇରେ ତାଙ୍କୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଲାଗି ଭାରତୀୟ ଦଳରେ ସ୍ଥାନ ମିଳିଥିଲା। ଏଥିରେ ଭାରତ ରୌପ୍ୟ ପଦକ ଜିତିଥିଲା। ୨୦୨୩ ମହିଳା ଟି୨୦ ବିଶ୍ୱକପ୍‌ରେ ଇଂଲଣ୍ଡ ବିପକ୍ଷ ମ୍ୟାଚରେ କ୍ୟାରିୟରରେ ପ୍ରଥମ ଥର ପାଇଁ ୫ ଉଇକେଟ ସଫଳତା ହାସଲ କରିଥିଲେ। ଠାକୁର ୨୦୨୩ ଡିସେମ୍ବରରେ ଇଂଲଣ୍ଡ ବିପକ୍ଷରେ ଟେଷ୍ଟ ପଦାର୍ପଣ କରିଥିଲେ। ୨୦୨୪ ଡିସେମ୍ବରରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଦିନିକିଆ କ୍ରିକେଟରେ କ୍ୟାରିୟରର ପ୍ରଥମ ୫ ଉଇକେଟ ସଫଳତା ପାଇଥିଲେ। ସେ ଏପର୍ଯ୍ୟନ୍ତ ଭାରତ ପାଇଁ ୩ ଟେଷ୍ଟ, ୧୯ ଦିନିକିଆ ଓ ୫୪ ଟି୨୦ ମ୍ୟାଚ ଖେଳିଛନ୍ତି। ଏଥିରୁ ସେ ୯୫ ଉଇକେଟ ନେଇଛନ୍ତି।



### ରେଣୁକାଙ୍କ କ୍ୟାରିୟର

| ଫର୍ମାଟ | ମ୍ୟାଚ | ଉଇକେଟ | ଶ୍ରେଷ୍ଠ ପ୍ରଦର୍ଶନ |
|---|---|---|---|
| ଟେଷ୍ଟ | ୩ | ୨ | ୧/୩୦ |
| ଦିନିକିଆ | ୧୯ | ୩୫ | ୫/୨୯ |
| ଟି୨୦ | ୫୪ | ୫୮ | ୫/୧୫ |

### ଫିଟ୍/ଅନ୍‌ଫିଟ

ଜାତୀୟ ମାଉଣ୍ଟେନ
ବାଇକ୍ ଚାମ୍ପିୟନଶିପ୍
ମୋ ଓଡ଼ିଶା ଭାଗନେବ
ହରିୟାଣାରେ ଏକୋଇଶତମ
ଏ କଣ୍ଟେଷ୍ଟ
ମୋର୍ନି ହିଲ୍ସରେ ହେବ
ତାପମାତ୍ରା ହାଇ ଥିବ
ହିଲ୍ ସାଇଡ୍ ରୋଡ୍ ପରିବେଶ କେଡ଼େ
ହାର୍ଡ ୱର୍କ ଥରେ ଭାବ।

ଅଠରତମ ଜାତୀୟ ଦୃଷ୍ଟି ବାଧିତ ଚେସ୍
ଚାମ୍ପିୟନଶିପ୍ ଶେଷ
ଟାଇ-ବ୍ରେକ୍ ସ୍କୋରରେ ଦର୍ପନ
ଇନାନୀ
ଚାମ୍ପିୟନ ମୋଢ଼େ ନିଶ
ଇଏ ଗୁଜରାଟ ଯଶ
ଇମ୍ପଶିବଲକୁ ପଶିବୁଲ କରେ
ଆଜିର ଦିବ୍ୟାଙ୍ଗ କୁଶ।




ଜାପାନିଜ୍ ଫର୍ମୁଲାୱାନ ଗ୍ରାଁ ପ୍ରି
ମୋଟର ରେସ୍‌କୁ ଜିତି
ସେବାଷ୍ଟିଆନ ରେକର୍ଡ
ସଙ୍ଗେ ଇକ୍ୟୁଆଲ
ଭର୍ଷ୍ଟାପେନ୍ ଏଠି ମାତି
ୱାକିଂ ସାଇକ୍ଲିଂ ନିତି
କରୁଥିବା ଲୋକ ଫିଟ୍, ଅନ୍‌ଫିଟ
ପେଟ୍ରୋଲ ପୋଡ଼ିଲେ ନାତି।

–ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୧୧/୨୦୨୫ Bhubaneswar, Friday, April 11/ 2025

# ଦିଲ୍ଲୀର ପ୍ରଭାବୀ ବୋଲିଂ



ଉଇକେଟ ନେବାପରେ ଉଲ୍ଲସିତ ଦିଲ୍ଲୀ ଖେଳାଳି।

**ବେଙ୍ଗାଲୁରୁ,୧୦।୪**

ଚଳିତ ଆଇପିଏଲ୍‌ରେ ଗୁରୁବାର ଖେଳାଯାଇଥିବା ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଓ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ପରସ୍ପରକୁ ଭେଟିଛନ୍ତି। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଆର୍‌ସିବି ବିପର୍ଯ୍ୟୟର ସମ୍ମୁଖୀନ ହୋଇ ପ୍ରତିପକ୍ଷ ଦିଲ୍ଲୀ ଆଗରେ ୧୬୪ ରନର ଟାର୍ଗେଟ ଧାର୍ଯ୍ୟ କରିଛି। ଏହି ମ୍ୟାଚର ବିଜେତା ପଏଣ୍ଟ ଟେବଲରେ ଶୀର୍ଷ ସ୍ଥାନ ଅଧିକାର କରିବ। ଏହି ମ୍ୟାଚ ଲାଗି ଦିଲ୍ଲୀ ଦଳରେ ଗୋଟିଏ ପରିବର୍ତ୍ତନ କରାଯାଇଥିଲା। ଆହତ ସମସ୍ୟାରୁ ମୁକ୍ତି ପାଇଥିବା ଫାଫ ଡୁ' ପ୍ଲେସି ଦଳକୁ ଫେରିଥିବା ବେଳେ ସମୀର ରିଜବି ଦଳରୁ ବାଦ୍ ପଡ଼ିଛନ୍ତି।

ଦିଲ୍ଲୀ ଅଧିନାୟକ ଅକ୍ଷର ପଟେଲ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ବେଙ୍ଗାଲୁରୁକୁ ଫିଲିପ ସଲ୍ଟ ଓ ବିରାଟ କୋହଲି ବିସ୍ଫୋରକ ଆରମ୍ଭ ଦେଇଥିଲେ। ଦୁହେଁ ପ୍ରଥମ ଉଇକେଟରେ ୩.୫ ଓଭରରେ ୬୧ ରନ କରିଥିଲେ। ଆଟାକିଂ ବ୍ୟାଟିଂ କରୁଥିବା ସଲ୍ଟ ଦୁର୍ଭାଗ୍ୟବଶତଃ ରନ ଆଉଟ ହୋଇଥିଲେ। ଆଉଟ ହେବା ପୂର୍ବରୁ ସେ ୧୭ ବଲରେ ୪ ଚୌକା ଓ ୩ ଛକା ସହିତ ୩୭ ରନ କରିଥିଲେ। ତାଙ୍କ ଉଇକେଟ ପଡ଼ିବା ପରେ ବେଙ୍ଗାଲୁରୁ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲା। ଫର୍ମରେ ଥିବା ଦେବଦତ୍ତ ପଡିକଲ ୧ ଓ କୋହଲି ୧୪ ବଲରେ ୧ ଚୌକା ଓ ୨ ଛକା ସହିତ ୨୨ ରନ କରି ଆଉଟ ହୋଇଥିଲେ। ଅଧିନାୟକ ରଜତ ପତିଦାର ମଧ୍ୟ ପ୍ରଭାବୀ ଇନିଂସ ଖେଳିପାରିନଥିଲେ। ସେ ୨୩ ବଲରେ ୧ ଲେଖାଏ ଚୌକା ଓ ଛକା ସହିତ ୨୫ ରନ କରିଥିଲେ। ଲିଆମ ଲିଭିଂଷ୍ଟୋନ (୪) ଓ ଜୀତେଶ ଶର୍ମା (୩) ବିଫଳ ହୋଇଥିଲେ। ଶେଷ ଆଡ଼କୁ ଟିମ ଡେଭିଡ ଦଳକୁ ଆବଶ୍ୟକୀୟ ଫିନିଶିଂ ପ୍ରଦାନ କରି ଦଳୀୟ ସ୍କୋରକୁ ୧୬୩ରେ ପହଞ୍ଚାଇ ଥିଲେ। ସେ ୨୦ ବଲରେ ୨ ଚୌକା ଓ ୪ ଛକା ସହିତ ୩୭ ରନ କରି ଅପରାଜିତ ରହିଥିଲେ। ତାଙ୍କୁ କୃନାଲ ପାଣ୍ଡ୍ୟା ୧୮ (୧ ଚୌକା) ଉପଯୁକ୍ତ ସମର୍ଥନ ପ୍ରଦାନ କରିଥିଲେ। ଫଳରେ ଆର୍‌ସିବି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୬୩ ରନ କରିବାକୁ ସକ୍ଷମ ହୋଇଥିଲା। ଦିଲ୍ଲୀ ପକ୍ଷରୁ କୁଲଦୀପ ଯାଦବ ଓ ବିପ୍ରଜ ନିଗମ ଦୁଇଟି ଲେଖାଏ ଏବଂ ମୁକେଶ କୁମାର ଓ ମୋହିତ ଶର୍ମା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ: ୨୦ ଓଭରରେ ୧୬୩/୭ (ଫିଲିପ ସଲ୍ଟ-୩୭, ରଜତ ପତିଦାର-୨୫, ଟିମ ଡେଭିଡ-୩୭*, ବିରାଟ କୋହଲି-୨୨, କୁଲଦୀପ ଯାଦବ-୨/୧୭, ବିପ୍ରଜ ନିଗମ-୨/୧୮, ମୁକେଶ କୁମାର-୧/୨୬, ମୋହିତ କୁମାର-୧/୧୦)।

**ଆଇପିଏଲ୍ କାର୍ଯ୍ୟସୂଚୀ**
(ଆଜିର ମ୍ୟାଚ୍)
ଚେନ୍ନାଇ
ବନାମ କୋଲକାତା
ସ୍ଥାନ: ଚେନ୍ନାଇ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୫ | ୪ | ୧ | ୮ | +୧.୪୧୩ |
| ଦିଲ୍ଲୀ କ୍ୟାପିଟାଲ୍ସ | ୩ | ୩ | ୦ | ୬ | +୧.୨୫୭ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୪ | ୩ | ୧ | ୬ | +୧.୦୧୫ |
| ପଞ୍ଜାବ କିଙ୍ଗ୍ସ | ୪ | ୩ | ୧ | ୬ | +୦.୨୮୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୫ | ୩ | ୨ | ୬ | +୦.୦୭୮ |
| କୋଲକାତା ନାଇଟ ରାଇଡର୍ସ | ୫ | ୨ | ୩ | ୪ | +୦.୦୫୬ |
| ରାଜସ୍ଥାନ ରୟାଲ୍ସ | ୫ | ୨ | ୩ | ୪ | -୦.୭୩୩ |
| ମୁମ୍ବାଇ ଇଣ୍ଡିଆନ୍ସ | ୫ | ୧ | ୪ | ୨ | -୦.୦୧୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୫ | ୧ | ୪ | ୨ | -୦.୮୮୯ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୫ | ୧ | ୪ | ୨ | -୧.୬୨୯ |

## ପାରା ଫେନ୍ସିଂ ସାଟେଲାଇଟ୍ କପ୍‌ରେ ୩ ଓଡ଼ିଆ




ଫେନ୍ସିଂ ସାଟେଲାଇଟ୍ କପ୍‌ରେ ଭାଗ ନେଇଥିବା ଓଡ଼ିଶାର ୩ ଖେଳାଳି।

**ଭୁବନେଶ୍ୱର,୧୦।୪ (ଅନାଦି କର)**

ଆଜିଠାରୁ ୧୩ ତାରିଖ ପର୍ଯ୍ୟନ୍ତ ହଂକଂରେ ହେବାକୁ ଥିବା ହୁଇଲ ପାରା ଫେନ୍ସିଂ ସାଟେଲାଇଟ୍ କପ୍‌ରେ ଭାରତ ପକ୍ଷରୁ ଓଡ଼ିଶାର ୩ ଜଣ ପ୍ରତିନିଧିତ୍ୱ କରିବେ। ସେମାନେ ହେଲେ ଭି ରମେଶ ରାଓ, ରାଖାଲ କୁମାର ସେଠୀ ଓ ମାଳତୀ ପାନାଉରେ। ସମସ୍ତେ ବ୍ୟକ୍ତିଗତ ଇଭେଣ୍ଟରେ ଭାଗ ନେବେ। ଏମାନେ ସମସ୍ତେ ଉଚ୍ଚସ୍ତରର ଖେଳ ପ୍ରଦର୍ଶନ କରି ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ପାରା ସ୍ପୋର୍ଟ୍ସ ଆସୋସିଏସନ ଅଫ ଓଡ଼ିଶାର ସଭାପତି କମଳାକାନ୍ତ ରଥ, ସମ୍ପାଦକ ସୁନୀଲ ପ୍ରଧାନ ଓ ପାରା ଫେନ୍ସିଂ ଓଡ଼ିଶାର ଚେୟାରପର୍ସନ ବେଲା ଜୟସ୍ୱାଲ ଭାରତୀୟ ଦଳରେ ସ୍ଥାନ ପାଇଥିବା ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ମଧ୍ୟ ପ୍ରଦେଶ, କର୍ଣାଟକ କ୍ୱାର୍ଟରରେ

**ଝାନ୍‌ସୀ, ୧୦।୪ (ପି.ଟି.)**

ହକି ମଧ୍ୟ ପ୍ରଦେଶ ଓ ହକି କର୍ନାଟକ ଏଠାରେ ଚାଲିଥିବା ୧୫ତମ ହକି ଇଣ୍ଡିଆ ପୁରୁଷ ଜାତୀୟ ସିନିୟର ଚାମ୍ପିୟନଶିପ୍‌ର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଡିଭିଜନ 'ଏ'ରେ ମଧ୍ୟ ପ୍ରଦେଶ ୩-୨ରେ ହକି ପଞ୍ଜାବକୁ ପରାସ୍ତ କରିଛି। ବିଜୟୀ ଦଳ ତରଫରୁ ଅଧିନାୟକ ୟୁସୁଫ ଆଫାନ (୪ର୍ଥ ମିନିଟ) ପ୍ରଥମ ଗୋଲ୍ ସ୍କୋର କରିଥିବା ବେଳେ ମୋହିତ କର୍ମା (୧୮ତମ) ଓ ସଦାମ ଅହମଦ (୪୫ତମ) ପଛକୁ ପଛ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ଫଳରେ ଏକଦା ମ୍ୟାଚ ଏକତରଫା ହେବ ବୋଲି ମନେ ହେଉଥିଲା। ମାତ୍ର ହକି ପଞ୍ଜାବ ଲଢୁଆ ପ୍ରଦର୍ଶନ ସହ ଅରାଇଜିତ ସିଂ ହୁଣ୍ଡାଲ (୫୪ତମ) ଓ ଗୁରସାହିବଜିତ୍ ସିଂ (୫୬ତମ)ଙ୍କ ଜରିଆରେ ଦୁଇଟି ଗୋଲ କରିବାରେ ସମର୍ଥ ହୋଇଥିଲା। ଏହି ସହ ମଧ୍ୟ ପ୍ରଦେଶ ବିଜୟ ସହ ପୁଲ୍ 'ଏ'ରେ ପ୍ରଥମ ସ୍ଥାନ ବଜାୟ ରଖି କ୍ୱାର୍ଟରଫାଇନାଲକୁ ଉନ୍ନୀତ ହୋଇ ପାରିଥିଲା। ଡିଭିଜନ 'ଏ'ର ଅନ୍ୟ ଏକ ମ୍ୟାଚରେ ହକି କର୍ନାଟକ ୩-୨ ଗୋଲ୍‌ରେ ପୁଡୁଚେରୀକୁ ହରାଇ ଦେଇଥିଲା। ଅଧିନାୟକ ମହମ୍ମଦ ରାହିଲ ୧୨ତମ ମିନିଟ୍‌ରେ ପ୍ରଥମ ଗୋଲ ସ୍କୋର କରିଥିଲେ। ପୁଡୁଚେରୀର ଟି. ଅରୁଣ କୁମାର (୨୭ତମ) ଓ ପି. ମହେନ୍ଦ୍ରନ (୩୭ତମ) ଗୋଲ୍ ସ୍କୋର କରି ମ୍ୟାଚକୁ ତାଙ୍କ ଦଳ ସପକ୍ଷକୁ ନେଇ ଆସିଥିଲେ। ମାତ୍ର ପରେ ଶିଶି ଗୌଡ଼ା (୫୮ତମ ଓ ୬୦ତମ) ଦୁଇଟି ଗୋଲ କରି କର୍ନାଟକକୁ ବିଜୟୀ କରାଇଥିଲେ।

# ସିଏସ୍‌କେର ନେତୃତ୍ୱକୁ ଫେରିଲେ ଧୋନୀ

**ଚେନ୍ନାଇ,୧୦।୪(ପି.ଟି.)**




ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଦଳର ନିୟମିତ ଅଧିନାୟକ ଋତୁରାଜ ଗାଏକ୍ୱାଡ ଆହତ ସମସ୍ୟା ଯୋଗୁ ଚଳିତ ଆଇପିଏଲ୍‌ର ଅବଶିଷ୍ଟ ମ୍ୟାଚରୁ ବାଦ୍ ପଡ଼ିଛନ୍ତି। ତାଙ୍କ ଅନୁପସ୍ଥିତିରେ ମହେନ୍ଦ୍ର ସିଂ ଧୋନୀ ଦଳର ନେତୃତ୍ୱ ନେବେ। ତେବେ ଋତୁରାଜଙ୍କ ଏଲବୋ ଫ୍ରାକଚର ହୋଇଯାଇଥିବା ଜଣାପଡ଼ିଛି। ଶୁକ୍ରବାର ଖେଳାଯିବାକୁ ଥିବା କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ବିପକ୍ଷ

**ଗାଏକ୍ୱାଡ ଆହତ**

ମ୍ୟାଚ ପୂର୍ବରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସିଏସ୍‌କେର ମୁଖ୍ୟ କୋଚ ଷ୍ଟିଫେନ ଫ୍ଲେମିଂ ଏହା କହିଛନ୍ତି।

ଗତ ୩୦ ତାରିଖରେ ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚରେ ତୁଷାର ଦେଶପାଣ୍ଡେଙ୍କ ଏକ ବଲ ୨୮ ବର୍ଷୀୟ ଗାଏକ୍ୱାଡଙ୍କ ଏଲବୋ ବାଜିଥିଲା। ଏହାପରେ ବି ସେ ଦୁଇଟି ମ୍ୟାଚରେ ଖେଳିଥିଲେ। କିନ୍ତୁ ସ୍କାନରୁ ଫ୍ରାକଚର ସ୍ପଷ୍ଟ ହୋଇଛି। ୫ ମ୍ୟାଚରେ ୪ ପରାଜୟ ସହ ପଏଣ୍ଟ ଟେବୁଲର ନବମ ସ୍ଥାନରେ ଥିବା ଦଳ ପାଇଁ ଏହି ଆହତ ସମସ୍ୟା ଏକ ଶକ୍ତ ଧକ୍କା ସଦୃଶ। ଗାଏକ୍ୱାଡ ଗତ ୪ରୁ ୩ ଆଇପିଏଲ୍ ସିଜନରେ ସିଏସ୍‌କେ ଲାଗି ସର୍ବାଧିକ ରନ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ସିଏସ୍‌କେ ଆଇପିଏଲ୍‌ରେ ୨୬୮ ମ୍ୟାଚ ଖେଳିଥିବା ବେଳେ ଧୋନୀ ୨୩୫ ମ୍ୟାଚରେ ଦଳର ନେତୃତ୍ୱ ନେଇଛନ୍ତି। ତାଙ୍କ ନେତୃତ୍ୱରେ ସିଏସ୍‌କେ ୨୦୧୦, ୨୦୧୧, ୨୦୧୮, ୨୦୨୧ ଓ ୨୦୨୩ରେ ଆଇପିଏଲ୍ ସହ ଦୁଇଟି ଚାମ୍ପିୟନ୍ସ ଲିଗ୍ ଟି୨୦ ଟ୍ରଫି ଜିତିଥିଲା।

## ଅଷ୍ଟ୍ରେଲିଆ ଟୁର୍‌ରେ ଯିବ ମହିଳା ହକି ଦଳ

**ନୂଆଦିଲ୍ଲୀ, ୧୦।୪ (ପି.ଟି.):** ଭାରତୀୟ ମହିଳା ହକି ଦଳ ଅଷ୍ଟ୍ରେଲିଆ ଟୁର୍‌ରେ ଯିବ। ଦଳ ସେଠାରେ ଏପ୍ରିଲ ୨୬ରୁ ମେ ୪ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଏକ ସିରିଜ ଖେଳିବ। ଅଷ୍ଟ୍ରେଲିଆ 'ଏ' ବିପକ୍ଷରେ ଦୁଇଟି ମ୍ୟାଚ ଖେଳି ଭାରତ ଏହାର ଅଭିଯାନ ଆରମ୍ଭ କରିବ। ପରେ ସେମାନେ ଅଷ୍ଟ୍ରେଲିଆ ସିନିୟର ଦଳ ସହ ୩ଟି ମ୍ୟାଚ ଖେଳିବେ। ଟୁର୍ ବେଳେ ଅଷ୍ଟ୍ରେଲିଆ 'ଏ' ବିପକ୍ଷରେ ପଛକୁ ପଛ ମ୍ୟାଚ ଏପ୍ରିଲ ୨୬ ଓ ୨୭ରେ ଖେଳାଯିବ। ପରେ ବିଶ୍ୱ ୫ ନମ୍ବର ଦଳ ଅଷ୍ଟ୍ରେଲିଆ ସିନିୟର ଦଳ ସହିତ ତିନୋଟି ମ୍ୟାଚ ମେ ୧, ୩ ଓ ୪ରେ ଖେଳାଯିବ। ଏହି ସମସ୍ତ ମ୍ୟାଚ ପର୍ଥ ହକି ଷ୍ଟାଡିୟମରେ ଖେଳାଯିବ। ଆସନ୍ତା ଜୁନ୍‌ରେ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ୨୦୨୪-୨୫ ଲାଗି ପ୍ରସ୍ତୁତି କ୍ଷେତ୍ରରେ ଏହି ଟୁର୍ ଗୁରୁତ୍ୱପୂର୍ଣ୍ଣ ବୋଲି ବିଚାର କରାଯାଉଛି। ନବମ ର୍‍ୟାଙ୍କିଙ୍ଗପ୍ରାପ୍ତ ଭାରତ ଏହି ସିରିଜ ପୂର୍ବରୁ ଭୁବନେଶ୍ୱରରେ ନେଦରଲାଣ୍ଡ୍ସ ବିପକ୍ଷ ମ୍ୟାଚ ୨-୨ ଡ୍ର ରଖିବା ସହ ରୋମାଞ୍ଚକ ଶୁଟ୍ ଆଉଟ୍‌ରେ ବୋନସ ପଏଣ୍ଟ ଅର୍ଜନ କରିଥିବାରୁ ଏହାର ମନୋବଳ ଉଚ୍ଚା ରହିଛି।

# ସଞ୍ଜୁ ସାମସନଙ୍କୁ ୨୪ଲକ୍ଷ ଜରିମାନା

**ଅହମଦାବାଦ, ୧୦।୪ (ପି.ଟି.)**



ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଏଠାରେ ଖେଳାଯାଇଥିବା ଗୁଜରାଟ ଟାଇଟନ୍ସ ବିପକ୍ଷ ମ୍ୟାଚରେ ଏକ ସ୍ଲୋ ଓଭର ରେଟ୍ ପାଇଁ ରାଜସ୍ଥାନ ରୟାଲ୍ସ ଅଧିନାୟକ ସଞ୍ଜୁ ସାମ୍‌ସନଙ୍କୁ ୨୪ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ବୁଧବାର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ଗୁଜରାଟ ୨୧୮ରନର ଟାର୍ଗେଟ ଧାର୍ଯ୍ୟ କରିଥିଲା। ରୟାଲ୍ସ ଦଳ ୧୯.୨ ଓଭରରେ ୧୫୯ ରନ କରି ଅଲଆଉଟ ହୋଇଯାଇଥିଲା। ଗୁଜରାଟ ଏହି ମ୍ୟାଚ ୫୮ରନରେ ଜିତି ନେଇଥିଲା। ମ୍ୟାଚରେ ଧାର୍ଯ୍ୟ ସମୟ ମଧ୍ୟରେ ଗୋଟିଏ ଓଭର ପଛରେ ରହିଯାଇଥିବାରୁ ରାଜସ୍ଥାନ ରୟାଲ୍ସ ଅଧିନାୟକଙ୍କୁ ଜରିମାନା କରାଯାଇଥିବା ଆଇପିଏଲ୍ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ଆଇପିଏଲ ଆଚରଣ ସଂହିତାର ଧାରା ୨.୨୨ ଅଧୀନରେ ରାଜସ୍ଥାନ ଦଳର ସିଜନରେ ଏହା ହେଉଛି ଦ୍ୱିତୀୟ ଅପରାଧ; ଯେଉଁଥିରେ କି ସର୍ବନିମ୍ନ ଓଭରରେଟ୍ ଅପରାଧ ପାଇଁ ସାମସନଙ୍କୁ ୨୪ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ଇମ୍ପାକ୍ଟ ଖେଳାଳିଙ୍କ ସମେତ ଦଳର ଅନ୍ୟ ଖେଳାଳିମାନଙ୍କୁ ୬ଲକ୍ଷ ଟଙ୍କା କିମ୍ବା ସେମାନଙ୍କ ମ୍ୟାଚ ଫି'ର ୨୫ ପ୍ରତିଶତ ଜରିମାନା ଦେବାକୁ ପଡ଼ିବ, ଯାହାର ପରିମାଣ କମ୍ ରହିବ। ଗୁଜରାଟ ଟାଇଟନ୍ସ ବର୍ତ୍ତମାନ ସୁଦ୍ଧା ଖେଳିସାରିଥିବା ୫ଟି ମ୍ୟାଚରେ ୪ ବିଜୟ ଓ ଗୋଟିଏ ପରାଜୟ ସହ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ପହଞ୍ଚିପାରିଛି। ଅନ୍ୟପକ୍ଷରେ ରାଜସ୍ଥାନ ୫ଟି ଗେମ୍‌ରୁ ୨ ବିଜୟ ଓ ୩ ପରାଜୟ ସହ ଟେବୁଲର ୭ମ ସ୍ଥାନରେ ରହିଛି।

# ଜାତୀୟ ସିନିୟର ସଫ୍ଟବଲ୍ ପାଇଁ କିସ୍‌ରୁ ୪ ଖେଳାଳି


ଓଡ଼ିଶା ସଫ୍ଟବଲ୍ ଦଳରେ ସ୍ଥାନ ପାଇଥିବା କିସ୍‌ର ୪ ଖେଳାଳି।

**ଭୁବନେଶ୍ୱର, ୧୦।୪ (ବିଜୟ ରଣା)**

ଏପ୍ରିଲ ୧୨ରୁ ୧୫ ପର୍ଯ୍ୟନ୍ତ ଜମ୍ମୁ ଓ କଶ୍ମୀର ହେବାକୁଥିବା ଜାତୀୟ ସିନିୟର ସଫ୍ଟବଲ ଚାମ୍ପିୟନଶିପ୍-୨୦୨୫ରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବା ଲାଗି କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ (କିସ୍)ରୁ ୪ଜଣ ମନୋନୀତ ହୋଇଛନ୍ତି। ଓଡ଼ିଶା ପୁରୁଷ ଦଳରେ କିସ୍‌ର ଅନୀଲ ମାର୍ଣ୍ଡିଙ୍କୁ ସ୍ଥାନ ମିଳିଥିବା ବେଳେ ଓଡ଼ିଶା ମହିଳା ଦଳରେ ଦ୍ରୁପତି ରେଖା ସୋରେନ, ପୂର୍ଣ୍ଣିମା ସୋରେନ ଓ ଲକ୍ଷ୍ମୀ ବୋଇପାଇ ପ୍ରତିନିଧିତ୍ୱ କରୁଛନ୍ତି। ଦଳ ସହିତ ସେମାନେ ଗୁରୁବାର ଜମ୍ମୁ କଶ୍ମୀର ଅଭିମୁଖେ ଯାତ୍ରା କରିଛନ୍ତି। ଏହି ଅବସରରେ କିଟ୍, କିସ୍ ଓ କିମ୍ସର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ ଓଡ଼ିଶା ସଫ୍ଟ ବଲ୍ ଆସୋସିଏଶନର ସାଧାରଣ ସମ୍ପାଦକ ଦେବେନ୍ଦ୍ର ମୁକାର ସାହୁ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କର ଶୁଭକାମନା କରିଛନ୍ତି।

# ରାମେଶ୍ୱର କପ୍ ଜୁନିୟର କ୍ରିକେଟ

**ଭୁବନେଶ୍ୱର, ୧୦।୪ (ବିଜୟ ରଣା)**



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ପ୍ଲେୟର୍ ଅଫ୍ ଦି ମ୍ୟାଚ୍।

ସ୍ଥାନୀୟ ରାମେଶ୍ୱର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଚାଲିଥିବା ସ୍ୱର୍ଗତ କମଳା ପରିଡ଼ା (୧୮ ବର୍ଷରୁ କମ୍) ଓ ଅମରେନ୍ଦ୍ର ପ୍ରସାଦ ବଳ (୧୫ ବର୍ଷରୁ କମ୍) ମେମୋରିଆଲ କ୍ରିକେଟରେ ଗୁରୁବାର ଖେଳାଯାଇଥିବା ମ୍ୟାଚରେ ପାରାମାଉଣ୍ଟ ସ୍ପୋର୍ଟିଂ ଓ ସହିଦ ସ୍ପୋର୍ଟିଂ କ୍ଲବ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ୧୮ ବର୍ଷରୁ କମ୍ ବିଭାଗରେ ପାରାମାଉଣ୍ଟ ସ୍ପୋର୍ଟିଂ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ନିର୍ଦ୍ଧାରିତ ୩୦ ଓଭରରେ ୭ ଉଇକେଟ ବିନିମୟରେ ୧୯୫ ରନ କରିଥିଲା। ସ୍ୱାଗତ ମିଶ୍ର ୬୨(୫୦ ବଲ୍) ଏବଂ ଏସ୍.କେ ନାକ୍ୱିବ ୪୩ (୨୭) ରନ କରିଥିଲେ। ବିପକ୍ଷ ଆଲ୍‌ଫା ସ୍ପୋର୍ଟିଂ ବ୍ରହ୍ମପୁରର ଅଭିନିତ ପଟ୍ଟନାୟକ ଓ ବିଶାଳ ପ୍ରସାଦ ଦୁଇଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ୧୯୬ ରନର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିବାକୁ ଯାଇ ଆଲ୍‌ଫା ସ୍ପୋର୍ଟିଂ ୨୯.୫ ଓଭରରେ ୧୨୨ ରନ କରି ଅଲଆଉଟ ହୋଇଯାଇଥିଲା। ଟପ୍ ସ୍କୋରର ସମରପ୍ରୀତ ୧୯ ରନ କରିଥିଲେ। ବିଜୟୀ ଦଳର ପ୍ରଜ୍ଞା ପତ୍ରୀ ୪ ଉଇକେଟ ଓ ଦୁର୍ଗା ମଲିକ ୩ ଉଇକେଟ ନେଇଥିଲେ। ପାରାମାଉଣ୍ଟ ସ୍ପୋର୍ଟିଂ କ୍ଲବ ୭୨ ରନରେ ବିଜୟ ଲାଭ କରିଥିଲା। ପ୍ଲେୟର ଅଫ୍ ଦି ମ୍ୟାଚ ସ୍ୱାଗତ ମିଶ୍ର ପୂର୍ବତନ ରଣଜୀ ଫାଷ୍ଟ ବୋଲର ଆଲୋକ ମଙ୍ଗରାଜଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ।

ଅନ୍ୟପକ୍ଷରେ ୧୫ ବର୍ଷରୁ କମ୍ ବିଭାଗରେ ଏମ୍‌ସିସି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ବିନିମୟରେ ୧୨୪ ରନ କରିଥିଲା। ଅଂଶୁମାନ ଦାସ ୪୮ (୪୨) ବଲ୍) ଓ ଅନିମେଶ ପ୍ରଧାନ ୩୫ (୩୯) ରନ କରିଥିଲେ। ବିପକ୍ଷ ଦଳର ଋତୁରାଜ ମହାନ୍ତି ଓ ଶ୍ରେୟାଂଶ ପାଢୀ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ସହିଦ ସ୍ପୋର୍ଟିଂ ୧୯.୧ ଓଭରରେ ୯ ଉଇକେଟ ହରାଇ ୧୨୮ରନ କରିପାରିଥିଲା। ଦଳ ପକ୍ଷରୁ ଋତୁରାଜ ମହାନ୍ତି ୩୭ ଏବଂ ଓମ୍ ପ୍ରକାଶ ନାୟମ ୨୮ ରନ କରିଥିଲେ। ଆଦିତ୍ୟ ଦାସ ୪ ଉଇକେଟ ନେଇଥିବା ବେଳେ ଆୟୁଷ ପ୍ରଧାନ ୩ ଉଇକେଟ ସଫଳତା ପାଇଥିଲେ। ସହିଦ ସ୍ପୋର୍ଟିଂ ୧ ଉଇକେଟରେ ବିଜୟ ଲାଭ କରିଥିଲା। ପ୍ଲେୟର ଅଫ୍ ଦି ମ୍ୟାଚ ଋତୁରାଜ ମହାନ୍ତି ପୂର୍ବତନ ରଣଜୀ ଅଧିନାୟକ ରଶ୍ମୀରଞ୍ଜନ ପରିଡ଼ାଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ୧୫ବର୍ଷରୁ କମ୍ ଫାଇନାଲରେ ସହିଦ ସ୍ପୋର୍ଟିଂ ଓ ରାମେଶ୍ୱର ସ୍ପୋର୍ଟିଂ ପରସ୍ପରକୁ ଭେଟିବେ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ